ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.138, Sunday, 6 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୮, ରବିବାର, ୬ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort

MONSOON MASTI

PRICE STARTS FROM
~~₹899/~~
₹749/-
Including GST

ONLY ON
ONLINE
BOOKING

Malatipatpur,Puri.Odisha
FOLLOW US -
TOLL FREE : 1800 120 6676

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.138, Sunday, 6 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୮, ରବିବାର, ୬ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇମ୍ବୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍‌ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.138, Sunday, 6 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୮, ରବିବାର, ୬ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ସରକାରଙ୍କ କଥା ମାନିଲେ

ସ୍ଥଗିତ ରହିଲା ଶିକ୍ଷକ ଆନ୍ଦୋଳନ

୮ ଦଫା ଦାବି ନେଇ ଲୋୟର ପିଏମ୍‌ଜିରେ ଚାଲିଥିଲା ଆନ୍ଦୋଳନ
୨୧ ଦିନ ଧରି ଧାରଣାରତ ଥିଲେ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ

ଭୁବନେଶ୍ୱର(ବ୍ୟୁରୋ)

୮ ଦଫା ଦାବି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ୨୧ ଦିନ ଧରି ଧାରଣାରତ ଥିବା ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଆଜି ସନ୍ଧ୍ୟାରେ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଲୋଚନା ପରେ ଶିକ୍ଷକ ସଂଗଠନ ଆନ୍ଦୋଳନକୁ ଆଗାମୀ ବିଧାନସଭା ଅଧିବେଶନ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ସୂଚନାଯୋଗ୍ୟ ଆଜି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘଟଣାସ୍ଥଳକୁ ଯାଇ ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ୨୧ ଦିନ ଧରି ଆନ୍ଦୋଳନ ଜୋରଦାର ହୋଇଥିଲା। ସେମାନେ ଅଭିଯୋଗ କରିଥିଲେ ଯେ,, ୨୫ରୁ ୩୦ ବର୍ଷ ଧରି ଶିକ୍ଷାଦାନ କରୁଛନ୍ତି। ପିଢିଏ ପରେ ପିଢ଼ି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିଛନ୍ତି। ହେଲେ ନିଜ ଭବିଷ୍ୟତ ପାଇଁ ଆଜି ରାଜରାସ୍ତାରେ ଲଢ଼ିବାକୁ ପଡୁଛି। ମୁଖ୍ୟ ଦାବି ଗୁଡ଼ିକ ଥିଲା ଅନୁଦାନରୁ ବଞ୍ଚିତ ୧୯୪ ଓ ଅନ୍ୟ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ । ନୂତନ ଅନୁଦାନପ୍ରାପ୍ତ ସ୍କୁଲର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କୁ ପେନସନ୍ ଓ ଅବସରକାଳୀନ ସୁବିଧା । ଖାଲି ପଡ଼ିଥିବା ଶିକ୍ଷକ ପଦବି ପୂରଣ। ସମସ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା ଓ ଅବସର ବୟସ ୬୦ରୁ ୬୨ ବର୍ଷକୁ ବୃଦ୍ଧି । ଗ୍ରେଡ୍ ପେ'ର ଅସଙ୍ଗତି ଦୂର କରିବା ଓ ସପ୍ତମ ବେତନରୁ ବାଦ୍ ପଡ଼ିଥିବା ଶିକ୍ଷକଙ୍କୁ ସପ୍ତମ ବେତନ ପ୍ରଦାନ ପ୍ରଭୃତି ।

ଗୁରୁ ଦିବସରେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଲେ ସିଏମ୍

କ୍ୟାରିଅର ଗଢ଼ିବା ଉପରେ ଫୋକସ୍ କର

- ୩ ବର୍ଷରେ ପୂରଣ ହେବ ୪୫ ହଜାର ଶିକ୍ଷକ ପଦବୀ
- ପୁରସ୍କୃତ ଓ ସମ୍ବର୍ଦ୍ଧିତ ହେଲେ ଶିକ୍ଷକ-ଶିକ୍ଷୟିତ୍ରୀ

କଟକ(ବ୍ୟୁରୋ)

କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲଠାରେ ଆୟୋଜିତ ଗୁରୁ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗ ଦେଇ ପିଲାମାନଙ୍କ ସହ ବାର୍ତ୍ତାଳାପ କରିଛନ୍ତି । ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କୁ ନିଜର କ୍ୟାରିୟର ଗଢିବା ଉପରେ ଫୋକସ୍ କରିବାକୁ ପରାମର୍ଶ ଦେଇଛନ୍ତି । ସୋସିଆଲ ମିଡିଆରେ ଅଧିକ ସମୟ ନଷ୍ଟ ନକରି ଏକମନ ଓ ଏକପ୍ରାଣ ହୋଇ ପାଠ ପଢ଼ିବାକୁ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଛାତ୍ର ଭାବରେ ତୁମମାନଙ୍କର ପ୍ରଥମ ଦାୟିତ୍ୱ ହେଉଛି ଭଲ ପାଠ ପଢି ଦକ୍ଷତା ହାସଲ କରିବ ଏବଂ ନିଜର ଓ ଦେଶର ବିକାଶରେ ଯୋଗଦାନ ରଖିବ । ଏହା ହେଉଛି ଆମ ଶିକ୍ଷା ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ । ତେଣୁ, ଅନ୍ୟ କୌଣସି ବିଷୟରେ ଯାହା ତୁମର କ୍ୟାରିୟର ଗଢିବାରେ ବାଧା ସୃଷ୍ଟି କରିବାର ସମ୍ଭାବନା ରହିଛି ସେଥିରୁ ଦୂରେଇ ରହିବା ଉଚିତ୍ । ସେହିପରି ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ ଉପରେ ଆଲୋକପାତ କରି ଏହା ଆଜିର ସମୟରେ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷା କେବଳ ଜ୍ଞାନ ପ୍ରଦାନ ନୁହେଁ, ଶିକ୍ଷା ହେଉଛି ମଣିଷ ଗଢ଼ିବାର ଏକ ମହାନ ପ୍ରକ୍ରିୟା ଏବଂ ଆମର ଶିକ୍ଷକମାନେ ଏହି ଗୁରୁଦାୟିତ୍ୱ ତୁଲାଇ ଆସୁଛନ୍ତି । ଗୁରୁ ଓ ଶିଷ୍ୟ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ମହାତ୍ମ୍ୟ ପିଲାମାନଙ୍କୁ ବୁଝାଇବା ସହ ଭାରତର ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପୂଣ୍ୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ମୁଖ୍ୟମନ୍ତ୍ରୀ

କହିଛନ୍ତି ଯେ ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରା ଅତୁଳନୀୟ । ପ୍ରଭୁ ଶ୍ରୀରାମ, ଶ୍ରୀକୃଷ୍ଣଙ୍କଠାରୁ ଆରମ୍ଭ କରି ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ସ୍ୱାମୀ ବିବେକାନନ୍ଦଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଗଠନରେ ଗୁରୁଙ୍କ ଭୂମିକା ନିର୍ଣ୍ଣାୟକ ଥିଲା । ଆଜିର ଯୁଗରେ ମଧ୍ୟ 'ମିଜାଇଲ ମ୍ୟାନ୍' ଡଃ ଏ.ପି.ଜେ. ଅବ୍‌ଦୁଲ କାଲାମଙ୍କ ଭଳି ମହାନ ବ୍ୟକ୍ତିତ୍ୱ ଦେଶର ସର୍ବୋଚ୍ଚ ପଦବୀରେ ଥାଇ ମଧ୍ୟ ନିଜକୁ ପ୍ରଥମେ ଜଣେ ଶିକ୍ଷକ ଭାବେ ପରିଚୟ ଦେବାକୁ ପରମ ଗୌରବ ମନେକରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ସରକାରଙ୍କ ସଂକଳ୍ପ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ 'କେଜି ରୁ ପିଜି' ନିଃଶୁଳ୍କ ଶିକ୍ଷା ଯୋଜନାର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ସାରା ଭାରତରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଶିଶୁ ବାଟିକାରୁ ଆରମ୍ଭ କରି ସ୍ନାତକୋତ୍ତର ପର୍ଯ୍ୟନ୍ତ ଶିକ୍ଷାକୁ ସାର୍ବଜନୀନ ନିଃଶୁଳ୍କ କରିଛି । ଏତଦ୍ ବ୍ୟତୀତ ୧୨,୦୦୦ କୋଟି ଟଙ୍କା ବ୍ୟୟରେ ୨,୨୦୦ଟି ବିଶ୍ୱସ୍ତରୀୟ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ନିର୍ମାଣ କରାଯାଉଛି ଏବଂ ପ୍ରାକ୍-ବିଦ୍ୟାଳୟ ପିଲାଙ୍କ ପାଇଁ ୪୫,୦୦୦ ଶିଶୁ ବାଟିକା ଖୋଲାଯାଇଛି । ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଓ ପାଠ୍ୟପୁସ୍ତକ ଯୋଗାଣ, ଆଦିବାସୀ ପିଲାଙ୍କ ପାଇଁ 'ଶହିଦ୍ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା' ଏବଂ ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକ ପଦବୀ ପୂରଣ ନେଇ ସରକାରୀ ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ 'ପଞ୍ଚସଖା ଶିକ୍ଷା ସେତୁ' ମାଧ୍ୟମରେ ପୁରାତନ ଛାତ୍ରଛାତ୍ରୀଙ୍କୁ ସାମିଲ କରି ସ୍କୁଲର ସମନ୍ୱିତ ରୂପାନ୍ତରଣ କରାଯାଉଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି ।

ଡ଼କାଡ଼କି ହୋଇ ଚାଲିଗଲେ ସ୍ତ୍ରୀ ମୃତ୍ୟୁର ଦିନକ ପରେ ସ୍ୱାମୀ ମୃତ

ଭଦ୍ରକ(ଅମୃତ ମିଡ଼ିଆ)

ସାପ କାମୁଡ଼ାରେ ଦମ୍ପତିଙ୍କ ମୃତ୍ୟୁ ଅଭିଯୋଗ । ସ୍ତ୍ରୀ ମୃତ୍ୟୁର ଦିନକ ପରେ ସ୍ୱାମୀ ମୃତ୍ୟୁକୁ ନେଇ ଶୋକାକୁଳ ପରିବେଶ । ପତ୍ନୀର ଅନ୍ତ୍ୟେଷ୍ଟି କ୍ରିୟା ସାରି ଘରେ ଶୋଇ ଥିବା ବେଳେ ସ୍ୱାମୀଙ୍କୁ କାମୁଡ଼ିଲା ସାପ । ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ମଧୁପୁର ଗାଁରେ ଅଭାବନୀୟ ଘଟଣା । ଗତ ୩ ତାରିଖ ଦିନ ସକାଳେ ପରମାନନ୍ଦ ବାରିକଙ୍କ ସ୍ତ୍ରୀ ପ୍ରମିଳା ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ତୁରନ୍ତ ଭଦ୍ରକ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ପରମାନନ୍ଦ ସ୍ତ୍ରୀଙ୍କ ମୃତଦେହକୁ ସତ୍କାର କରି ରାତିରେ ଶୋଇ ଥିବା ବେଳେ ଗତକାଲି ସକାଳେ ସେ ଅସୁସ୍ଥ ହୋଇ ପଡ଼ିଥିଲେ । ଗାଁ ଲୋକେ ତାଙ୍କୁ ଭଦ୍ରକ ଜିଲ୍ଲା ହସ୍ପିଟାଲକୁ ଆଣିଥିଲେ । ତାଙ୍କୁ ବିଷଧର ସାପ କାମୁଡ଼ିଥିବାରୁ ଅବସ୍ଥା ଉଦବେଗ ଜନକ ଦର୍ଶାଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ ଡାକ୍ତର । ବାଟରେ ପରମାନନ୍ଦଙ୍କର ମୃତ୍ୟୁ ହୋଇଥିଲା ।

ମାର୍ଚ୍ଚ -ଏପ୍ରିଲରେ ପଞ୍ଚାୟତ ନିର୍ବାଚନ

- ରାଜ୍ୟ ନିର୍ବାଚନ କମିଶନରଙ୍କ ସୂଚନା
- ମାର୍ଚ୍ଚ ୫ ପରେ ନିର୍ବାଚନ ତାରିଖ ଘୋଷଣା !
- ପଞ୍ଚାୟତ ନିର୍ବାଚନ ପାଇଁ ୯୧ ହଜାର ବୁଥ୍ ପ୍ରସ୍ତୁତ

ଭୁବନେଶ୍ୱର(ବ୍ୟୁରୋ)

ଆସନ୍ତା ମାର୍ଚ୍ଚ ଶେଷ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରେ ହୋଇପାରେ ପଞ୍ଚାୟତ ନିର୍ବାଚନ। ଏ ନେଇ ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ। ସେ କହିଛନ୍ତି, ପଞ୍ଚାୟତ ନିର୍ବାଚନ ନେଇ କମିଶନ ପ୍ରସ୍ତୁତ ଅଛି । ପଞ୍ଚାୟତ ନିର୍ବାଚନ ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତି ନେଇ ଅକ୍ଟୋବର ୨୪ରୁ ନଭେମ୍ବର ୭ ଯାଏ ଘରକୁ ଘର ସର୍ଭେ କରାଯିବ। ସର୍ଭେ ପରେ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇ ଫେବ୍ରୁଆରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ବର୍ତ୍ତମାନ ଜନଗଣନା ପ୍ରକ୍ରିୟା ଚାଲିଥିବାରୁ ଏହା ସରିବା ପରେ ହିଁ ଅର୍ଥାତ ମାର୍ଚ୍ଚ ୫ ପରେ ନିର୍ବାଚନ ତାରିଖ ଘୋଷଣା ହୋଇପାରେ। ଯଦିଓ ବର୍ତ୍ତମାନ ପଞ୍ଚାୟତଗୁଡ଼ିକର ଅବଧି ଫେବ୍ରୁଆରୀରେ ସରୁଛି, ଜନଗଣନା ପାଇଁ ପଞ୍ଚାୟତ ନିର୍ବାଚନ ମାସେ ବିଳମ୍ବ ହେବ ବୋଲି ନିର୍ବାଚନ କମିଶନର କହିଛନ୍ତି। ପଞ୍ଚାୟତ ନିର୍ବାଚନ ସରିବାର ପ୍ରାୟ ମାସେ ପରେ ପୌର ନିର୍ବାଚନ ହେବ। ଯେଉଁଥିରେ ନୂଆ କରି ଘୋଷଣା ହୋଇଥିବା ଏନଏସି, ମ୍ୟୁନିସିପାଲିଟି, ମ୍ୟୁନିସିପାଲ୍ କର୍ପୋରେସନକୁ ସାମିଲ କରାଯିବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି। ଶ୍ରୀ ପାଢ଼ୀଙ୍କ ସୂଚନା ଅନୁଯାୟୀ ୫ରେ ସରିବ ଜନଗଣନା ପ୍ରକ୍ରିୟା । ଏହା ପରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ । ମାର୍ଚ୍ଚ ଶେଷ ଓ ଏପ୍ରିଲ ପ୍ରଥମ ସପ୍ତାହରେ ହେବ ପଞ୍ଚାୟତ ନିର୍ବାଚନ । ରାଜ୍ୟରେ ୫ ଟି ପର୍ଯ୍ୟାୟରେ



ହେବ ପଞ୍ଚାୟତ ନିର୍ବାଚନ । ପଞ୍ଚାୟତ ନିର୍ବାଚନ ସରିବା ପରେ ଏହାର ୧୫ ଦିନ କିମ୍ବା ମାସେ ଭିତରେ ପୌର ନିର୍ବାଚନ ହେବ । ପଞ୍ଚାୟତ ନିର୍ବାଚନ ବାଲାଟରେ ଓ ପୌର ନିର୍ବାଚନ ଇଭିଏମ୍‌ରେ ହେବ । ପଞ୍ଚାୟତ ନିର୍ବାଚନ ପାଇଁ ୯୧ ହଜାର ବୁଥ୍ ପ୍ରସ୍ତୁତ ଅଛି । ଅକ୍ଟୋବର ୨୪ରୁ ନଭେମ୍ବର ୭ ପର୍ଯ୍ୟନ୍ତ ସାରା ଓଡ଼ିଶାରେ ସର୍ଭେ ହେବ। ଫେବ୍ରୁଆରି ୧୦ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଗୋଟିଏ ଅଞ୍ଚଳର ଭୋଟର, ଗୋଟିଏ ୱାର୍ଡରେ ରହିବେ, ଏହା ସର୍ଭେର ମୁଖ୍ୟ ଉଦ୍ଦେଶ୍ୟ । ସେହିପରି ୨୦୨୭ରେ ଏକକାଳୀନ ହେବ ସମ୍ବଲପୁର, ରାଉରକେଲା, ପୁରୀ ମହାନଗର ନିଗମର ନିର୍ବାଚନ । ବାକି ଥିବା ପଞ୍ଚାୟତର ଉପନିର୍ବାଚନ ମଧ୍ୟ ୨୦୨୭ରେ ହେବ। ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ପ୍ରକ୍ରିୟା ଅକ୍ଟୋବର ୩୧ରେ ସରିବ ।

ଠିକାଦାରଙ୍କ ବିଲ୍ କରାଇଦେବାକୁ ନେଉଥିଲେ ଲାଞ୍ଚ

ଭିଜିଲାନ୍ସ ଜାଲରେ ଡ୍ରେନେଜ୍ ଏଇ

କେନ୍ଦ୍ରାପଡ଼ା(ଅମୃତ ମିଡ଼ିଆ)

କେନ୍ଦ୍ରାପଡ଼ା ଜିଲା ଡ୍ରେନେଜ୍ ଡିଭିଜନ୍‌ର ଆସିଷ୍ଟାଣ୍ଟ ଇଞ୍ଜିନିୟର (ଏଇ) ଅନୁପମା ସାହୁ ଭିଜିଲାନ୍ସ ହାତରେ ଶନିବାର ଧରାପଡ଼ିଛନ୍ତି। ତାଙ୍କ ନିକଟରୁ ନଗଦ ୩ ଲକ୍ଷ ୧୫ ହଜାର ଟଙ୍କା ଜବତ କରାଯିବା ସହ ଉକ୍ତ ଟଙ୍କା ରଖାଯାଇଥିବା ଅଫିସ୍ ଗାଡ଼ି (ଓଡ଼ି ୨୯ ଏସ ୬୬୪୪) କୁ ମଧ୍ୟ ଜବତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଜଣେ ଠିକାଦାରଙ୍କ ବିଲ୍ ଫାଇନାଲ୍ କରିଦେବା ପାଇଁ ଏଇ ଶ୍ରୀମତୀ ସାହୁ ଲାଞ୍ଚ ବାବଦକୁ ଏହି ଟଙ୍କା ନେଇଥିଲେ। ସନ୍ଧ୍ୟା ସମୟରେ ସେ ଅଫିସ୍ ଗାଡ଼ିରେ ଏହି ଟଙ୍କା ଧରି ମହାକାଳପଡ଼ାରୁ ଫେରୁଥିବା ବେଳେ ଭିଜିଲାନ୍ସ ଟିମ୍ ପୂର୍ବରୁ ଓପାଡ଼ି ବସି ମାର୍ଶାଘାଇ କୁସିଂ ଛକ ନିକଟରେ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ଯାଞ୍ଚ ସମୟରେ ଗାଡ଼ିରୁ ଜବତ ଟଙ୍କାର କୌଣସି ବୈଧ ହିସାବ କିମ୍ବା ସନ୍ତୋଷଜନକ ଉତ୍ତର ଏଇ ସାହୁ ଦେଇପାରି ନଥିଲେ। ଏହାପରେ ଭିଜିଲାନ୍ସ ବିଭାଗ ତାଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ବେଳେ ତାଙ୍କ କାର୍ଯ୍ୟାଳୟ ଏବଂ ବାସଗୃହରେ ଏକକାଳୀନ ଚଢ଼ାଉ ଓ ତନାଘନା ଆରମ୍ଭ କରିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ନେଇ ପ୍ରାଥମିକ ସୂଚନା ମିଳିଛି। ଅନ୍ୟପଟେ ଅନୁପମାଙ୍କ ଠାରୁ ଏତେ ପରିମାଣର ନଗଦ ଟଙ୍କା ମିଳିବା ପରେ ତାଙ୍କର ମାର୍ଶାଘାଇ ସ୍ଥିତ ଅଫିସ, ଦୁହୁରିଆ ନୟନ ବିହାର ସ୍ଥିତ ଭଡ଼ାଘର ଓ ଢେଙ୍କାନାଳ ସ୍ଥିତ ପୈତୃକ ଘରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି।

ସେ କହିଲେ...

ଗୋଟିଏ ପଟେ ସବ୍-ଇନ୍ସପେକ୍ଟର୍ ବ୍ୟାଚ୍ ପ୍ରଶିକ୍ଷଣ ଶେଷ କରି ନିଯୁକ୍ତି ପାଉଥିବା ବେଳେ, ଅନ୍ୟ ପଟେ ହଜାର ହଜାର ଆଶାୟୀ ପେପର୍ ଲିକ୍ ଯୋଗୁଁ ଏବେ ବି ଅନିଶ୍ଚିତତାରେ। ଶୁକ୍ରବାର ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରେ ଅନୁଷ୍ଠିତ ୧୩ତମ ବ୍ୟାଚ୍ ଏସ.ଆଇ ଅଧିକାରୀମାନଙ୍କ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଲାମୀ ଗ୍ରହଣ କଲେ। ହେଲେ ପ୍ରକୃତ କଥା ହେଉଛି, ଦୁଇ ବର୍ଷର ପ୍ରଶିକ୍ଷଣ ସାରି ଓଡ଼ିଶା ପୋଲିସରେ ଯୋଗ ଦେଇଥିବା ଏହି ୩୩୬ ଜଣ ଅଧିକାରୀଙ୍କ ନିଯୁକ୍ତି ପ୍ରକ୍ରିୟା ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିଲା।

ନବୀନ ପଟ୍ଟନାୟକ
ବିରୋଧୀ ଦଳ ନେତା

ବାଜିଲା

ବିଗୁଲ୍

ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଅଣ୍ଟାଭିଡ଼ିଲା ବିଜେପି !

ବାଜିଲାଣି ନିର୍ବାଚନୀ ବିଗୁଲ । ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ହେଲେଣି ୩ ଦଳ ବିଜେପି , ବିଜେଡ଼ି ଓ କଂଗ୍ରେସ । ଶନିବାର ରାଜ୍ୟ ନିର୍ବାଚନ କମିଶନରଙ୍କ ତରଫରୁ ଆସନ୍ତା ମାର୍ଚ୍ଚ କିମ୍ବା ଏପ୍ରିଲରେ ନିର୍ବାଚନ ହେବାକୁ ସୂଚନା ପରେ ଅଣ୍ଟା ଭିଡ଼ିଲାଣି ବିଜେପି । ଦଳ ପ୍ରଥମ ଥର ଓଡ଼ିଶାରେ ଶାସନ କରୁଥିବାରୁ ଭୋଟରଙ୍କୁ କିପରି ଆକୃଷ୍ଟ କରିବ ସେ ନେଇ କସରତ ମଧ୍ୟ ଆରମ୍ଭ କରିଦେଲାଣି । ଦଳ ୱାର୍ଡ଼ ସ୍ତରରୁ ନିଜର କର୍ମୀଙ୍କୁ ଯୋଗାଡ଼ ପାଇଁ ଏକରକମର ବୁ୍ଥ ପ୍ରିଣ୍ଟ ପ୍ରସ୍ତୁତ କଲାଣି । ଦଳର ବିଭିନ୍ନ ଯୋଜନା ଭୋଟର ମାନେ ଠିକ ଭାବରେ ପାଉଛନ୍ତି କି ନାହିଁ ତାର ଖବର ମଧ୍ୟ ରଖିବାକୁ କର୍ମୀଙ୍କୁ ଦିଆଗଲାଣି ନିର୍ଦ୍ଦେଶ ।

କଟକ(ବ୍ୟୁରୋ)

ଜବାହରଲାଲ୍ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଆଜି ରାଜ୍ୟ ବିଜେପିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଛି । ଏହି ଦୁଇଦିନିଆ ବୈଠକକୁ ବିଜେପିର ଅଖିଳ ଭାରତୀୟ ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ସୁନୀଲ ବଂଶଲ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଏହି ବୈଠକରେ ଦୁଇଦିନ ଧରି ୧୦ଟି ପ୍ରସଙ୍ଗରେ ଆଲୋଚନା ହେବ। ବିଶେଷକରି ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଥିବାରୁ ଏଥିପାଇଁ ଯୋଜନା ପ୍ରସ୍ତୁତି ଉପରେ ଆଲୋଚନା ହେବ ବୋଲି କୁହାଯାଉଛି । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଉପମୁଖ୍ୟମନ୍ତ୍ରୀ

- ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ
- ଦୁଇଦିନ ଧରି ୧୦ଟି ପ୍ରସଙ୍ଗରେ ଆଲୋଚନା ହେବ
- ୨ମାସର ରୋଡ୍‌ମ୍ୟାପ କରାଯିବ ପ୍ରସ୍ତୁତ
- ନିର୍ବାଚନୀ ବୈତରଣୀ ପାର ପାଇଁ ହେବ ମାନସ ମନ୍ଥନ

କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଧାୟକ, ଜିଲ୍ଲାସ୍ତରୀୟ ବିଜେପି କର୍ମକର୍ତ୍ତା ଉପସ୍ଥିତ ଅଛନ୍ତି। ଏହାବ୍ୟତୀତ ଯେଉଁମାନେ କାର୍ଯ୍ୟକାରିଣୀ ସଦସ୍ୟ ନୁହନ୍ତି କିମ୍ବା ନିମନ୍ତ୍ରିତ ସଦସ୍ୟ ନୁହନ୍ତି, ସେମାନଙ୍କୁ ମଧ୍ୟ ଏହି ବୈଠକକୁ ନିମନ୍ତ୍ରଣ କରାଯାଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ପୂଜାରୀ କହିଛନ୍ତି, ପ୍ରଥମେ ଶୋକ ପ୍ରସ୍ତାବ ଆଗତ ହେବା ପରେ ପୂର୍ବ କାର୍ଯ୍ୟକାରିଣୀ ବୈଠକର ବିବରଣୀ ଉପସ୍ଥାପନ ହେବା ସହିତ ତାହାର ସମୀକ୍

ନେପାଳ ବନ୍ୟା ବିପର୍ଯ୍ୟୟ ଏକ ଶିକ୍ଷା

ନେପାଳର ବନ୍ୟା ବିପର୍ଯ୍ୟୟ ମାନବ ଜାତି ଲାଗି ଏକ ଶିକ୍ଷା କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ଯେତିକି ପ୍ରାକୃତିକ, ତାଠାରୁ ଅଧିକ କୃତ୍ରିମ। ମାନବୀୟ ପ୍ରବୃତ୍ତି ଓ ପୁଞ୍ଜିବାଦୀ କାର୍ଯ୍ୟ କେବଳ ନେପାଳ ନୁହେଁ, ସାରା ମାନବ ଜଗତକୁ ଗ୍ରାସ କରିବାରେ ଲାଗିଛି। ତା'ର କୁପରିଣାମ ଏବେ ନେପାଳ ଭୋଗୁଛି। ହିମାଳୟର ସୁଉଚ୍ଚ ଶୈଳଶୃଙ୍ଗ, ତୁଷାରାଚ୍ଛନ୍ନ ଗିରିପଥ ଓ ନିସ୍ତବ୍ଧ ଉପତ୍ୟକା ଯୁଗ ଯୁଗ ଧରି ମାନବ ସଭ୍ୟତା ପାଇଁ ଆଧ୍ୟାତ୍ମିକତା, ଶାନ୍ତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଅନନ୍ୟ କେନ୍ଦ୍ରବିନ୍ଦୁ ହୋଇ ରହିଆସିଛି। ନେପାଳର ପ୍ରାଚୀନ ତୀର୍ଥକ୍ଷେତ୍ରଗୁଡ଼ିକଠାରୁ ଆରମ୍ଭ କରି ତିବ୍ବତର କୈଳାସ-ମାନସରୋବର ପର୍ଯ୍ୟନ୍ତ ଏହି ବିସ୍ତୃତ ପାର୍ବତ୍ୟ ଭୂଖଣ୍ଡକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ, ଶ୍ରଦ୍ଧାଳୁ ତୀର୍ଥଯାତ୍ରୀ ଏବଂ ସ୍ଥାନୀୟ ଲୋକେ ଯାତ୍ରା କରନ୍ତି। କିନ୍ତୁ ପ୍ରକୃତିର ସୂକ୍ଷ୍ମ ସନ୍ତୁଳନରେ ସାମାନ୍ୟତମ ବିଚ୍ୟୁତି ଘଟିଲେ ଏହି ଅପରୂପ ଶୈଳନିବାସ ଯେ ମୁହୂର୍ତ୍ତକ ମଧ୍ୟରେ ଏକ ବିରାଟ ମୃତ୍ୟୁଫାଶରେ ରୂପାନ୍ତରିତ ହୋଇପାରେ, ନିକଟରେ ନେପାଳ ଓ ତିବ୍ବତ ସୀମାନ୍ତରେ ଘଟିଥିବା ପ୍ରଳୟଙ୍କରୀ ବିପର୍ଯ୍ୟୟ ତାହାକୁ ଅତ୍ୟନ୍ତ କଠୋର ଭାବେ ପ୍ରମାଣ କରିଦେଇଛି। ଏହି ବିପର୍ଯ୍ୟୟ କେବଳ କେତୋଟି ଗ୍ରାମ ବା ଭିତ୍ତିଭୂମି ଧୋଇନେଇ ନାହିଁ, ବରଂ ହିମାଳୟର ଦ୍ରୁତ ପରିବର୍ତ୍ତିତ ଭୂଗୋଳ, ବିକାଶର ଅନ୍ଧନୀତି ଏବଂ ବିଶ୍ୱ ସ୍ତରରେ ଜଳବାୟୁ କ୍ଷତିପୂରଣର ଆବଶ୍ୟକତା ଉପରେ ଏକ ବ୍ୟାପକ ବିତର୍କ ସୃଷ୍ଟି କରିଛି।

ସୁଶାନ୍ତ କୁମାର ଦାସ

ପରିବେଶଗତ ସଙ୍କଟ ଓ ତାପମାତ୍ରା ପରିବର୍ତ୍ତନ

ଏହି ମହାବିପର୍ଯ୍ୟୟର ମୂଳ କାରଣ ବୁଝିବାକୁ ହେଲେ ହିମାଳୟର ପ୍ରାକୃତିକ ଗଠନ ଏବଂ ସେଠାରେ ଦେଖାଦେଉଥିବା ପରିବେଶଗତ ସଙ୍କଟକୁ ଗଭୀର ଭାବେ ଅନୁଧ୍ୟାନ କରିବାକୁ ପଡ଼ିବ। ଭୂତତ୍ତ୍ୱିକ ଦୃଷ୍ଟିକୋଣରୁ ହିମାଳୟ ହେଉଛି ପୃଥିବୀର ଅତ୍ୟନ୍ତ ଯୁବ ଏବଂ ଭୂଗର୍ଭୀୟ ଭାବେ ନିରନ୍ତର ସକ୍ରିୟ ଏକ ପର୍ବତମାଳା। ଅନ୍ୟ ପ୍ରାଚୀନ ପର୍ବତମାଳା ତୁଳନାରେ ଏହାର ପର୍ବତ ଶ୍ରେଣୀ ଅତ୍ୟନ୍ତ ଭଙ୍ଗୁର ଓ ଅସ୍ଥିର। ପ୍ରବଳ ବର୍ଷା, ଭୂମିକମ୍ପର କମ୍ପନ, ହିମବାହ ବା ଗ୍ଲାସିୟରର କ୍ରମାଗତ ଗତିବିଧି ଏବଂ ତାପମାତ୍ରାର ହଠାତ୍ ପରିବର୍ତ୍ତନ ଯୋଗୁଁ ଏଠାକାର ପାହାଡ଼ିଆ ଢାଲ ଖୁବ୍‌ଶୀଘ୍ର ନିଜର ଭାରସାମ୍ୟ ହରାଇ ବସେ। ଅଗଷ୍ଟ ୨୬ ତାରିଖର ସେହି ଦୁର୍ଭାଗ୍ୟଜନକ ଦିନରେ ନେପାଳ ଓ ତିବ୍ବତର ଉଚ୍ଚ ହିମାଳୟ ସୀମାନ୍ତରେ ଠିକ୍ ଏହିଭଳି ଏକ ପ୍ରାକୃତିକ ଧ୍ୱଂସକାଣ୍ଡ ସଂଗଠିତ ହୋଇଥିଲା। ଉଚ୍ଚ ପାହାଡ଼ରୁ ହିମବାହର ଏକ ବିରାଟ ଅଂଶ ଭାଙ୍ଗିଯିବା ସହ ବରଫ, ବିଶାଳ ପଥର, କାଦୁଅ ଓ ମାଟିର ଏକ ଅତି ବିଶାଳ ସମୂହ ପ୍ରଚଣ୍ଡ ଶକ୍ତିରେ ତଳ ଉପତ୍ୟକାକୁ ଖସିଆସିଥିଲା। ଏହି ଧ୍ୱଂସାବଶେଷ ନଦୀଗର୍ଭରେ ପଡ଼ି ନଦୀର ସ୍ୱାଭାବିକ ଗତିପଥକୁ ଅବରୋଧ କରିବା ସହିତ ତିବ୍ବତ ପାର୍ଶ୍ୱରେ ଥିବା ଏକ ପ୍ରାକୃତିକ ହିମବାହ ହ୍ରଦ ବା ଜଳାଧାର ଭାଙ୍ଗିଯିବାରୁ ସେଥିରୁ ନିର୍ଗତ ବିପୁଳ ଜଳରାଶି ଏକତ୍ର ମିଶି କିଛି ମିନିଟ୍ ମଧ୍ୟରେ ନଦୀକୁ ଏକ ଉନ୍ମତ୍ତ ମୃତ୍ୟୁସ୍ରୋତରେ ପରିଣତ କରିଦେଇଥିଲା।

ଭାସିଆସିଲା ବିଶାଳକାୟ ପଥର, ଉପୁଡ଼ା ଗଛ

ସାଧାରଣ ବନ୍ୟା ତୁଳନାରେ ଏହି ବନ୍ୟା ଥିଲା ଅତ୍ୟନ୍ତ ବିଧ୍ୱଂସକାରୀ, କାରଣ ଏଥିରେ କେବଳ ପାଣି ନଥିଲା; ଥିଲା ବିଶାଳକାୟ ପଥର, ଉପୁଡ଼ା ଗଛ, କାଦୁଅ ଏବଂ ପ୍ରଚଣ୍ଡ ବେଗରେ ମାଡି ଆସୁଥିବା ଧ୍ୱଂସାବଶେଷ। ନଦୀର ଜଳସ୍ତର ହଠାତ୍ କେତେକ ମିଟର ଉପରକୁ ଉଠିଯିବା ଫଳରେ ତଳି ଅଞ୍ଚଳର ବାସିନ୍ଦାମାନଙ୍କୁ ସୁରକ୍ଷିତ ସ୍ଥାନକୁ ଖସିଯିବା ପାଇଁ ସାମାନ୍ୟତମ ସମୟ ମିଳିନଥିଲା। ବହୁ ପୁରାତନ ସେତୁ, ପକ୍କା ରାସ୍ତା, ଘରବାଡ଼ି ଓ ବିଦ୍ୟୁତକେନ୍ଦ୍ର ସବୁକିଛି ମାଟିରେ ମିଶିଗଲା। ମିଳିଥିବା ସରକାରୀ ହିସାବ ଅନୁସାରେ ୧୨୬୦ଟି ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ପ୍ରାୟ ୪,୨୪୭ ଜଣ ଲୋକ ଏବେ ବି ନିଖୋଜ ଅଛନ୍ତି। ନେପାଳ ବୈଦେଶିକ ମନ୍ତ୍ରଣାଳୟର ସୂଚନା ମୁତାବକ ନିଖୋଜଙ୍କ ମଧ୍ୟରେ ଅନେକ ଭାରତୀୟଙ୍କ ସମେତ ପ୍ରାୟ ୫୯୦ ଜଣ ବିଦେଶୀ ନାଗରିକ ମଧ୍ୟ ଅନ୍ତର୍ଭୁକ୍ତ ଅଛନ୍ତି। କେଉଁଠି ସମ୍ପୂର୍ଣ୍ଣ ଗାଁ କାଦୁଅ ତଳେ ଚିରଦିନ ପାଇଁ ପୋତି ହୋଇଗଲା ତ ଆଉ କେଉଁଠି ଜଳବିଦ୍ୟୁତ ପ୍ରକଳ୍ପର ଭୂତଳ ସୁଡ଼ଙ୍ଗ ଭିତରେ ଶତାଧିକ ଶ୍ରମିକ ଜଳବନ୍ଦୀ ହୋଇ ରହିଗଲେ। ଏହି ବିପର୍ଯ୍ୟୟ ଭାରତକୁ ମଧ୍ୟ ସିଧାସଳଖ ଆଘାତ ଦେଇଛି, କାରଣ ସୀମାନ୍ତରେ ଥିବା ଅନେକ ଭାରତୀୟ ପର୍ଯ୍ୟଟକ, ତୀର୍ଥଯାତ୍ରୀ ଓ ବିଦ୍ୟୁତ ପ୍ରକଳ୍ପର ଶ୍ରମିକ ଏହି ଦୁର୍ଯ୍ୟୋଗରେ ପ୍ରଭାବିତ ହୋଇଥିଲେ। ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ ପ୍ରାୟ ୩୨୦ ଜଣ ଭାରତୀୟ ନିଖୋଜ ବା ଯୋଗାଯୋଗ ବିଚ୍ଛିନ୍ନ ଥିବା ବେଳେ ଚୀନ ପଟୁ ପ୍ରାୟ ୪୦୦ ଭାରତୀୟ ସୁରକ୍ଷିତ ଥିବା ସ୍ପଷ୍ଟ ହୋଇ ସେମାନଙ୍କୁ ନେପାଳ ଅଣାଯାଇଥିଲା। ଅଗଷ୍ଟ ୩୦ରେ ଏକ ପ୍ରକଳ୍ପରୁ ୭ ଜଣ ଭାରତୀୟ ଓ ୫ ଜଣ ଚୀନି ନାଗରିକଙ୍କ ସମେତ ୧୫ ଜଣଙ୍କୁ ଏବଂ ଅଗଷ୍ଟ ୩୧ ରେ ରସୁଆ ଜିଲ୍ଲାର ଚିଲିମେରୁ ଆଉ ୩ ଜଣ ଭାରତୀୟଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। କିନ୍ତୁ ଭୋଟେକୋଶୀ ନଦୀରେ ପୁନର୍ବାର ଜଳପ୍ରବାହ ବଢ଼ି ବନ୍ୟା ସତର୍କତା ଜାରିହେବା କାରଣରୁ ଉଦ୍ଧାରକାର୍ଯ୍ୟ ଅତ୍ୟନ୍ତ ଚାପଗ୍ରସ୍ତ ହୋଇପଡ଼ିଛି।

ପୁଞ୍ଜିବାଦୀ 'ବିକାଶ' ମଡେଲର କୁପରିଣାମ

ବାହ୍ୟ ଦୃଷ୍ଟିରେ ଏହି ଧ୍ୱଂସଲୀଳା ଏକ ପ୍ରାକୃତିକ ଦୁର୍ବିପାକ ପରି ମନେହେଲେ ହେଁ, ବାସ୍ତବରେ ଏହା ମନୁଷ୍ୟକୃତ। ବିଶେଷଜ୍ଞଙ୍କ ମୁନାଫାକେନ୍ଦ୍ରିକ ପୁଞ୍ଜିବାଦୀ 'ବିକାଶ' ମଡେଲର କୁପରିଣାମ। ଏହାର ସର୍ବାଧିକ କ୍ଷତି ସହିବାକୁ ପଡୁଛି ଅସହାୟ, ଜଳବାୟୁ-ଅସୁରକ୍ଷିତ ତଥା ନିମ୍ନ ଆୟବର୍ଗର ସ୍ଥାନୀୟ ଶ୍ରମଜୀବୀ ମଣିଷଙ୍କୁ। ଏହି ମହାବିପର୍ଯ୍ୟୟ ପାଇଁ ଲୁଟେରା ପୁଞ୍ଜିବାଦୀ ଉତ୍ପାଦନ ବ୍ୟବସ୍ଥା ହିଁ ପ୍ରକୃତରେ ଦାୟୀ ବୋଲି ପ୍ରଶ୍ନ ଉଠାଇବାର ଚେତନା ଏପର୍ଯ୍ୟନ୍ତ ସାଧାରଣ ସ୍ତରରେ ସୃଷ୍ଟି ହୋଇପାରିନାହିଁ। ଫଳରେ ମୂଳ ସମସ୍ୟା ଉପରୁ ନଜର ହଟାଇ ଏହାକୁ କେବଳ 'ପ୍ରାକୃତିକ ବିପର୍ଯ୍ୟୟ' ଆଖ୍ୟା ଦେଇ ପ୍ରକୃତ କାରଣକୁ ଚାପି ଦିଆଯାଉଛି। ହିମାଳୟରେ ନିରନ୍ତର ସୁଡ଼ଙ୍ଗ ଖନନ, ଭୂମି ଅବନମନ ଏବଂ ପ୍ରଳୟଙ୍କରୀ କାଦୁଅ ସ୍ରୋତ ମଧ୍ୟରେ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଧ୍ୱଂସ ହେବା ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଏହି ବିପର୍ଯ୍ୟୟର ଏକ ସ୍ପଷ୍ଟ ଉଦାହରଣ ହେଉଛି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ରସୁଆ ଓ ନୂଆକୋଟ ଜିଲ୍ଲା। ଗଣମାଧ୍ୟମ ତଥ୍ୟ ଅନୁସାରେ, ଏହି ବନ୍ୟା ପୂର୍ବରୁ ଏହି ଦୁଇଟି ଜିଲ୍ଲାରେ ମୋଟ ଚାଲୁ ଜଳବିଦ୍ୟୁତ ଉତ୍ପାଦନ କ୍ଷମତା ଥିଲା ପ୍ରାୟ ୩୫୯ ମେଗାୱାଟ୍ (ରସୁଆରେ ୨୩୬ ଏବଂ ନୂଆକୋଟରେ ୧୨୩ ମେଗାୱାଟ୍)। ଅଥଚ, ୨୦୨୪ ଆଧାରରେ ଏହି ଦୁଇ ଜିଲ୍ଲାର ସମସ୍ତ ବାସିନ୍ଦାଙ୍କ ହାରାହାରି ବିଦ୍ୟୁତ ଚାହିଦା ଥିଲା ମାତ୍ର ୧୧ ମେଗାୱାଟ୍ । ଅର୍ଥାତ୍ ସ୍ଥାନୀୟ ଲୋକଙ୍କ ପ୍ରକୃତ ଆବଶ୍ୟକତା ଠାରୁ ପ୍ରାୟ ୩୩ ଗୁଣ ଅଧିକ ବିଦ୍ୟୁତ ଉତ୍ପାଦନ ଭିତ୍ତିଭୂମି ସେଠାକାର ଭଙ୍ଗୁର ଭୂଖଣ୍ଡ ଉପରେ ଲଦି ଦିଆଯାଇଥିଲା। ତେଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଏହି ଅମିତ ବିଦ୍ୟୁତ ବାସ୍ତବରେ କାହା ପାଇଁ ? ପ୍ରାକୃତିକ ସମ୍ପଦର ଏହି ସୀମାହୀନ ନିଷ୍କାସନ ତଥା ଲୁଟ୍ ଆଜି ହିମାଳୟକୁ ଏକ ଚରମ ସଙ୍କଟ ମଧ୍ୟକୁ ଠେଲିଦେଇଛି।

ବିଶ୍ୱ ତାପମାତ୍ରା ବୃଦ୍ଧି ସର୍ବନାଶର କାରଣ

ଏହି ମାନବୀୟ ସଂକଟ ଭିତରେ ନେପାଳ ସରକାର ବିଶ୍ୱ ସମୁଦାୟ ଆଗରେ ଏକ ନିର୍ଭୀକ ଓ ଯୁକ୍ତିଯୁକ୍ତ ଦାବି ଉପସ୍ଥାପନ କରିଛନ୍ତି। ନେପାଳ ସ୍ପଷ୍ଟ ଭାବେ ଜଣାଇଦେଇଛି ଯେ, ଏହି ବିନାଶ ପରେ ତାକୁ କୌଣସି ଦେଶରୁ କରୁଣା ବା ଦାନର ଆବଶ୍ୟକତା ନାହିଁ। ବରଂ ତାକୁ ତା'ର କ୍ଷୟକ୍ଷତିର ନ୍ୟାୟସଙ୍ଗତ ହିସାବ ଦରକାର ଏବଂ ଜଳବାୟୁ କ୍ଷତିପୂରଣ ବା 'ଲୁଇମେଟ୍ କମ୍ପେନସେସନ' ଦରକାର। ନେପାଳର ବୈଦେଶିକ ମନ୍ତ୍ରୀ ଶ୍ରୀଶିର ଖନାଇ ଏହି ପ୍ରସଙ୍ଗକୁ ଜୋରଦାର ଭାବେ ଉଠାଇ କହିଛନ୍ତି ଯେ, କେବଳ ସାମୟିକ ଆର୍ଥିକ ସହାୟତା ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ। ସମଗ୍ର ବିଶ୍ୱର ଗ୍ରୀନହାଉସ ଗ୍ୟାସ ନିର୍ଗମନରେ ନେପାଳର ଯୋଗଦାନ ମାତ୍ର ୦.୧% ରୁ ମଧ୍ୟ କମ୍, କିନ୍ତୁ ବିଶ୍ୱ ଉଷ୍ଣାୟନର ସର୍ବାଧିକ ନକାରାତ୍ମକ ପ୍ରଭାବ ନେପାଳକୁ ହିଁ ସହିବାକୁ ପଡୁଛି। ଯେଉଁ କାରଣରୁ ତାହାର ବିଶାଳ ହିମବାହଗୁଡ଼ିକ ଅସ୍ୱାଭାବିକ ଭାବେ ତରଳି ଭାଙ୍ଗୁଛି। ପାହାଡ଼ ଓ ପ୍ରାକୃତିକ ସମ୍ପଦ ନଷ୍ଟ ହେଉଛି ଏବଂ ସବୁଜ ଜନବସତିଗୁଡ଼ିକ ଧୋଇ ହୋଇଯାଉଛି। ତେଣୁ ଯେଉଁ ଧନୀ ତଥା ବୃହତ ଶିଳ୍ପପ୍ରଧାନ ଦେଶଗୁଡ଼ିକ (ଚୀନ୍, ଆମେରିକା ଏବଂ ଭାରତ) ସର୍ବାଧିକ କାର୍ବନ ଓ ଗ୍ରୀନହାଉସ ଗ୍ୟାସ ନିର୍ଗମନ କରି ବିଶ୍ୱ ତାପମାତ୍ରା ବୃଦ୍ଧି ପାଇଁ ମୁଖ୍ୟତଃ ଦାୟୀ, ସେମାନଙ୍କ ଉପରେ ଏହି କ୍ଷତିପୂରଣର ଆର୍ଥିକ ଦାୟିତ୍ୱ ନ୍ୟସ୍ତ ହେବା ଉଚିତ ବୋଲି ସ୍ପଷ୍ଟ ଦାବି କରିଛି। ପ୍ରାରମ୍ଭିକ ଆକଳନ ଅନୁସାରେ ନେପାଳର ଧ୍ୱଂସପ୍ରାପ୍ତ ଭିତ୍ତିଭୂମିର ପୁନଃନିର୍ମାଣ ପାଇଁ ୪ରୁ ୫ ଅରବ ଆମେରିକୀୟ ଡଲାର, ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୩୬ ରୁ ୪୫ ହଜାର କୋଟି ଟଙ୍କାର ଆବଶ୍ୟକତା ରହିଛି। ଏକ ଛୋଟ ଅର୍ଥନୀତି ପାଇଁ ଏତେ ବଡ଼ ଆର୍ଥିକ ବୋଝ ଏକାକୀ ସମ୍ଭାଳିବା ଆଦୌ ସମ୍ଭବ ନୁହେଁ।

ଅବିବେକୀ ନିର୍ମାଣ ଓ ପରିବେଶ ସନ୍ତୁଳନ

କ୍ଷତିପୂରଣ ଦାବି ସହିତ ଆମକୁ ଏହି ବିପର୍ଯ୍ୟୟ ପଛର ଅନ୍ୟାନ୍ୟ ଦିଗଗୁଡ଼ିକୁ ମଧ୍ୟ ନିରପେକ୍ଷ ଭାବେ ବିଚାର କରିବାକୁ ହେବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ତାପମାତ୍ରା ବଢୁଛି ଏବଂ ହିମବାହ ହ୍ରଦଗୁଡ଼ିକରେ ଅତ୍ୟଧିକ ଜଳ ସଞ୍ଚିତ ହୋଇ ଆକସ୍ମିକ ବନ୍ୟା ବା 'ଗ୍ଲେସିଆଲ ଲେକ୍ ଆଉଟବର୍ଷ୍ଟ ଫ୍ଲଡ'ର ଆଶଙ୍କା ବୃଦ୍ଧି ପାଉଛି। କିନ୍ତୁ ପ୍ରତ୍ୟେକ ନିର୍ଦ୍ଦିଷ୍ଟ ବିପର୍ଯ୍ୟୟକୁ କେବଳ ପ୍ରାକୃତିକ ଜଳବାୟୁ ପରିବର୍ତ୍ତନ ଉପରେ ଲଦିଦେବା ପୂର୍ବରୁ ଅଧିକ ବୈଜ୍ଞାନିକ ଅନୁସନ୍ଧାନ ଓ ତଥ୍ୟ ଭିତ୍ତିକ ଆକଳନର ଆବଶ୍ୟକତା ରହିଛି। ଏହା ସହିତ ଅତ୍ୟଧିକ ବର୍ଷା, ମାଟିର ସହନଶୀଳତା କମିବା ଏବଂ ଲଗାତାର ମାନବୀୟ ହସ୍ତକ୍ଷେପ ମଧ୍ୟ ଏହି ବିପଦକୁ ଆହୁରି ଘନୀଭୂତ କରୁଛି। ହିମାଳୟ ପରି ଏକ ସମ୍ବେଦନଶୀଳ ପାର୍ବତ୍ୟାଞ୍ଚଳରେ ବିକାଶ ନାଁରେ ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟ, ପାହାଡ଼ କାଟି ବଡ଼ ବଡ଼ ରାସ୍ତା ତିଆରି, ନିରନ୍ତର ସୁଡ଼ଙ୍ଗ ଖନନ, ଜଳବିଦ୍ୟୁତ ପ୍ରକଳ୍ପ ପାଇଁ ନଦୀର ସ୍ୱାଭାବିକ ପ୍ରବାହକୁ ବାନ୍ଧି ଅଲଗା ଦିଗରେ ନେବା ଏବଂ ଅତ୍ୟଧିକ ପର୍ଯ୍ୟଟନର ଚାପ ସେ ଅଞ୍ଚଳର ପରିବେଶର ସ୍ୱାଭାବିକ ସନ୍ତୁଳନକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି । ବିକାଶ ନିଶ୍ଚିତ ଭାବେ ଜରୁରୀ, ମାତ୍ର ପ୍ରକୃତିର ସହନଶୀଳତାର ସୀମାକୁ ଉଲ୍ଲଂଘନ କରି କରାଯାଉଥିବା ଅବିବେକୀ ନିର୍ମାଣ ଶେଷରେ ମଣିଷ ପାଇଁ ମହାବିନାଶ ସାଜିଥାଏ । ତେଣୁ ହିମାଳୟର ସମ୍ପଦ ଲୁଟ୍ ବନ୍ଦ କରି ଆବଶ୍ୟକତାର ଏକ ସ୍ପଷ୍ଟ ସୀମା ତୁରନ୍ତ ନିର୍ଦ୍ଧାରଣ କରିବା ଜରୁରୀ ।

ପ୍ରଯୁକ୍ତିଭିତ୍ତିକ ଆଗୁଆ ସତର୍କତା ଜରୁରୀ

ଏହି ପରିପ୍ରେକ୍ଷୀରେ ପରସ୍ପର ଉପରେ କେବଳ ଦୋଷାରୋପ କରିବାର ରାଜନୀତି କୌଣସି ଫଳ ଦେବନାହିଁ। ନେପାଳ ଗଣମାଧ୍ୟମରେ ଚୀନ ପକ୍ଷରୁ ଠିକ୍ ସମୟରେ ସତର୍କ ସୂଚନା ନଦେବା ନେଇ କ୍ଷୋଭ ପ୍ରକାଶ ପାଇଥିଲେ ମଧ୍ୟ ବାସ୍ତବତା ହେଉଛି ହିମାଳୟର ଅତି ଦୁର୍ଗମ ଅଞ୍ଚଳରେ ପ୍ରକୃତିର ଗତିବିଧିକୁ ମୁହୂର୍ତ୍ତକ ମଧ୍ୟରେ ସଠିକ୍ ଭାବେ ଆକଳନ କରିବା ସହଜ ନୁହେଁ। ଭୂମିକମ୍ପ ପରି ହିମବାହ ଧସିବାର ପୂର୍ବ ସୂଚନା ମିଳିବା ଅତ୍ୟନ୍ତ କଷ୍ଟକର। ଯଦି ପ୍ରତ୍ୟେକ ଛୋଟ ପରିବର୍ତ୍ତନରେ ବାରମ୍ବାର ମିଥ୍ୟା ସତର୍କତା ଜାରି ହୁଏ, ତେବେ ଜନସାଧାରଣ ସତର୍କବାଣୀର ପ୍ରକୃତ ଗୁରୁତ୍ୱ ହରାଇ ବସିବେ। ତେଣୁ ଏକ ବିଶ୍ୱସନୀୟ ଓ ପ୍ରଯୁକ୍ତିଭିତ୍ତିକ ଆଗୁଆ ସତର୍କୀକରଣ ବ୍ୟବସ୍ଥା ଗଢ଼ିତୋଳିବା ଏବେ ସବୁଠାରୁ ବଡ଼ ପ୍ରାଥମିକତା ହେବା ଉଚିତ। ଉପଗ୍ରହ ଚିତ୍ର, ଡ୍ରୋନ୍, ରିମୋଟ ସେନ୍ସିଂ ଏବଂ ସ୍ୱୟଂଚାଳିତ ଜଳସ୍ତର ମାପକ ଯନ୍ତ୍ର ମାଧ୍ୟମରେ ବିପଦପୂର୍ଣ୍ଣ ହ୍ରଦ ଓ ନଦୀଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯିବା ଆବଶ୍ୟକ। ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହେଲେ ମଧ୍ୟ ମୋବାଇଲ୍ ନେଟୱର୍କ, ସାଇରନ୍, ରେଡିଓ ଓ ସ୍ଥାନୀୟ ପ୍ରଶାସନ ମାଧ୍ୟମରେ ସତର୍କ ସୂଚନା କିଛି ମିନିଟ୍ ମଧ୍ୟରେ ତଳିଆ ଅଞ୍ଚଳରେ ପହଞ୍ଚାଯାଇ ପାରିଲେ ଅସଂଖ୍ୟ ଜୀବନ ବଞ୍ଚାଯାଇପାରିବ।

ତଥ୍ୟ ଆଦାନପ୍ରଦାନ, ମିଳିତ ଗବେଷଣା ଲୋଡ଼ା

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହିମାଳୟ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଦେଶର ଭୌଗୋଳିକ ସୀମାରେ ଆବଦ୍ଧ ନୁହେଁ। ଭାରତ, ନେପାଳ, ଭୁଟାନ ଓ ଚୀନ ଭଳି ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏହି ପର୍ବତମାଳା ବ୍ୟାପ୍ତ। ପ୍ରକୃତିର ନଦୀ, ବରଫ, ବର୍ଷା ଓ ପବନ କୌଣସି ମାନବକୃତ ରାଜନୈତିକ ସୀମା ବା କଣ୍ଟାତାରକୁ ମାନନ୍ତି ନାହିଁ। ନେପାଳର ଉପରମୁଣ୍ଡରେ ସୃଷ୍ଟି ହେଉଥିବା ପାହାଡ଼ିଆ ବନ୍ୟା ମାତ୍ର କିଛି ଘଣ୍ଟା ମଧ୍ୟରେ ଭାରତର ବିହାର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ଭଳି ବିସ୍ତୀର୍ଣ୍ଣ ସମତଳ ଅଞ୍ଚଳକୁ ଜଳମଗ୍ନ କରିପାରେ। ତେଣୁ ନେପାଳର ପରିବେଶ ସୁରକ୍ଷା ଓ ବିପର୍ଯ୍ୟୟ ପରିଚାଳନା ସିଧାସଳଖ ଭାରତର ନିଜସ୍ୱ ସୁରକ୍ଷା ସହିତ ମଧ୍ୟ ଜଡ଼ିତ। ଅତଏବ ଏହି ବିପଦର ମୁକାବିଲା ଏକାକୀ କୌଣସି ଦେଶ ପକ୍ଷରେ ସମ୍ଭବପର ନୁହେଁ। କୂଟନୈତିକ ତିକ୍ତତା ଓ ସୀମା ବିବାଦକୁ ଏଡ଼ାଇ ଏହି ଦେଶଗୁଡ଼ିକ ମଧ୍ୟରେ ତ୍ୱରିତ ତଥ୍ୟ ଆଦାନପ୍ରଦାନ, ମିଳିତ ଗବେଷଣା ଏବଂ ନଦୀ ଜଳସ୍ତରର ସମନ୍ୱିତ ନିରୀକ୍ଷଣ ବ୍ୟବସ୍ଥା ଗଠନ ହେବା ଏକାନ୍ତ ଅପରିହାର୍ଯ୍ୟ ।

ହିମାଳୟକୁ କେବଳ ପର୍ଯ୍ୟଟନର ଉତ୍ସ, ଜଳବିଦ୍ୟୁତର କେନ୍ଦ୍ର କିମ୍ବା ସାମରିକ ସୀମା ଭାବେ ଦେଖିବାର ପାରମ୍ପରିକ ମାନସିକତା ଏବେ ବଦଳିବା ଦରକାର। ଏହା ସମଗ୍ର ଏସିଆ ମହାଦେଶର ବିଶାଳ ପ୍ରାକୃତିକ ଜଳଭଣ୍ଡାର ଏବଂ କୋଟି କୋଟି ଜନସାଧାରଣଙ୍କ ଜୀବନ ଓ ଜୀବିକାର ମୂଳ ଆଧାର। ନେପାଳର ବନ୍ୟା ଏକ ପ୍ରାକୃତିକ ବିପତ୍ତି ହୋଇପାରେ, କିନ୍ତୁ ଏହା ମାନବ ସମାଜ ପ୍ରତି ପ୍ରକୃତିର ଏକ ଗମ୍ଭୀର ଚେତାବନୀ। ପ୍ରକୃତିକୁ ନିୟନ୍ତ୍ରଣ କରିବା ମଣିଷର ଅଭିଳାଷ ବାହାରେ, ମାତ୍ର ବିପଦକୁ ଆଗୁଆ ଚିହ୍ନଟ କରି ତାହାର କ୍ଷୟକ୍ଷତି ହ୍ରାସ କରିବା ଏବଂ ପ୍ରକୃତିର ସୀମାକୁ ସମ୍ମାନ ଜଣାଇ ଯଥାଯଥ ବିକାଶର ପଥ ଆପଣାଇବା ମଣିଷ ହାତରେ ନିଶ୍ଚିତ ଭାବେ ରହିଛି। ଆଜି ଯଦି ଆମେ କେବଳ ଉଦ୍ଧାର କାର୍ଯ୍ୟ ଓ କ୍ଷତିପୂରଣର ହିସାବ ନିକାଶରେ ଅଟକି ରହିବା ଏବଂ ପ୍ରକୃତିର ଏହି ଚରମ ସତର୍କବାର୍ତ୍ତାକୁ ଅଣଦେଖା କରିବା, ତେବେ ଆଗାମୀ କାଲି ସମଗ୍ର ହିମାଳୟ ପରିସଂସ୍ଥା ଏକ ଆହୁରି ଭୟାନକ ମହାବିନାଶ ଆଡ଼କୁ ଠେଲି ହୋଇଯିବ, ଯାହାର ମୂଲ୍ୟ ସମଗ୍ର ମାନବ ଜାତିକୁ ଦେବାକୁ ପଡ଼ିବ।

ନୂଆଁଖାଇ ପରମ୍ପରା, ଭାଇଚାରା ଓ ମାଟିର ମହକର ମହାପର୍ବ

ନୂଆଁ ଅନ୍ନରେ ନୂଆ ଆଶା, ଜୁହାର ଭେଟରେ ଭାଇଚାରାର ବାର୍ତ୍ତା

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ : ପଶ୍ଚିମ ଓଡ଼ିଶାର ମାଟି, ମଣିଷ ଓ ମୌଳିକ ସଂସ୍କୃତି ସହ ଓତପ୍ରୋତ ଭାବେ ଜଡ଼ିତ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ଆଉ କିଛି ଦିନ ପରେ ଆସିବ ଏହି ମହାନ ଗଣପର୍ବ। ଏଥିପାଇଁ ଏବେଠାରୁ ସମଗ୍ର ପଶ୍ଚିମ ଓଡ଼ିଶାର ଗାଁଠୁ ସହର ପର୍ଯ୍ୟନ୍ତ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଘରେ ଘରେ ନୂଆ ବସ୍ତ୍ର, ପିଠାପଣା ଓ ବିଭିନ୍ନ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ, ପ୍ରବାସରେ ଥିବା ପରିବାର ସଦସ୍ୟମାନେ ମଧ୍ୟ ନିଜ ଭିଟାମାଟିକୁ ଫେରିବା ପାଇଁ ଯୋଜନା କରୁଛନ୍ତି। ନୂଆଁଖାଇ କେବଳ ଏକ ପର୍ବ ନୁହେଁ; ଏହା ପଶ୍ଚିମ ଓଡ଼ିଶାର ମାଟି ଓ ମଣିଷର ଭାବନା, କୃଷକର ଶ୍ରମ, ପ୍ରକୃତି ପ୍ରତି କୃତଜ୍ଞତା, ପରିବାରର ଏକତା ଏବଂ ଭାଇଚାରାର ଏକ ଅନନ୍ୟ ଉତ୍ସବ। ଏହାକୁ ପଶ୍ଚିମ ଓଡ଼ିଶାର ସବୁଠାରୁ ବଡ଼ ପର୍ବ ତଥା 'ବଡ଼ଖା ତିହାର' ବୋଲି ମଧ୍ୟ କୁହାଯାଏ।

ମାଟିରୁ ଥାଳି ଯାଏଁ—ନୂଆଁ ଅନ୍ନର ଉତ୍ସବ

ପଶ୍ଚିମ ଓଡ଼ିଶାର ଜୀବନଧାରାରେ କୃଷିର ଭୂମିକା ଅତ୍ୟନ୍ତ ଗଭୀର। ଚାଷୀ ବର୍ଷସାରା ମାଟି ସହ ସଂଘର୍ଷ କରି ଯେଉଁ ନୂଆ ଧାନ ଅମଳ କରେ, ସେହି ନୂଆ ଅନ୍ନକୁ ପ୍ରଥମେ ଦେବଦେବୀଙ୍କୁ ଅର୍ପଣ କରିବା ହେଉଛି ନୂଆଁଖାଇର ମୂଳ ଭାବନା। 'ନୂଆଁ' ଅର୍ଥ ନୂତନ ଏବଂ 'ଖାଇ' ଅର୍ଥ ଖାଇବା। ଅର୍ଥାତ୍ ନୂଆ ଅମଳର ଅନ୍ନକୁ ପ୍ରଥମେ ଦେବୀଙ୍କୁ ଅର୍ପଣ କରି ପରେ ଗ୍ରହଣ କରିବା। ଏହି ପରମ୍ପରାରେ ମାଟି, ପ୍ରକୃତି, ଚାଷୀ ଓ ଦେବୀଙ୍କ ପ୍ରତି କୃତଜ୍ଞତାର ଭାବ ପ୍ରକାଶ ପାଏ। ପ୍ରଚଳିତ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ, ଗଣେଶ ପୂଜାର ପରଦିନ ନୂଆଁଖାଇ ପାଳିତ ହୁଏ। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନୂଆ ଧାନର ଚାଉଳରୁ ପ୍ରସ୍ତୁତ ନବାନ୍ନ ଅର୍ପଣ କରାଯିବା ପରେ ଘରେ ଘରେ ଇଷ୍ଟଦେବାଦେବୀଙ୍କୁ ନବାନ୍ନ ନୈବେଦ୍ୟ ଭାବେ ଅର୍ପଣ କରାଯାଏ।

ଇତିହାସର ଗର୍ଭରେ ନୂଆଁଖାଇର ପରମ୍ପରା

ନୂଆଁଖାଇର ପରମ୍ପରା କେତେ ପୁରୁଣା, ତାହାର ନିର୍ଦ୍ଦିଷ୍ଟ ଐତିହାସିକ ଆରମ୍ଭ ସମ୍ପର୍କରେ ମତଭେଦ ରହିଛି। ତଥାପି ଏହା ପଶ୍ଚିମ ଓଡ଼ିଶାର ପୁରାତନ କୃଷି ଓ ଲୋକସଂସ୍କୃତି ସହ ଦୀର୍ଘକାଳ ଧରି ଜଡ଼ିତ ଏକ ପରମ୍ପରା ବୋଲି ମନେ କରାଯାଏ। ରାଜା, ଜମିଦାର, କୃଷକ ଓ ସାଧାରଣ ପ୍ରଜା—ସମସ୍ତଙ୍କ ଜୀବନରେ ନୂଆ ଅମଳର ପ୍ରଥମ ଅନ୍ନର ଏକ ବିଶେଷ ଧାର୍ମିକ ଓ ସାମାଜିକ ମହତ୍ତ୍ୱ ଥିଲା। କାଳକ୍ରମେ ଏହି କୃଷିଭିତ୍ତିକ ଆଚାର ଏକ ବିଶାଳ ଗଣପର୍ବର ରୂପ ନେଇଛି। ପିଢ଼ି ପରେ ପିଢ଼ି ଲୋକେ ଏହି ପରମ୍ପରାକୁ ନିଜ ଜୀବନର ଅଂଶ କରି ଆସିଛନ୍ତି। ଆଧୁନିକତାର ଦ୍ରୁତ ଗତି ମଧ୍ୟରେ ମଧ୍ୟ ନୂଆଁଖାଇ ଆଜି ପର୍ଯ୍ୟନ୍ତ ନିଜର ମୌଳିକତା ଓ ମାଟିର ମହକକୁ ବଜାୟ ରଖିଛି।

ଏକାଠି ବସି ନବାନ୍ନ ଖାଇବାର ପରମ୍ପରା

ନୂଆଁଖାଇ ଦିନ ଘରେ ଘରେ ଇଷ୍ଟଦେବାଦେବୀଙ୍କୁ ନବାନ୍ନ ଅର୍ପଣ କରାଯିବା ପରେ ପରିବାରର ସମସ୍ତେ ଏକାଠି ବସି ନୂଆ ଅନ୍ନ ଗ୍ରହଣ କରନ୍ତି। ଏହି ଏକାଠି ବସି ଖାଇବାର ପରମ୍ପରା ମଧ୍ୟରେ ଲୁଚି ରହିଛି ପରିବାରକୁ ଏକାଠି ରଖିବାର ଏକ ଗଭୀର ସନ୍ଦେଶ। ପରିବାରର ସଦସ୍ୟ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି, ନୂଆଁଖାଇରେ ନିଜ ଘରକୁ ଫେରି ଆସିବାର ପରମ୍ପରା ରହିଛି। ଦୂରଦେଶରେ ରହୁଥିବା ପୁଅ, ଝିଅ, ଭାଇ, ଭଉଣୀ ଓ ଆତ୍ମୀୟମାନଙ୍କ ପାଇଁ ଏହି ପର୍ବ ନିଜ ମାଟି ଓ ନିଜ ଲୋକଙ୍କ ପାଖକୁ ଫେରିବାର ଏକ ଭାବନାପୂର୍ଣ୍ଣ ଅବସର।

'ଜୁହାର ଭେଟ'—ସମ୍ପର୍କରେ ମଧୁରତାର ସେତୁ

ନୂଆଁଖାଇର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସାମାଜିକ ପରମ୍ପରା ହେଉଛି 'ଜୁହାର ଭେଟ'। କନିଷ୍ଠମାନେ ଜ୍ୟେଷ୍ଠଙ୍କୁ ପୁଣ୍ଡିଆ ମାରି ସମ୍ମାନ ଜଣାଇଥାନ୍ତି ଏବଂ ଜ୍ୟେଷ୍ଠମାନେ କନିଷ୍ଠଙ୍କୁ ଆଶୀର୍ବାଦ ଦିଅନ୍ତି। ଏହା କେବଳ ଏକ ଔପଚାରିକତା ନୁହେଁ; ଏହା ସମ୍ମାନ, ସ୍ନେହ, କ୍ଷମା, ଆଶୀର୍ବାଦ ଓ ସମ୍ପର୍କର ପୁନଃସ୍ଥାପନାର ଏକ ଅନନ୍ୟ ପରମ୍ପରା। ନୂଆଁଖାଇ ଦିନ ପୂର୍ବର ସମସ୍ତ ରାଗ, ଅଭିମାନ ଓ ମନୋମାଳିନ୍ୟକୁ ଭୁଲି ପରସ୍ପରକୁ ଜୁହାର କରିବାର ପରମ୍ପରା ମଣିଷକୁ ମଣିଷ ସହ ଯୋଡ଼ିଥାଏ।

ଘରେ ଘରେ ପିଠାପଣା, ଗାଁରେ ଗାଁରେ ଉତ୍ସବ

ନୂଆଁଖାଇ ଆସିଲେ ଘରେ ଘରେ ନୂଆ ବସ୍ତ୍ର କିଣାଯାଏ। ବିଭିନ୍ନ ପ୍ରକାରର ପିଠାପଣା ଓ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହୁଏ। ଘର ଅଗଣାଠାରୁ ଗାଁ ଦାଣ୍ଡ ପର୍ଯ୍ୟନ୍ତ ଉତ୍ସବର ରଙ୍ଗ ଲାଗିଯାଏ। ନୂଆଁଖାଇ ପରେ ଅପରାହ୍ଣରେ ଗାଁ ଦାଣ୍ଡରେ ଯୁବକମାନଙ୍କ ମଧ୍ୟରେ ବିଭିନ୍ନ ପାରମ୍ପରିକ ଖେଳକୁଦ ଓ ମନୋରଞ୍ଜନର ଆସର ଜମିଥାଏ। ରାତିରେ ବିଭିନ୍ନ ସ୍ଥାନରେ ଲୋକନୃତ୍ୟ, ଲୋକଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଶ ମୁଖରିତ ହୁଏ।

ପରମ୍ପରା ନୁହେଁ, ଏକ ଜୀବନଦର୍ଶନ

ନୂଆଁଖାଇର ସବୁଠାରୁ ବଡ଼ ବାର୍ତ୍ତା ହେଉଛି ଏକତାରେ ଶକ୍ତି, ସମ୍ପର୍କରେ ସ୍ନେହ ଏବଂ ମାଟି ପ୍ରତି କୃତଜ୍ଞତା। ଏହି ପର୍ବ ପ୍ରକୃତିକୁ ସମ୍ମାନ କରିବା ଶିଖାଏ, ଜ୍ୟେଷ୍ଠଙ୍କୁ ସମ୍ମାନ ଓ କନିଷ୍ଠଙ୍କୁ ସ୍ନେହ ଦେବାର ଶିକ୍ଷା ଦିଏ। ଏହା ପରିବାରକୁ ଏକାଠି କରେ, ଭାଇଚାରାକୁ ମଜବୁତ କରେ ଏବଂ ପୁରୁଣା ମନୋମାଳିନ୍ୟକୁ ଭୁଲି ନୂଆ ସମ୍ପର୍କର ଆରମ୍ଭ କରିବାର ସୁଯୋଗ ଦିଏ। ଚାଷୀର ଝାଳ, ମାଟିର ମହକ ଓ ନୂଆ ଅନ୍ନର ସୁଗନ୍ଧକୁ ନେଇ ଆସୁଥିବା ନୂଆଁଖାଇ ତେଣୁ କେବଳ ପେଟର ଭୋକ ମେଣ୍ଟାଇବାର ପର୍ବ ନୁହେଁ; ଏହା ମନକୁ ଯୋଡ଼ିବା, ସମ୍ପର୍କକୁ ସୁଦୃଢ଼ କରିବା ଓ ସମାଜକୁ ଏକତାର ସୂତ୍ରରେ ବାନ୍ଧିବାର ମହାପର୍ବ। ସମୟ ବଦଳୁଛି, ଜୀବନଶୈଳୀ ବଦଳୁଛି, ଲୋକେ ଜୀବିକା ପାଇଁ ଗାଁ ଛାଡ଼ି ବୃତ୍ତବୃତ୍ତାନ୍ତକୁ ଯାଉଛନ୍ତି। କିନ୍ତୁ ନୂଆଁଖାଇ ଆସିଲେ ମାଟିର ଡାକ ତାଙ୍କୁ ପୁଣି ନିଜ ଭିଟାମାଟିକୁ ଟାଣି ଆଣେ। ଏହି ହେଉଛି ନୂଆଁଖାଇର ଶକ୍ତି, ଏହାର ଭାବନା ଏବଂ ଏହାର ଅମର ପରମ୍ପରା।

ମିଳିଲାନି ଝଡ଼ବର୍ଷା କ୍ଷତିପୂରଣ: ରାଜରାସ୍ତାକୁ ଓହ୍ଲାଇଲେ କ୍ଷତିଗ୍ରସ୍ତ

ବରଗଡ଼(ଅମୃତ ମିଡିଆ): ବରଗଡ଼ ଜିଲାର ଚକରକେନ୍ଦ ଗ୍ରାମରେ ଗତ ଜୁଲାଇ ୨୮ ତାରିଖ ସାରେ ହୋଇଥିବା ଝଡ଼ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଘରଦ୍ୱାର ଭାଙ୍ଗିବା ସହିତ ଚାଷଜମି ପ୍ରଭାବିତ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ପ୍ରଭାବିତ ଲୋକଙ୍କୁ ଆଶାନୁରୂପ କ୍ଷତିପୂରଣ ମିଳି ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶନିବାର ପୂର୍ବାହ୍ନରେ କ୍ଷତିଗ୍ରସ୍ତ ଲୋକେ ୫୩ ନମ୍ବର ଜାତୀୟ ରାଜପଥର ଚକରକେନ୍ଦ ଛକରେ ରାଜପଥ ଅବରୋଧ ସହିତ କ୍ଷତିପୂରଣ ଦାବି କରିଛନ୍ତି। ଆନ୍ଦୋଳନ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଭାଗୀୟ ଅଧିକାରୀ ଏବଂ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ଜାରି ରଖିଛି।

୧୦.୯୩୦ କିଲୋ ଗଞ୍ଜେଇ ଜବତ : ଜଣେ ଗିରଫ

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ : ଗଞ୍ଜେଇ ଚାଲାଣ ବିରୋଧରେ ଖପ୍ରାଖୋଲ ପୋଲିସକୁ ବଡ଼ ସଫଳତା ମିଳିଛି । ଶୁକ୍ରବାର ଖପ୍ରାଖୋଲ-ଧଣ୍ଡାମୁଣ୍ଡା ରାସ୍ତାରେ ପେଟ୍ରୋଲିଂ ସମୟରେ ଜଣେ ଯୁବକଙ୍କଠାରୁ ୧୦ କିଲୋ ୯୩୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଚାଲାଣରେ ବ୍ୟବହୃତ ଏକ ମୋଟରସାଇକେଲ ଜବତ କରିଛି ପୋଲିସ । ପୋଲିସ ସୂଚନା ଅନୁଯାୟୀ, ଏସ୍‌ଆଇ ଲିଙ୍ଗରାଜ କିଷାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଧଣ୍ଡାମୁଣ୍ଡାରୁ ଗୁଣ୍ଡୁରୁପାଲି ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍‌କୁ ଅଟକାଇଥିଲା । ତଲାସି ବେଳେ ବାଇକ୍‌ର ଡିକି ଓ ସିଟ୍ ତଳୁ ଗଞ୍ଜେଇ ମିଳିଥିଲା । ଗିରଫ ଅଭିଯୁକ୍ତ କାଲେଶ୍ୱର ଜାଲ (୩୮), ସାନଉଡେନ ବୋଲି ଜଣାପଡ଼ିଛି । ଘଟଣାସ୍ଥଳରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ସୁନ୍ଦର ରାଉତରାୟ ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ରହି ଆଇନାନୁଯାୟୀ ଜବତ ପ୍ରକ୍ରିୟାର ତଦାରଖ କରିଥିଲେ । ଏନେଇ ଖପ୍ରାଖୋଲ ଥାନାରେ କେସ୍ ନଂ-୧୮୧/୨୦୨୬ରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି । ପୋଲିସର ପଚରାଉଚରାରୁ ଅଭିଯୁକ୍ତ ବାଲିଗୁଡ଼ା ଅଞ୍ଚଳରୁ ଗଞ୍ଜେଇ ଆଣି ଖପ୍ରାଖୋଲ ଓ ଲାଠୋର ଅଞ୍ଚଳରେ ଯୋଗାଣ କରୁଥିବା ଜଣାପଡ଼ିଛି । ଚାଲାଣ ଚକ୍ରରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ତଦନ୍ତ ଜାରି ରହିଛି । ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି । ତହସିଲଦାର ଆଦିତ୍ୟ ସୁନ୍ଦର ରାଉତରାୟ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରହି ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଛନ୍ତି ।

ଲାଠୋର ଥାନା ଅଞ୍ଚଳରେ ପୋଲିସର ଘନଘନ ଯାନବାହନ ଯାଞ୍ଚ

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ: ସାଧାରଣ ଲୋକଙ୍କ ସୁରକ୍ଷିତ ଓ ନିରାପଦ ଯାତାୟାତ ସୁନିଶ୍ଚିତ କରିବା ସହ ବେଆଇନ ସାମଗ୍ରୀ ପରିବହନ ଉପରେ ରୋକ ଲଗାଇବା ଉଦ୍ଦେଶ୍ୟରେ ଲାଠୋର ଥାନା ପୁଲିସ ପକ୍ଷରୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ନିୟମିତ ଭାବେ ଯାନବାହନ ଯାଞ୍ଚ ଓ ଚେକିଂ କରାଯାଉଛି । ଯାଞ୍ଚ ସମୟରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯାଇଛି । ବିଶେଷକରି ଯାତ୍ରୀଙ୍କୁ ନିର୍ଦ୍ଧାରିତ ସୀମାରୁ ଅଧିକ ବସାଇବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର, ହେଲମେଟ୍ ବ୍ୟବହାର ନକରିବା, ବେଆଇନ ଭାବେ ପାର୍କିଂ କରିବା ଭଳି ବିଭିନ୍ନ ନିୟମ ଉଲ୍ଲଂଘନ ନେଇ ଜରିମାନା ଆଦାୟ କରାଯାଇଛି । ପୁଲିସର ଏଭଳି ନିୟମିତ ଯାଞ୍ଚ ଫଳରେ ଟ୍ରାଫିକ ନିୟମ ପ୍ରତି ସଚେତନତା ବୃଦ୍ଧି ପାଇବା ସହ ଅବୈଧ ପରିବହନ ଉପରେ ମଧ୍ୟ ଅଙ୍କୁଶ ଲାଗିବ ବୋଲି ଆଶା କରାଯାଉଛି । ସଡ଼କ ସୁରକ୍ଷା ଓ ଜନସାଧାରଣଙ୍କ ନିରାପଦ ଯାତାୟାତ ପାଇଁ ଏଭଳି ଯାଞ୍ଚ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଲାଠୋର ଥାନାଧିକାରୀ ଅଭିନାଶ ପଧାନ ସୂଚନା ଦେଇଛନ୍ତି ।

ପୋଲିସର ବଡ଼ ଧରଣର ଚଢ଼ଉ

୨୦ କୁଇଣ୍ଟାଲ ଗଞ୍ଜେଇ ଜବତ,୪ ଗିରଫ

ଭବାନୀପାଟଣା(ଅମୃତ ମିଡିଆ): କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ମୋହନଗିରି ଫାଣ୍ଡି ଅନ୍ତର୍ଗତ ଜାମୁଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ବେଆଇନ ଗଞ୍ଜେଇ ରଖାଯାଇଥିବା ଖବର ପାଇ ସ୍ଥାନୀୟ ପୋଲିସ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ଏହି ସମୟରେ ପୋଲିସ ଜଙ୍ଗଲ ଭିତରେ ଲୁଚାଇ ରଖାଯାଇଥିବା ୧୬୦ଟି ଜରି (ପଲିଥିନ) ପ୍ୟାକେଟ୍ ଗଞ୍ଜେଇ ଜବତ କରିଥିଲା। ଯାହାର ମୋଟ ଓଜନ ପ୍ରାୟ ୨୦.୮୦ କୁଇଣ୍ଟାଲ ବୋଲି ଜଣାପଡିଛି। ମିଳିଛି। ଏହି ଘଟଣାରେ ସଂପୃକ୍ତ ଥିବା ଜାମୁଲି ଗ୍ରାମର ଗଲନା ମାଝୀ (୩୫), କିଜୁ ମାଝୀ (୬୨), ଡେଡ୍‌ସୁଲି ଗ୍ରାମର ନାଇବ ହରିଜନ (୨୮) ଓ ଜିମେନ୍ଦ୍ର ହରିଜନ (୫୭)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଏମ.ରାମପୁର ଥାନାରେ ଏକ ମାମଲା ନଂ(୨୨୧/୨୦୨୬) ରୁଜୁ ହୋଇଛି।

ବୌଦ୍ଧମାର୍ଗ ଲାଇଭଲୀହୁଡ୍ ଫାଉଣ୍ଡେସନ୍ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ

ବଙ୍ଗୋମୁଣ୍ଡା(ଅମୃତ ମିଡିଆ): ବଲାଙ୍ଗୀର ଜିଲ୍ଲା ଦେଓଗାଁ ଠାରେ ବୌଦ୍ଧମାର୍ଗ ଲାଇଭଲୀହୁଡ୍ ଫାଉଣ୍ଡେସନ୍ ପକ୍ଷରୁ ଭକ୍ତି ଓ ଉତ୍ସାହର ସହିତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବୌଦ୍ଧମାର୍ଗର ନିର୍ଦ୍ଦେଶକ ତଥା ସହ-ପ୍ରତିଷ୍ଠାତା ଶ୍ରୀ ବଲଦେବ ବାଗ, ରାଜକିଶୋର ଥାପା, ରୁଦ୍ରାକ୍ଷ ଥାପା, ରୂପାଧର ଥାପା, ମନୋହର ଥପା, ବିଶମ୍ବର ଥାପା ସମେତ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ଉତ୍ସବ ଅବସରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମତିଥିକୁ ଶ୍ରଦ୍ଧା ଓ ଆନନ୍ଦର ସହ ପାଳନ କରାଯିବା ସହ ପ୍ରେମ, ଶାନ୍ତି, ସମନ୍ୱୟ ଓ ଭାଇଚାରାର ବାର୍ତ୍ତା ପ୍ରଦାନ କରାଯାଇଥିଲା।ବୌଦ୍ଧମାର୍ଗ ଲାଇଭଲିହୁଡ୍ ଫାଉଣ୍ଡେସନ୍ ପକ୍ଷରୁ ମହିଳା ସଶକ୍ତିକରଣ, କୃଷକ ସହାୟତା ଏବଂ ସୁଦୃଢ଼ ସମାଜ ଗଠନ ଦିଗରେ କାର୍ଯ୍ୟ କରାଯାଉଥିବା ବେଳେ, ଏଭଳି ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ଏକତା ଓ ସହଯୋଗର ଭାବନା ବୃଦ୍ଧି କରିବାକୁ ପ୍ରୟାସ କରାଯାଉଛି।"ଏକାଠି ଉତ୍ସବ ପାଳନ, ଉତ୍ତମ ଆଗାମୀ ଗଠନ" ବାର୍ତ୍ତା ସହିତ କାର୍ଯ୍ୟକ୍ରମର ସମାପନ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମାନେ ସାମିଲ ହୋଇଥିଲେ ।

ବାଇକ୍ ଦୁର୍ଘଟଣାରେ ୨ ମୃତ

ବରଗଡ଼(ଅମୃତ ମିଡିଆ): ବରଗଡ଼ ଜିଲା ଭଟ୍‌ଲି ଥାନା ଅନ୍ତର୍ଗତ ମେଣ୍ଢାପାଲି ବନଦୁର୍ଗା ମନ୍ଦିର ନିକଟସ୍ଥ ବୁଲାଣିରେ ଏକ ପିକ୍‌ଅପ ଭ୍ୟାନ (ନଂ-ଓଡି ୧୫ଏଡି ୭୮୯୨) ଅନ୍ୟ ଏକ ବାଇକକୁ ଧକ୍କା ଦେବାରୁ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ବରଗଡ଼ ସଦର ଥାନା ଅନ୍ତର୍ଗତ ବାଲିଜୁରି ଗ୍ରାମର ସୁନୀଲ ମହାନନ୍ଦ ଏବଂ ଅମ୍ବାଭୋନା ଥାନା ଲଖନପୁର ଗ୍ରାମର କାଳିଆ ଓରଫ ଉପେନ୍ଦ୍ର ପଧାନ। ସୂଚନା ଅନୁଯାୟୀ, ମୃତ ସୁନୀଲ ପ୍ରାୟ ଏକ ମାସ ହେବ ଲଖନପୁରରେ ରହି ଦିନ ମଜୁରିଆ କାମ କରୁଥିଲେ। ସେ କୌଣସି କାମ ପାଇଁ ମଧ୍ୟାହ୍ନରେ ଲଖନପୁର ଗ୍ରାମର କାଳିଆଙ୍କୁ ଏକ ବାଇକରେ ପଛପଟେ ବସାଇ ନିଜ ଗ୍ରାମ ବରଗଡ଼ ବାଲିଜୁରି ପଟକୁ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତ ଉପେନ୍ଦ୍ରଙ୍କ ଚକ୍ଷୁ ପରିବାର ଲୋକେ ଦାନ କରିଥିଲେ। ଭଟ୍‌ଲି ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

ପୁଣି ଦାଦନ ଦୁଃଖ : କେରଳରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ



କଳାହାଣ୍ଡି(ଅମୃତ ମିଡିଆ): ପୁଣି ଦାଦନ ଦୁଃଖ । ପରିବାର ପ୍ରତିପୋଷଣ କରିବା ପାଇଁ ଯାଇ ଶବ ହୋଇ ଫେରିଲେ । ଏଭଳି ଦୁଃଖଦ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲାରେ । ସୂଚନା ଅନୁସାରେ, କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦା ଗଡ଼ ଗାଁକୁ ଫେରୁଛି ଦାଦନ ଶ୍ରମିକଙ୍କ ମୃତ ଦେହ । ମୃତ ଶ୍ରମିକ ଜଣକ ହେଉଛନ୍ତି କନ୍ଦା ଗଡ଼ ଗ୍ରାମର କରୁଣା ମାଝୀ । କରୁଣା ମାଝୀଙ୍କ ପରିବାରର ଆର୍ଥିକ ଅବସ୍ଥା ସେତେ ଭଲ ନଥିଲା । ତେଣୁ ପରିବାର ପ୍ରତିପୋଷଣ ପାଇଁ କାମ କରିବା ପାଇଁ ତିନି ସପ୍ତାହ ହେଲା କେରଳ ଯାଇ ଥିଲେ । ସେଠାରେ ବୁଧବାର ଦିନ ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇ ଥିବା ଜଣା ପଡିଛି । ଆଜି ତାଙ୍କର ମୃତ ଦେହ ଗାଁକୁ ଫେରୁଛି ।

ଚଳନା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳନ

ସିନାପାଲି(ଅମୃତ ମିଡିଆ): ସିନାପାଲି ବ୍ଲକ ଅନ୍ତର୍ଗତ ଚଳନା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶନିବାର ଗୁରୁଦିବସ ପାଳନ କରାଯାଇଛି । ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଯୋଷୀଙ୍କ ସଭାପତିତ୍ୱରେ ଏନେଇ ଅନୁଷ୍ଠିତ ସଭାରେ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟୁତ ଖମାରୀ ଓ ସାରଙ୍ଗପାଣି ଦଣ୍ଡସେନାଙ୍କ ସହ ସ୍କୁଲ ପରିଚାଳନା କମିଟିର ସଭାପତି ଅରୁଣ ନିଆଲ ଯୋଗଦେଇଥିଲେ । ଅତିଥିଙ୍କ ସମେତ ମଂଚାସୀନ ଶିକ୍ଷକ ଶିକ୍ଷୟିତ୍ରୀ ମମିତା ପଟ୍ଟଯୋଶୀ, ବୈଷ୍ଣବ ମେହେର, ସୁମିତ୍ରା ମେହେର, ଉଗ୍ରସେନ ହଂସ ଗୁରୁଦିବସର ମହତ୍ୱ ଏବଂ ଗୁରୁଶିଷ୍ୟଙ୍କ ନିସ୍ୱାର୍ଥପର ସମ୍ପର୍କ ବିଷୟରେ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଶୃଙ୍ଖଳିତ ଆଚରଣ ନିମନ୍ତେ ଏ ଅବସରରେ ଚତୁର୍ଥ ଶ୍ରେଣୀର ଆକୃତି ବାଗ, ପଞ୍ଚମର ଯାଜ୍ଞସେନୀ ମଶ୍ରା, ଷଷ୍ଠର ପ୍ରିନ୍ସ ବିଶି, ସପ୍ତମର ସଂଘମିତ୍ରା ନାୟକ, ଅଷ୍ଟମର ନିରୁପମା ମଶ୍ରା ଓ ଶୃଙ୍ଖଳିତ ଶ୍ରେଣୀ ଭାବର

ସମ୍ପାଦକୀୟ...

ମଧ୍ୟସ୍ଥତା କରିବ ଭାରତ

ଭାରତ ଏବେ ଯୁଦ୍ଧ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛି। ଏପରି କହିଲେ କଥାଟା ପୂରା ବୁଝାପଡ଼ିବନି। ଆଉ ଅଧାପନ୍ତରିଆ କଥାରେ କୌଣସି କାମ ପୂରା ହେବନି ଏବଂ କୌଣସି କାମରେ ପୂର୍ଣ୍ଣତା ପାଇଁ ଆମକୁ ସ୍ପଷ୍ଟ କଥା କହିବାକୁ ପଡ଼ିବ ଏବଂ ସ୍ପଷ୍ଟ କଥା ହିଁ ସ୍ପଷ୍ଟ ବାର୍ତ୍ତା ବହନ କରେ। କୌଣସି ବି ସ୍ପଷ୍ଟ ବାର୍ତ୍ତାରେ କାର୍ଯ୍ୟ ପ୍ରଣାଳୀ ମଧ୍ୟ ସ୍ପଷ୍ଟ ହେବାର ସମ୍ଭାବନା ଭରି ରହିଥାଏ। ଏବେ ସେହିଭଳି ଏକ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ଏସ୍ ଜୟଶଙ୍କର..ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ। ଜୟଶଙ୍କର ଏବେ କିଭ୍ ଗସ୍ତରେ ଅଛନ୍ତି। ସେହି ସମୟରେ ସେ ପୋଲାଣ୍ଡ ଗସ୍ତରେ ମଧ୍ୟ ଯିବାର ସମ୍ଭାବନା ରହିଛି। ତେବେ ୟୁକ୍ରେନ୍‌ର ରାଷ୍ଟ୍ରପତି ବୋଲ୍‌ଡିମୀର ଜେଲେନସ୍କୀଙ୍କ ସହିତ ସାକ୍ଷାତ୍ ଆଲୋଚନା ସମୟରେ ଭାରତର ବିଦେଶ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟସ୍ଥତା କରିବା ପାଇଁ ମନସ୍ଥ କରିଛନ୍ତି। ତେବେ ଭାରତରେ ବି ଭରପୂର ସମସ୍ୟା। ସେଭଳି ସ୍ଥିତିରେ ବିଦେଶ ବ୍ୟାପାର ମନ୍ତ୍ରୀଙ୍କ ପରକଥାରେ ମୁଣ୍ଡ ଖେଳାଇବା କେତେଦୂର ସମୀଚିନ, ତାହା କିଛି ଭିନ୍ନ କଥା ତେବେ ନିଜ ବିଭାଗର ଦାୟିତ୍ୱ ଅନୁସାରେ, ଆପଣା ବିଭାଗର ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବା ପାଇଁ ଏସ୍ ଜୟଶଙ୍କର ତାଙ୍କର କିଛି ପ୍ରଭାବୀ ପଦକ୍ଷେପ ନେବାକୁ ଯାଇ , କିଛି ଅଭିଜ୍ଞତାସମ୍ପନ୍ନ ପଦକ୍ଷେପ ନେନାକୁ ଯାଇ ତାଙ୍କର କିବ୍ ଗସ୍ତ କାଳରେ ସେ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହିତ ଦୀର୍ଘ ସମୟ ଧରି ସେ ଯେଉଁ ସ୍ୱତନ୍ତ୍ର ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି .. ସେଥିରେ ସ୍ଥାନ ପାଇଛି ସମୟର ଅତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯାହାକି ୟୁକ୍ରେନ୍ -ରୁଷିଆ ଯୁଦ୍ଧ ପ୍ରସଙ୍ଗ। ଜୟଶଙ୍କର କାଳେ ଯୁଦ୍ଧ ବନ୍ଦ କରିବା ନେଇ ଜେଲେନସ୍କୀଙ୍କୁ କିଛି ସଙ୍କେତ ଦେଇଛନ୍ତି। ବିଶ୍ୱର ଦୁଇ ସତ୍ତେନଧର୍ମୀ ଏବଂ ସଶକ୍ତ ରାଷ୍ଟ୍ର ଯେଉଁମାନେ ଅତୀତରେ କେବେ ଏକ ଥିଲେ, ଅତୀତର ସେହି ହୃତ ଗୌରବକୁ ଫେରାଇ ଆଣିବା ପରିବର୍ତ୍ତେ ଉଭୟ କିନ୍ତୁ ଲାଗି ଯାଇଛନ୍ତି ପରସ୍ପର ବିରୋଧରେ। ଏବେ କିନ୍ତୁ ସେମାନେ ପାଲଟି ଯାଇଛନ୍ତି ପରସ୍ପରର କଟ୍ଟର ବିରୋଧୀ। ଫେବ୍ରୁଆରୀ ୨୦୨୩ରୁ ମାତିଛନ୍ତି ସେମାନେ ପରସ୍ପର ବିରୋଧରେ ଏକ ଲମ୍ବା ଯୁଦ୍ଧରେ । ବାସ୍ତବରେ ୨୦୧୪ ଫେବ୍ରୁଆରୀ ମାସରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ପରବର୍ତ୍ତୀ ସମୟରେ ୨୦୨୨ ଫେବ୍ରୁଆରୀ ମାସରୁ କିନ୍ତୁ ନେଇଥିଲା ଏକ ଭିନ୍ନ ମୋଡ଼ । ୟୁକ୍ରେନର ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ରୁଷିଆ କବ୍‌ଜା କରିବା ଚକ୍ଷୁରରେ ୟୁକ୍ରେନ୍ ସହିତ ଆରମ୍ଭ କରିଦେଇଥିଲା ଏକ ଲମ୍ବାଯୁଦ୍ଧ ଯାହା ଆଜି ପର୍ଯ୍ୟନ୍ତ ଚାଲିଛି ଅତି ସୁରୁଖୁରୁରେ । କହିବାକୁ ଅତି ଲାଜ ଲଗୁଛି, ଶୁଣିବାକୁ ମଧ୍ୟ ଅତି ଖରାପ୍ ଲାଗୁଛି ଯେ ତୁଳନାତ୍ମକ ଭାବେ ୟୁକ୍ରେନ୍ ଭଳି ଏକ ଅପେକ୍ଷାକୃତ ଦୁର୍ବଳ ରାଷ୍ଟ୍ର କେତେ ସାହସର ସହିତ ରୁଷିଆ ସହିତ ଲଢ଼େଇ କରୁଛି ଯାହା ଆଜିକୁ ପ୍ରାୟ ଚାରି ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଛି ଏବଂ ଯାହାକି ବନ୍ଦ ହେବାର ନାମ ଧରୁନି । ଯାହଜ ଆଶ୍ଚର୍ଯ୍ୟ ଲାଗିଲେ ବି ସତ ଚ୍ କାରଣ ୟୁକ୍ରେନ୍ ପକ୍ଷରେ ରହିଛି ନାଟୋ ଯାହାକି ପକ୍ଷରେ ରହି ପରୋକ୍ଷରେ କିନ୍ତୁ ପୂର୍ଣ୍ଣ ସମର୍ଥନ କରୁଛି ୟୁକ୍ରେନକୁ ସେଥିପାଇଁ ଏମିତି ଛାତି ଫୁଲାଇ,ଗୋଡ଼କୁ ବାଢ଼େଇ ନାଚୁଛି। ନଚେତ୍ ୟୁକ୍ରେନକୁ ସାବାଡ଼ କରିବା ପାଇଁ ବେଶି ସମୟ ଲାଗନ୍ତାନି ରୁଷିଆକୁ । ଏଭଳି ସ୍ଥିତିରେ ଭାରତ ପୁଣି ମନସ୍ଥ କରିଛି ମଧ୍ୟସ୍ଥତା କରିବା ପାଇଁ। ଉଭୟଙ୍କ ମଧ୍ୟରେ ଯୁଦ୍ଧ ବନ୍ଦ ନେଇ କିଛି ସମାଧାନର ବାଟ ବାହାର କରିବା ପାଇଁ । କେବେ କେବେ ପ୍ରଧାନମନ୍ତ୍ରୀ ମୋଦିଜୀ ମଧ୍ୟ ତାଙ୍କର ଅତି ଘନିଷ୍ଠ ବନ୍ଧୁ ପୁଟିନଙ୍କ ପାଖକୁ ଯାଇ ଟିକେ ରୁଷିଆ ବୁଲି ଆସନ୍ତି। ତାଙ୍କର ବି ଦେହି ଇଚ୍ଛା ଥାଏ। ସେ ବି ଭାବନ୍ତି କାଳେ ରୁଷିଆ-ୟୁକ୍ରେନ ଯୁଦ୍ଧରେ କିଛି ସମାଧାନର ବାଟ ସେ ବାହାର କରିଦେଇପାରିବେ। ହେଲେ ସେ ବି ସଫଳ ହୋଇପାରି ନାହାଁନ୍ତି ଆଜିପର୍ଯ୍ୟନ୍ତ ଯଦିଓ ସେ ବିଗତ ବର୍ଷ ମଧ୍ୟରେ ଅନେକ ଥର ଯାଇ ରୁଷିଆ ବୁଲି ଆସିଲେଣି। ଅଥଚ ସେ ବି ଫେଲ୍ ମାରିଛନ୍ତି ଯୁଦ୍ଧ ବନ୍ଦ କରିବାରେ । ଯଦି ମୋଦୀ ମାଷ୍ଟର ଫେଲ୍ , ଯଦି ମୋଦୀ ପଲିସୀ ଫେଲ୍ ତେବେ ପାସ୍ କରିବେ କେମିତି ଏସ୍ ଜୟଶଙ୍କର ? ବର୍ତ୍ତମାନର ମଧ୍ୟସ୍ଥତା ପରୀକ୍ଷାରେ। ନଚେତ୍ ଅତୀତରେ ପାକିସ୍ତାନ ଭଳି ଉପରେ ପଡ଼ି ଉଭୟଙ୍କ ଯୁଦ୍ଧରେ ମଧ୍ୟସ୍ଥତା କରିବା ହୋଇପାରେ ଲଜ୍ଜାର ବିଷୟ।

ଜ୍ଞାନାମୃତ

ବିଶ୍ୱାସ ମୂଳେ ଭଗବାନ

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖ୍ୟାତି ଧୀରେ ଧୀରେ ବଢ଼ିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି। ପତ୍ନୀଙ୍କ୍ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉଜା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚୁବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରନ୍ତେ ସେହି ମହିଳା ବାବାଙ୍କ୍ ଉପରେ ତାଙ୍କର ଅଗାଧ ବିଶ୍ୱାସ ଥିବା କଥା ସୂଚାଇଦେଲେ। ଯାହାକି ବାବାଙ୍କ ଉପରେ ତାଙ୍କର ଶେଷ ବିଶ୍ୱାସ ଥିବା କଥା ସୂଚାଇଦେଲା।

ଶ୍ରୀକୃଷ୍ଣ ଅବତାର ଓ ଭଗବତ୍ ଗୀତା

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଶ୍ରୀକୃଷ୍ଣ ଅବତାରର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଭଗବତ୍ ଗୀତା। ମାନବ ଜାତିର ସାହିତ୍ୟ ଏବଂ ଆଧ୍ୟାତ୍ମିକ କ୍ଷେତ୍ରକୁ ଭଗବତ ଗୀତା ହେଉଛି ପ୍ରଭୁଙ୍କର ସର୍ବଶ୍ରେଷ୍ଠ ଅବଦାନ। ମାନବର ସବୁ ଯନ୍ତ୍ରଣାର ମୂଳରେ ରହିଛି କାମନା। ସବୁ ଯୁଗରେ ମଣିଷ ମଧ୍ୟରେ ଏହି ମୌଳିକ ଗୁଣଟି ରହିଆସିଛି। ଧନ, ସଂପଦ, କ୍ଷମତା, ନାମ, ଯଶ, ସୌନ୍ଦର୍ଯ୍ୟ ଏବଂ ଶକ୍ତି ହାସଲ କରିବାକୁ ଧାଇଁବା ହେଉଛି ମଣିଷର ଏକ ସାଧାରଣ ଗୁଣ। ଭଗବତ ଗୀତାରେ ଶ୍ରୀକୃଷ୍ଣ କିନ୍ତୁ ଏହି ସବୁ ମନୋଲୋଭାକାରୀ ଗୁଣ ପ୍ରତି ସାବଧାନ ରହିବାକୁ ପରାମର୍ଶ ଦେଇଛନ୍ତି। ଏହା ପଛରେ ଧାଇଁଲେ ଯେଉଁ ଫଳ ମିଳେ ତାହା କ୍ଷଣସ୍ଥାୟୀ ଏବଂ ବାରମ୍ବାର ଏହା ବ୍ୟକ୍ତିକୁ ସଂସାର ଚକ୍ରକୁ ଟାଣିଆଣେ। କେବଳ ନିଷ୍କାମ ଭାବେ କର୍ମ କରିଗଲେ ସଂସାର ଚକ୍ରରୁ ମୁକ୍ତି ମିଳେ ବୋଲି ଭଗବତ ଗୀତା ମାଧ୍ୟମରେ ସାରା ସଂସାରକୁ ସେ ବାର୍ତ୍ତା ଦେଇଯାଇଛନ୍ତି। ନରଲୋକରେ ଜନ୍ମ ହେବା ଫଳରେ ପ୍ରଭୁଙ୍କୁ କର୍ମଫଳ ଭୋଗ କରିବାକୁ ପଡ଼ିଛି। ଧର୍ମ ସଂସ୍ଥାପନ ନିମନ୍ତେ ତାଙ୍କୁ ଅନେକଙ୍କୁ ନିଧନ କରିବାକୁ ପଡ଼ିଛି। ଧର୍ମର ମାପଦଣ୍ଡରେ ଦେଖିଲେ ଯେଉଁମାନେ ଶ୍ରୀକୃଷ୍ଣଙ୍କ ହାତରେ ନିହତ ହୋଇଛନ୍ତି ସେମାନେ ପାପୀ, କିନ୍ତୁ ଅନ୍ୟ ଏକ ମାପଦଣ୍ଡରେ ତଉଲିଲେ ସେମାନେ ମଧ୍ୟ କାହାର ପୁତ୍ର, ପିତା, ସ୍ୱାମୀ ଏବଂ ଭାଇ। ତେଣୁ ଯେଉଁମାନେ ନିଜର ଲୋକଙ୍କୁ ହରାଇଲେ ସେମାନଙ୍କ ଅଭିଶାପ ପ୍ରଭୁଙ୍କୁ ଭୋଗିବାକୁ ପଡ଼ିଛି। ଏହା କରିବା ଦ୍ୱାରା ପ୍ରଭୁ ନ୍ୟାୟ ଉପରେ ଆସ୍ଥା ସ୍ଥାପନ କରାଇଛନ୍ତି। ଅନେକଙ୍କ ମନରେ ପ୍ରଶ୍ନ ଉଠିପାରେ ଯେ ମହାଭାରତ ଯୁଦ୍ଧରେ ପ୍ରଭୁ କାହିଁକି କୌରବମାନଙ୍କୁ ସମର୍ଥନ ନକରି ପାଣ୍ଡବମାନଙ୍କୁ ସମର୍ଥନ କଲେ। ଏହାର କାରଣ ହେଉଛି ପାଣ୍ଡବମାନେ ପରିବର୍ତ୍ତନକୁ ଗ୍ରହଣ କରିବା ନିମନ୍ତେ ଆଗେଇ ଆସିଲେ। ସେମାନଙ୍କ ମଧ୍ୟରେ ଥିବା ଉତ୍ତମ ଗୁଣର ଉନ୍ମେଷ କରିବା ସେମାନେ ଚାହିଁଲେ। ତେଣୁ ସେମାନଙ୍କୁ ରାଜ୍ୟ ହରାଇବାକୁ ପଡ଼ିଲା। ବନବାସ କରିବାକୁ ହେଲା। ନିଜର ଜ୍ଞାତିଙ୍କୁ ହତ୍ୟା କରିବାକୁ ହେଲା। ଏପରିକି ନିଜର ସନ୍ତାନମାନଙ୍କୁ ମଧ୍ୟ ହରାଇବାକୁ ପଡ଼ିଲା। ଅନ୍ୟପକ୍ଷରେ କୌରବମାନେ ନିଜର କ୍ଷମତାକୁ ଜାବୋଡ଼ି ଧରି ରାଜଧାନୀରେ ଆଧିପତ୍ୟ ବିସ୍ତାର କରି ରହିଲେ। ଠିକ୍ ଯେପରି କୁକୁର ଖଣ୍ଡେ ହାଡ଼କୁ ଜାବୋଡ଼ି ଧରିଥାଏ। ପରିବର୍ତ୍ତନ ଗ୍ରହଣ କରିବାକୁ ସେମାନେ ରାଜି ହେଲେ ନାହିଁ। ତେଣୁ କିଛି ଶିକ୍ଷା ଲାଭ ନକରି ସେମାନେ ମୃତ୍ୟୁମୁଖରେ ପଡ଼ିଲେ। ମହାଭାରତରେ ଶ୍ରୀକୃଷ୍ଣ ହେଉଛନ୍ତି ଗୁରୁ। କେଉଁ ଶିକ୍ଷା ଗ୍ରହଣ କରାଯିବ ବା କରାଯିବ ନାହିଁ ତାହା ଶିଷ୍ୟ ଉପରେ ନିର୍ଭର କରେ। ଏହା ମାଧ୍ୟମରେ ମାନବ ସମାଜକୁ ପ୍ରଭୁ ମଧ୍ୟ ବାର୍ତ୍ତା ଦେଇଛନ୍ତି ଯେ ପରିବର୍ତ୍ତନକୁ ସ୍ୱାଗତ କଲେ ସଂସାରରେ ତିଷ୍ଠି ହେବ। ପରିବର୍ତ୍ତନକୁ ପ୍ରତିରୋଧ କଲେ ନିଧନ ନିଶ୍ଚିତ।

କଂସର କାରାଗାରରେ କୃଷ୍ଣ ଜନ୍ମ ନେବା ବେଳେ ତିନି ଲୋକରେ ଆନନ୍ଦର ହିଲ୍ଲୋଳ ସୃଷ୍ଟି ହୋଇଥିବା ବେଳେ କଂସପରି ପାପାତ୍ମାମାନେ ଭୟରେ ବାଚାଳ ହୋଇପଡ଼ିଲେ। ତେବେ ସେମାନେ ଏହି ବାଚାଳତା ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ସବୁବେଳେ ନିଜର ମାନସ ଚକ୍ଷୁରେ ଦର୍ଶନ କଲେ, ଯାହାକୁ କି ଦର୍ଶନ କରିବା ଜଣେ ତପସ୍ୱୀ ପକ୍ଷରେ ସଂଭବ ହୋଇନଥାଏ। ଭୟରେ କଂସକୁ ସାରା ସଂସାର କୃଷ୍ଣମୟ ଦେଖାଗଲା। କଂସର ଚିନ୍ତା, କାର୍ଯ୍ୟ ଏବଂ ଭାବନା ସବୁଠାରେ କୃଷ୍ଣ ଦେଖାଗଲେ। ପାପାତ୍ମା କଂସର ଏହି ମାର୍ଗରେ ଯାଇ ଶ୍ରୀକୃଷ୍ଣଙ୍କୁ ଦର୍ଶନ କଲେ। ତେଣୁ ବିଭିନ୍ନ ମାର୍ଗରେ ଗଲେ ମଧ୍ୟ ପରମବ୍ରହ୍ମ ଶ୍ରୀକୃଷ୍ଣଙ୍କ ସାନ୍ନିଧ୍ୟ ଲାଭ ସହିତ ତାଙ୍କର ଦର୍ଶନ କରିହୁଏ। ଶତ୍ରୁ ଭାବେ ଶିଶୁପାଳ ତାଙ୍କୁ ଲାଭ କରିଥିବା ବେଳେ କଂସ ଭୟରେ ଲାଭ କରିଥିଲେ। ସେହିପରି ଗୋପୀମାନେ ତାଙ୍କୁ ପ୍ରେମକରି ଲାଭ କରିଥିବା ବେଳେ ପାଣ୍ଡବମାନେ ଭଲପାଇ, ଦ୍ରୌପଦୀ ସଖାଭାବେ, ଯାଦବମାନେ ବନ୍ଧୁଭାବେ ଏବଂ ତପସ୍ୱୀମାନେ ଭକ୍ତି ଭାବ ନେଇ ପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରିଛନ୍ତି।

ଏହା ସତ୍ୟ ଯେ ପରଂବ୍ରହ୍ମଙ୍କ ପାଦପଦ୍ମରେ ଲୀନ ହୋଇଯିବାପାଇଁ ସବୁ ଜୀବାତ୍ମା ଅଭିଳାଷ ରଖି ସଂସାର ସାଗରରେ ପହଁରି ଚାଲିଛନ୍ତି। ହେନ୍ତାଳ ଗଛ ଯେପରି ଆପେ ଆପେ ନିଜର ମୂଳ ସହିତ ଲାଗିରହେ, ଲୁହା ଚୁମ୍ବକ ଆଡ଼କୁ ଆକର୍ଷିତ ହୋଇଯାଏ, ଲତା ସାହାରା ପାଇଲେ ମାଡ଼ିଯାଏ ଏବଂ ନଦୀ ସମୁଦ୍ରରେ ମିଶିବାକୁ ଧାଇଁଥାଏ ଠିକ୍ ସେହିପରି ପରମାତ୍ମାଙ୍କ ସହିତ ମିଳିତ ହେବାପାଇଁ ଜୀବାତ୍ମା ଅହରହ ସଂଗ୍ରାମ କରିଚାଲିଛି। ଜୀବାତ୍ମାର ମୁକ୍ତି ନିମନ୍ତେ ପରମାତ୍ମା ମଧ୍ୟ ବିଭିନ୍ନ ସମୟରେ ଧରାରେ ଅବତାର ଗ୍ରହଣ କରୁଛନ୍ତି। ଶ୍ରୀକୃଷ୍ଣ ଅବତାରରେ ପ୍ରଭୁ ଉଭୟ ପ୍ରବୃତ୍ତି ଏବଂ ନିବୃତ୍ତି ମାର୍ଗକୁ ଗ୍ରହଣ କରିଛନ୍ତି। ଶ୍ରୀରାମ ଅବତାରରେ ସେ ନୀତି, ଆଦର୍ଶ, ତ୍ୟାଗ ଆଦିର ପ୍ରତୀକ ହୋଇଥିବା ବେଳେ ଶ୍ରୀକୃଷ୍ଣ ଅବତାରରେ ପ୍ରାଚୁର୍ଯ୍ୟ, କ୍ଷମତା ଏବଂ ଉପଭୋଗର ପ୍ରତୀକ ହୋଇଛନ୍ତି। ସଂସାରରେ ଥିବା ପର୍ଯ୍ୟନ୍ତ ସେ ପ୍ରବୃତ୍ତିମାର୍ଗକୁ ଗ୍ରହଣ କରିଛନ୍ତି, କିନ୍ତୁ ସଂସାର ତ୍ୟାଗ କଲାବେଳେ ନିବୃତ୍ତି ମାର୍ଗକୁ ଆପଣେଇଛନ୍ତି। ସେ ଶିମିଳି ଲତାର ଦୋଳିରେ ବସିଥିବା ବେଳେ ଜାରା ଶବରର ତୀର ତାଙ୍କ ବାମପାଦର ଗୋଇଠିରେ ବିଦ୍ଧ ହୋଇଥିଲା। ସବୁବେଳେ ଶ୍ରୀକୃଷ୍ଣ ତ୍ରିଭଙ୍ଗ ଠାଣିରେ ବଂଶୀବାଦନ କଲାବେଳେ ବାମପାଦ ଭୂମିରେ ରଖି ଦକ୍ଷିଣପାଦକୁ ଟେକି ଥାଆନ୍ତି। ବାମପାଦ ହେଉଛି ସଂପତ୍ତିର ପ୍ରତୀକ ଏବଂ ଦକ୍ଷିଣପାଦ ହେଉଛି ଆଧ୍ୟାତ୍ମିକତାର ପ୍ରତୀକ। ତ୍ରିଭଙ୍ଗ ଠାଣିରେ ଶ୍ରୀକୃଷ୍ଣ ଠିଆ ହେବା ବେଳେ ଉଭୟ ଦକ୍ଷିଣ ଏବଂ ବାମପାଦକୁ ଭୂମି ଉପରେ ଭଲଭାବେ ରଖିଥାଆନ୍ତି। ତେଣୁ ଉଭୟ ଉପରେ ତାଙ୍କର ନିୟନ୍ତ୍ରଣ ରହିଛି ବୋଲି ଏହାଦ୍ୱାରା ସେ ଜଗତକୁ ଦେଖାଇବାକୁ ଚାହୁଁଥିଲେ। ମୃତ୍ୟୁ ସମୟରେ ଶିମିଳି ଲତାରେ ବସିଥିବା ବେଳେ ପ୍ରଭୁ ନିଜର ଡାହାଣ ପାଦ ଭୂମି ଉପରେ ରଖି ତାହା ଉପରେ ବାମପାଦ ଉପରେ ରଖିଥିଲେ।

ଅର୍ଥାତ୍ ଭୂଲୋକ ତ୍ୟାଗ କଲାବେଳେ ସେ ପ୍ରବୃତ୍ତି ମାର୍ଗକୁ ତ୍ୟାଗ କରିଗଲେ। ଏହାଦ୍ୱାରା ସେ କଳିଯୁଗର ନାଗରିକମାନଙ୍କୁ ମାର୍ଗ ଦର୍ଶନ କରାଇଦେଲେ ଯେ କେବଳ ନିବୃତ୍ତି ମାର୍ଗରେ ମୁକ୍ତି ମିଳିବ। ପ୍ରବୃତ୍ତି ମାର୍ଗରେ ଧାଇଁଲେ ବିନାଶ ଏବଂ ପୁଣି ସଂସାର ଚକ୍ରକୁ ପ୍ରତ୍ୟାବର୍ତ୍ତନ ଲାଗିରହିବ। ଭାରତ ବର୍ଷର ବିଭିନ୍ନ ସ୍ଥାନରେ ଗୋପାଳଙ୍କ ପୂଜା ସହିତ ତାହା ପରଦିନ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦ୍ୱାପରରେ ଶ୍ରୀକୃଷ୍ଣ ଯେପରି ମୁକ୍ତି ନିମନ୍ତେ ପ୍ରେମ ମାର୍ଗର ପ୍ରଚାର କରିଯାଇଛନ୍ତି ଶ୍ରୀ ଶ୍ରୀ ଠାକୁର ମଧ୍ୟ ଠିକ୍ ସେହିପରି ମୁକ୍ତି ନିମନ୍ତେ ଶ୍ରଦ୍ଧାର ବାର୍ତ୍ତା ପ୍ରଦାନ କରିଯାଇଛନ୍ତି। ଜନ୍ମାଷ୍ଟମୀରେ ନାମ ଜପ ସହିତ ଅନ୍ନଦାନ କଲେ ମହାପୁଣ୍ୟ ଲାଭ ହୋଇଥାଏ। କଳିଯୁଗରେ ନାମ ଯଜ୍ଞ ଏବଂ ଅନ୍ନଦାନ ହେଉଛି ପରମାତ୍ମାଙ୍କୁ ଲାଭ କରିବା ନିମନ୍ତେ ଶ୍ରେଷ୍ଠ ମାର୍ଗ ବୋଲି ସନ୍ଥ ଓ ସାଧୁ ପରାମର୍ଶ ଦେଇଯାଇଛନ୍ତି। ସାଂପ୍ରତିକ ସମାଜ ଧର୍ମ, ଜାତି ଏବଂ ରାଜନୀତିକୁ କେନ୍ଦ୍ରକରି ଭାଗ ଭାଗ ହୋଇଯାଉଥିବା ବେଳେ ଏହାର ପରିବର୍ତ୍ତନ ନିମନ୍ତେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଶ୍ରଦ୍ଧା, ସହିଷ୍ଣୁତା ଏବଂ ଧୈର୍ଯ୍ୟ ବାର୍ତ୍ତା ପ୍ରଚାରର ଆବଶ୍ୟକତା ଦେଖାଦେଇଛି। କାରଣ କେବଳ ଏହି ବାର୍ତ୍ତା ହିଁ ମାନବ ସମାଜକୁ ରକ୍ଷା କରିବାରେ ସାହାଯ୍ୟ କରିବ ଆଉ ସବୁ ମିଛ।

ପ୍ରତିରତ୍ନିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ଯୁବପିଢ଼ିଙ୍କ ପାଇଁ ସଞ୍ଚୟ ଟିପ୍ସ

ସୁକାନ୍ତ ଛାଟୋଇ

ଆଜିର ଦରଦାମକୁ ଦେଖନ୍ତୁ, ଦିନକୁ ଦିନ ବଜାରର ଭାଉ ଚଢ଼ା ହୋଇ ହୋଇ ଯାଉଛି। କେବଳ ନିମ୍ନମଧ୍ୟବିତ୍ତ ବର୍ଗର ପରିବାର କଥା ନୁହେଁ। ମଧ୍ୟବିତ୍ତ ବର୍ଗମାନେ ମଧ୍ୟ ମାସ ଅଧା ବେ

ମୋଷ୍ଟ ୱାଣ୍ଟେଡ୍ ଟୁନା ହରିଜନ ଜଗଦଲପୁରରୁ ଗିରଫ

କୋରାପୁଟ(ଅମୃତ ମିଡିଆ): କୋରାପୁଟ ପୁଲିସର ମୋଷ୍ଟ ୱାଣ୍ଟେଡ୍ ତଥା ବୋରିଗୁମ୍ମା ପାଟ୍ରୋଲିଂ ଗାଡ଼ି ଆକ୍ରମଣ ଘଟଣାର ମୁଖ୍ୟ ଅପରାଧୀ ଟୁନା ହରିଜନକୁ ଛତିଶଗଡ଼ର ଜଗଦଲପୁରରୁ ଗିରଫ କରିଛି ପୁଲିସ। ଜଗଦଲପୁରରେ ଟୁନା ଡେରା ପକାଇଥିବା ସୂଚନା ପାଇ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ଜଗଦଲପୁର ଯାଇଥିଲା। କୋରାପୁଟ ଏସ୍ପିଙ୍କ ନିର୍ଦ୍ଦେଶରେ ଗଠିତ ସ୍ୱତନ୍ତ୍ର ଟିମ୍ ଟୁନାର ଗତିବିଧି ଉପରେ ନଜର ରଖିଥିଲା। ବିଭିନ୍ନ ସମୟରେ ଟୁନା ନବରଙ୍ଗପୁରର କୋଷାଗୁମୁଡ଼ା, କୋରାପୁଟର କୋଟପାଡ଼ ଏବଂ ଜଗଦଲପୁରକୁ ସ୍ଥାନ ବଦଳାଉଥିବାରୁ ପୁଲିସ ଧରିବାରେ ବିଫଳ ହେଉଥିଲା। ଗୁରୁବାର ଜଗଦଲପୁର ନୂଆ ବସ୍ଷ୍ଟାଣ୍ଡ ନିକଟରେ ଟୁନା ସହ ମୁହାଁମୁହିଁ ହୋଇଥିଲା ପୁଲିସ ଟିମ୍। ଟୁନା ଏକ ବାଇକ୍ (ଓଡି୧୦ଏଡି-୬୩୩୨)ରେ ବୁଲୁଥିବା ବେଳେ ସାଦା ପୋଷାକରେ ଥିବା ପୁଲିସ ଟୁନାକୁ କାବୁ କରିଥିଲା। ଟୁନା ନିକଟରୁ ଏକ ପିସ୍ତଲ ଓ ୧୦ ରାଉଣ୍ଡ ଗୁଳି ଜବତ କରାଯାଇଥିବା ପୁଲିସ କହିଛି। ଏଏସ୍ପି ମନୋଜ ପୂଜାରୀ, ଅଭିଷେକ ପାଣିଗ୍ରାହୀ, ବୋରିଗୁମ୍ମା ଥାନା ଏସ୍ଆଇ ସିଦ୍ଧାନ୍ତ ବେହେରା, କନେଷ୍ଟବଳ ଅଜୟ ଖିଲ ଓ ସୋନୁ ଜାନିଙ୍କୁ ନେଇ ଟିମ୍ ଗଠନ ହୋଇଥିଲା। ଟୁନା ହରିଜନ ନାମରେ ଜିଲ୍ଲା ଓ ବାହାର ରାଜ୍ୟର ବିଭିନ୍ନ ଥାନାରେ ଚୋରି, ଡକାୟତି, ରାହାଜାନି ଭଳି ୪୦ରୁ ଅଧିକ ଆପରାଧିକ ମାମଲା ରହିଛି। ଶୁକ୍ରବାର ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀ ଆସି ତଦନ୍ତ କରି ଫେରିଥିଲେ। କୋରାପୁଟ ଏସ୍ପି ରୋହିତ ବର୍ମା କହିଛନ୍ତି, ବୋରିଗୁମ୍ମା ମାମଲାରେ ୮ ଜଣିଆ ଡକାୟତ ଗ୍ୟାଙ୍ଗ ସାମିଲ୍ ଥିଲେ। ମୁଖ୍ୟ ଅଭିଯୁକ୍ତ ଟୁନା ଗିରଫ ହେଲା ପରେ ତାକୁ ରିମାଣ୍ଡରେ ଆଣି ତା'ର ଅପରାଧ ଜଗତର ଗୁମର ଖୋଲିବ ପୁଲିସ। ଖୁବ୍ ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଟୁନାର ଗ୍ୟାଙ୍ଗ ସଂକ୍ରାନ୍ତରେ ଏସ୍ପି କହିଛନ୍ତି, ବିଭିନ୍ନ ଜିଲ୍ଲାରେ ଓ ବିଭିନ୍ନ ଅଞ୍ଚଳରେ ଟୁନା ଅଲଗା ଅଲଗା ଗ୍ୟାଙ୍ଗ ଗଢ଼ି ଅପରେଟ୍ କରୁଛି। ତଦନ୍ତ ପରେ ଏ ସବୁ ଗ୍ୟାଙ୍ଗ ବିଷୟରେ ସବିଶେଷ ତଥ୍ୟ ଜଣାପଡ଼ିବ।

ଏମ୍ଡିଏମ୍ ଚାଉଳରେ ବଡ଼ ହେରଫେର! ୧୫୩୪ ବସ୍ତା ଗାଏବ, ଗୋଦାମ ସିଲ୍

ପାରଳାଖେମୁଣ୍ଡି(ଅମୃତ ମିଡିଆ): ସ୍କୁଲ ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଉଠାଯାଇଥିବା ଚାଉଳରେ ବଡ଼ ହେରଫେର! ବିଶେଷ ସୂତ୍ରରୁ ଖବର ପାଇ ନୂଆଗଡ଼ା ବ୍ଲକ୍ ଖଜୁରୀପଦା ଛକ ନିକଟ ଏକ ଅନଧିକୃତ ଗୋଦାମରେ ଯୋଗାଣ ବିଭାଗ ଚଢ଼ଉ କରିବା ପରେ ହିସାବରେ ଥିବା ୩୦୮୬ ବସ୍ତା ଚାଉଳ ମଧ୍ୟରୁ ମାତ୍ର ୧୫୫୨ ବସ୍ତା ମିଳିଛି। ଅର୍ଥାତ୍ ୧୫୩୪ ବସ୍ତା ଚାଉଳର ପତ୍ତା ମିଳିନାହିଁ। ଘଟଣାକୁ ଗୁରୁତ୍ୱର ସହ ନେଇ ପ୍ରଶାସନ ଗୋଦାମକୁ ସିଲ୍ କରିଥିବାବେଳେ ସମ୍ପୃକ୍ତ ସଂସ୍ଥା ବିରୋଧରେ ମାମଲା ରୁଜୁ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ଚାଉଳ ପରିବହନ ପାଇଁ ଠିକା ପାଇଥିବା ସଂସ୍ଥା ଚାଉଳ ଉଠାଣ ପରେ ସିଧା ସଳଖ ବିଦ୍ୟାଳୟରେ ପହଞ୍ଚାଇବା କଥା କିନ୍ତୁ ଅଧା ବାଟ ରେ ଗୋଦାମରେ ଓସ୍ଲାଇ ବସ୍ତା ୪ରୁ ପାଞ୍ଚ କିଲୋ ବାହାର କରି ସେହି ଚାଉଳକୁ ବାହାରେ ବିକ୍ରି କରୁଥିବା ବେଳେ ବିଦ୍ୟାଳୟରେ ପହଞ୍ଚୁଥିବା ଚାଉଳ ଓଜନରେ କମ ରହୁଥିବା ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ସେହି ଚୋରା ଚାଉଳ ଗଚ୍ଛିତ ଥିବା ବିଶେଷ ସୂତ୍ରରୁ ଖବର ପାଇ ଯୋଗାଣ ବିଭାଗ ଓ ମାଜିଷ୍ଟ୍ରେଟ୍ ଗୋଦାମରେ ଚଢ଼ଉ କରିଥିଲେ। ରାୟଗଡ଼ା, ଆର. ଉଦୟଗିରି ଓ ନୂଆଗଡ଼ା ବ୍ଲକ୍ର ସ୍କୁଲଗୁଡ଼ିକୁ ଯୋଗାଣ ପାଇଁ ପାରଳାଖେମୁଣ୍ଡି ଆରଏମ୍ସିରୁ ଉଠାଯାଇଥିବା ଏମ୍ଡିଏମ୍ ଚାଉଳ ସେଠାରେ ଗଚ୍ଛିତ ରଖାଯାଇଥିଲା। ଯାଞ୍ଚ ସମୟରେ ଚାଉଳର ପରିମାଣରେ ବ୍ୟାପକ ଅସଙ୍ଗତି ଧରାପଡ଼ିଥିଲା। ହିସାବ ଅନୁଯାୟୀ ୩୦୮୬ ବସ୍ତା ରହିବାକୁ ଥିବାବେଳେ ୧୫୫୨ ବସ୍ତା ମିଳିଥିଲା। ଅବଶିଷ୍ଟ ୧୫୩୪ ବସ୍ତା ଚାଉଳ କୁଆଡ଼େ ଗଲା, ତାହାର ସନ୍ତୋଷଜନକ ହିସାବ ଦେଇ ପାରିନଥିଲେ ତେଣୁ ଘଟଣାକୁ ଗୁରୁତ୍ୱର ସହ ନେଇ ଗୋଦାମ ସିଲ୍ କରାଯାଇଛି। ସମ୍ପୃକ୍ତ ସଂସ୍ଥା ବିରୋଧରେ ମାମଲା ରୁଜୁ କରିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବାବେଳେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଓ ସଂସ୍ଥାକୁ କଳାତାଲିକାଭୁକ୍ତ କରିବା ନେଇ ପଦକ୍ଷେପ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସୁପାରିସ କରାଯାଇଥିବା ଉପଜିଲ୍ଲାପାଳ ଅନୁପ ପଣ୍ଡା ସୂଚନା ଦେଇଛନ୍ତି।

ଧାମରାରେ କୂଳ ଲଂଘିଲା ବୈତରଣୀ

ଭଦ୍ରକ(ଅମୃତ ମିଡିଆ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ର ଧାମରା ଅଞ୍ଚଳରେ ଗତ କିଛି ବର୍ଷ ହେଲା ଲଗାତାର ବୈତରଣୀ ନଦୀରେ ବନ୍ୟା ଯୋଗୁଁ ବହୁ ଧନ ଜୀବନ ଯାଇଥିବା ବେଳେ ନଦୀକୂଳ ଲଂଘିବା କାରଣରୁ ୨୧ ପରିବାର ନଦୀ ଗର୍ଭରେ ଲୀନ ହୋଇଗଲାଣି। ଅନେକ ଲୋକଙ୍କ ଜୀବନ ବି ଗଲାଣି। ଏପଟେ ସରକାର ପ୍ରତିବର୍ଷ ନଦୀବନ୍ଧ ସୁରକ୍ଷା ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ବାସହରା ୨୧ଟି ପରିବାରଙ୍କୁ କିଛି ସରକାରୀ ଅହାୟତା ମିକିମୋଟି ନାହିଁ। ୫୬ ବର୍ଷରେ ଉଜୁଡ଼ିଲାଣି ୨୧ ପରିବାର। ନଦୀ ବନ୍ଧ ପାଇଁ ମାଷ୍ଟର ପ୍ଲାନିଂ କାର୍ଯ୍ୟକାରୀ କେବେ ହେବ ତାହାକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯେଉଁମାନଙ୍କର ଘର ଦ୍ୱାର ଉଜୁଡି ଯାଇଛି ସେମାନେ ସ୍ଥାୟୀ ଭାବେ ଅଇଥାନ ହୋଇନାହାନ୍ତି। ନିଜ ଭିଟାମାଟି ଛାଡ଼ି ସବୁଦିନ ପାଇଁ ଚାଲିଯାଇଥିବା ୨୧ଟି ପରିବାର ଲୋକଙ୍କ ତଥ୍ୟ ସରକାରଙ୍କ

ରାଜସ୍ୱ ବିଭାଗ ଖାତାରୁ ମିଳିଛି। ୧୯୭୧ ମସିହା ନଭେମ୍ବର ମାସରେ ଆସିଥିଲା ଲୁଣା ଜୁଆର। ଏହି ଜୁଆରରେ ଧାମରା ଗାଁ ସବୁଦିନ ପାଇଁ ନିଶ୍ଚିହ୍ନ ହେବାକୁ ବସିଥିଲା। ହେଲେ ମା' ଧାମରାଈଙ୍କ କୃପାରୁ ଏହି ଗ୍ରାମ ବର୍ତ୍ତି ଯାଇଥିବା ଅଞ୍ଚଳବାସୀ କହନ୍ତିଓ ତେବେ ସେହି କାଳରାତ୍ରି କଥା ମନେ ପଡ଼ିଲେ ଦେହ ଶିହରି ଉଠେ। ବଙ୍ଗୋପସାଗର ମୁହାଣରୁ ଜୁଆର ମାଡି ଆସି ବୈତରଣୀ ପାଦଦେଶରେ ଥିବା ୫/୬ ଫୁଟ ଉଚ୍ଚତାରେ ଆସିଥିବା ଲୁଣା ପାଣିରେ ଧାମରା ଗ୍ରାମର ଅପକ୍ତି ଭାବରରେ ବୈରାଗୀ ଧାମରା ଗାଁ ପ୍ରଥମ ଶିକାର ହୋଇଥିଲା ତରେଇ, ବଡହରି ଭାଗର ସେ ସାମଲ, ସାମଲ, ମହେନ୍ଦ୍ର ସାମଲ, ହରି ବେହେରା, କୃପାସିନ୍ଧୁ ମାଝୀ, ଏକାଦଶୀ ମାଝୀ, ରସାଧର ବେହେରା, ଭବନ ବେହେରା, ଶନାଚନ ବେହେରା, ମୁରଲୀ ସାହୁ, କ୍ଷେତ୍ରବାସୀ ମାଝୀ, ଗୁମ ମାଝୀ, ବିଶ୍ୱନାଥ ମାଝୀ, ମୁଟୁରା ମାଝୀ, ନନ୍ଦ ମାଝୀ ଏବଂ ହାଡି ମାଝୀଙ୍କ ଘର ସମ୍ପୂର୍ଣ ଧସଂ ପାଇଥିଲା। କାଳକ୍ରମେ ଏହି ପରିବାର ଅନ୍ୟ ସ୍ଥାନରେ ଘର କରି ଚଦ୍ଧିଥିଲେ। ସେବେଠୁ ବୈତରଣୀ ପ୍ରତିବର୍ଷ କୂଳ ଲଂଘି ଗତ ୫.୬ ବର୍ଷ ମଧ୍ୟରେ ଏକ ଶହ ମିଟର ଓସାରର ୨ କିମି ପର୍ଯ୍ୟନ୍ତ କୂଳ ଖାଇଲାଣି। ଫଳରେ ଦିନକୁ ଦିନ ଧାମରା ଗ୍ରାମର ଆୟତନ କମିବା ସହ ଗୌଗୋଳିକ ମାନଚିତ୍ରରେ ମଧ୍ୟ ପରିବର୍ତନ ଘଟିଚାଲିଛି। ଏନେଇ ଜଳସମ୍ପଦ ବିଭାଗ ତରଫରୁ ନଦୀବନ୍ଧ ସୁଦୃଢ଼ୀକରଣ ଦିଗରେ କୌଣସି ମାଷ୍ଟର ପ୍ଲାନ କାର୍ଯ୍ୟକାରୀ ହୋଇପାରି ନାହିଁ ଓ ତେବେ ବିଭାଗୀୟ ଯନ୍ତ୍ରୀ ମୁଖ୍ୟ ନଦୀବନ୍ଧର ଅନୁଧ୍ୟାନ କରି ଏହାର ସ୍ଥିତି ବିଷୟରେ ଅବଗତ ଅଛନ୍ତି, ଅନୁଦାନ ଆସିଲେ ସହ ନଦୀବନ୍ଧ ଧାମରା ଗ୍ରାମର ମଧ୍ୟ ସୁରକ୍ଷା ହୋଇପାରିବ ବୋଲି ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସୂଚାରୁ ଜେନା କହିଛନ୍ତି।

ଶିକ୍ଷକଙ୍କ ଉପରେ ଚଢ଼ିଗଲା ହାଇୱା ଟ୍ରକ

ଜଗତସିଂହପୁର(ଅମୃତ ମିଡିଆ) : ରାତି ପାହିଲେ ଗୁରୁ ପୂଜନ ହୋଇଥାନ୍ତେ, ଗୁରି ଦିବସ ଅବ୍ୟବହିତ ପୁରରୁ ଚାଲିଗଲା ଗୁରୁଙ୍କ ଜୀବନ । ହମ୍ଚ ହେଲା କାଳ । ଜଗତସିଂହପୁର ଜିଲ୍ଲା କଟକ -ପାରାଦ୍ୱୀପ ରାସ୍ତା ବର୍ତ୍ତି ଛକ ନିକଟରେ ମର୍ମନ୍ତୁକ ଦୁର୍ଘଟଣା । ବାଇକ୍ ଆରୋହୀଙ୍କୁ ଧକ୍କା ଦେଲା ହାଇୱା ଟ୍ରକ୍ । ମୃତକ ହେଲେ ଏରଡଙ୍ଗା ପଞ୍ଚାୟତର ଚତୁର୍ଭୁଜ ନାୟକ । ସେ ସିଦ୍ଧେଶ୍ୱରୀ କୁଷ୍ଟର ର ସିଆରସିସି ଥିଲେ । ଦେଉଳସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟ ମଧ୍ୟ କରୁଥିଲେ । ଘଟଣାରୁ ପ୍ରକାଶ, ଆଜି ଅପରାହ୍ନ ସମୟରେ ଏକ ବାଇକ୍ ଯୋଗେ ସେ କଟକରୁ ଘରକୁ ଫେରୁଥିବା ସମୟରେ ବର୍ତ୍ତି ଛକ ନିକଟ ହମ୍ପସ ପାଖରେ ଭାରସାମ୍ୟ ହରାଇ ରାସ୍ତା ଉପରକୁ ପଡ଼ିଯାଇଥିବା ବେଳେ ପାରାଦୀପ ଆଡୁ ଆସୁଥିବା ହଇୱା ସମ୍ମୁଖରେ ଛିଟିକି ପଡ଼ିଥିଲେ । ଫଳରେ ଟ୍ରକ୍ ଚକା ତାଙ୍କ ଉପରେ ଚଢ଼ି ଯାଇଥିବା ବେଳେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି ଏବଂ ତାଙ୍କ ସହ ବାଇକରେ ଥିବା ଆଉଜଣେ ବ୍ୟକ୍ତି ଗୁରୁତର ଅବସ୍ଥାରେ ରଘୁନାଥ ପୁର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।

ଇନ୍ଦ୍ରାବତୀ ଗେଟ୍ ଖୋଲିବାକୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ

ନବରଙ୍ଗପୁର(ଅମୃତ ମିଡିଆ): ଇନ୍ଦ୍ରାବତୀ ଜଳଭଣ୍ଡାରରେ ବଢୁଛି ଜଳସ୍ତର। ବିପଦ ସଂକେତ ନିକଟତର ହେବା ପରେ ଗେଟ୍ ଖୋଲିବାକୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଛି ଡ୍ୟାମ୍ କର୍ତ୍ତୃପକ୍ଷ। ଇନ୍ଦ୍ରାବତୀ ଜଳଭଣ୍ଡାରରେ ଗେଟ୍ ଖୋଲିବା ନେଇ ଗୁରୁବାର ଦିନ ମକ୍ ଡ୍ରିଲ୍ କରାଯାଇଛି। ଇନ୍ଦ୍ରାବତୀ-କୋଲାବ ବେସିନ୍ର ମୁଖ୍ୟ ଯନ୍ତ୍ରୀ ବେଦାମ୍ବର ବେହେରା ଖିତିଗୁଡା ଗସ୍ତ କରି ଜଳଭଣ୍ଡାରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆସନ୍ତା ଦୁଇ ଦିନ ମଧ୍ୟରେ ଜଳସ୍ତର ୬୪୦.୫ ମିଟର ଛୁଇଁଲେ ଗେଟ୍ ଖୋଲାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଇଂ. ସୁଶାନ୍ତ ପଟ୍ଟନାୟକ କହିଛନ୍ତି। ଇନ୍ଦ୍ରାବତୀର ଦୁଇଟି ଓ ମୁରାନର ଗୋଟିଏ ଗେଟ୍ ଖୋଲାଯିବ ବୋଲି ଇଂ ପଟ୍ଟନାୟକ କହିଛନ୍ତି। ଜଳଭଣ୍ଡାରର ୭ଟି ଗେଟ୍ ମଧ୍ୟରୁ କେବଳ ଗୋଟିଏ ୪ ନମ୍ବର ଗେଟ୍କୁ ପ୍ରାୟ ୪୦ ମିନିଟ୍ ପାଇଁ ଟ୍ରାଏଲ୍ ରନ୍ରେ ଖୋଲାଯାଇଥିଲା। ୭ଟି ଗେଟକୁ ଟ୍ରାଲରନ୍ କରିବା ପରେ ୪ନଂଗେଟକୁ ୨ମିଟର ଉଚ୍ଚତାରେ ଖୋଲାଯାଇଥିଲା। ବର୍ତ୍ତମାନ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ୬୪୦ ମିଟରରେ ପହଞ୍ଚିଛି। ବିପଦସଂକୁଳ ୬୪୨ରହିଥିବା ବେଳେ ଜଳସ୍ତର ୬୪୦.୫ ମିଟର ଛୁଇଁଲେ ଗେଟ୍ ଖୋଲିବାକୁ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡ ରେ ୨୭୮.୮୦ କ୍ୟୁମେକ୍ସ ଜଳ ପ୍ରବେଶ କରୁଥିବା ବେଳେ ପ୍ରତି ସେକେଣ୍ଡ ରେ ୧୯୩.୯୪ କ୍ୟୁମେକ୍ସ ଜଳ ନିଷ୍କାସିତ ହେଉଛି। ଅନ୍ୟପଟେ ମୁଖୀଗୁଡାସ୍ଥିତ ୬୦୦ ମେଗାୱାଟ୍ ଘଣ୍ଟା କ୍ଷମତାର ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ବର୍ତ୍ତମାନ ୫୫୬ ମେଗାୱାଟ୍ ଘଣ୍ଟା ବିଦ୍ୟୁତ୍ ଉତ୍ପାଦନ ହେଉଛି। ଏଥିପୂର୍ବରୁ ଅଗଷ୍ଟ ୩୧ରେ ନଦୀ ତଳମୁଣ୍ଡ ଅଞ୍ଚଳବାସୀଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ନଦୀଗର୍ଭକୁ ନଯିବା ଏବଂ ଗୃହପାଳିତ ପଶୁଙ୍କୁ ନଛାଡିବା ପାଇଁ ସତର୍କ କରାଯାଇଥିଲା। ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଏ ନେଇ ଅବଗତ କରାଯାଇଛି। ତାଙ୍କ ଜରିଆରେ କୋରାପୁଟ, ମାଲାକାନଗିରୀ, ଜଗଦଲପୁର, ଦନ୍ତେୱାଡା ଆଦି ଜିଲ୍ଲାର ଜିଲ୍ଲାପାଳଙ୍କୁ ଜଣାଇ ଦିଆଯାଇଛି। ତେବେ ଉପରମୁଣ୍ଡରେ ଯଦି ବର୍ଷା ହେବା ସହ ଜଳଭଣ୍ଡାରର ଜଳଧାରଣା କ୍ଷମତା ବଢ଼ିଲେ ଗେଟ୍ ଖୋଲାଯିବ। ତେବେ ନବୀର ପାଣି ଆସିଲେ ସେଭଳି କିଛି ହେବ ନାହିଁ, ପୂର୍ବ ପ୍ରସ୍ତୁତି ନିଆଯାଇଛି। ସେଭଳି କିଛି ଉପୁଜିଲେ କୋଷାଗୁମୁଡା ବ୍ଲକ୍ର ଘାଟବାସୁଲିର ଲୋକଙ୍କୁ ସ୍ଥାନାନ୍ତର କରାଯିବ ? ବୋଲି ଜିଲ୍ଲାପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସହକାରୀ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ ନେଲସନ୍ ତାଡିଙ୍ଗି, ନିର୍ବାହୀ ଯନ୍ତ୍ରୀ ଇଂ ନିରୋଜ କୁମାର ଲୋହାର, ମୁରାନ୍ ଡ୍ୟାମର ନିର୍ବାହୀ ଯନ୍ତ୍ରୀ, ଇଂ.ତିଳୋତ୍ତମା ମାଝୀ, ପୋଡାଗଡ ଡ୍ୟାମର ଏସଡିଓ କମଲ ବେହେରା ଓଅନ୍ୟ ସବୁ ଏସଡିଓମାନେ ଉପସ୍ଥିତ ରହିଥିଲେ।

ମହିଳା ଏସ୍ଏଚ୍ଜିରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ, ୩ ଅଭିଯୁକ୍ତ ଗିରଫ

ଗଜପତି(ଅମୃତ ମିଡିଆ): ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କୋଟି କୋଟି ଟଙ୍କା ଠକେଇ ଓ ଆତ୍ମସାତ୍ ମାମଲାରେ ଗଜପତି ସାଇବର ସେଲ୍ ଏବଂ ଆର୍ଥିକ ଅପରାଧ ଥାନା ପୋଲିସକୁ ବଡ଼ ସଫଳତା ମିଳିଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଆଉ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାରଳାଖେମୁଣ୍ଡି ଭିତ୍ତୋରୀ କଲୋନୀର କାଳୀ ପ୍ରସାଦ ପଣ୍ଡିତ (୫୪), ରାଜଦାଣ୍ଡ ସାହିର ଅଶୋକ କୁମାର ମହାରଣା (୩୭) ଏବଂ ବଦ୍ଧି ସାହିର ସପନ କୁମାର ପାଣିଗ୍ରାହୀ (୫୭)। ପୋଲିସର ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କଠାରୁ ଗୋଷ୍ଠୀ ସଞ୍ଚୟ, ଋଣ କିସ୍ତି ଏବଂ ଅନ୍ୟାନ୍ୟ ଜମା ବାବଦରେ ଟଙ୍କା ସଂଗ୍ରହ କରି ତାହାକୁ ଜାଲିଆଡି ମାଧ୍ୟମରେ ଆତ୍ମସାତ୍ କରୁଥିଲେ। ପ୍ରାଥମିକ ଆକଳନ ଅନୁଯାୟୀ, ଏହି ମାମଲାରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଛି। ପୂର୍ବରୁ ଏହି ମାମଲାର ଅନ୍ୟ ଜଣେ ଅଭିଯୁକ୍ତ ସିଦ୍ଧା କୁମାର ଓରଫ ସିଦ୍ଧା ଆରାଧ ଓରଫ ଲକି (୩୦)ଙ୍କୁ ଗିରଫ କରାଯାଇ ଅଗଷ୍ଟ ୩୦ ତାରିଖରେ ପାରଳାଖେମୁଣ୍ଡି ଝଉଖିଗ ଅଦାଲତକୁ ପଠାଯାଇଥିଲା। ଶୁକ୍ରବାର ଗିରଫ ହୋଇଥିବା ୩ ଜଣଙ୍କୁ ମଧ୍ୟ ଅଦାଲତକୁ ପଠାଯାଇଛି। ତେବେ ଏହି ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ଏସ୍. ସ୍ୱାତୀ ବର୍ତ୍ତମାନ ଫେରାର ଅଛନ୍ତି। ତାଙ୍କୁ ଠାବ କରିବା ସହ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।

ଶିଆଳପଲଙ୍କ ଆକ୍ରମଣରେ ୨୦ରୁ ଅଧିକ ପିଲା ଲହୁଲୁହାଣ

ବାଲିଆପାଳ(ଅମୃତ ମିଡିଆ): ବାଲିଆପାଳ ବ୍ଲକ୍ର ଜଗତିପୁର ପଂଚାୟତର ପାଟଣା, ବଗଦା, ପାଇକ ବାଇସିଡା, ଅଣଦେଉଳା, କରଞ୍ଜ ଆଦି ଗ୍ରାମରେ ଶିଆଳ ଆତଙ୍କ। ଶିଆଳଟି ରଡାଇ, ମେଣ୍ଢାପଡା ଧୋବାଡୁଠ ଆଡିଆରୁ ବାହାରୁଥିବା ଜଣାପଡୁଛି। ଆଜି ସ୍କୁଲରୁ ଫେରିବା ସମୟରେ ପିଲାମାନେ ଶିଆଳପଲଙ୍କ ଆକ୍ରମଣର ଶିକାର ହୋଇଥିବା ଜଣାପଡିଛି। ପାଖାପାଖି ୨୦ ଜଣ ପ୍ରତାପପୁର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହାଛଡ଼ା ବହୁ ଲୋକଙ୍କୁ ଲହୁଲୁହାଣ କରିପକାଉଛନ୍ତି ଶିଆଳପଲ। ଫରେଷ୍ଟର ବିଜୟ କୁମାର ସାହୁଙ୍କୁ ଏ ବାବଦରେ ଅବଗତ କରାଯାଇଛି।

ଜନ୍ମାଷ୍ଟମୀ ପୂଜା ସହ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୮ତମ ଶ୍ରାଦ୍ଧବାର୍ଷିକ ପାଳିତ

ବ୍ରାହ୍ମଣୀଗାଁ(ଅମୃତ ମିଡିଆ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣୀଗାଁ ଓଡ଼ିଆ ସାହିଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଏବଂ ବ୍ରହ୍ମଲୀନ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୮ତମ ଶ୍ରାଦ୍ଧବାର୍ଷିକ ଦିବସ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି। ଏହି ଅବସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏକାଠି ହୋଇ ଓଡ଼ିଆ ସାହିଠାରୁ ନଗର ପରିକ୍ରମା ଆରମ୍ଭ କରିଥିଲେ। ମନ୍ଦିର ଦେଇ ପରିକ୍ରମା କରିବା ସମୟରେ "ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଅମର ରହେ" ଏବଂ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର ଜୟକାର ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ

ହୋଇଉଠିଥିଲା। ନଗର ପରିକ୍ରମା ପରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ସ୍ୱାମୀଜୀଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସ୍ମରଣୋତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରାହ୍ମଣୀଗାଁ ବନାଞ୍ଚଳ ଅଧିକାରୀ ହରିହର ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗ୍ରାମ ସଭାପତି ଗଣେଶ ପାତ୍ର, ରକ୍ଷାମାଳ ଟ୍ରଷ୍ଟର ସଭାପତି ପ୍ରଭାକର ବିଷୋୟୀ, ଅବସରପ୍ରା

କୃଷକଙ୍କ ସମ୍ମାନ, ସ୍ୱାଭିମାନର ପ୍ରତୀକ 'ସିଏମ କିଷାନ'

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ଶୁକ୍ରବାର ସିଏମ୍ କିଷାନ'ର ପଞ୍ଚମ କିସ୍ତି ପ୍ରଦାନ ଜିଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲାର ୧ ଲକ୍ଷ ୬୮ହଜାର ୮୬୨ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୯୮୮ ଜଣ ଭୂମିହୀନ ସମୁଦାୟ ୧,୬୯,୮୫୦ କୃଷକଙ୍କ ପରିବାର ଖାତାକୁ ୩୩କୋଟି ୮୨ ଲକ୍ଷ ୧୮ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଯୋଗଦେଇ ସିଏମ୍ କିଷାନ କେବଳ ଆର୍ଥିକ ସହାୟତା ନୁହେଁ, ଏହା କୃଷକଙ୍କ ସମ୍ମାନ ଓ ସ୍ୱାଭିମାନର ପ୍ରତୀକ। ଏହି ଯୋଜନା ରାଜ୍ୟର କୃଷକ ବନ୍ଧୁଙ୍କ ପାଇଁ ଶକ୍ତି ଏବଂ ସାମର୍ଥ୍ୟର ଏକ ମାଧ୍ୟମ । ଏହା ମାଧ୍ୟମରେ ଚାଷୀଙ୍କ ଆର୍ଥିକ ସ୍ଥିତି ସୁଦୃଢ ହେବା ସହ ଆମ ରାଜ୍ୟ କୃଷି ଅର୍ଥନୀତି କ୍ଷେତ୍ରରେ ନୂତନ ସଫଳତା ହାସଲ କରୁଛି ବୋଲି କହିଥିଲେ । ଆଗାମୀ ଦିନରେ ସିଏମ୍ କିଷାନ ଯୋଜନାର ହିତାଧିକାରୀଙ୍କ ପୁଅ ଝିଅଙ୍କ ଉଚ୍ଚଶିକ୍ଷା ପାଇଁ 'କୃଷି ବିଦ୍ୟାନିଧି' ଯୋଜନାରେ ଆର୍ଥକ ସହାୟତା ଯୋଗାଇ ଦିଆଯିବ। ଏହାଦ୍ୱାରା ସେହି ପରିବାରର ସନ୍ତାନମାନଙ୍କ ଉଚ୍ଚ ଶିକ୍ଷା ସ୍ୱପ୍ନ ପୂରଣ କରିପାରିବେ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲାପାଳ ପାଣ୍ଡୁାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ (ସାଧାରଣ) ତନୁୟ କୁମାର ଦରୱାନ, ମୁଖ୍ୟ ଜିଲା କୃଷି ଅଧିକାରୀ ଅଜିତ କୁମାର ମହାପାତ୍ର ଏବଂ ସଂଗଠକ ବ୍ଲକ୍ ବେହେରଙ୍କ ଉପସ୍ଥିତିରେ ପୌରାଧ୍ୟକ୍ଷା ଲିକା ସାହୁ ଏବଂ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଙ୍କୁ ଉପଢୌକନ ଏବଂ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ । ବଲାଙ୍ଗିର ପୌର ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ରାସ୍ତାଘାଟ ଓ ଡ୍ରେନ ନିର୍ମାଣ, ବନ୍ଧଖୋଳା ଠାରୁ ଆରମ୍ଭ କରି ବିଭିନ୍ନ କ୍ଲବ, ମନ୍ଦିରର ଉନ୍ନତିକରଣ ପାଇଁ ସହଯୋଗ କୁ ବଲାଙ୍ଗିର ମ୍ୟୁନିସିପାଲିଟି ତଥା ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ଗାନ୍ଧି ପାଠାଗାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି ।

ଭବାନୀପାଟଣା ପୌରପାଳିକା ଶୀତଳ ଭଣ୍ଡାରରେ ବର୍ଷାଜଳ

ଉଦଘାଟନର ୨୪ ଘଣ୍ଟା ନପୂରୁଣୁ ପଦାରେ ପଡ଼ିଲା ନିମ୍ନମାନର କାମ

କଳାହାଣ୍ଡି (ଅମୃତ ମିଡ଼ିଆ) : ଚାଷୀମାନଙ୍କ ପନିପରିବା ସାଇତି ରଖିବା ସୁବିଧା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ସରକାରୀ ପ୍ରକଳ୍ପର ଅବସ୍ଥା କିପରି, ତାହାର ଏକ ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି । ଭବାନୀପାଟଣା ପୌରପାଳିକା ଅନ୍ତର୍ଗତ ନବଉଦ୍‌ଘାଟିତ ଶୀତଳ ଭଣ୍ଡାର ଉଦଘାଟନର ମାତ୍ର ୨୪ ଘଣ୍ଟା ନପୂରୁଣୁ ବିବାଦଘେରକୁ ଆସିଛି । ଭବାନୀପାଟଣା ସାଂସଦ ମାଲବିକା ଦେବୀଙ୍କ ଦ୍ୱାରା ଏହି ଶୀତଳ ଭଣ୍ଡାରଟି ଲୋକାର୍ପିତ ହୋଇଥିଲା । ମାତ୍ର ଦିନକ ପରେ ପ୍ରଥମ ବର୍ଷାରେ ହିଁ ଏହାର ନିମ୍ନମାନର କାମ ପଦାରେ ପଡ଼ିଛି । ବର୍ଷା ହେବା କ୍ଷଣି ଶୀତଳ ଭଣ୍ଡାରର ଛାତରୁ ପାଣି ଗଳି ଭିତରେ ଜମା ହୋଇଥିବା ଦେଖିବାକୁ ମିଳିଛି । ଯାହାକି ନିର୍ମାଣ କାର୍ଯ୍ୟର ମାନ ଏବଂ ସମ୍ପୃକ୍ତ ବିଭାଗର କାର୍ଯ୍ୟଦକ୍ଷତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଚାଷୀଙ୍କ ସୁବିଧା ନିମନ୍ତେ ନିର୍ମାଣ ହେଉଥିବା ଏଭଳି ସରକାରୀ ପ୍ରକଳ୍ପ ଗୁଡ଼ିକରେ ବ୍ୟାପକ ଅନିୟମିତତା ହେଉଥିବା ସାଧାରଣରେ ଅଭିଯୋଗ ହେଉଛି । ଏହି ସମଗ୍ର ଘଟଣା ସମ୍ପର୍କରେ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ିଙ୍କୁ ପଚାରିବାରୁ, ସେ ପାଣି ଗଳୁଥିବା କଥାକୁ ସ୍ୱୀକାର କରି ସ୍ୱଷ୍ଟୀକରଣ ଦେଇ କହିଛନ୍ତି ଯେ ଏହା ଏକ ପୁରୁଣା କୋଠା ଥିଲା ଏବଂ ୬ ଲକ୍ଷ ଟଙ୍କା ବ୍ୟୟରେ ଏହାର ମରାମତି କରାଯାଇଛି । ତେବେ ପୁନର୍ବାର ଛାତ ଉପରେ ସେଡ୍ ନିର୍ମାଣ କରାଯାଇ ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ତେବେ ଉଦଘାଟନ ହେବା ଦିନରୁ ହିଁ ଯଦି ଏପରି ଅବସ୍ଥା ହୁଏ, ତେବେ ଆଗକୁ ଚାଷୀମାନେ ଏହା ଦ୍ୱାରା କିପରି ସୁଫଳ ପାଇବେ, ତାହାକୁ ନେଇ ଗଭୀର ସନ୍ଦେହ ସୃଷ୍ଟି ହୋଇଛି । ଏହି ନିମ୍ନମାନର କାମ ପାଇଁ ଦାୟୀ ଠିକାଦାର ଏବଂ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର ଧରିଛି ।

୨୦ କ୍ୱିଣ୍ଟାଲ ୮୦ କେଜି ଗଞ୍ଜେଇ ଜବତ

କଳାହାଣ୍ଡି (ଅମୃତ ମିଡ଼ିଆ) : ମୋହନଗିରି ଅଂଚଳ ପଡୋଶା ଜିଲ୍ଲା କନ୍ଧମାଳ,ବୌଦ୍ଧ, ବଲାଙ୍ଗୀର ଏକ ସଙ୍ଗମ ସ୍ଥଳ ସଦୃଶ୍ୟ ଦେଖା ଦେଇଥିବା ହେତୁ ଗଂଜେଇ କାରବାର କରିବାରେ ମାଫିଆକୁ ଏକ ପ୍ରକାର ସୁବିଧା ରହିଛି । ଯାହା ସକାଶେ ଏହାକୁ ରୋକିବାରେ ମ.ରାମପୁର ପୁଲିସକୁ ଏକ ଚାଲେଞ୍ଜ ହୋଇପଡିଛି । ଅଥଚ ଦିନକୁ ଦିନ ଗଞ୍ଜେଇ ଚାଲାଣ ବୃଦ୍ଧି ହେଉଛି ।ଏହି କ୍ରମରେ ଗତ ୪ ତାରିଖ ଦିନ ମ.ରାମପୁର ବ୍ଲକ ଅନ୍ତର୍ଗତ ଜାମୁଲି ଗ୍ରାମ ନିକଟସ୍ଥ ଜଙ୍ଗଲକୁ ମ.ରାମପୁର ଅତିରିକ୍ତ ତହସିଲଦାର ଶମ୍ଭୁ ପ୍ରସାଦ ନାଏକଙ୍କ ଉପସ୍ଥିତରେ ମ.ରାମପୁର ଥାନା ଅଧିକାରିଣୀ ସଂଯୁକ୍ତା ପଧାନଙ୍କ ନିର୍ଦେଶରେ ଚଢାଉ କରାଯାଇଥିଲା । ଉକ୍ତ ଚଢାଉରେ ମୋହନଗିରି ଫାଣ୍ଡି ଅଧିକାରୀ ମନୋଜ ନାଏକ ସମେତ ସମସ୍ତ ପୋଲିସ କର୍ମଚାରୀ ସହଯୋଗ କରିଥିଲେ । ଚଢାଉ ସମୟରେ ୧୬୦ଟି ସନ୍ଦିଗ୍ଧ ଗଂଜେଇ ବସ୍ତା ଥିବା ଚିହ୍ନଟ କରାଯାଇଥିଲା । ଯାହାକୁ ଧଳା ରଙ୍ଗର ଜରି ବସ୍ତାରେ ପ୍ୟାକିଙ୍ଗ କରି ଲୁଚାଇ ଜଙ୍ଗଲ ଭିତରେ ରଖାଯାଇଥିଲା । ଏଥିରେ ପ୍ରାୟ ୨୦ କ୍ୱିଣ୍ଟାଲ ୮୦କେଜି ଗଞ୍ଜେଇ ଜବତ କରିଥିବାର ସୂଚନା ମିଳିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଜାମୁଲି ଗ୍ରାମର ଗଲନ ମାଝୀ (ବୟସ ୩୫) ଓ କିଜୁ ମାଝୀ (ବୟସ ୬୨) ଦେଢ଼ସୁଲି ଗ୍ରାମର ନାଏବ ହରିଜନ (ବୟସ ୨୮)ଓ ଜିମେନ୍ଦ୍ର ହରିଜନ (ବୟସ ୫୬) । ୪ଜଣଙ୍କୁ କେସ ନମ୍ବର ୨୨୧/୨୬ ୟୁ/ଏସ ୨୦(ବି)ସସ(ସି)/୨୯ ଏନ୍ ଡିପିଏସ୍ ଅଧିନିୟମ ଅନୁସାରେ ଗିରଫ କରିଛି । ଉକ୍ତ ଘଟଣା ପଛରେ ଆଉ କାହା କାହାର ସମ୍ପୃକ୍ତ ଅଛି ସେନେଇ ପୋଲିସର ଅଧିକ ତଦନ୍ତ ଜାରି ରହିଛି ।

କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର (ଅମୃତ ମିଡିଆ) : ରାଜ୍ୟସ୍ତରରେ ବଲାଙ୍ଗିର ପୌର ପରିଷଦ କୁ କାର୍ଯ୍ୟ ଦକ୍ଷତା ସହ ପୌର ବିଭାଗ ବଲାଙ୍ଗିର ସହରର ବିଭିନ୍ନ ଉନ୍ନୟନ ମୂଳକ ତଥା ପୌର ପରିଷଦର ସୁପରିଚାଳନା ପାଇଁ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଙ୍କୁ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବାରୁ ଟିକ୍ରାପଡା ଗାନ୍ଧି ପାଠାଗାର ଆଜି ପୌର ପରିଷଦ ସଭା ଗୃହରେ ସଭାପତି ପ୍ରକାଶ ନେପାକ, ବରିଷ୍ଠ ସଭ୍ୟ ଭଗବାନ ବଗର୍ତ୍ତି, ପୀତବାସ ପଣ୍ଡା, ସଭ୍ୟ ଦାଶରଥି ସାହୁ, ହୃଦୟ ରଂଜନ ସାହୁ, ସଭ୍ୟା ରୀନା ମାହାନା ଓ ଅଜିତ ପଣ୍ଡା ପ୍ରମୁଖ ପାଠାଗାରର ସଭ୍ୟ ଏବଂ ସଂଗଠକ ବ୍ଲୁ ବେହେରଙ୍କ ଉପସ୍ଥିତିରେ ପୌରାଧକ୍ଷା ଲିକା ସାହୁ ଏବଂ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଙ୍କୁ ଉପଢୌକନ ଏବଂ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ । ବଲାଙ୍ଗିର ପୌର ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ରାସ୍ତାଘାଟ ଓ ଡ୍ରେନ ନିର୍ମାଣ, ବନ୍ଧଖୋଳା ଠାରୁ ଆରମ୍ଭ କରି ବିଭିନ୍ନ କ୍ଲବ, ମନ୍ଦିରର ଉନ୍ନତିକରଣ ପାଇଁ ସହଯୋଗ କୁ ବଲାଙ୍ଗିର ମ୍ୟୁନିସିପାଲିଟି ତଥା ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ଗାନ୍ଧି ପାଠାଗାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି ।

ପାରା-ଆଥ୍‌ଲେଟଙ୍କ ସମସ୍ୟାର ସମାଧାନ କରିବ ଏଆଇ

ସୁବର୍ଣ୍ଣପୁର (ଅମୃତ ମିଡିଆ) : ଓଡିଶାର ସୁନ୍ଦରଗଡ ଜିଲ୍ଲାର ଦୁଇ ଯୁବ ଉଦ୍ଭାବକ ୨୧ ବର୍ଷୀୟ ଭାଟ୍ଲା ହାରିକା ଓ ୨୦ ବର୍ଷୀୟ ରିତେଶ ରାଉତରାୟ, ପାରାଆଥେଲେଟ ମାନଙ୍କ ପାଇଁ ଏକ ଏଆଇ-ପରିଚାଳିତ ସମାଧାନ ପ୍ରସ୍ତୁତ କରିଛନ୍ତି । ଯାହାକି ସାମ୍‌ସଙ୍ଗ ସଲ୍ଭ ଫର୍ ଟୁମୋରୋର ୫ମ ସଂସ୍କରଣର ନ୍ୟାଶନାଲ ଟପ୍ ୪୦ରେ ସ୍ଥାନ ହାସଲ କରିଛନ୍ତି । ଏହି ସମାଧାନ ପାରା-ଆଥ୍‌ଲେଟିକ ପ୍ରତିଭାମାନଙ୍କୁ ଚିହ୍ନଟ କରିବା ଏବଂ ଦକ୍ଷ ଖେଳାଳିମାନଙ୍କୁ କୋଚ୍ ଓ ସ୍କାଉଟଙ୍କ ସହ ସଂଯୋଗ କରିବାରେ ସାହାଯ୍ୟ କରିବା ପାଇଁ ସ୍ମାର୍ଟଫୋନରେ ରେକର୍ଡ କରାଯାଇଥିବା କ୍ରୀଡା ପ୍ରଦର୍ଶନଗୁଡିକୁ କିଭଳି ବିଶ୍ଳେଷଣ କରାଯାଇପାରିବ ତାହାର ଅନୁସନ୍ଧାନ କରିଥାଏ। ସାମ୍‌ସଙ୍ଗ ସଲ୍ଭ ଫର ଟୁମୋରୋ ହେଉଛି ୧୪ରୁ ୨୨ ବର୍ଷ ବୟସ ମଧ୍ୟରେ ଯୁବପିଢିଙ୍କ ସାମ୍‌ସଙ୍ଗର ପ୍ରମୁଖ ସିଏସଆର ଇନୋଭେଶନ ପ୍ରୋଗ୍ରାମ। ଡିଜାଇନ ଥିଙ୍କିଙ୍ଗ, ମାର୍ଗଦର୍ଶନ ଓ ଶିକ୍ଷା ମାଧ୍ୟମରେ ଏହି ପ୍ରୋଗ୍ରାମ ଭାରତର ଯୁବ ଉଦ୍ଭାବକମାନଙ୍କୁ ବାସ୍ତବ ଦୁନିଆର ସମସ୍ୟାଗୁଡିକୁ ଚିହ୍ନଟ କରିବା ଏବଂ ସମ୍ଭାବ୍ୟ ସମାଧାନ ବିକଶିତ କରିବା ପାଇଁ ସକ୍ଷମ କରିଥାଏ, ଯାହା ସେମାନଙ୍କୁ ନିଜର ବିଚାରଧାରାକୁ ପ୍ରାରମ୍ଭିକ ପର୍ଯ୍ୟାୟରୁ ପ୍ରୋଟୋଟାଇପ ଆଡକୁ ଅଗ୍ରଗତି କରିବାରେ ସାହାଯ୍ୟ କରିଥାଏ। ସୁନ୍ଦରଗଡର ହାରିକା ଓ ରିତେଶଙ୍କ ପାଇଁ ସମସ୍ୟା ଥିଲା ପ୍ରତିଷ୍ଠିତ ସ୍ପୋର୍ଟିଂ ସେଂଟରଗୁଡିକ ବାହାରେ ପାରା-ଆଥ୍‌ଲେଟ୍‌ଙ୍କ ପାଇଁ ସ୍ୱତନ୍ତ୍ର ସ୍କାଉଟିଂ ଓ ମୂଲ୍ୟାଙ୍କନ ପାଇଁ ସୀମିତ ପହଂଚ। ପାରାସିଙ୍କ୍ କ୍ରୀଡାବିତମାନଙ୍କୁ ନିଜ କ୍ରୀଡା ପ୍ରଦର୍ଶନର ଭିଡିଓ ରେକର୍ଡ କିମ୍ବା ଅପ୍‌ଲୋଡ କରିବା ପାଇଁ ଦେଉଥିବା ବେଳେ ଏହାର କମ୍ପ୍ୟୁଟର ଭିଜନକୁ ଗତିବିଧି ଓ କ୍ରୀଡା ପଦ୍ଧତିକୁ ବିଶ୍ଳେଷଣ କରିବା ପାଇଁ ଡିଜାଇନ କରାଯାଇଛି । ଏହି ବିଚାରଧାରା, ଉକ୍ତ ସୂଚନା କିଭଳି କୋଚ୍ ଓ ସ୍କାଉଟମାନଙ୍କୁ ଦୂରରେ ରହି କ୍ରୀଡାବିତଙ୍କୁ ମୂଲ୍ୟାଙ୍କନ କରାଯାଇପାରିବ ତାହାକୁ ଅନୁସନ୍ଧାନ କରିଥାଏ, ଦକ୍ଷ ପାରା ଆଥ୍‌ଲେଟଙ୍କ ପାଇଁ ପ୍ରଥମେ ପ୍ରମୁଖ ସ୍ପୋର୍ଟିଂ ସେଂଟରଗୁଡିକରେ ନ ପହଂଚି ଦୃଶ୍ୟମାନତା ହାସଲ କରିବା ଲାଗି ଆଉ ଏକ ମାର୍ଗ ସୃଷ୍ଟି କରିଥାଏ। ସ୍ପୋର୍ଟ ଆଣ୍ଡ ଟେକ୍ ଥିମ ଅଧିନରେ ପାରାସିଙ୍କ୍ ଉଦୀୟମାନ ଟେକ୍ନୋଲୋଜିଗୁଡିକୁ କିଭଳି କ୍ରୀଡାରେ ପହଂଚ, ଅନ୍ତର୍ଭୁକ୍ତୀକରଣ ଓ ସୁଯୋଗ କ୍ଷେତ୍ରରେ ଏକ ବ୍ୟବହାରିକ ସମସ୍ୟା ଉପରେ ପ୍ରୟୋଗ କରାଯାଇପାରିବ ତାହାକୁ ଅନ୍ୱେଷଣ କରୁଛି । ହାରିକା ଓ ରିତେଶଙ୍କ ଯାତ୍ରା ସାମ୍‌ସଙ୍ଗ ସଲ୍ଭ ଫର ଟୁମୋରୋ ମଧ୍ୟରେ ଏକ ବିସ୍ତୃତ ପରିବର୍ତନର ଅଂଶ ରହିଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ୫୦%ରୁ ଅଧିକ ଜାତୀୟ ଶୀର୍ଷ ୪୦ଟି ଟିମ୍ ଟିୟର ୨ ଓ ଟିୟର ୩ ସହରଗୁଡିକରୁ ଆସିଛନ୍ତି । ଓଡିଶା ପାଇଁ ସୁନ୍ଦରଗଡର ହାରିକା ଓ ରିତେଶଙ୍କ ଚୟନ, ଯୁବପିଢ଼ିଭଳି ପହଂଚ ଓ ସୁଯୋଗ ମଧ୍ୟରେ ରହିଥିବା ଅନ୍ତରକୁ ଦୂର କରିବା ଲାଗି ଟେକ୍ନୋଲୋଜିର ପ୍ରୟୋଗ କରୁଛନ୍ତି ତାହାକୁ ହାଇଲାଇଟ କରିଛି । ତାଙ୍କର ପାରାସିଙ୍କ୍ ସଲ୍ୟୁଶନ ଏଆଇ ଓ କ୍ରୀଡାକୁ ଏକତ୍ରିତ କରିଛି । ସାମ୍‌ସଙ୍ଗ ସଲ୍ଭ ଫର୍ ଟୁମୋରୋର ଶୀର୍ଷ ୪୦ଟି ଟିମ୍ ଏବେ ୧୦ ଦିନର ଏକ ଇନୋଭେଶନ ବୁଟକ୍ୟାମ୍ପରେ ଅଂଶଗ୍ରହଣ କରିବେ, ସେଠାରେ ସେମାନେ ଏଫଆଇଟିଟି-ଆଇଆଇଟି ଦିଲ୍ଲୀରେ ଷ୍ଟାର୍ଟଅପ ପ୍ରତିଷ୍ଠାତା ଓ ଶିଳ୍ପ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ହାସଲ କରିବେ। ସେମାନେ ଦିଲ୍ଲୀ, ନୋଏଡା ଓ ବେଙ୍ଗାଲୁରୁରେ ସାମସଙ୍ଗ ଆରଆଣ୍ଡଡି ଇନ୍‌ଷ୍ଟିଚ୍ୟୁଟ, ସାମ୍‌ସଙ୍ଗ ଡିଜାଇନ ଦିଲ୍ଲୀ ଏବଂ ଗୁରୁଗ୍ରାମରେ ସାମସଙ୍ଗର ଆଂଚଳିକ ମୁଖ୍ୟାଳୟ ପରିଦର୍ଶନ କରିବେ। ଏହି ଟିମ୍‌ଗୁଡିକ ପରବର୍ତୀ ସମୟରେ ଟପ୍ ୨୦ରେ ସ୍ଥାନ ହାସଲ କରିବା ପାଇଁ ପ୍ରତିଯୋଗିତା କରିବେ।

ଦୁର୍ଗା ପୂଜା ବୈଠକ ଅନୁଷ୍ଠିତ

ବଲାଙ୍ଗୀର (ଅମୃତ ମିଡିଆ) : ଟିକ୍ରାପଡା ଦୁର୍ଗାପୂଜା ଓ ଦୁର୍ଗା ମଣ୍ଡପ ପରିଚାଳନା ନିମନ୍ତେ ସମସ୍ତ ସଭ୍ୟମାନଙ୍କ ଉପସ୍ଥିତିରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆଗାମୀ ଦୁର୍ଗାପୂଜାର ସୁଚାରୁ ରୂପେ ପରିଚାଳନା ଏବଂ ଦୁର୍ଗା ମଣ୍ଡପ ର ସର୍ବାଙ୍ଗିନ ଉନ୍ନତି ଓ ରକ୍ଷଣାବେକ୍ଷଣା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ଦୁଇଟି କମିଟି ଦୁର୍ଗା ପୂଜା କମିଟି ଓ ଦୁର୍ଗା ମଣ୍ଡପ କମିଟି ଗଠନ କରାଗଲା । ଦୁର୍ଗାପୂଜା ସୁପରିଚାଳନା ପାଇଁ ସଭାପତି ରୂପେ ପ୍ରଦୋଶ ବିଶି, ସମ୍ପାଦକ ବେଟୁନ୍ ସ୍ୱାଇଁ ଓ କାଳିରଂଜନ ମିଶ୍ରଙ୍କୁ କୋଷାଧ୍ୟକ୍ଷ ହିସାବରେ ସର୍ବସମ୍ମତି ରେ ଚୟନ କରାଗଲା । ସର୍ବୋପରି ବୈଠକରେ ସବୁ ବର୍ଷ ପରି ଏହି ବର୍ଷ ମଧ୍ୟ ନବରାତ୍ର କରାଯିବାର ନିଷ୍ପତ୍ତି ଗ୍ରହଣ କରାଗଲା । ସେହି ପରି ୧୦ ଜଣ ସଦସ୍ୟଙ୍କୁ ନେଇ ମଣ୍ଡପ କମିଟି ଗଠନ କରାଯିବା ପାଇଁ ସର୍ବ ସମ୍ମତି ରେ ଅନୁମୋଦନ କରାଗଲା । ସଭାକୁ ସୁଧୀର ତ୍ରିପାଠି ପରିଚାଳନା କରିଥିବା ବେଳେ ରଂଜନ ତ୍ରିପାଠି, ବିରେନ୍ଦ୍ର ବନଛୋର, ହେମନ୍ତ ପଣ୍ଡା, ଅଜୟ ତ୍ରିପାଠି, ଜ୍ଞାନ ରଂଜନ ମିଶ୍ର, ବିଧୁଭୂଷଣ ତ୍ରିପାଠି, ସଂଜୀବ ରଥ, ମୁନା ବୁଦ୍ଧା, ସଂଜୀବ ପଡିଆରି, ସୁଜିତ ପଟ୍ଟନାୟକ, ସତ୍ୟନାରାୟଣ ମିଶ୍ର, ସନତ ପୁରୋହିତ (ବୁନବୁନି), ବିଜିପ ସାମଲ, ଟିଙ୍କୁ ପଣ୍ଡା, ଉମା ସ୍ୱାଇଁ, ଆଶିଷ ମିଶ୍ର, ନଗେନ ନିଆଲ ଏବଂ ଟୁଲୁ ବନଛୋର ଆଦି ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ଯାଦବ ସମାଜ ପକ୍ଷରୁ ମହାସମାରୋହରେ ନନ୍ଦ ଉତ୍ସବ ପାଳିତ

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ସହରରେ ଯାଦବ ସମାଜ ପକ୍ଷରୁ ନନ୍ଦ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଉତ୍ସବ ଅବସରରେ ସହରରେ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ହଜାର ହଜାର ଲୋକଙ୍କ ସମାଗମରେ ସାରା ସହର ଉତ୍ସବମୁଖର ହୋଇଉଠିଥିଲା ।ଏହି ଅବସରରେ ଜୁନାଗଡ଼ସ୍ଥିତ ଦୁର୍ଗା ମନ୍ଦିର ପ୍ରାଙ୍ଗଣରୁ ଏକ ବିଶାଳ ଓ ଭବ୍ୟ ଶୋଭାଯାତ୍ରା ବାହାରିଥିଲା । ପାରମ୍ପରିକ ବେଶଭୂଷା ଓ ଉତ୍ସବର ଆଧାତ୍ମିକ ପରିବେଶ ମଧ୍ୟରେ ଶୋଭାଯାତ୍ରାଟି ସହରର ପରିକ୍ରମା କରି ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣରେ ପହଞ୍ଚିଥିଲା ।ପରେ ସହର ସ୍ଥିତ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଏକ ସାଂସ୍କୃତିକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ବିଭିନ୍ନ ମନୋରଞ୍ଜନଧର୍ମୀ ଓ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା ।ଏହି ଉତ୍ସବରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଯାଦବ ଭାଇଭଉଣୀଙ୍କ ସମେତ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ । ସମସ୍ତଙ୍କ ଉପସ୍ଥିତି ଓ ଉତ୍ସାହରେ ଜୁନାଗଡ଼ ସହର ଦିନତମାମ ଭକ୍ତି, ଭାଇଚାରା ଓ ଉତ୍ସବର ମାହୋଲରେ ମୁଖରିତ ହୋଇଥିଲା । ଅନୁଷ୍ଠିତ ସଭାରେ ଶିବ ହାତୀ, ଡାକେ ଲହଜଲ, ନୀଳାଦ୍ରୀ ପୁଞ୍ଜୀ, ଡମରୁ କଟା, ଗୋପାଳ ଚନ୍ଦନ ଓ ରଞ୍ଜିତ କଟା ପ୍ରମୁଖ ମଞ୍ଚାସୀନ ଥିଲେ । ନନ୍ଦ ଉତ୍ସବକୁ ସଫଳ ଓ ସୁସମ୍ପନ୍ନ କରିବାରେ ଗଣେଶ ଗହୀର, ପ୍ରକାଶ ନିଆଲ, ସୁରେଶ ବାଗ, କୁମୁଦ ଗହୀର, ଧନମାଳୀ ବାଗ, ଧର୍ମେନ୍ଦ୍ର ଧାଙ୍ଗଡାମାଝି, ରାଜୀବ ନାଗ, ତୁଫାନ ଘୀ, ଲକ୍ଷ୍ମଣ ଘୀ, ଗୋବର୍ଦ୍ଧନ ନାଗ, ତାରିଣୀ ହଂସ, ଦାମ କାଣ୍ଡ, ପୂର୍ଣ୍ଣ ଭାଟି, ପୌଲସ୍ତ୍ୟ ବାଗ, ରାକେଶ ଚଣ୍ଡୀ, ବିଜେନ୍ଦ୍ର ଗହୀର, ଭକ୍ତ ଭଣ୍ଡକ୍ଷରଗରିଆ ଓ ଅଶୋକ ନାଗ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଯାଦବ ସମାଜର ଏହି ଭବ୍ୟ

ଜିଲ୍ଲା ସାମ୍ବାଦିକ ଏବଂ ଶିକ୍ଷକ ୟୁନିଅନ ତରଫରୁ ଗୁରୁ ପୂଜନ ଉତ୍ସବ

ବାରିପଦା(ଅମୃତମିଡିଆ): ରାଇରଙ୍ଗପୁର ସ୍ଥିତ ହରେକୃଷ୍ଣ ମହତାବ ଭବନ ପରିସରରେ ଗୁରୁ ଦିବସ ଅବସରରେ ଜିଲ୍ଲା ସାମ୍ବାଦିକ ୟୁନିଅନ ଓ ଶିକ୍ଷକ ୟୁନିଅନର ମିଳିତ ଆନୁକୂଲ୍ୟରେ ' ଗୁରୁ ପୂଜନ' ଉତ୍ସବ ମହାସମାରୋହରେ ପାଳନ କରାଯାଇଛି । ଏହି ଦିବସ ଅବସରର ପ୍ରାରମ୍ଭରେ ସ୍କୁଲ କଲେଜ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଗୁରୁ ପୂଜନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ପୋଲିସ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁରେଶ ପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ସମ୍ମାନିତ ଅତିଥି ପଦ୍ମଶ୍ରୀ ଚରଣ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ରାଇରଙ୍ଗପୁର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ମାତରଂ ଗାନ ପରିବେଷଣ କରାଯାଇଥିଲା । ଏଥିରେ ବାମନଘାଟି ସାମ୍ବାଦିକ ସଂଘର ପ୍ରାକ୍ତନ ସଭାପତି ପ୍ରଦୀପ୍ତ କବି ସଭାପତିତ୍ୱ କରିଥିବାବେଳେ, ସଂପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଆୟୋଜିତ ସାଧାରଣ ସଭାରେ ପୂର୍ବତନ ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା ନବନିର୍ବାଚିତ ସଂଗଠନ ସଂପାଦକ ଲଳିତ କୁମାର ବେହେରା ବିଗତ ଦିନରେ ସଂଘର ଶକ୍ତିକୁ ସୁଦୃଢ଼ କରିବା ପାଇଁ ଦେଖାଇଥିବା ତାଙ୍କର ଦକ୍ଷତାକୁ ଭୂୟସୀ ପ୍ରଶଂସା କରିଥିଲେ । ପରେ ଲଳିତ କୁମାର ବେହେରା ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ, ଅବିଭାବକ ଓ ପରିଚାଳନା କମିଟି ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ପ୍ରଥମ କର୍ତବ୍ୟ ହେବା ଉଚିତ, ଏହି ସମନ୍ୱୟ ଯେତେ ଦୃଢ଼ୀଭୂତ ହେବ ସଂଘର ଶକ୍ତି ସେହିପରିମାଣରେ ବୃଦ୍ଧି ପାଇବ ବୋଲି ବ୍ୟକ୍ତ କରିଥିଲେ ।

ପ୍ରଧାନ ଶିକ୍ଷକ ସୁରଥ ପଟ୍ଟନାୟକ ମଂଚ ପରିଚାଳନା କରିଥିଲେ । ଅତିଥିଗଣ କହିଥିଲେ, ଶିକ୍ଷା ହେଉଛି ଦେଶର ପ୍ରଗତିର ଶାସକ। ଯେଉଁ ଦେଶର ଶିକ୍ଷାରେ ଆଗେଇଛି, ସେହି ଦେଶର ଅର୍ଥନୀତିରେ ପ୍ରଗତି ସେତେ ଅଧିକ ହୋଇଛି । ଶିକ୍ଷାର ବିକାଶରେ ଶିକ୍ଷକମାନଙ୍କ ତ୍ୟାଗ, ଭୂମିକା, ନିଷ୍ଠା, ପରିଶ୍ରମ, ଅନନ୍ୟ ଓ ଅବର୍ଣ୍ଣନୀୟ। ସେମାନଙ୍କୁ ଏ ଦେଶ ଓ ସମାଜ ସମ୍ମାନ ଜଣାଇବା ଉଚିତ । ପରେ ଅତିଥିଗଣ ବାମନଘାଟୀ ଉପଖଣ୍ଡର ୩୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ, ଛଉ ଗୁରୁ ବିଭୂତି ଭୂଷଣ ମହାନ୍ତ, ସଙ୍ଗୀତ ଗୁରୁ ନଗେନ୍ଦ୍ର ସି, ସାମାଜିକ ସେବା କ୍ଷେତ୍ରରେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟ ୧୯୯୮ ମେଟ୍ରିକ୍ ବ୍ୟାଚ ସଂଗଠନଙ୍କୁ ଉତ୍ତରୀୟ, ମାନପତ୍ର ଓ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ସାମ୍ବାଦିକ ୟୁନିଅନ ଓ ଶିକ୍ଷକ ୟୁନିଅନର କାର୍ଯ୍ୟକର୍ତ୍ତାଙ୍କ ଏଭଳି ସାମାଜିକ କାର୍ଯ୍ୟକ୍ରମକୁ ଏସ୍ପି ସୁରେଶ ପାତ୍ର ଓ ଅତିଥିଗଣ ଭୂରି ଭୂରି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନ ଶିକ୍ଷକ ଦିଲୀପ ମହାନ୍ତି, ପ୍ରାକ୍ତନ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକୁମାର କବି ସହଯୋଗ କରିଥିଲେ । ସାମ୍ବାଦିକ ମାନସ ରଞ୍ଜନ ମହାନ୍ତି, ସୁବାସ ପାତ୍ର, ତୁଷାରକାନ୍ତ ମହାନ୍ତ, ଅକ୍ଷୟ ବିଶ୍ୱାଳ, ପ୍ରଦୀପ ମହାନ୍ତ, ରାଜେଶ ଶର୍ମା, ଛୋଟରାୟ ମୁର୍ମୁ, ମେଘନାଦ ହେମ୍ବ୍ରମ, ସୁରେନ୍ଦ୍ର ମୁଣ୍ଡା, ନିରଜ ସାହୁ , ରଞ୍ଜନ ପାତ୍ର, ଅମିୟ ମହାନ୍ତି, ପରେଶ ଚନ୍ଦ୍ର ଷଡ଼ଙ୍ଗୀ, ଜିତୁ ଷଡ଼ଙ୍ଗୀ, ସେକ୍ ନାସିର, ବିକାଶ ଶର୍ମା, ଜିତେନ୍ଦ୍ର ଅଗ୍ରୱାଲ, ଯଶୋବନ୍ତ ବାରିକ, ଶିବଶଙ୍କର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

ପିଏମ୍ କିଷାନ ଯୋଜନାର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ

ଜିଲ୍ଲାର ୨,୮୭,୫୧୦ ଚାଷୀ ହେବେ ଉପକୃତ



ବାରିପଦା(ଅମୃତମିଡିଆ): ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ କୃଷକ କଲ୍ୟାଣକାରୀ ଯୋଜନା ସିଏମ କିସାନ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦା, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସଙ୍କ ସହ ଅନେକ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଯୋଜନା ମାଧ୍ୟମରେ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର ସର୍ବମୋଟ ୨ ଲକ୍ଷ ୮୭ ହଜାର ୫୧୦ ଜଣ କୃଷକ ଉପକୃତ ହେବେ । ଯୋଗ୍ୟ କ୍ଷୁଦ୍ର ଓ ନାମମାତ୍ର କୃଷକ ପରିବାରଙ୍କୁ ଖରିଫ ଓ ରବି ଋତୁ ପାଇଁ ୨ହଜାର ଟଙ୍କା ଲେଖାଏଁ ବାର୍ଷିକ ୪ହଜାର ଟଙ୍କା ଏବଂ ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ୬ହଜାର ଟଙ୍କା ମିଶି ବାର୍ଷିକ ସର୍ବମୋଟ ୧୦ହଜାର ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି. ଏହାସହ ଭୂମିହୀନ କୃଷି ପରିବାରକୁ ଜୀବିକା ସହାୟତା ବାବଦକୁ ୩ଟି କିସ୍ତିରେ ୧୨ ହଜାର ୫ଶହ ଟଙ୍କା ଯୋଗାଇ ଦିଆଯାଉଛି । ?କାର୍ଯ୍ୟକ୍ରମ ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବଡ଼ସାହି ବିଧାୟକ ସନାତନ ବିଜୁଳି କହିଛନ୍ତି ଯେ, ଚାଷୀଙ୍କ ଆୟ ଦ୍ୱିଗୁଣ କରିବା ସହ ସେମାନଙ୍କ ଉନ୍ନତି ପାଇଁ ସରକାର ସବସିଡି, ଉଠାଜଳସେଚନ ଭଳି ଅନେକ ଯୋଜନା ପ୍ରଣୟନ କରୁଛନ୍ତି । ଉଭୟ ପିଏମ କିଷାନ ଓ ସିଏମ କିଷାନ ମାଧ୍ୟମରେ ମିଳୁଥିବା ଆର୍ଥିକ ରାଶି ଚାଷୀଙ୍କ ପାଇଁ ବେଶ ଉପାଦେୟ ସାବ୍ୟସ୍ତ ହେବ । ?ସେହିପରି ଉପସ୍ଥିତ ଚାଷୀ ଦେବେନ୍ଦ୍ରନାଥ ସିଂ କହିଛନ୍ତି ଯେ, ବନ୍ୟା ଓ ବାତ୍ୟା ପ୍ରଭାବିତ ପରିସ୍ଥିତିରେ ଏହି ସହାୟତା ଚାଷୀଙ୍କ ପାଇଁ ବହୁତ ଉପଯୋଗୀ। ଆଗାମୀ ରବି ଋତୁରେ ଚାଷ କାର୍ଯ୍ୟ ନିମନ୍ତେ ଏହି ଅର୍ଥ ବିଶେଷ ସହାୟକ ହେବ ବୋଲି ସେ ପ୍ରକାଶ କରିବା ସହ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତା ନିର୍ବାଚନ

ସମନ୍ୱୟ ହିଁ ବଢ଼ାଇବ ସଂଘର ଶକ୍ତି : ଲଳିତ ବେହେରା

ବାରିପଦା /ଉଦଳା(ଅମୃତମିଡିଆ): ମୟୂରଭଂଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତା ନିର୍ବାଚନ

ନିକଟରେ ହୋଇ ଯାଇଛି । ଏଥିରେ ଉଦଳା ଅଂଚଳରେ କାର୍ଯ୍ୟରତ ଶିକ୍ଷକ ଲଳିତ କୁମାର ବେହେରା ଜିଲ୍ଲା ସଂଗଠନ ସଂପାଦକ ଭାବରେ ନିର୍ବାଚିତ ହୋଇଛନ୍ତି । ଏଥିପାଇଁ ଉଦଳା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ସଂଘର ଉଦଳା ବ୍ଲକ ସଭାପତି ଅନ୍ତର୍ଯ୍ୟମୀ ବେହେରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମାଳତୀ ବେହେରା, କୃଷ୍ଣ ଚନ୍ଦ୍ର ମହାନ୍ତ, ପ୍ରମୋଦ କୁମାର ମହାନ୍ତି, ମୀନାକ୍ଷୀ ପାଲ, ମୀନାକ୍ଷୀ ମିଶ୍ର, ଦୁର୍ଯ୍ୟୋଧନ ଦଳେଇ, ଇନ୍ଦିରା ପ୍ରିୟଦର୍ଶିନୀ ସାମଲ, ବନ୍ଦିତା ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣପୂର୍ବକ ନବନିର୍ବାଚିତ ସଂଗଠନ

ଏମପିସି କଲେଜରେ ପ୍ରି-ଡାଇବେଟିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାରିପଦା(ଅମୃତମିଡିଆ): ବାରିପଦା ଡକପୁର ସ୍ଥିତ ଏମ.ପି.ସି. ସ୍ୱୟଂଶାସିତ ମହାବିଦ୍ୟାଳୟର

କନଫରେନ୍ସ ହଲରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ଏକ ପ୍ରି-ଡାଇବେଟିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଉଦ୍‌ଘାଟନ କରିଥିଲେ । ଶିବିରରେ ମୋଟ ୩୫୯ ଜଣ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । ପି.ଆର.ଏମ. ମେଡିକାଲ କଲେଜ, ବାରିପଦାର ମଲ୍ଟି ରିସର୍ଚ୍ଚ ୟୁନିଟର ମେଡିକାଲ ଟେକ୍ନିକାଲ କର୍ମଚାରୀମାନେ ଏହି ଶିବିରରେ ସହଯୋଗ କରିଥିଲେ । ମହାବିଦ୍ୟାଳୟର ୟୁବ ରେଡକ୍ରସ, ଏନ.ଏସ.ଏସ, ଏନ.ସି.ସି. ଏବଂ ରୋଭର୍ସ ଓ ରେଞ୍ଜର୍ସର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ ଭାବେ ଡ. ହରପ୍ରସାଦ ମହାପାତ୍ର ଏବଂ ଉପ-ସଂଯୋଜକ ଭାବେ ଡ. ରଞ୍ଜନ ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ରଶ୍ମିତା ନାୟକ, ଡକ୍ଟର ଟୁତୁ, ଦୀପିକା ରାଣା, ପ୍ରଣତି ନାୟକ, ବିନିତା ମୁର୍ମୁ, ଡ. ଦୀପକ କୁମାର ବେହେରା, ଡ. ଆଶୁତୋଷ ପ୍ରୟାସ ଦାଶ, ଡ. ଅନାମ ଚରଣ ରାଉଳଙ୍କ ସମେତ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧୁମେହ ଓ ପ୍ରି-ଡାଇବେଟିକ ସ୍ଥିତି ସମ୍ପର୍କରେ ସଚେତନତା ସୃଷ୍ଟି ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱ ଉପରେ ଏହି ଶିବିରରେ ଗୁରୁତ୍ୱ ଦିଆଯାଇଥିଲା।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଣୀତୀର୍ଥରେ ଜନ୍ମାଷ୍ଟମୀ ଉତ୍ସବ

ବାରିପଦା /କରଞ୍ଜିଆ(ଅମୃତମିଡିଆ): କରଞ୍ଜିଆସ୍ଥିତ ବାଣୀତୀର୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଶ୍ରଦ୍ଧା ଓ ଭକ୍ତିପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ କରଞ୍ଜିଆ ଥାନାର ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନ ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ପାଲାଗାୟକ ଟିକେଶ୍ୱର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ବାରିକ ଜନ୍ମାଷ୍ଟମୀ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ

ବର୍ତ୍ତମାନ ସମାଜରେ ଦେଖାଦେଉଥିବା ବିଭିନ୍ନ ଆହ୍ୱାନର ମୁକାବିଲା କରି ଆଧ୍ୟାତ୍ମିକତାର ପଥ ଅନୁସରଣ କରି ଆଗକୁ ବଢ଼ିବାକୁ ଦିଗ୍‌ଦର୍ଶନ ଦେଇଥିଲେ। ଉତ୍ସବ ଅବସରରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶ୍ରୀକୃଷ୍ଣ ଓ ରାଧା ବେଶ ପ୍ରଦର୍ଶନ କରାଯାଇଥିଲା। ଏହା ଉପସ୍ଥିତ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅତିଥିମାନଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଦିଲ୍ଲୀପ କୁମାର ଗିରି, ଯୁଗ୍ମ ସମ୍ପାଦକ ଉପେନ୍ଦ୍ରନାଥ ମହାନ୍ତ ଓ ସଦସ୍ୟା ରଞ୍ଜିତା ପାରମାଣିକ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ସମସ୍ତ ଗୁରୁଜୀ-ଗୁରୁମାଙ୍କ ସହଯୋଗରେ ଉତ୍ସବଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଶେଷରେ ପରିଚାଳନା ସମିତିର ସମ୍ପାଦକ ଈଶ୍ୱର କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ଏବେ ଅଚଳ ଗାଡ଼ିର ବି ସାହାରା

ବାରିପଦା /ସାହାରପଡ଼ା(ଅମୃତମିଡିଆ): ଆମ୍ବୁଲାନ୍ସର ମୁଖ୍ୟ କାମ ହେଉଛି ଜରୁରୀକାଳୀନ ସମୟରେ ରୋଗୀଙ୍କୁ ଚିକିତ୍ସାଳୟରେ ପହଞ୍ଚାଇ ଜୀବନ ରକ୍ଷା କରିବା।

ହେଲେ କେନ୍ଦୁଝର ଜିଲ୍ଲା, ସାହାରପଡା ଅଞ୍ଚଳ ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥରେ ଏକ ଭିନ୍ନ ଦୃଶ୍ୟ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଏକ ଆମ୍ବୁଲାନ୍ସ ରାସ୍ତାରେ ଅଚଳ ହୋଇପଡ଼ିଥିବା ଏକ ଗାଡ଼ିକୁ ରସି ସାହାଯ୍ୟରେ ଟାଣି ନେଉଥିବା ଦେଖିବାକୁ ମିଳିଛି। ଉକ୍ତ ଗାଡ଼ିଟିକୁ ସାହାରପଡା ପଟୁ ପାଟଣା ଅଭିମୁଖେ ନିଆଯାଉଥିବା ସୂଚନା ମିଳିଛି। ଜରୁରୀକାଳୀନ ରୋଗୀ ସେବା ପାଇଁ ନିୟୋଜିତ ଆମ୍ବୁଲାନ୍ସ ଏଭଳି ଅନ୍ୟ ଏକ ଅଚଳ ଗାଡ଼ିକୁ ଟାଣି ନେଉଥିବା ଦୃଶ୍ୟକୁ ନେଇ ଏବେ ନାନା ପ୍ରଶ୍ନ ଉଠିଛି। ଯଦି ଏହି ସମୟରେ କୌଣସି ଗୁରୁତର ରୋଗୀଙ୍କ ପାଇଁ ଆମ୍ବୁଲାନ୍ସର ଆବଶ୍ୟକତା ପଡ଼ିଥାନ୍ତା, ତେବେ ସେବା କିପରି ମିଳିଥାନ୍ତା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ରୋଗୀଙ୍କ ପାଇଁ ଦୌଡ଼ିବାକୁ ଥିବା ଆମ୍ବୁଲାନ୍ସ ଏବେ ଅଚଳ ଗାଡ଼ିକୁ ଟାଣୁଛି— ଏହା ମାନବିକତା ନା ଦାୟିତ୍ୱର ଅପବ୍ୟବହାର, ତାହାକୁ ନେଇ ଚର୍ଚ୍ଚା।

ଜଗବନ୍ଧୁ ହାଇସ୍କୁଲରେ ଗୁରୁପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ

ବାରିପଦା(ଅମୃତମିଡିଆ): ନବଡ଼ସାହି ବ୍ଲକ ଅନ୍ତର୍ଗତ ବାଲିଯୋଡ଼ା ଗ୍ରାମର ଜଗବନ୍ଧୁ ସରକାରୀ

ଉଚ୍ଚ ବିଦ୍ୟାଳୟଠାରେ ବି ଦ୍ୟ । ଳ ୟ ର ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ମୁର୍ମୁଙ୍କ ସଭାପତିତ୍ୱରେ ଗୁରୁଦିବସ ଉପଲକ୍ଷେ ଗୁରୁପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷା ଓ ଶିକ୍ଷକ ବିନା ସମାଜ ତଥା ଦେଶର ଉନ୍ନତି ଅସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷୟିତ୍ରୀ ଇନ୍ଦୁଲତା ପତିଙ୍କୁ ଦୀର୍ଘ ବର୍ଷର ଶିକ୍ଷାଦାନ ପାଇଁ ବିଦ୍ୟାଳୟ ପରିବାର ପକ୍ଷରୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣିତ ଶିକ୍ଷକ ଦୀପକ ରାମ ସ୍ୱାଗତ ଭାଷଣ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ରୋଜାଲିକା ଗିରି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପାର୍ଥସାରଥି ଜେନା, ଶିକ୍ଷୟିତ୍ରୀ ରେଖାରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଅଫିସ ସହାୟକ ପଦ୍ମାବତୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

ନଦୀରେ ଔଷଧ ଫିଙ୍ଗାଯିବା ଘଟଣା

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଷ୍ଟୋରକିପର ନିଲମ୍ବିତ

ବାରିପଦା (ଅମୃତମିଡିଆ): ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିଛିଦିନ



ପୂର୍ବରୁ ଔଷଧ ଓ ମେଡିକାଲ ସାମଗ୍ରୀ ଅବଧି ଶେଷ ହେବା ପୂର୍ବରୁ ନଦୀକୁ ଫୋପାଡ଼ି ଦିଆଯାଇଥିବାର ଦେଖାଯାଇଥିଲା । ଏ ନେଇ ବରିଷ୍ଠ ଷ୍ଟୋରକିପର ରୂପେନ୍ଦ୍ର ନାଥ ସିଂଙ୍କ ନାମରେ ଅଭିଯୋଗ ହୋଇଥିଲା । ହସ୍ପିଟାଲ କର୍ତୃପକ୍ଷ ରୂପେନ୍ଦ୍ରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବାର ଜଣାଯାଇଛି। ଲମ୍ବା ଲାଇନରେ ରହି ସରକାରୀ ଡାକ୍ତରଖାନାରେ ଗରିବ ରୋଗୀ ଚିକିଏ ମାଗଣା ଔଷଧ ପାଇଁ ହଇରାଣ ହେଉଥିବା ବେଳେ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ଚରମ ଅପାରଗତା ଓ ଖାମଖିଆଲି କାର୍ଯ୍ୟକଳାପର ଚିତ୍ର ସାମ୍ନାକୁ ଆସିଛି । ସରକାରୀ ଡହଲିରୁ କୋଟି କୋଟି ଟଙ୍କା ଖର୍ଚ୍ଚହୋଇ କରୋନା ସମୟରେ କିଣାଯାଇଥିବା ଭେଣ୍ଟିଲେଟର କିଟ୍, ମୂଲ୍ୟବାନ ଔଷଧ, ଇଞ୍ଜେକ୍ସନ, ସାଲାଇନ ବୋତଲ ଓ ଡାକ୍ତରୀ ଉପକରଣ ରୋଗୀଙ୍କ କାମରେ ନ ଲଗାଇ ୫ବର୍ଷ ଧରି ଷ୍ଟୋରରେ ପକାଇ ନଷ୍ଟ କରିଦିଆଗଲା । ଏହି ବଡ଼ ଧରଣର ଦୁର୍ନୀତି ଓ ଷ୍ଟକ ଅବ୍ୟବସ୍ଥାକୁ ଲୁଚାଇବା ପାଇଁ ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ ନିୟମକୁ ଜଳାଞ୍ଜଳି ଦେଇ ବସ୍ତା ବସ୍ତା ଏକ୍ସପାୟାରି ଔଷଧକୁ ସିଧା ନଦୀପାଣିକୁ ଫିଙ୍ଗି ଦେଇଥିଲେ ହସ୍ପିଟାଲ କର୍ତୃପକ୍ଷ। ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏଭଳି ଲଜ୍ଜାଜନକ କାର୍ଯ୍ୟକଳାପ, ରାଜକୋଷର ଖୋଲା ଲୁଟ୍ ଏବଂ ନଦୀ ପ୍ରଦୂଷଣ ପାଇଁ ପ୍ରକୃତରେ ଦାୟୀ କିଏ ? କେବଳ ତଳିଆ କର୍ମଚାରୀଙ୍କ ଉପରେ ଦୋଷ ନ ଲଦି ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ସହ ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ବୁଦ୍ଧିଜୀବୀ କରିଛନ୍ତି ।

ମଦ୍ୟପାନ କରି ଗାଡ଼ି ଚାଳନା: କରଞ୍ଜିଆ ଥାନାରେ ୪ ମାମଲା ରୁଜୁ

ବାରିପଦା /କରଞ୍ଜିଆ (ଅମୃତମିଡିଆ): କରଞ୍ଜିଆ ସହରର ବିଭିନ୍ନ ସ୍ଥାନରେ ମୋଟର ଯାନ ଯାଞ୍ଚ (ଏମ୍ଭି ଚେକିଂ) ଅନୁଷ୍ଠିତ ହୋଇଛି। କରଞ୍ଜିଆ ଥାନା ପୁଲିସ ଓ ମୋଟର ଯାନ ନିରୀକ୍ଷକ (ଏମ୍ଭିଆଇ)ଙ୍କ ମିଳିତ ଉଦ୍ୟମରେ ଏହି ଯାଞ୍ଚ କରାଯା

ଶିକ୍ଷକ ଅଭାବ କାରଣରୁ ଲକ୍ଷ୍ୟ ସାଧନ ବାଧକ

- ଜଣେ ଶିକ୍ଷକଙ୍କ କାନ୍ଧରେ ସ୍କୁଲ ଭାର
- ୭ ବିଷୟ ସହ ଶାରୀରିକ ଶିକ୍ଷା ଦେଉଛନ୍ତି ସାହିତ୍ୟ ସାର୍

ହାଟଡ଼ିହି (ଅମୃତ ମିଡିଆ): କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତଙ୍କୁ ଶିକ୍ଷା, ଉତ୍ତମ ଶିକ୍ଷାର ନାରା ଦେଉଛନ୍ତି। ମାତ୍ର ବାସ୍ତବ ସ୍ଥିତି କିନ୍ତୁ ଓଲଟା। ଗ୍ରାମାଞ୍ଚଳରେ ସ୍କୁଲରେ ମୌଳିକ ସୁବିଧା, ଶିକ୍ଷକ ଅଭାବ କାରଣରୁ ଲକ୍ଷ୍ୟ ସାଧନ ହୋଇପାରୁନାହିଁ। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକର ଶାଳଣିଆଁ ହାଇସ୍କୁଲ ଏହାର ଜ୍ୱଳନ୍ତ ଉଦାହରଣ। ଏଠି ସ୍କୁଲ ଅଛି, ପିଲା ଅଛନ୍ତି, ବିଲ୍ଡିଂ ଅଛି, ହେଲେ ପଢ଼ାଇବାକୁ ଶିକ୍ଷକ ନାହାନ୍ତି। ଜଣେ ସାହିତ୍ୟ ଶିକ୍ଷକଙ୍କ କାନ୍ଧରେ ସମ୍ପୂର୍ଣ୍ଣ ସ୍କୁଲ ଭାର ରହିଛି। ଫଳରେ ପିଲାଙ୍କ ଶିକ୍ଷାରେ ସୁଧାର ଆସିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ୧୯୮୪ରେ ସ୍ଥାପିତ ଏହି ହାଇସ୍କୁଲରେ ନବମ ଶ୍ରେଣୀରେ ୨୪, ଦଶମରେ ୨୧ଜଣ ମୋଟ ୪୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପାଠ ପଢ଼ାଇବାକୁ ଜଣେ ଶିକ୍ଷୟିତ୍ରୀ, ଜଣେ ଶିକ୍ଷକ ନିଯୁକ୍ତ ହୋଇଥିଲେ। ମାତ୍ର ଶିକ୍ଷୟିତ୍ରୀ ଗତ ଜୁନ୍ ?ରୁ ମାତୃତ୍ୱ ଛୁଟିରେ ରହିଛନ୍ତି। ଫଳରେ ୩ ମାସ ହେବ ପୂରା ହାଇସ୍କୁଲ ଭାର ମାତ୍ର ଜଣେ ଶିକ୍ଷକ ଗୌତମ ଧୁରୁଆଙ୍କ କାନ୍ଧରେ ଲଦାହୋଇଛି। ସେ ଓଡ଼ିଆ(ସାହିତ୍ୟ) ଶିକ୍ଷକ ହୋଇଥିବା ବେଳେ ଗଣିତ, ଇଂଲିଶ, ସଂସ୍କୃତ, ହିନ୍ଦୀ, ସାଧାରଣ ବିଜ୍ଞାନ, ସାମାଜିକ ବିଜ୍ଞାନ ପଢ଼ାଉଛନ୍ତି। ଏପରିକି ପ୍ରଧାନଶିକ୍ଷକଙ୍କ ଦାୟିତ୍ୱ ସହ କିରାଣିଙ୍କ କାମ ମଧ୍ୟ କରୁଛନ୍ତି। ଶାରୀରିକ ଶିକ୍ଷା ଶିକ୍ଷକ ନ ଥିବା ବେଳେ ଶାରୀରିକ ଶିକ୍ଷା ମଧ୍ୟ ପ୍ରଦାନ କରୁଛନ୍ତି। ଜଣେ ଶିକ୍ଷକ ଏତେ ବିଷୟ ପଢ଼ାଇବା ସହ ସ୍କୁଲର ଅନ୍ୟାନ୍ୟ କାମ ବୁଝାବୁଝି କରୁଥିବାରୁ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ପିଇବା ପାଣି ଓ ଶୌଚାଳୟ ସୁବିଧା ରହିଥିବାବେଳେ ହାଇସ୍କୁଲରେ ଆଜି ପର୍ଯ୍ୟନ୍ତ ଖେଳ ପଡ଼ିଆଟିଏ ନାହିଁ। ଅନ୍ୟପକ୍ଷେ ସ୍କୁଲର ପଛପଟ ପାଚେରି ନ ଥିବାରୁ ଦିନରାତି ଗୋରୁ, କୁକୁର ସ୍କୁଲ ପରିସରରେ ପଶି ମଳମୂତ୍ର ତ୍ୟାଗ କରୁଛନ୍ତି। ପିଲାମାନେ ଯେଉଁଠି ବସି ପାଠ ପଢ଼ିବେ, ସେଠି ଗୋବର ପଡ଼ି ରହୁଛି। ୨୦୨୨ରେ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ପାଇଁ ୫-ଟିରେ ୫୦ ଲକ୍ଷ ଟଙ୍କା, ୨୦୨୩ରେ ସାଇନ୍ସ ଲାବରୋଟରି, ଲାଇବ୍ରେରି ଗୃହ ନିର୍ମାଣ ପାଇଁ ୩୨ ଲକ୍ଷ ଟଙ୍କା ଅନୁଦାନ କେନ୍ଦୁଝର ଡିଏମ୍ ?ଏଫ୍ ?ରୁ ଆସିଥିଲା। କିନ୍ତୁ ଅଦ୍ୟାବଧି ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନି କି ଯେଉଁ ସବୁ କାର୍ଯ୍ୟ କରାଯିବା କଥା ତାହା ମଧ୍ୟ କରାଯାଇନାହିଁ। ସାଇନ୍ସ ଲାବରେଟୋରି ଏବଂ ଲାଇବ୍ରେରି ପାଇଁ ୨ମହଲା ବିଶିଷ୍ଟ କୋଠା ଗୃହ ନିର୍ମାଣ ସରିଥିଲେ ବି କାର୍ଯ୍ୟକ୍ଷମ ହୋଇନାହିଁ। ଲାଇବ୍ରେରିରେ ପାଠ୍ୟପୁସ୍ତକ ନାହିଁ କି ସାଇନ୍ସ ଲାବରେଟୋରିରେ ଯନ୍ତ୍ରପାତି, ଉପକରଣ, ସରଞ୍ଜାମ ନାହିଁ। ଏପରିକି ସ୍କୁଲ ପରିସରରେ ଏକ ଅସୁରକ୍ଷିତ ପାଣି କୁଣ୍ଡ କରାଯାଇଛି, ଯାହାକି ଛାତ୍ରୀଛାତ୍ରଙ୍କ ପାଇଁ ବିପଦପୂର୍ଣ୍ଣ ସାଜିଛି। ପୂର୍ବତନ ପ୍ରଧାନ ଶିକ୍ଷକ କୋଦଣ୍ଡଧର ମହାନ୍ତି ଏବଂ ଶାଳଣିଆଁ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ କହିଛନ୍ତି, ସାଇନ୍ସ ଲାବରେଟୋରି, ଲାଇବ୍ରେରି ପାଇଁ ୨ ମହଲା ବିଶିଷ୍ଟ କୋଠା ନିର୍ମାଣ ସରିଥିଲେ ବି ତାହା କାମରେ ଲାଗୁନାହିଁ। ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣରେ ଯାହା ସବୁ କାର୍ଯ୍ୟ କରାଯିବା କଥା ତାହା ହୋଇନାହିଁ କି ଅଦ୍ୟାବଧି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। କଣ୍ଟାକ୍ଟର ରଞ୍ଜନ ମହାପାତ୍ର କହିଛନ୍ତି, ୩୨ ଲକ୍ଷ ଟଙ୍କା ଅନୁଦାନରେ ୩ ବର୍ଷ ହେବ ସାଇନ୍ସ ଲାବରେଟୋରି ଏବଂ ଲାଇବ୍ରେରି ପାଇଁ ୨ ମହଲା ବିଶିଷ୍ଟ କୋଠାର ନିର୍ମାଣ କାର୍ଯ୍ୟ ସରିଛି।

ହାଇସ୍କୁଲର ପରିଚାଳନା କମିଟି ସଭାପତି କୈଳାସ କୁଅଁର କହିଛନ୍ତି, କେବଳ ଓଡ଼ିଆ ବିଷୟର ଶିକ୍ଷକ ଅଛନ୍ତି। ସେ ସବୁ ବିଷୟ ପଢ଼ାଇଲେ ଛାତ୍ରୀଛାତ୍ର ପାଠ ପଢ଼ି ଜ୍ଞାନ ଆହରଣ କରିବେ ନା ମୂର୍ଖ ହୋଇ ଭବିଷ୍ୟତ ନଷ୍ଟକରିବେ। ୩ ମାସ ହେଲା ବିକଳ୍ପ ଶିକ୍ଷକ ଦିଆଗଲାନାହିଁ। ସରକାର କିମ୍ବା ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଆଗକୁ ଦଶମ ପରୀକ୍ଷା, ପିଲା କ'ଣ ପଢ଼ି ପରୀକ୍ଷା ଦେବେ ବୋଲି କୁଅଁର କହିଛନ୍ତି। ଶିକ୍ଷକ ଧୁରୁଆ କହିଛନ୍ତି, ସେ ଓଡ଼ିଆ ବିଷୟର ଶିକ୍ଷକ ହୋଇଥିବାବେଳେ ଅନ୍ୟ କୌଣସି ବିଷୟ ଓ ଖେଳ ଶିକ୍ଷକଙ୍କ ସମେତ କିରାଣି ନ ଥିବାରୁ ଏକାକୀ ସମସ୍ତ କାର୍ଯ୍ୟ ତୁଲାଉଛନ୍ତି। ଏକୁଟିଆ ଯେତିକି ପାରୁଛନ୍ତି, ସବୁ ବିଷୟରୁ ଟିକେ ଟିକେ ପଢ଼ାଉଛନ୍ତି। ସ୍କୁଲକୁ ଲାଗି ପଛପଟେ ଥିବା ଖାଲରେ ପାଣି ଜମିରହୁଛି। ବିଭିନ୍ନ ଅବ୍ୟବସ୍ଥା ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ଏ ପର୍ଯ୍ୟନ୍ତ କୌଣସି ସୁବ୍ୟବସ୍ଥା ହୋଇନାହିଁ ବୋଲି ଧୁରୁଆ କହିଛନ୍ତି। ଅଭିଭାବକ ସଞ୍ଜୟ ନାୟକ, ଦିବାକର ବାରିକ, ଶରତ ବେହେରା, ବନମାଳୀ ଜେନା, ପ୍ରତିମା କୁଅଁର କହିଛନ୍ତି, ମାଗଣା ପାଠ ପଢ଼ାଇବୁ ବୋଲି ସରକାରୀ ସ୍କୁଲରେ ପିଲା ଦେଲୁ। ହେଲେ ଏଠି ଶିକ୍ଷକ ନାହାନ୍ତି। ଘରୋଇ ସ୍କୁଲରେ ପଢ଼ାଇବାକୁ ସାମର୍ଥ୍ୟ ନ ଥିବାରୁ ବାଧ ହୋଇ ପିଲାଙ୍କୁ ଏହି ବିଦ୍ୟାଳୟକୁ ପଠାଉଛୁ ବୋଲି କହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି, ଏହା ଅନୁଦାନପ୍ରାପ୍ତ ବିଦ୍ୟାଳୟ ହୋଇଥିବାରୁ ସରକାରଙ୍କ ନୂତନ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା ନାହିଁ। ଅତିଥି ଶିକ୍ଷକ ନିଯୁକ୍ତ କରାଯାଇ ଖୁବ୍‌ଶୀଘ୍ର ଶିକ୍ଷାଦାନର ବ୍ୟବସ୍ଥା କରାଯିବ। ଲାବରେଟୋରି ଏବଂ ଲାଇବ୍ରେରି କାହିଁକି କାର୍ଯ୍ୟକ୍ଷମ ହୋଇନାହିଁ କହିପାରିବେ ନାହିଁ।

ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବାରେ ଅବହେଳା

ସମସ୍ୟା ସମାଧାନ ନ ହେଲେ କଂଗ୍ରେସର ଆନ୍ଦୋଳନ ଚେତାବନୀ

ଚାନ୍ଦବାଲି (ଅମୃତ ମିଡିଆ): ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟସେବାରେ ଚରମ ଅବହେଳା ସହ ବିଭିନ୍ନ ଅବ୍ୟବସ୍ଥା ଅଭିଯୋଗ ଓ ଡାକ୍ତର ଅଭାବ ନେଇ ଚାନ୍ଦବାଲି ବ୍ଲକ କଂଗ୍ରେସ ଦଳର ଏକ ପ୍ରତିନିଧି ଦଳ ଗୋଷ୍ଠୀ ଅଧିକାରୀଙ୍କୁ ସାକ୍ଷାତ କରିଛି।

ପ୍ରତିନିଧି ଦଳ ପକ୍ଷରୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା, ଆବଶ୍ୟକ ଭିତ୍ତିଭୂମି ଓ ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆଣିବା ନେଇ ଦାବି କରାଯାଇଥିଲା। ସମ୍ପାଦକ ମୋନଜ ବିଶ୍ୱାଳ ଓ ବ୍ଲକ କଂଗ୍ରେସ ସଭାପତି ସୁବାଶିଷ ମଲ୍ଲିକ କହିଛନ୍ତି ଯେ, ଆସନ୍ତା ୧୫ ଦିନ ମଧ୍ୟରେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟସେବାରେ ସୁଧାର ନଆସିଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଓହ୍ଲାଇବା ସହ ଜନଆନ୍ଦୋଳନ କରାଯିବ।

ସ୍ୱାସ୍ଥ୍ୟସେବା ଭଳି ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପ୍ରତି ପ୍ରଶାସନ ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ନେବାକୁ କଂଗ୍ରେସ ପ୍ରତିନିଧି ଦଳ ଦାବି କରିଛି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

ପବିତ୍ର ଗୁରୁ ଦିବସରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇଲେ ଗଞ୍ଜାମ ଜିଲ୍ଲାପାଳ

ଛତ୍ରପୁର (ଅମୃତ ମିଡିଆ): ପବିତ୍ର ଗୁରୁ ଦିବସ ଅବସରରେ ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ସାନ ଆର୍ଯ୍ୟପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇ ଏକ ନିଆରା ଅନୁଭୂତି ପ୍ରଦାନ କରିଛନ୍ତି ଗଞ୍ଜାମଜିଲ୍ଲାପାଳ ଭି. କାର୍ତ୍ତି ଭାଷ୍ଟନ।

ଜିଲ୍ଲାପାଳ ବିଦ୍ୟାଳୟର ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ସ୍ମାର୍ଟ ବୋର୍ଡ ଓ ଭିଡିଓ ମାଧ୍ୟମରେ ପାଠ ପଢ଼ାଇଥିଲେ। ଏଥିସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ବିଭିନ୍ନ ସୁବିଧା-ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

ବିଦ୍ୟାଳୟର ସମସ୍ତ ଉନ୍ନତି କାର୍ଯ୍ୟ କରାଯିବ ସହ ବାଉଣ୍ଡେରୀ ନିର୍ମାଣ ଏବଂ ବିଦ୍ୟାଳୟର ସମସ୍ତ ଉନ୍ନତି କାର୍ଯ୍ୟ କରାଯିବ ବୋଲି ସେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଗୁରୁ ଦିବସର ମହତ୍ୱ ସମ୍ପର୍କରେ ଜିଲ୍ଲାପାଳ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ସଫଳତା ହିଁ ଗୁରୁମାନଙ୍କ ପାଇଁ ସର୍ବଶ୍ରେଷ୍ଠ ସମ୍ମାନ ରହିବ । ଏଥିସହ ସେ ନିଜ ଛାତ୍ରଜୀବନର ଅନୁଭୂତି ବାଣ୍ଟିବା ସହ ତାଙ୍କ ସଫଳତା ପଛରେ ଗୁରୁମାନଙ୍କ ପ୍ରେରଣା ଓ ଆଶୀର୍ବାଦ ରହିଥିବା କହିଥିଲେ।

ଜିଲ୍ଲାପାଳ ନିଜେ ବିଦ୍ୟାଳୟରେ ପାଠ ପଢ଼ାଇବା ଦେଖି ଛାତ୍ରଛାତ୍ରୀମାନେ ବେଶ୍ ? ଖୁସି ପ୍ରକାଶ କରିଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ସମୀର କୁମାର ଜେନା, ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ପରେ ଜିଲ୍ଲାପାଳ ବିଦ୍ୟାଳୟର ସ୍ମାର୍ଟ କ୍ଲାସ୍‌ରୁମ୍, ଖେଳ ପଡ଼ିଆ, ଲାଇବ୍ରେରୀ ଓ ଲାବୋରେଟୋରୀ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ଖେଳ ପଡ଼ିଆର ଉନ୍ନତିକରଣ ଅଜୟ କୁମାର ପାତ୍ର, ଛତ୍ରପୁର ବଡଓ ସନ୍ଦିତ ସଂଗ୍ରାମଜୀତ ସାହୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।

ଦିଗପହଣ୍ଡି ସମିତିସଭ୍ୟଙ୍କୁ ସଂଘବଦ୍ଧ ଆକ୍ରମଣ

ଦିଗପହଣ୍ଡି (ଅମୃତ ମିଡିଆ): ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଡ ପଞ୍ଚାୟତ ସମିତିସଭ୍ୟ ବି. ଲତୁ ପାତ୍ର ଏବଂ ତାଙ୍କ ଦୁଇ ସହଯୋଗୀଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ, ସୁନା ଚେନ୍ ଓ ଟଙ୍କା ଲୁଟ୍ ଏବଂ ହତ୍ୟା ଉଦ୍ୟମ ଘଟଣାରେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତଦନ୍ତକାରୀ ଅଧିକାରୀ ଦିଗପହଣ୍ଡି ଥାନା ଏସ୍.ଆଇ. ସୋଫିଆ ମିଶ୍ର ଶୁକ୍ରବାର ପାଟପୁର ଥାନା ପଳାସପୁର ଗ୍ରାମର ଗଙ୍ଗା ଓରଫ ଗଙ୍ଗାଧର ନାଇକ (୨୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଥାନା ମାମଲା ନଂ ୩୭୧/୨୬ ଅନୁଯାୟୀ, ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଗଙ୍ଗାଙ୍କୁ ଦିଗପହଣ୍ଡି ସବ୍‌ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏଥିସହିତ ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ପାଟପୁର ଥାନା ଅଞ୍ଚଳର ୨ ଜଣ ୧୭ ବର୍ଷୀୟ ନାବାଳକଙ୍କୁ ପୋଲିସ ବ୍ରହ୍ମପୁର ଯୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିବା ପରେ ବ୍ରହ୍ମପୁର ବାଳସୁଧାର ଗୃହକୁ ପଠାଯାଇଛି।

ଘଟଣା ମୁତାବକ, ଗତ ରବିବାର ରାତି ପ୍ରାୟ ୨ଟାରେ ସମିତିସଭ୍ୟ ଲତୁ, ତାଙ୍କ ସାଙ୍ଗ ପ୍ରଭାତ ମହାନ୍ତି ଓ ପି. ଆକାଶଙ୍କ ସହ ଗାଁ ନିକଟ ଜକମେରି ପଲ୍ଲୀରେ ନାଚ ଦେଖି ବୁଲେଟ୍ ବାଇକ୍‌ରେ ଫେରୁଥିଲେ। ଗୁମା ଗ୍ରାମ ବଡ଼ବନ୍ଧ (ପୋଖରୀ) ନିକଟ ମୁଖ୍ୟରାସ୍ତାରେ ୨୫ରୁ ଉର୍ଦ୍ଧ୍ୱ ଯୁବକ ସେମାନଙ୍କୁ ଅଟକାଇଥିଲେ। ଭୀଷ୍ମଗିରି ଗ୍ରାମର ରାଜା ମହାନ୍ତି ଏବଂ ପଳାସପୁରର ଗଙ୍ଗା ନାଇକ ଗାଳିଗୁଲଜ କରିବାରୁ, ପ୍ରତିବାଦ କରିବାରୁ ସେମାନେ ଖଣ୍ଡା, କାତି ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଲତୁଙ୍କ ବେକରୁ ସୁନା ଚେନ୍, ପକେଟ୍ ?ରୁ ନଗଦ ୩ ହଜାର ଟଙ୍କା ଲୁଟି ନେବା ସହ ବୁଲେଟ୍ ଟାୟାର ଓ ତେଲ ଟାଙ୍କିକୁ ହାଣି ଦେଇଥିଲେ।

ଏହା ଦେଖି ଆକାଶ ଓ ପ୍ରଭାତ ଦୌଡ଼ି ପଳାଇବାକୁ ଚେଷ୍ଟା କରିବାରୁ, ଶିବ କାଳୀ ନାମକ ଯୁବକ ଆକାଶଙ୍କ ମୁଣ୍ଡ ଓ ବେକକୁ ଛୁରାରେ ଭୁଷି ଦେଇଥିଲେ। ସେହିପରି ରାଜା କାତିରେ ଆକ୍ରମଣ କରିବାରୁ ପ୍ରଭାତଙ୍କ ମୁହଁ, ମୁଣ୍ଡ, ବେକ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଉଭୟ ଚେତାଶୂନ୍ୟ ହୋଇ ରାସ୍ତାରେ ପଡ଼ିଯାଇଥିଲେ। ଲତୁଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଥିଲେ ବି ସେ କୌଶଳକ୍ରମେ ସେଠାରୁ ଦୌଡ଼ି ରକ୍ଷା ପାଇଥିଲେ। ଅଭିଯୁକ୍ତମାନେ ଫେରାର ହେବା ପରେ, ଲତୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ପ୍ରଭାତ ଓ ଆକାଶଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୋମବାର ରାତି ପ୍ରାୟ ସାଢ଼େ ୧୨ଟାରେ ଅଭିଯୁକ୍ତମାନେ ମାରଣାସ୍ତ୍ର ଧରି ଲତୁଙ୍କ ଭ୍ରମରବର ପଲ୍ଲୀସ୍ଥିତ ଘର ସମ୍ମୁଖରେ ପହଞ୍ଚି ପୁନର୍ବାର ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଗ୍ରାମବାସୀ ପ୍ରତିବାଦ କରିବାରୁ ଲତୁ ୧୧୨ ନମ୍ବରକୁ ଫୋନ୍ କରି ପୋଲିସକୁ ଜଣାଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିବାରୁ ରାଜା ମହାନ୍ତି ଓ ଅନ୍ୟ ଯୁବକମାନେ ପୋଲିସ ଗାଡ଼ି ଉପରକୁ ପଥର ଫୋପାଡ଼ିବା ସହ କିଛି ପୋଲିସ କର୍ମଚାରୀଙ୍କୁ ମାଡ଼ ମାରି ଚମ୍ପଟ ମାରିଥିଲେ।

ମଙ୍ଗଳବାର ସମିତିସଭ୍ୟ ଲତୁ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ଆଇଆଇସି କିଶୋର କୁମାର ସାମଲ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଅନୁଯାୟୀ, ଗ୍ରାମ୍ୟ ଜୁଆଖେଳ ପରିଚାଳନାକୁ କେନ୍ଦ୍ର କରି ଏହି ସଂଘର୍ଷ ଓ ଆକ୍ରମଣ ଘଟିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ଚଢ଼ଉ ଜାରି ରଖିଛି।

ଗଞ୍ଜାମ ପୋଲିସ ଜିଲ୍ଲାର ଅପରାଧ ସମୀକ୍ଷା ବୈଠକ

ଛତ୍ରପୁର (ଅମୃତ ମିଡିଆ): ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍ ?ପିଙ୍କ ସମ୍ମିଳନୀ କକ୍ଷରେ ଏସ୍ ?ପି ହରିଶ ବିଶିଙ୍କ ଅଧ୍ୟକ୍ଷତାରେ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅପରାଧ ସ୍ଥିତି, ମାମଲାର ତଦନ୍ତ ଓ ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରାଯାଇଥିଲା। ମାମଲାର ତଦନ୍ତ ତ୍ୱରାନ୍ୱିତ କରି ଅପରାଧୀଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ଏସ୍ ?ପି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଏସ୍ ?ପି, ଡିଏସ୍ ?ପି, ଏସ୍ ?ଡିପିଓ ଓ ବିଭିନ୍ନ ଥାନାର ଅଧିକାରୀ ଉପସ୍ଥିତ ଥିଲେ।

ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ

ପାଟଣା (ଅମୃତ ମିଡ଼ିଆ): କେନ୍ଦୁଝର ଜିଲା ପାଟଣା ବ୍ଲକ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶୁକ୍ରବାର କୃଷ୍ଣ ଜନ୍ମାଷ୍ଟମୀ, ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ ଓ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଅବସରରେ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

ପାଟଣା ମୁଖ୍ୟାଳୟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଆନନ୍ଦେଶ୍ୱର ଶିବମନ୍ଦିରରେ ପହଞ୍ଚିଥିଲା। ପରେ ଶୋଭାଯାତ୍ରା ପୁନର୍ବାର ଶିଶୁ ମନ୍ଦିରକୁ ଫେରିବା ପରେ ସଭା ଅନୁଷ୍ଠିତ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ପାଟଣା ବ୍ଲକ ସଭାପତି ସନାତନ ଦାଶଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟ ବକ୍ତା ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପୂର୍ବାଂଚଳ ବିଶେଷ ସମ୍ପର୍କ ବିଭାଗ ଟୋଲି ସଦସ୍ୟ ମଦନ ମୋହନ ଦ୍ୱିବେଦୀ ଯୋଗଦେଇ ବିଶ୍ୱ ହିନ୍ଦୁ ପରିଷଦର ଆଭିମୁଖ୍ୟ, ହିନ୍ଦୁଧର୍ମର ମହନୀୟତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆ ?ଏସ୍ ?ଏସ୍ ? କେନ୍ଦୁଝର-ମୟୂରଭଞ୍ଜ ବିଭାଗ ପ୍ରଚାରକ ତପନ କୁମାର ନାୟକ, କେନ୍ଦୁଝର ଜିଲା ସଂଘଚାଳକ ଭାଗୀରଥି ପୃଷ୍ଟି, ଖଣ୍ଡ ସଂଘଚାଳକ କାଳୀଚରଣ ମହାନ୍ତ, ବିଶ୍ୱ ହିନ୍ଦୁ ପରିଷଦ ବ୍ଲକ ଉପସଭାପତି କୃଷ୍ଣଚନ୍ଦ୍ର ମହାନ୍ତ, ସମ୍ପାଦକ ଡମ୍ବରୁଧର ମହାନ୍ତ, ଖଣ୍ଡ ସଭାପତି ଚତୁର୍ଭୁଜ ମହାନ୍ତ ଓ

୧୫୮ତମ ଦିନରେ ସଚେତନତା ପଦଯାତ୍ରା

ଅହିଂସା ପଥରେ ଜାରି ରହିବ ସ୍ୱାଭିମାନର ସଂଘର୍ଷ

ପୁରୀ (ବ୍ୟୁରୋ): ଦାବି ପୂରଣ ହୋଇନାହିଁ, ତେଣୁ ସଂଘର୍ଷ ବି ଥମିନାହିଁ। ଏକ ଦାବିକୁ ନେଇ ୧୫୮ ଦିନ ଧରି ପୁରୀର ରାସ୍ତାରେ ଚାଲିଛନ୍ତି ସତ୍ୟାଗ୍ରହୀ। ହାତରେ ନାହିଁ କୌଣସି ପତାକାର ଶକ୍ତି, ନାହିଁ ହିଂସାର ପଥ-ସତ୍ୟ, ଅହିଂସା ଓ ନୈତିକ ଅଧିକାରକୁ ଆଧାର କରି ଜାରି ରହିଛି ଏହି ଅଭିଯାନ। ପୁରୀବାସୀଙ୍କ ଦାବି ସ୍ପଷ୍ଟ- ଶ୍ରୀମନ୍ଦିରରେ ପୂର୍ବପରି ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ସ୍ଥାୟୀ, ସ୍ୱତନ୍ତ୍ର ଓ ମର୍ଯ୍ୟାଦାପୂର୍ଣ୍ଣ ବ୍ୟବସ୍ଥା। ଏହି ଦାବିକୁ ନେଇ ଗତ ୧ ଏପ୍ରିଲରୁ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇଥିବା ସଚେତନତା ପଦଯାତ୍ରା ଆଜି ୧୫୮ ଦିନରେ ପହଞ୍ଚିଛି। ଆଜି ମଧ୍ୟ ଭକ୍ତ ସାଲବେଗ ପୀଠରେ ସତ୍ୟାଗ୍ରହୀମାନେ ଏକାଠି ହୋଇଥିଲେ। ସେଠାରୁ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରା କରି ପତିତପାବନଙ୍କ ଦର୍ଶନ କରିଥିଲେ। ଗଣତାନ୍ତ୍ରିକ ଉପାୟରେ ନିଜର ଅଧିକାର ଓ ସ୍ୱାଭିମାନର କଥା ସରକାର ଓ ସମାଜ ସମ୍ମୁଖରେ ରଖିବା ହିଁ ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ। ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "୧୫୮ ଦିନ ହେଲାଣି, କିନ୍ତୁ ପୁରାବାସୀଙ୍କ ଦାବି ଓ ଆମର ମନୋବଳ ଦୁହିଁ ଅଟୁଟ ରହିଛି। ଆମେ ଅହିଂସାକୁ ଆମର ମାର୍ଗ କରିଛୁ। ଆମର ଦାବି ନ୍ୟାୟସଙ୍ଗତ ଏବଂ ଆମର ସଂକଳ୍ପ ଦୃଢ଼। ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଏହି ପଦଯାତ୍ରା ଜାରି ରହିବ।" ଆଜିର ଏହି ସଚେତନତା ସତ୍ୟାଗ୍ରହ ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ମନୋରଞ୍ଜନ ରଣସିଂହ, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ଅଞ୍ଜୁଳା ମହାନ୍ତି, ଭାରତୀ ମହାନ୍ତି, ବୈଶାଳୀ, ସୀତା ନାୟକ, ମମତା ସ୍ୱାଇଁ, ପ୍ରଫୁଲ୍ଲ କୁମାର ସାହୁ, ଯାଦବାନନ୍ଦ ରାୟ, ରମେଶ ଚନ୍ଦ୍ର ମହାନ୍ତି, କାହ୍ନୁ ଚରଣ ପ୍ରଧାନ, କିଶୋର ଚନ୍ଦ୍ର ଦାସ, ସନ୍ତୋଷ ସେନାପତି, ବାପିନା ସାମନ୍ତରାୟ, ସୁବାଷ ପଟ୍ଟନାୟକ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ। ଦାବି ପୂରଣ ହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଚାଲିବ। ଅହିଂସାର ପଥରେ ସ୍ୱାଭିମାନର ଏହି ସଂଘର୍ଷ ଜାରି ରହିବ। ୧୫୮ ଦିନର ସ୍ୱର ଗୋଟିଏ- "ପୁରୀବାସୀଙ୍କ ସମ୍ମାନଜନକ ଦର୍ଶନ ଅଧିକାର ନିଶ୍ଚିତ କର।"

■ ଦଉତୋଟା ଉତ୍କଳ ବଟ୍‌ପନ ସ୍କୁଲରେ ଗୁରୁଦିବସ

ଗୁରୁ ହେଉଛନ୍ତି ଶିକ୍ଷାଦାତା, ପ୍ରେରଣାଦାତା ଓ ସତ୍‌ମାର୍ଗ ପ୍ରଦର୍ଶକ

ପୁରୀ (ବ୍ୟୁରୋ): ଗୁରୁ ବ୍ରହ୍ମା,ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର । ଗୁରୁ ସାକ୍ଷାତ ପରବ୍ରହ୍ମ ତସମୈଶ୍ରୀ ଗୁରୁବେ ନମଃ । ଶନିବାର ପବିତ୍ର ଗୁରୁଦିବସ । ପୁରୀ ଦଉତୋଟା ସ୍ଥିତ ଉତ୍କଳ ବଟପନ ସ୍କୁଲରେ ପବିତ୍ର ଗୁରୁଦିବସ ଉତ୍ସବ ଶ୍ରଦ୍ଧା ଓ ଭକ୍ତିର ସହ ମହାସମାରୋହରେ ପାଳିତ ହୋଇଯାଇଛି । ସ୍କୁଲର ପରଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମିଶ୍ର ଯୋଗଦେଇ ଭାରତର ଦ୍ୱିତୀୟ ରାଷ୍ଟ୍ରପତି, ପ୍ରବୀଣ ରାଷ୍ଟ୍ରନୀତିଜ୍ଞ ତଥା ବିଶିଷ୍ଟ ଦାର୍ଶନିକ ଭାରତରତ୍ନ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କହିଲେ । ଗୁରୁ ହିଁ ଇଶ୍ୱର । ଗୁରୁ ହେଉଛନ୍ତି ଶିକ୍ଷାଦାତା, ପ୍ରେରଣାଦାତା ଓ ସତ୍ୟମାର୍ଗ ପ୍ରଦର୍ଶକ । ଗୁରୁ ହେଉଛନ୍ତି ଶାଶ୍ୱତ । ଏକ ଆଦର୍ଶ ସମାଜ ଗଠନରେ ଗୁରୁଙ୍କ ଭୂମିକା ଅତୁଳନୀୟ । ଗୁରୁଙ୍କ ଆଶୀର୍ବାଦରେ ଶିଷ୍ୟ ଶୀର୍ଷ ସ୍ଥାନରେ ପହଞ୍ଚିଥାଏ । ଶ୍ରୀ ମିଶ୍ରଙ୍କ ସମେତ ପ୍ରିନସିପାଲ ,ଶିକ୍ଷୟତ୍ରୀ ମାନଙ୍କୁ କୁନି କୁନି ଛାତ୍ରଛାତ୍ରୀ ମାନେ ପୁଷ୍ପ, ଚନ୍ଦନ ସିନ୍ଦୁର ଲଗାଇ ପୂଜାର୍ଚ୍ଚନା କରିବା ଦୃଶ୍ୟ ବେଶ ଭାବବେଗ ଓ ଭକ୍ତିଭାବପୂର୍ଣ୍ଣ ହୋଇଥିଲା । ଏହି ନିଆରା ଦୃଶ୍ୟ ବେଶ ଆନନ୍ଦ ଉତ୍ସାହିତ ସହ ଗୁରୁ ଶିଷ୍ୟ ସମ୍ପର୍କିତ ପରିବେଶ ସୃଷ୍ଟି ହୋଇଥିଲା । ଏହି ଅବସରରେ ହ୍ୟାଣ୍ଡରାଇଟିଙ୍ଗ୍ ପ୍ରତିଯୋଗିତାରେ ଷ୍ଟାଣ୍ଡାର୍ଡ ଟୁ ର ଆରୁଷୀ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଷ୍ଟାଣ୍ଡାର୍ଡ ଟୁ ର ଅନିଶା ପାତ୍ର ଦ୍ୱିତୀୟ ହୋଇଥିଲେ। ସେହିପରି ଷ୍ଟାଣ୍ଡାର୍ଡ ଥ୍ରୀ ଓ ଫୋର ର ପ୍ରଥମ ପ୍ରିୟାଂଶୀ ବେହେରା,ଦ୍ୱିତୀୟ ଜ୍ୟୋତିଆଦିତ୍ୟ ଦୋରା ,ତୃତୀୟ ଆୟାଂଶ ପଟ୍ଟନାୟକ କୃତିତ୍ୱ ଅର୍ଚ୍ଚନ କରିଥିବା ବେଳେ ୟୁକେଜି ଡ୍ରଇଁ ପ୍ରତିଯୋଗିତାରେ ପ୍ରଥମ ଆଦିଭିକ ପଣ୍ଡା, ଦ୍ୱିତୀୟ ସୌରଭ ସାହୁ, ତୃତୀୟ ଗୀତେଶ କଣ୍ଢେୟା ଓ ନର୍ସରୀ ଡ୍ରଇଁ ପ୍ରତିଯୋଗିତାରେ ପ୍ରଥମ ନିକିତା ଜେନା, ଦ୍ୱିତୀୟ ରୁଦ୍ରାଂଶ ମହାରଣା, ତୃତୀୟ ହିମାଦ୍ରୀ ବେହୁରା, ଏଲକେଜି ଡ୍ରଇଁ ପ୍ରତିଯୋଗିତାରେ ପ୍ରଥମ ଟି.ରିୟାଂଶୀ, ଦ୍ୱିତୀୟ ପ୍ରୀତିଶା ପରମିତା, ତୃତୀୟ ଆଶୁତୋଷ ତ୍ରିପାଠୀଙ୍କୁ ସ୍କୁଲର ନିର୍ଦ୍ଦେଶକ ଶ୍ରୀମିଶ୍ରଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କୁନି କୁନି ଛାତ୍ରଛାତ୍ରୀ ମାନେ ଶିକ୍ଷୟତ୍ରୀ ମାନଙ୍କୁ ଉପହାର ପ୍ରଦାନ କରିବା ସହ ପ୍ରଣାମ କରି ଆଶୀର୍ବାଦ ନେଇଥିଲେ । ପ୍ରିନସିପାଲ ରୀନା ରାୟ ଗୁରୁଦିବସ ଉତ୍ସବର ଶୁଭକାମନା ଓ ଶୁଭେଚ୍ଛା ଅଭିଭାବକ ଓ ଅଭିଭାବିକା ସମେତ ଛାତ୍ରଛାତ୍ରୀଙ୍କୁ ଜଣାଇବା ସହ ପିଲାମାନଙ୍କୁ କହିଲେ ଗୁରୁ ସବୁବେଳେ ଭଗବାନ। ସମାଜର କଲ୍ୟାଣ ସାଧନ କରିବା, ସାମାଜିକ ମୂଲ୍ୟବୋଧର ସୁରକ୍ଷା କରିବା ଜଣେ ଆଦର୍ଶ ଗୁରୁଙ୍କ ପରମ କର୍ତ୍ତବ୍ୟ ଅଟେ । ଗୁରୁ ସର୍ବଦା ଶିଷ୍ୟର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ତାର ଭବିଷ୍ୟତକୁ ଉତ୍ତମ ଭାବେ ଗଢି ତୋଳିବା ପାଇଁ ନିରନ୍ତର ଚେଷ୍ଟା କରନ୍ତି । ଗୁରୁଙ୍କୁ ପ୍ରଣାମ କରି ତାଙ୍କ ସହ ସମର୍ପିତ ହେଲେ ସମସ୍ତଙ୍କର ମଙ୍ଗଳ ହେବ ଓ ଆଗକୁ ଯିବା ସହ କ୍ୟାରିୟର ନିଶ୍ଚିତ ଉଜ୍ଜ୍ୱଳମୟ ହେବ ବୋଲି ଶ୍ରୀରାୟ କହିଥିଲେ । ଜରି ଜୟୁରା ସହ ସୁନ୍ଦର ଭାବେ ହାପି ଟିଚର୍ସ ଡେ ଲେଖା ହେବା ସହ ବେଲୁନ ର ସାଜସଜ୍ଜା ବେଶ ମନଲୋଭା ପରିବେଶ ସୃଷ ହୋଇଥିଲା । ନାଚଗୀତରେ ଆନନ୍ଦିତ ହୋଇଥିଲେ କୁନି କୁନି ଛାତ୍ରଛାତ୍ରୀ । ଶେଷରେ କେକ୍ ଚକଲେଟ ଓ ମିଠା ଖାଇ ଆନନ୍ଦିତ ହୋଇଥିଲେ ଛାତ୍ରଛାତ୍ରୀ । ଶିକ୍ଷୟିତ୍ରୀ ରାଜକୁମାରୀ କୁଣ୍ଡୁ, ସୁପ୍ରଭା ମହାନ୍ତି, କବିତା ଦାସ, ମୀନାରାଣୀ ବିଶ୍ୱାଲ,ସ୍ୱାଗତିକା ପଣ୍ଡା ପ୍ରମୁଖ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ପ୍ରଣାମ କରିବା ସହ ଉତ୍ସବରେ ସହଯୋଗ କରିଥିଲେ । ଉତ୍କଳ ବଟପନ ସ୍କୁଲରେ ଗୁରୁ ଶିଷ୍ୟଙ୍କ ପରମ୍ପରା ଦୃଶ୍ୟ ଏକ ନିଆରା ପରିବେଶ ଓ ଭାବପୂର୍ଣ୍ଣ ହୋଇଥିଲା ।

ଗୌଡ଼ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କଲେ ଗ୍ରାମବାସୀ

ପୁରୀ (ବ୍ୟୁରୋ): ରାଜ୍ୟ ସରକାରଙ୍କ ପଞ୍ଚସଖା ଶିକ୍ଷା ସେତୁ ଯୋଜନା ଅଧୀନରେ ପ୍ରଚଳିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪-୨୫ ବର୍ଷ ନିମନ୍ତେ ବ୍ରହ୍ମଗିରି ବ୍ଲକର ଗୌଡ଼ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ରାଜ୍ୟ ସ୍ତରୀୟ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ପ୍ରକାଶ ଥାଉକି, ଉକ୍ତ ବିଦ୍ୟାଳୟ ୨୦୨୩-୨୪ ଶିକ୍ଷା ବର୍ଷରେ ଜିଲ୍ଲା ସ୍ତରୀୟ ପୁରସ୍କାର ପ୍ରାପ୍ତ ହୋଇଥିଲା। ଚଳିତବର୍ଷ ରାଜ୍ୟସ୍ତରୀୟ ପୁରସ୍କାର ପାଇବା ନିମନ୍ତେ ମନୋନୀତ ହୋଇଥିବାରୁ ଗୌଡ଼ସାହି ଗ୍ରାମବାସୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସମସ୍ତ ଶିକ୍ଷକଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକଙ୍କୁ ଭୂୟସୀ ପ୍ରଂଶସା କରାଯାଇଥିଲା। ସହକାରୀ ଶିକ୍ଷକ ଦୈତାରୀ ପଲାଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ସମୟରେ ତ୍ରିନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ଶ୍ରୀଯୁକ୍ତ ଗଦାଧର ଦାସ, ବିଭୂତି କୁମାର ଦାସ,ନୃସିଂହ ନାଥ ଦେ, କ୍ଷେତ୍ରବାସୀ ଦେ ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

ସେପ୍ଟେମ୍ବର ମାସର ଯୁଗ୍ମ ଅଭିଯୋଗ ଶୁଣାଣି

ପୁରୀ (ବ୍ୟୁରୋ): ସେପ୍ଟେମ୍ବର ମାସର ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ କାର୍ଯ୍ୟକ୍ରମ ଚୁଡାନ୍ତ ହୋଇଛି। ସେପ୍ଟେମ୍ବର ୭ ତାରିଖରେ ଜିଲ୍ଲା ସଦର ମହକୁମା ସଦଭାବନା ସଭାଗୃହ ଠାରେ, ୨୧ ତାରିଖରେ ପିପିଲି ବ୍ଲକ ସମ୍ମିଳନୀ ଗୃହରେ ଓ ୨୮ ତାରିଖ ଡେଲାଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଦିବା ୧୦ ଘଟିକା ଠାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ସୂଚନା ମିଳିଛି।

ଗୋବର୍ଦ୍ଧନ ମଠ ନିକଟରେ ନୂତନ ମଦ ଦୋକାନକୁ ନେଇ ତେଜିଲା ଆନ୍ଦୋଳନ

ପୁରୀ (ବ୍ୟୁରୋ): ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ମଠ ନିକଟରେ ନୂତନ ବିଦେଶୀ ମଦ ଦୋକାନ ଖୋଲିବାକୁ ଯାଉଛି। ଯାହାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ଗୋବର୍ଦ୍ଧନ ମଠ ଭଳି ଏକ ଆଧ୍ୟାତ୍ମିକ ସ୍ଥାନରେ ନୂତନ ମଦ ଦୋକାନ ଖୋଲାଯିବା ନିଷ୍ପତ୍ତିକୁ ପୁରୀ ଗୋବର୍ଦ୍ଧନ ମଠ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ଗୋବର୍ଦ୍ଧନ ମଠ ସହିତ ସ୍ଥାନୀୟ ଗୌଡ଼ବାଡ଼ ସାହିର ବାସିନ୍ଦା ମଧ୍ୟ ଆବାସିକ ଅଞ୍ଚଳରେ ମଦ ଦୋକାନ ଖୋଲାଯିବା ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛନ୍ତି। ତୁରନ୍ତ ଏହି ସ୍ଥାନରୁ ମଦ ଦୋକାନ ବନ୍ଦ କରିବା ପାଇଁ ଦାବି ହୋଇଛି। ଗୋବର୍ଦ୍ଧନ ପୀଠର ସଚିବ ପୁରୀ ଜିଲ୍ଲାପାଳଙ୍କୁ ଏନେଇ ଲିଖିତ ଭାବେ ଅବଗତ କରାଇଛନ୍ତି। ମଦ ଦୋକାନ ଖୋଲା ଗଲେ ଦୃଢ଼ ବିରୋଧ ସହିତ ଜୋରଦାର ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ତେବେ ସ୍ୱର୍ଗଦ୍ୱାର ମାଛ ମାର୍କେଟ କଡ଼ରେ ଟ୍ୟାକ୍ସି ବାଡ଼ି ପଛପଟେ ଏହି ବିଦେଶୀ ମଦ ଦୋକାନ ଖୋଲିବା ନେଇ ପ୍ରସ୍ତାବିତ ହୋଇଛି। ଗୋବର୍ଦ୍ଧନ ପୀଠ ସହ ସରସ୍ୱତୀ ଗୌଡ଼ିଆ ମଠ, ନୀଳାଚଳ ଆଶ୍ରମ, ଜ୍ୟୋତିରାଜ ମଠ, ଗୁରୁଧାମ, କାମାକ୍ଷା ମନ୍ଦିର ଓ ତ୍ରିନାଥ ମନ୍ଦିର ଠାରୁ ମାତ୍ର ୩୦ରୁ ୫୦ ମିଟର ଦୂରରେ ଏହି ପ୍ରସ୍ତାବିତ ମଦ ଦୋକାନ ରହିଛି। ସେହିପରି ମଠ ସହିତ ସୂର୍ଯ୍ୟବଂଶୀ ଯୁବକ ସଂଘ, ଅତିବଡ଼ି ଜଗନ୍ନାଥ ଦାସ ସ୍ମୃତି ଏକାଡେମୀ, ନର୍ସରୀ ସ୍କୁଲ ସହ ଅଙ୍ଗନବାଡି କେନ୍ଦ୍ର, ଆଞ୍ଚଳିକ ମହିଳା ସଂଘ, ତେଲୁଗୁ ବର୍ତ୍ତି ଏବଂ ଗେ ?ଡ଼ବାଡ଼ ସାହି ଆବାସିକ ଅଞ୍ଚଳ ସହିତ ପର୍ଯ୍ୟଟକମାନେ ସମୁଦ୍ରକୁ ଯିବା ପାଇଁ ଏହି ବାଟେ ରାସ୍ତା ରହିଛି। ଏଣୁ ଏଠାରେ ମଦ ଦୋକାନ ଖୋଲା ଗଲେ ଅସାମାଜିକ କାର୍ଯ୍ୟକଳାପ ବଢ଼ିବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ସେହିପରି ଅନେକ ମଠ, ସ୍କୁଲ ଥିବାରୁ ସାମାଜିକ ଏବଂ ଆଧ୍ୟାତ୍ମିକ ପରିବେଶ ଉପରେ ମଧ୍ୟ କୁପ୍ରଭାବ ପଡିବ। ଏଣୁ ସ୍ୱର୍ଗଦ୍ୱାର ମାଛ ମାର୍କେଟ କଡ଼ରେ ଟ୍ୟାକ୍ସି ବାଡ଼ି ପଛପଟେ ନୂତନ ମଦ ଦୋକାନ ଖୋଲାଯିବା ନିଷ୍ପତ୍ତିକୁ ପ୍ରଶାସନ ପ୍ରତ୍ୟାହାର କରିନେବାକୁ ଦାବି ହୋଇଛି।ଗୋବର୍ଦ୍ଧନ ମଠ ସହିତ ଉକ୍ତ ଅଞ୍ଚଳରେ ଅନେକ ସ୍କୁଲ, ଆଧ୍ୟାତ୍ମିକ କେନ୍ଦ୍ର ରହିଥିବାବେଳେ କିଭଳି ସ୍ଥାନୀୟ ଲୋକଙ୍କ ମତାମତ ନିଆନଯାଇ ନୂତନ ମଦ ଦୋକାନ ଖୋଲିବାକୁ ପୁରୀ ଜିଲ୍ଲା ଅବକାରୀ ବିଭାଗ ଅନୁମତି ପ୍ରଦାନ କଲେ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ବିଶେଷ କରି ପୁରୀ ଜିଲ୍ଲା ଅବକାରୀ ଅଧିକ୍ଷକ ଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେପଟେ ଏହି ପ୍ରସଙ୍ଗରେ ପୁରୀ ଜିଲ୍ଲାପାଳ ଏବଂ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ବାଲିଘାଟ ଶ୍ରୀରାମକୃଷ୍ଣ ବିଦ୍ୟା ନିକେତନରେ ଗୁରୁଦିବସ ପାଳିତ

'ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ଗୁରୁଙ୍କ ଆବଶ୍ୟକତା ରହିଛି'

ପୁରୀ (ବ୍ୟୁରୋ): ଶନିବାର ପବିତ୍ର ଗୁରୁଦିବସ ଥିଲା । ଶିକ୍ଷା ପ୍ରତି ଉତ୍କର ରାଧାକ୍ରିଷ୍ଣନଙ୍କର ଅବଦାନକୁ ମନେ ପକାଇବା ପାଇଁ ପ୍ରତିବର୍ଷ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବେ ପାଳନ କରାଯାଇଥାଏ। ୧୮୮୮ ମସିହା ସେପଟେମ୍ବର ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ ଉତ୍କର ସର୍ବପଲ୍ଲୀ ରାଧାକ୍ରିଷ୍ଣନ। ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସର ମାନ୍ୟତା ମିଳିଛି। ଏହି ଅବସରରେ ପୁରୀ ବାଲିଘାଟ ସ୍ଥିତ ଶ୍ରୀ ରାମକୃଷ୍ଣ ବିଦ୍ୟା ନିକେତନ ପରିସରରେ ଗୁରୁ ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଯୋଗଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କହିଲେ ଗୁରୁ ହିଁ ଇଶ୍ୱର । ଗୁରୁଙ୍କ ଆଶୀର୍ବାଦ ରହିଲେ ଶିଷ୍ୟ ଶୀର୍ଷ ସ୍ଥାନରେ ପହଞ୍ଚିଥାଏ। ସମାଜ ଗଢୁଥିବା ଏଭଳି ଗୁରୁମାନେ ଜଣେ ଜଣେ ସମାଜ ସଂସ୍କାରକ। ଆମକୁ ସଂସାରର ମାୟାଜାଲରୁ ମୁକ୍ତ ହେବା ପାଇଁ ସଠିକ୍ ମାର୍ଗଦର୍ଶନ କରନ୍ତି। ଆଧ୍ୟାତ୍ମିକ ପ୍ରଗତି ଜୀବନର ପ୍ରକୃତ ଉଦ୍ଦେଶ୍ୟ ଏବଂ ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ଗୁରୁଙ୍କ ଆବଶ୍ୟକତା ରହିଛି ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶ୍ରୀମିଶ୍ରଙ୍କୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରିଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ଠାରୁ ତୃତୀୟ ଶ୍ରେଣୀ ମଧ୍ୟରେ ତୃତୀୟ ଶ୍ରେଣୀର ପ୍ରଲିପ୍ତା ପୃଷ୍ଟି ପ୍ରଥମ ସ୍ଥାନ, ତୃତୀୟ ଶ୍ରେଣୀର ଅଭିଜିତ୍ ସାମନ୍ତରାୟ ଦ୍ୱିତୀୟ ସ୍ଥାନ, ତୃତୀୟ ଶ୍ରେଣୀର ପ୍ରିୟାଂଶୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚତୁର୍ଥ ଠାରୁ ସପ୍ତମ ଶ୍ରେଣୀ ମଧ୍ୟରେ ଚତୁର୍ଥ ଶ୍ରେଣୀର ମିନାକ୍ଷୀ ମଞ୍ଜରୀ ସେଠୀ ପ୍ରଥମ ସ୍ଥାନ, ପଞ୍ଚମ ଶ୍ରେଣୀ ସୃତି ଲିପ୍ସା ନାୟକ ଦ୍ୱିତୀୟ ସ୍ଥାନ, ଷଷ୍ଠ ଶ୍ରେଣୀର ରିୟା ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ସମ୍ପାଦକ ଶ୍ରୀମିଶ୍ର କୃତିତ୍ୱ ଅର୍ଚ୍ଚନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ମଧ୍ୟ ସମ୍ମାନିତ କରଯାଇଥିଲା। ଷଷ୍ଠ ଏବଂ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଶ୍ରଦ୍ଧା, ଭକ୍ତି ଓ ସମ୍ମାନର ସହିତ ଗୁରୁଜୀ ଓ ଗୁରୁମା ମାନଙ୍କୁ ପୂଜନ କରି ପ୍ରଣାମ କରିବା ସହ ଆଶୀର୍ବାଦ ନେଇଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଠାନ୍ନ ବଣ୍ଟନ କରାଯାଇଥିଲା । ଉତ୍ସବରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ମଞ୍ଜୁଲତା ବେହେରା, ପ୍ରମୋଦିନୀ ସାହୁ, ସୁରେନ୍ଦ୍ର କୁମାର ନାୟକ, ରଜନୀକାନ୍ତ ଜୟସିଂହ, ଶୁଭେନ୍ଦୁ କୁମାର ମାନସିଂହ, ନିଳୀମା ଦାଶ, ଲିଜା ନାୟକ, ଶକୁନ୍ତଳା ସ୍ୱାଇଁ, ସାଗରିକା ତ୍ରିପାଠୀ, ଝୁମୁରି ନାୟକ ଓ ଶ୍ରଦ୍ଧାଞ୍ଜଳି ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସସ୍ମିତା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

ବରିଷ୍ଠ ନାଗରିକ ସମ୍ମିଳନୀ ଓ ସଚେତନତା କାର୍ଯ୍ୟକ୍ରମ

ପୁରୀ (ବ୍ୟୁରୋ): ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା, ସମ୍ମାନ, ସୁସ୍ଥତା ଓ ସୁରକ୍ଷିତ ଜୀବନଯାପନକୁ ସୁନିଶ୍ଚିତ

ছড়ায় ছড়ায়

ঘুড়ি ওড়াচ্ছে বাঘ





ঘুড়ি ওড়াচ্ছে বাঘ
ঘুড়ি ওড়াচ্ছে বাঘ
ঘুড়ি ওড়াচ্ছে বাঘ

ରାଜଧାନୀକୁ ଆସୁଛି କୁଇଣ୍ଟାଲ କୁଇଣ୍ଟାଲ ଛେନା, ଛୁଟିଦିନରେ ବେପାର ଅଧିକ, ଚଢ଼ଉ ଶୂନ୍ୟ

ଭୁବନେଶ୍ୱର(ବ୍ୟୁରୋ): ମହାରାଷ୍ଟ୍ରର ଡାଇନାମିକ୍ ଅଧିକାରୀ ତୁକାରାମ ମୁଣ୍ଡେଙ୍କ ଫର୍ମୁଲା ଆପଣାଇଲେ । ଚାଲିଲା ଜୋରଦାର ଚଢ଼ଉ । କଟକରୁ ଆରମ୍ଭ ହେଲା ଅପରେସନ । ଟନ୍ ଟନ୍ ଛେନା, ପନିର ଜବତ ହେଲା । ପରେ ଭୁବନେଶ୍ୱର ସହ ଉପକୂଳରୁ ନେଇ ଦକ୍ଷିଣ ଓ ପଶ୍ଚିମରୁ ବାସିଖାଦ୍ୟ ଜବତ ହେଲା । ହେଲେ ଅସଲ ସମୟରେ ନାହିଁ ନାହାନ୍ତି । ଏବେ ଜନ୍ମାଷ୍ଟମୀ ଯାଇଥିବା ବେଳେ ଆଗକୁ ଗଣେଶପୂଜା । ପରେ ପାର୍ବଣ । ଛୁଟିଦିନରେ ଅଧିକ ବେପାର ହେଉଛି । ହେଲେ ଯାଞ୍ଚ କରିବାକୁ କେହି ନାହିଁ । ଯେଉଁଭଳି ଭାବରେ ଚଢ଼ଉ ଚାଲିଥିଲା, ତାହା ଦିନ କେଇଟା ପରେ ଫୁସକି ଗଲା କି ବୋଲି ପ୍ରଶ୍ନ କଲେଣି ରାଜ୍ୟବାସୀ । ଏବେ ବି ମନରୁ ଯାଉନି ନକଲି ପନିର ଓ ଛେନା ଭୟ । ଏବେବି ଅଟୋରେ ଲଦା ହୋଇ କୁଇଣ୍ଟାଲ କୁଇଣ୍ଟାଲ ଛେନା ରାଜଧାନୀକୁ ଆସୁଛି । ହେଲେ ଏସବୁ ଯାଞ୍ଚ ହେଉଛି କି ନାହିଁ ତାହା ସନ୍ଦେହ । ତଥ୍ୟ କହୁଛି, ଓଡ଼ିଶାରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସଂଖ୍ୟା ଖୁବ କମ୍ । ସାଢେ ୪ କୋଟି ଲୋକଙ୍କ ପାଇଁ ମାତ୍ର ୭୧ଜଣ ଖାଦ୍ୟ ସୁରକ୍ଷା ଅଧିକାରୀ ଅଛନ୍ତି । ଅର୍ଥାତ ସାଢେ ୪ଲକ୍ଷ ଲୋକଙ୍କ ପାଇଁ ଜଣେ ଅଧିକାରୀ । ଏହି ଅଧିକାରୀମାନେ କେବଳ ବଜାର ନୁହେଁ, ଶିଳ୍ପ ପ୍ରତିଷ୍ଠାନରେ ଖାଦ୍ୟ ଯାଞ୍ଚ, ଭିଆଇପି ସେବାରେ ଲାଗିଛନ୍ତି । ଫଳରେ ସବୁଦିନ ବଜାରକୁ ଯିବା ପାଇଁ ସମୟ ହୁଏନି । ତେଣୁ ପର୍ଯ୍ୟାପ୍ତ ଅଧିକାରୀ ନଥିବା ବେଳେ ଏଭଳି ସ୍ଥିତିରେ ଚଢ଼ଉ କେମିତି ନିୟମିତ ହୋଇପାରିବ ବୋଲି ପ୍ରଶ୍ନ ଉଠିଛି । ସରକାର ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସଂଖ୍ୟା ବଢ଼ାଉନାହାନ୍ତି । ଅବ୍ୟାବଧ୍ ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ସାଢେ ୩ କୁଇଣ୍ଟାଲର ଖରାପ ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଥିବା ବେଳେ ୪୭୫ଟି ଖାଦ୍ୟ ନମୁନା ପରୀକ୍ଷା ନିମନ୍ତେ ସଂଗ୍ରହ କରାଯାଇଛି । ଏହାସହିତ ପ୍ରାୟ ୨ କୋଟି ୮୦ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଛି । ଭୁବନେଶ୍ୱର ଅଞ୍ଚଳରେ ସର୍ବାଧିକ ୭୮୭ କିଲୋଗ୍ରାମ ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଥିବା ସହ ୬୧ଟି ନମୁନା ସଂଗ୍ରହ ଏବଂ ୬୮,୫୦୦ ଟଙ୍କା ଜରିମାନା ଲଗାଯାଇଛି । ହେଲେ ଯେଉଁଭଳି ଚଢ଼ଉ ହେବା କଥା ତାହା ହେଉନି । ବର୍ତ୍ତମାନ ୟୁନିଟ-୪ ଅଞ୍ଚଳରେ ନକଲି ଛେନା କରାଯାଉଥିବା ଅଭିଯୋଗ ହେଉଛି । ସେ ସ୍ଥାନରେ ଚଢ଼ଉ କଲେ ରାକେଟର ପର୍ଦ୍ଦାଫାଶ ହେବ ବୋଲି କୁହାଯାଉଛି । ପାର୍ବଣ ଋତୁ ଆସିଲେ ଅଧିକ ଛେନା ଦରକାର ହେବା ସ୍ୱାଭାବିକ । ତେଣୁ ମିଠା ଦୋକାନ ଚଳଚଞ୍ଚଳ ହୋଇପଡ଼େ । ମାତ୍ର ନକଲି ଛେନା ଜବତ ହେବାପରେ ଏବେ ମିଠାର ମାନ ଉପରେ କଳାଦାଗ ଲାଗିଛି । ଅଧିକାରୀ ଯାଞ୍ଚ କରୁନଥିବା ବେଳେ ବିଭିନ୍ନ ସ୍ଥାନରେ ଗୋପାଳ ସମାଜର ବରିଷ୍ଠ କର୍ମକର୍ତ୍ତାମାନେ ନିଜେ ଅଣ୍ଡା ଭିଡ଼ି ଛେନା ଯାଞ୍ଚ କରୁଛନ୍ତି ।

୨୦୨୯ ସୁଦ୍ଧା ଓଡ଼ିଶା ହେବ ନିଶାମୁକ୍ତ

ଭୁବନେଶ୍ୱର(ବ୍ୟୁରୋ): ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀଠାରେ ୧୩ତମ ବ୍ୟାଚ୍ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରମାନଙ୍କ ଦୀକ୍ଷାନ୍ତ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇ ବର୍ଷର କଠୋର ଇନଡୁର ଓ ଆଉଟଡୁର ପ୍ରଶିକ୍ଷଣ ସଫଳତାର ସହ ସମ୍ପୂର୍ଣ୍ଣ କରିଥିବା ୩୩୬ଜଣ ନବନିଯୁକ୍ତ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ବ୍ୟାଚ୍ରେ ୭୦ଜଣ ମହିଳା ସବ୍-ଇନ୍ସପେକ୍ଟର ସାମିଲ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିବା ସହ ଏହା ଓଡ଼ିଶାର ନାରୀ ସଶକ୍ତିକରଣ ଓ ପରିବର୍ତ୍ତିତ ସାମାଜିକ ଚିତ୍ରର ଏହା ଏକ ଉଜ୍ଜ୍ୱଳ ପ୍ରତିଫଳନ ବୋଲି କହିଛନ୍ତି । ଦୀକ୍ଷାନ୍ତ ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି ଦିନଟି କେବଳ ଏକ ଔପଚାରିକ ପରେଡ଼ ନୁହେଁ, ବରଂ ନିଷ୍ଠା, ଶୃଙ୍ଖଳା, ତ୍ୟାଗ ଓ ଉତ୍କର୍ଷର ଉତ୍ସବ । ପୋଲିସ ପୋଷାକ କେବଳ ଏକ ୟୁନିଫର୍ମ ନୁହେଁ, ଏହା ସମ୍ବିଧାନ ପ୍ରଦତ୍ତ କ୍ଷମତା ଓ ସମାଜ ସେବାର ଗୁରୁଦାୟିତ୍ୱ ବହନ କରେ । ବର୍ଦ୍ଦି ଦେଉଥିବା କ୍ଷମତାର ସଦୁପଯୋଗ କରି ପ୍ରତ୍ୟେକ ଅଧିକାରୀ ସମାଜର ଦୁର୍ବଳ ଶ୍ରେଣୀକୁ ନ୍ୟାୟ ପ୍ରଦାନ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ । ଆଧୁନିକ ଅପରାଧ, ଟେକ୍ନୋଲୋଜିର ବ୍ୟବହାର ଓ ସାଇବର ଠକେଇର ମୁକାବିଲା ପାଇଁ ଓଡ଼ିଶା ପୋଲିସ ନିଜକୁ ନିରନ୍ତର ଅପଗ୍ରେଡ୍ କରୁଥିବାରୁ ସେ ସନ୍ତୋଷ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦକ୍ଷ ପରିଚାଳନାରେ ରାଜ୍ୟରୁ ମାଓ ଓ ନକ୍ସଲ ହିଂସା ସମ୍ପୂର୍ଣ୍ଣ ଦମନ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଆଗାମୀ ଦଶ ବର୍ଷ ମଧ୍ୟରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଶିକ୍ଷାୟନ ଏବଂ ଶାନ୍ତି-ଶୃଙ୍ଖଳା ଅପରିହାର୍ଯ୍ୟ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ପୋଲିସ ବିଭାଗର ଆଧୁନିକୀକରଣ ଓ ମାନବ ସମ୍ବଳ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ପୋଲିସ ବିଭାଗରେ ୧୭,୭୯୪ଟି ନୂତନ ପଦବୀ ସୃଷ୍ଟି କରାଯିବା ସହ ୫,୮୧୭ଟି ପଦବୀ ପୂରଣ କରାଯାଇଛି ଏବଂ ଥାନାଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଯାନବାହାନ ଓ ଇନ୍ଧନ ଭତ୍ତା ପ୍ରଦାନ କରାଯାଉଛି । ଏହା ସହିତ ୨୦୨୯ସୁଦ୍ଧା ଓଡ଼ିଶାକୁ 'ନିଶାମୁକ୍ତ ରାଜ୍ୟ'ରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ସେ ଦୋହରାଇଛନ୍ତି । ପୋଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ୯ଗଇଜଞ୍ଚ ଚଡ-ଖଓଉଗଏ ନୀତି ଆପଣାଇବାକୁ ଆହ୍ୱାନ ଦେବା ସହ ନବନିଯୁକ୍ତ ଅଧିକାରୀମାନଙ୍କୁ ତିନୋଟି ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି । ସରକାରଙ୍କ 'ଶୂନ୍ୟ ସହନଶୀଳତା' ନୀତିକୁ ଆଧାର କରି ଦୁର୍ନୀତିରୁ ସମ୍ପୂର୍ଣ୍ଣ ଦୂରେଇ ରହିବା, ୟୁନିଫର୍ମ ସର୍ଭିସରେ ସର୍ବୋଚ୍ଚ ସଂବେଦନଶୀଳତା ବଜାୟ ରଖିବା ଏବଂ କ୍ଷମତାର ଅପବ୍ୟବହାର ନ କରି ନିର୍ଦ୍ଦୋଷଙ୍କୁ ସୁରକ୍ଷା ଓ ଅପରାଧୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି । କୌଣସି ଅପରାଧୀ ଯେପରି ଖସି ନ ଯାଆନ୍ତି ଏବଂ ଜଣେ ହେଲେ ନିର୍ଦ୍ଦୋଷ ଯେପରି ହଇରାଣ ନ ହୁଅନ୍ତି, ସେଥିପ୍ରତି ସଜାଗ ରହି 'ସେବା ଓ ସୁରକ୍ଷା' ମନ୍ତ୍ରରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହି ଦୀକ୍ଷାନ୍ତ ସମାରୋହରେ ବିଭିନ୍ନ ବିଭାଗରେ ଉତ୍କର୍ଷ ହାସଲ କରିଥିବା କୃତୀ କ୍ୟାଡେଟ୍ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ । ଏଥିରେ ପି. ନଳିନୀ ରାଓଙ୍କୁ ସର୍ବାଧିକ ନମ୍ବର ହାସଲ କରି ରାଜ୍ୟପାଳଙ୍କ ପଦକ, ଟ୍ରଫି ସହ ୧୦,୦୦୦ ଟଙ୍କାର ନଗଦ ପୁରସ୍କାର ରାଶି ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ । ଏଥି ସହ ତେଜସ୍ୱିନୀ ମହନ୍ତରାୟ, ଯୁଧିଷ୍ଠିର ବେହେରା, ଲକ୍ଷ୍ମଣ କୁମାର ମହନ୍ତ, ସସ୍ମିତା ଖୁଣ୍ଟିଆ, ନିହାରିକା ତ୍ରିପାଠୀ ଓ ଆଶୁତୋଷ ନାୟକଙ୍କୁ ପୋଲିସ ପ୍ରଶିକ୍ଷଣରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ମୁଖ୍ୟମନ୍ତ୍ରୀ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ । ସମାରୋହରେ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର କହିଛନ୍ତି ଯେ, ପୋଲିସ ଅଧିକାରୀମାନେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ କାର୍ଯ୍ୟ କରିବା ଉଚିତ । ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ନିର୍ଦ୍ଦେଶକ ତଥା ପୋଲିସ ମହାନିରୀକ୍ଷକ ଅନୁପ କୁମାର ସାହୁ ସ୍ୱାଗତ ଅଭିଭାଷଣ ଦେବା ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଏହି ଦୀକ୍ଷାନ୍ତ ସମାରୋହରେ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀ, ଇନଡୁର ଓ ଆଉଟଡୁର ପ୍ରଶିକ୍ଷକବୃନ୍ଦ, ନବନିଯୁକ୍ତ କ୍ୟାଡେଟ୍ମାନଙ୍କ ଅଭିଭାବକ ଓ ପରିବାର ସଦସ୍ୟ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ବୁଢାଲୋ ମନ୍ଦିରରୁ ମୂର୍ତ୍ତି ଚୋରି

ଭୁବନେଶ୍ୱର(ବ୍ୟୁରୋ): ଗତକାଲି ବିଳମ୍ବିତ ରାତିରେ ବାଲିଅନ୍ତା ଥାନା ଅନ୍ତର୍ଗତ ବୁଢାଲୋ ଗ୍ରାମ ସ୍ଥିତ ମା ବୁଢ଼ୀ ନାହାକାଣୀ ମନ୍ଦିରରୁ ଦୁର୍ବୃତ୍ତମାନେ ମୂର୍ତ୍ତି ଲୁଟି ନେଇଛନ୍ତି । ଏହା ସହିତ ମନ୍ଦିରରେ ଥିବା ଘଣ୍ଟ ଘଣ୍ଟି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀ ମଧ୍ୟ ଲୁଟି ନେଇଛନ୍ତି । ଦୁର୍ବୃତ୍ତ ସିସି କ୍ୟାମେରା ଫୁଟେଜ ସମ୍ମୁଖରେ ଛତା ଦେଖାଇ ମୂର୍ତ୍ତି ଚୋରି କରି ନେଇଥିବାରୁ ଏହି ଘଟଣାରେ ଲୁଟେରାଙ୍କୁ ବର୍ତ୍ତମାନ ସୁଦ୍ଧା ଚିହ୍ନଟ କରାଯାଇପାରିନି । ସୂଚନା ଅନୁସାରେ ୨୦୨୨ ମସିହାରେ ବୁଢ଼ୀ ନାହାକାଣୀ ଠାକୁରାଣୀ ପୀଠ ପରିଚାଳନା ଦାୟିତ୍ୱ ଦେବୋତ୍ତର ବିଭାଗ ଅଧୀନରେ ରହିଛି । ତେବେ ଏହି ପୀଠକୁ ନେଇ ୨୦୨୨ ମସିହାରେ ବିବାଦ ସୃଷ୍ଟି ହୋଇଥିଲା । ସୂଚନାଯୋଗ୍ୟ ମା ବୁଢ଼ୀ ନାହାକାଣୀ ପୀଠ ବୁଢାଲୋ ଏବଂ ପାଖ ଗ୍ରାମ ସୁବାଲୋ ସୀମାନ୍ତ ଅଞ୍ଚଳରେ ରହିଛି । ୩ ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ମନ୍ଦିରରେ ଏକ ଛୋଟ ଘରେ ପୂଜା ପାଉଥିଲେ । ଉଭୟ ଗ୍ରାମର ଲୋକ ଠାକୁରାଣୀଙ୍କ ପୂଜାର୍ଚ୍ଚନା କରନ୍ତି । ୪ ବର୍ଷ ତଳେ ଠାକୁରାଣୀ ପୀଠ ମାଲିକାନାକୁ ନେଇ ବୁଢାଲୋ ଏବଂ ସୁବାଲୋ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥଲା । ଥାନା ଏବଂ କୋର୍ଟ ପର୍ଯ୍ୟନ୍ତ କଥା ଯାଇଥିଲା ।

ସ୍ୱରେଜ ପାଇପ୍ ବିଛାଇବା ପରେ ପୁଣି ମୁଖ୍ୟରାସ୍ତା ବନ୍ଦ

ଟ୍ରାଫିକ୍ ଯନ୍ତ୍ରଣାରେ ଘାଣ୍ଟି ହେଉଛନ୍ତି ଲୋକେ

ଭୁବନେଶ୍ୱର(ବ୍ୟୁରୋ): ଜାଗମରା ଖଣ୍ଡଗିରିବାସୀଙ୍କ ଜୀବନ ସହ ଏକରକମ ଖେଳୁଛି ୱାଟ୍କୋ। ସ୍ୱରେଜ ପାଇପ୍ ବିଛାଇବା ଆଳରେ ପୁଣି ମୁଖ୍ୟ ରାସ୍ତା ବନ୍ଦ କରିଦେଇଛି। ସକାଳୁ ରାତି ଯାଏ ଟ୍ରାଫିକ୍ ଯନ୍ତ୍ରଣାରେ ଘାଣ୍ଟି ହେଉଛନ୍ତି ଲୋକେ। ଆମ୍ବୁଲାନ୍ସ କି ଅଗ୍ନିଶମ ଗାଡ଼ି ପଶିବାକୁ ରାସ୍ତା ନାହିଁ। ତ୍ୱରିତ ସହାୟତା ଯୋଗାଇବାକୁ ବି ବାଟ ଛାଡ଼ିନାହାନ୍ତି। ଚଳିତ ମାସ ଆରମ୍ଭରୁ ଖଣ୍ଡଗିରି-ଜାଗମରା ରାସ୍ତାରେ ୱାଟକୋର ଦାଦାଗିରି ଆରମ୍ଭ ହୋଇଛି । ଜାଗମରା ଟ୍ରାଫିକ୍ ଛକଠାରୁ ଜାଗମରା ଗାଁ ପର୍ଯ୍ୟନ୍ତ ରାସ୍ତାକୁ ବ୍ଲକ କରାଯାଇଛି । ମାତ୍ର ଶହେ ମିଟର ରାସ୍ତା ପାର ପାଇଁ ଲୋକଙ୍କୁ ୫ କିମି ବାଟ ବୁଲିବାକୁ ପଡୁଛି । ଖଣ୍ଡଗିରି, ଜାଗମରା, ଧର୍ମବିହାର, ବରବାରି, ମଲ୍ଲିକ କମ୍ପ୍ଲେକ୍ସ, ପଞ୍ଚସଖା ନଗର ଲେନ୍, ଗଣ୍ଡମୁଣ୍ଡା ଛକ, ଭକ୍ତମଧୁସୂଦନ ନଗର, ପୋଖରୀପୁଟ ବାସିନ୍ଦା ହିଁ ସିଧାସଳଖ ହଇରାଣ ହେଉଛନ୍ତି । ଏହି ଅଞ୍ଚଳରେ ଥିବା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଢେର ପ୍ରଭାବିତ ହେଉଛି । ଗଲା ୫ ଦିନ ଧରି ଟ୍ରାଫିକ୍ ଯନ୍ତ୍ରଣା ଭୋଗୁଛନ୍ତି ଲକ୍ଷାଧିକ ଲୋକ । ସନ୍ଧ୍ୟାରେ ଚକାଜାମ ପରିସ୍ଥିତି ଉପୁଜୁଛି । ସ୍କୁଲ କଲେଜ ଯିବା ଆସିବା କରିବାରେ କାନ୍ଦୁଛନ୍ତି ଛାତ୍ରୀଛାତ୍ରୀ । କର୍ମଚାରୀଙ୍କୁ ଅଫିସ୍ରେ ପହଞ୍ଚିବାରେ ବିଳମ୍ବ ହେଉଛି । ଆମ୍ବୁଲାନ୍ସ ଓ ଅଗ୍ନିଶମ ଭଳି ଜରୁରୀକାଳୀନ ଗାଡ଼ି ପଶିପାରୁନି । ଆଉ କିଛି ଦିନ ପରେ ଗଣେଶ ପୂଜା ପଡ଼ିବ । ଏହି ଅଞ୍ଚଳରେ ଅନେକ ଜାଗାରେ ମଣ୍ଡପରେ ଗଜାନନ ବିରାଜିବେ । ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଗହଳି ଲାଗିବ । ସେତେବେଳେ ସ୍ଥିତି ଅସମ୍ଭାଳ ହେବ ବୋଲି ଜଳଜଳ ଦିଶିଲାଣି । ଖଣ୍ଡଗିରି ପଟୁ ଗଲେ, ଜାଗମରା ଗାଁ ଛକରୁ ବୁଲାଣି ନେଇ ବରବାରିର ଗଳି ରାସ୍ତାରେ ପଶି ଶହେ ଫୁଟିଆ ରୋଡ୍ରେ ବାହାରୁଛନ୍ତି ଲୋକେ । ପୋଖରୀପୁଟପଟୁ ଖଣ୍ଡଗିରି ଯିବା ବେଳେ ଜାଗମରା ଟ୍ରାଫିକ୍ ଛକରୁ ଡାହାଣ ପାର୍ଶ୍ୱ ଦେଇ ସେହି ଗଳିରାସ୍ତାରେ ପଶୁଛନ୍ତି । ଏହି ଗଳିରାସ୍ତାରେ ଟ୍ରାଫିକ୍ ଜାମ୍ ଅସମ୍ଭାଳ ହେଉଛି । ଥରେ ଗାଡ଼ି ପଶିଲେ, ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମରେ ଫସୁଛନ୍ତି । ଗଳିରାସ୍ତାରେ କାର ଯାଇପାରୁନଥିବାରୁ ନୀଳକଣ୍ଠେଶ୍ୱର ମନ୍ଦିର-ବରମୁଣ୍ଡା ରାସ୍ତା ବି ପ୍ରବଳ ଜାମ୍ ହେଉଛି । ବାଧ୍ୟ ହୋଇ ଅନେକ ଗାଡ଼ି ଚାଳକ ଫାୟାରଷ୍ଟେସନ୍ରୁ ଶିରିପୁର ରାସ୍ତାରେ ଯାଉଛନ୍ତି । ଆସନ୍ତା ୨୫ ତାରିଖ ଯାଏ ଏହି ଯନ୍ତ୍ରଣା ଭୋଗିବେ ଜାଗମରା-ଖଣ୍ଡଗିରିବାସୀ । ମଝିରେ ଅତି ଛୋଟ ଅବଧି ପାଇଁ ଶୀତ ଆସିପାରେ, ମାତ୍ର ପୂରା ଋତୁରେ ଗରମ ରାଜୁତି କରିପାରେ । ବିଶ୍ୱ ପାଣିପାଗ ସଂସ୍ଥା (ଡବ୍ଲ୍ୟୁଏମଓ)ର ଏଲ୍ ନିନୋ ନେଇ ସତର୍କବାଣୀ ସାରା ବିଶ୍ୱର ଚିନ୍ତା ବଢ଼ାଇ ଦେଇଛି । ଡବ୍ଲ୍ୟୁଏମ୍ଓ କହିଛି, ୨୦୨୬ ଫେବ୍ରୁଆରୀ ପର୍ଯ୍ୟନ୍ତ ଏଲ୍-ନିନୋ ସକ୍ରିୟ ରହିବ । ଚଳିତ ବର୍ଷ ଶେଷ ସୁଦ୍ଧା ଏହା ଅଧିକ ଶକ୍ତିଶାଳୀ ହୋଇ ଭୟଙ୍କର ରୂପ ନେବ । ଏହା ମଧ୍ୟରେ ପ୍ରଶାନ୍ତ ମହାସାଗରୀୟ ଜଳବାୟୁ ସ୍ଥିତିରେ ଅସ୍ୱାଭାବିକ ପରିବର୍ତ୍ତନ ଆସିଲାଣି । ଆଗାମୀ ୨-୩ ମାସ ମଧ୍ୟରେ 'ଅତ୍ୟନ୍ତ ଶକ୍ତିଶାଳୀ' ହେବ ଏଲ୍-ନିନୋ । ଏହାର ପ୍ରଭାବ ଏତେ ହେବ ଯେ ଶୀତ ଋତୁରେ ବହିବ ତତଲା ପବନ । ସ୍କାଇମେଟ୍ ଉପସଭାପତି ମହେଶ ପାଲାୱତ୍ କହିଛନ୍ତି, ଫେରିବାକୁ ବସିଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏଲ୍ ନିନୋର ଭୀଷଣ ପ୍ରଭାବରୁ ରକ୍ଷା ପାଇପାରେ । କିନ୍ତୁ ଆଗାମୀ ମାସଗୁଡ଼ିକ ପାଇଁ ବିପଦ ଜାରି ରହିବ । ଏହା ତାପମାତ୍ରା ବୃଦ୍ଧିର କାରଣ ସାଜିବ । ଉତ୍ତର-ପୂର୍ବ ମୌସୁମୀକୁ ପ୍ରଭାବିତ କରିପାରେ । ସ୍ୱାଭାବିକଠାରୁ ଅଧିକ ଗରମ ରହିପାରେ ଶୀତଦିନ । ଶୀତଦିନରେ ଲୋକେ ଗରମ ଜ୍ୱାଳା ଅନୁଭବ କରିପାରନ୍ତି । ଏଲ୍-ନିନୋ ୨୦୨୬ ପ୍ରାରମ୍ଭ ପର୍ଯ୍ୟନ୍ତ ଜାରି ରହିଲେ, ଆସନ୍ତାବର୍ଷ ଭାରତ ଅତ୍ୟଧିକ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଏବଂ ଉତ୍ତପ୍ତ ପ୍ରାକ୍ ମୌସୁମୀ ଋତୁ ସଙ୍କଟ ସାମ୍ନା କରିପାରେ । ଫ୍ଲେମ୍ ୟୁନିଭର୍ସିଟିର ପବ୍ଲିକ୍ ପଲିସି ପ୍ରଫେସର୍ ଅଞ୍ଜଲ ପ୍ରକାଶ ଏହାକୁ 'ଭାରତ ପାଇଁ ସତର୍କ ସୂଚନା' ଅଭିହିତ କରିଛନ୍ତି । ସେ କହିଛନ୍ତି, 'ଅଗଷ୍ଟରେ ଦେଶରେ ୧୬% କମ୍ ବର୍ଷା ହୋଇଛି । ସେପ୍ଟେମ୍ବରରେ ସ୍ୱାଭାବିକଠାରୁ କମ୍ ବର୍ଷାର ପୂର୍ବାନୁମାନ କରାଯାଇଛି । ଏହା ଖରିଫ ଅମଳ, ଜଳ ସୁରକ୍ଷା ଏବଂ ଗ୍ରାମୀଣ ଆୟ ପ୍ରତି ବିପଦ ସୃଷ୍ଟି କରୁଛି । ନୀତି ନିର୍ଦ୍ଧାରକଙ୍କ ପାଇଁ ଏହା ଏକ 'ମାକ୍ରୋ-ଇକୋନୋମିକ୍ ଏବଂ ଖାଦ୍ୟ ସୁରକ୍ଷା ସଙ୍କଟ' । ତେଣୁ ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ତୁରନ୍ତ ମରୁଡ଼ି-ପ୍ରତିରୋଧୀ ପଦକ୍ଷେପ ଏବଂ ପୂର୍ବ-ନିର୍ଦ୍ଧାରିତ ରିଲିଫ ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ । 'ଇଣ୍ଡିଆନ୍ କାଉନସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାସନାଲ୍ ଇକୋନୋମିକ୍ ରିଲେସନ୍ସ'ର ଅର୍ଥଶାସ୍ତ୍ରୀଙ୍କ ଦ୍ୱାରା ପ୍ରକାଶିତ ୨୦୧୪ର ଏକ ଗବେଷଣା ରିପୋର୍ଟ ଅନୁଯାୟୀ, ଗତ ସାଢ଼େ ତିନି ଦଶନ୍ଧି ମଧ୍ୟରେ ଭାରତରେ ହୋଇଥିବା ପ୍ରତ୍ୟେକ ମରୁଡ଼ି ଏକ ଏଲ୍ ନିନୋ ବର୍ଷରେ ହିଁ ଆସିଛି । କିନ୍ତୁ ଏହି ଗବେଷଣା ପତ୍ରରେ ଦର୍ଶାଯାଇଥିଲା ଯେ ୧୯୫୦ ଦଶକରୁ ଆସିଥିବା ୨୩ଟି ଏଲ୍ ନିନୋ ବର୍ଷ ମଧ୍ୟରୁ କେବଳ ୧୧ଟି ବର୍ଷ ପ୍ରକୃତରେ ଭାରତରେ ମରୁଡ଼ି ସୃଷ୍ଟି କରିଥିଲା । 'ଗ୍ଲୋବାଲ୍ ଆଣ୍ଡ ପ୍ଲାନେଟାରି ଚେଞ୍ଜ' ପ୍ରତିକାରେ ପ୍ରକାଶିତ ୨୦୨୪ର ଏକ ଅଧ୍ୟୟନରୁ ଜଣାପଡ଼ିଛି, ଶକ୍ତିଶାଳୀ ଏଲ୍ ନିନୋର ଶେଷ ପର୍ଯ୍ୟାୟ ଅର୍ଥାତ୍ ଘଟଣାର ଚରମ ସୀମା ପରବର୍ଷ ଭାରତରେ ଗ୍ରୀଷ୍ମ ପ୍ରବାହ ଦିନଗୁଡ଼ିକ ତୀବ୍ର ଭାବେ ବୃଦ୍ଧି ପାଇଥାଏ । ୧୯୯୮ରେ ବିଂଶତମ ଶତାବ୍ଦୀର ସବୁଠାରୁ ଶକ୍ତିଶାଳୀ ଏଲ୍ ନିନୋର ପରବର୍ଷ ଦେଶରେ ସବୁଠାରୁ ମାରାତ୍ମକ ଗ୍ରୀଷ୍ମ ପ୍ରବାହ ରେକର୍ଡ କରାଯାଇଥିଲା । ରାଜସ୍ଥାନର ଢୋଲପୁ

ମୃତ୍ୟୁର ବିଭୀଷିକା ମଧ୍ୟରେ ବି ଆଶା ସଞ୍ଚାର

୧୦ ଦିନ ପରେ ମାଟିତଳୁ ମିଳିଲା ପୁଣି ୨ ଜୀବନ

କାଠମାଣ୍ଡୁ,୫।୯: ଜଳ ପ୍ରଳୟ ଭାଙ୍ଗି ପାରିନି ନେପାଳର ମନୋବଳ। ମୃତ୍ୟୁର ବିଭୀଷିକା ମଧ୍ୟରେ ବି ସରିନି ଆଶା। ଏହି ଆଶା ଧୀରେଧୀରେ ଆଣିବାରେ ଲାଗିଛି ନୂଆ ସମ୍ଭାବନା। ଜଳ ପ୍ରଳୟରେ ସବୁ କିଛି ଛାରଖାର ହୋଇଥିଲେ ମଧ୍ୟ ଜୀବନ ହାରି ନାହିଁ। ଆଶା ମରିନାହିଁ। ଆଉ ଏହି ଆଶା ଯୋଗୁ ଦୀର୍ଘ ୧୦ ଦିନ ପରେ ମାଟି ତଳୁ ଜୀବନ ନେଇ ଫେରିଛନ୍ତି ପୁଣି ୨ ଜଣ। ମାଟି, ଧ୍ୱଂସାବଶେଷ ଓ ଭାଙ୍ଗି ଯାଇଥିବା ଢାଞ୍ଚାକୁ ଖୋଳି ଉଦ୍ଧାରକାରୀ ଟିମ ପୁଣି ଦେଖାଇଛନ୍ତି ନିଜର ପରାକ୍ରମ। ଶନିବାର ସେମାନେ ଜୀବିତ ଅବସ୍ଥାରେ ୧୦ ଦିନ ହେଲା ମାଟି ଓ କାଦୁଅ ଭିତରେ ପୋତି ହୋଇ ରହିଥିବା ୨ ଜଣଙ୍କୁ ଜୀବିତ ଅବସ୍ଥାରେ ବାହାର କରିଛନ୍ତି। ଏହାକୁ ମିଶାଇ ୨ ଦିନରେ ମାଟି ତଳୁ ମିଳିଲାଣି ୪ ଜୀବନ। ଏହା ଉଦ୍ଧାରକାରୀ ଟିମର ଉତ୍ସାହକୁ ମଧ୍ୟ ବଢ଼ାଇ ଦେଇଛି। ଶନିବାର ଉଦ୍ଧାର ହୋଇଥିବା ୨ ଜଣଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଚାଇନିଜ ଶ୍ରମିକ। ସେ ଗୋଟିଏ ସୁଡ଼ଙ୍ଗ ଭିତରେ ଫସି ରହିଥିଲେ। ସେହିପରି ଆକସ୍ମିକ ବନ୍ୟାରେ ଭାଙ୍ଗି ଯାଇଥିବା ଗୋଟିଏ ଘର ଭିତରୁ ଜଣେ ୬୪ ବର୍ଷୀୟ ବୃଦ୍ଧାଙ୍କୁ ଜୀବିତ ଅବସ୍ଥାରେ ଠାବ କରାଯାଇଛି। ଏହି ଦୁଇ ଜଣ ୧୦ ଦିନ ହେଲା ପ୍ରତିକୂଳ ପରିସ୍ଥିତି ମଧ୍ୟରେ ହାର ମାନି ନଥିଲେ। ଏବେ ସେମାନେ ଜୀବନର ଏହି ସଂଘର୍ଷରେ ବାଜିମାତ କରିଛନ୍ତି। ଉଦ୍ଧାର ହୋଇଥିବା ଚାଇନିଜ ନାଗରିକ ଜଣଙ୍କ ତ୍ରିଶୂଳୀ ଜଳ ବିଦ୍ୟୁତ ପ୍ରକଳ୍ପର ଟନେଲରେ କାମ କରୁଥିଲେ। ଶୁକ୍ରବାର ତ୍ରିଶୂଳୀ ୩ଏ ଜଳ ବିଦ୍ୟୁତ ପ୍ରକଳ୍ପ ସୁଡ଼ଙ୍ଗରୁ ୨ ଜଣ ନେପାଳ ନାଗରିକଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିଲା। ଏହାର ଅର୍ଥ ତ୍ରିଶୂଳି ଜଳ ବିଦ୍ୟୁତ ସାଇଟରୁ ଉଦ୍ଧାରକାରୀ ଦଳ ସଫଳତାର ସହ ୩ ଜୀବନ ରକ୍ଷା କରିପାରିଛନ୍ତି। ଉଦ୍ଧାର କାର୍ଯ୍ୟରେ ନେପାଳ ସେନା ଓ ବିପର୍ଯ୍ୟୟ ପ୍ରଶମନ ଟିମ ସହ ଦକ୍ଷିଣ କୋରିଆର ସ୍ୱତନ୍ତ୍ର ଯବାନମାନେ ସାମିଲ ଥିଲେ। ଏମାନେ ୨୨୫ ମିଟର ଲମ୍ବା ଟନେଲ ଭିତରୁ ଚାଇନିଜ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ଏହାପରେ ତାଙ୍କୁ ମେଡିକାଲକୁ ପଠା ଯାଇଛି। ଟନେଲ ଭିତରୁ ସୁରକ୍ଷିତ ଭାବେ ବାହାରିଥିବା ଶ୍ରମିକ ଜଣଙ୍କ ଆଉ ଚାଲି ପାରୁ ନାହାନ୍ତି। ଏଥିପାଇଁ ତାଙ୍କୁ ହେଲିକପ୍ଟରରେ ହସ୍ପିଟାଲକୁ ପଠାଯାଇଛି। ଜୀବିତ ଅବସ୍ଥାରେ ଉଦ୍ଧାର ହୋଇଥିବା ଶ୍ରମିକ ଜଣଙ୍କ ହେଲେ ଲୁହାଇତାଓ। ସେ ମାଟି କାଦୁଅ ଭିତରେ ୧୦ ଦିନ ହେଲା ପୋତି ହୋଇ ରହିଥିବାରୁ ପୂରା ଦୁର୍ବଳ ହୋଇ ଯାଇଛନ୍ତି। କିନ୍ତୁ ତାଙ୍କ ମୁହଁରେ ରହିଛି ବଞ୍ଚିବାର ଆଶା। ତାଙ୍କ ହାତର ବହଳ ବହଳ ମାଟି ଖଣ୍ଡ ଲାଗିଥିଲେ ହେଁ ସେ ସୁରକ୍ଷିତ ଥିବାରୁ ନିଜକୁ ଭାଗ୍ୟବାନ ମନେ କରିଛନ୍ତି।

ଗୁରୁଦିବସରେ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ଭେଟିଲେ ମୋଦୀ

ମୁଁ ତୁମମାନଙ୍କ ବିଦ୍ୟାର୍ଥୀ, ମୋତେ କ'ଣ ପରାମର୍ଶ ଦେବେ

ନୂଆଦିଲ୍ଲୀ,୫।୯: ଆଜି ଗୁରୁ ଦିବସ। ଶିକ୍ଷକଙ୍କ ପାଇଁ ଦିନ ଟିଏ । ଶିକ୍ଷକ ଭାଗ୍ୟ ଓ ଭବିଷ୍ୟତର ରୂପକାର ଅଟନ୍ତି । ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭିତରେ ବିଦ୍ୟା, ଦକ୍ଷତା, ନୈତିକତା ଏବଂ ପ୍ରେରଣା ସଞ୍ଚାର କରୁଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ଦିନଟି ସମର୍ପିତ । ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଇଚ୍ଛା ଥିଲା- ତାଙ୍କ ଜନ୍ମଦିନ 'ଗୁରୁ ଦିବସ' ଭାବେ ପାଳିତ ହେଉ । ଗୁରୁ ଦିବସରେ ଶିକ୍ଷକଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନା କରିଛନ୍ତି । ୨୦୨୬ର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକମାନଙ୍କ ସହ କଥାବାର୍ତ୍ତା ହୋଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଜାତୀୟ ଶିକ୍ଷକ ପୁରସ୍କାର ବିଜେତା ଦଳକୁ ଭେଟିଛନ୍ତି । ତାଙ୍କ ସହ ଅନେକ ପ୍ରସଙ୍ଗରେ କଥା ହୋଇଛନ୍ତି ଏବଂ ପରାମର୍ଶ ମଧ୍ୟ ମାଗିଛନ୍ତି। ଏହି ସମୟର ଭିଡିଓକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସୋସିଆଲ ମିଡିଆ ଏକ୍ସ ହ୍ୟାଣ୍ଡେଲରେ ମଧ୍ୟ ସେୟାର କରାଯାଇଛି। ଜାତୀୟ ପୁରସ୍କାର ପାଇଥିବା ଜଣେ ଶିକ୍ଷକଙ୍କ ସହ କଥାବାର୍ତ୍ତା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ମୁଁ କାଶୀର ସାଂସଦ ଏବଂ ମୁଁ ସେଠାରେ ଷ୍ଟନ କର୍କଟ ବିଷୟରେ ଏକ ସଚେତନତା ଅଭିଯାନ ଆରମ୍ଭ କରିଥିଲି ଏବଂ ମୁଁ ଏହା ଦେଖି ଖୁସି ଯେ, ବର୍ତ୍ତମାନ ମହିଳାମାନେ ଆଗକୁ ଆସି ସ୍କ୍ରିନିଂ କରୁଛନ୍ତି । ପୂର୍ବରୁ ଏଭଳି ନଥିଲା । ଅନ୍ୟ ଏକ ମହାନ ଅଭିଜ୍ଞତା ହେଉଛି ଗୋଟିଏ ଦିନରେ ସର୍ବାଧିକ ସଂଖ୍ୟକ ସ୍କ୍ରିନିଂ ପାଇଁ ବିଶ୍ୱ ରେକର୍ଡ ସ୍ଥାପନ କରିବା ।

ଏହା ସହିତ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ପବ୍ଲିକ୍ ସିକିଙ୍ଗ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ପରାମର୍ଶ ମାଗିଥିଲେ। ସେ କହିଛନ୍ତି,ଯଦି ମୁଁ ଆପଣଙ୍କ ସହିତ ଜଣେ ଛାତ୍ର ହୋଇଥାନ୍ତି ଏବଂ ଜଣେ ଦକ୍ଷ ବକ୍ତା ହେବାକୁ ଚାହୁଁଥିଲି, ତେବେ ଆପଣ ମୋତେ କ'ଣ ପରାମର୍ଶ ଦେଇଥାନ୍ତେ ? ମୁଁ କ'ଣ କରିବି ? ' ଏହାର ଉତ୍ତରରେ ଜଣେ ଶିକ୍ଷକ କହିଛନ୍ତି, 'ସର୍ବପ୍ରଥମେ ଆପଣଙ୍କୁ ଆତ୍ମବିଶ୍ୱାସ ରହିବା ଆବଶ୍ୟକ। ଆତ୍ମବିଶ୍ୱାସ ଅନେକ ଅଭ୍ୟାସରୁ ଆସିଥାଏ। 'ସ୍କ୍ରିନ୍ ଟାଇମକୁ କଣ କହିଲେ ମୋଦି- 'ସ୍କ୍ରିନ୍ ଟାଇମ୍ ବର୍ତ୍ତମାନ ଏକ ପ୍ରକାର ନିଶାରେ ପରିଣତ ହୋଇଛି । ମୋ ମନକୁ ଗୋଟିଏ ବିଚାର ଆସୁଛି: ହୁଏତ ପିଲାଟି ଖେଳ ପ୍ରତି ଅଧିକ ଆଗ୍ରହୀ ହୁଏ ଏବଂ ଖେଳ କହିଲେ ମୁଁ ଭିଡିଓ ଗେମ୍ ନୁହେଁ, ବରଂ ପଡ଼ିଆରେ ପ୍ରକୃତ ଖେଳ । ତେବେ ସେ ଧୀରେ ଧୀରେ ଏହି ନିଶାରୁ ବାହାରି ଆସିପାରେ । ଏହି ପରିପ୍ରେକ୍ଷୀରେ, ଆମେ ପିଲାମାନଙ୍କୁ ସୃଜନଶୀଳ କାର୍ଯ୍ୟରେ ଯେତେ ଅଧିକ ନିୟୋଜିତ କରୁ, ସେତେ ଅଧିକ ଆମେ ଏହାକୁ ପ୍ରୋତ୍ସାହିତ କରୁଥିବା କାର୍ଯ୍ୟକ୍ରମ ସୃଷ୍ଟି କରିବାର ଅଭ୍ୟାସ କରିବା ଉଚିତ୍ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ।'

ବିଦ୍ୟାର୍ଥୀଙ୍କୁ ଭଲ ମଣିଷ କରି ଗଢ଼ିବା ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ଏକ ପୁଣ୍ୟ କର୍ମ। ନୈତିକତା ପଥରେ ପରିଚାଳିତ ହୋଇ ସମୃଦ୍ଧି ଓ ଯଶ ଲାଭ କରୁଥିବା ବିଦ୍ୟାର୍ଥୀମାନେ ହିଁ ଶିକ୍ଷକଙ୍କ ସଫଳତାର ମୂର୍ତ୍ତିମନ୍ତ ପ୍ରତୀକ ଅଟନ୍ତି। ଖାଲି ପାଠ ପଢା ନୁହେଁ ଜୀବନର ପ୍ରତିଟି ମୂହୁର୍ତ୍ତରେ ସମସ୍ତଙ୍କର କେହି ନା କେହି ଶିକ୍ଷକ ଥାନ୍ତି। ଜୀବନ ରାସ୍ତାରେ ବାଟ କଢାଇ ନେଉଥିବା ମଣିଷ ଛାତ୍ରଙ୍କ ପାଇଁ ଶିକ୍ଷକ ରୂପୀ ଭଗବାନ ପାଲଟିଯାଆନ୍ତି ।

ସାମରିକ ଘାଟିରେ ଭୟଙ୍କର ବିସ୍ଫୋରଣ

୧୦ ମୃତ, ୬୦ରୁ ଅଧିକ ଆହତ



ନୂଆଦିଲ୍ଲୀ,୫।୯: କେହି କିଛି ବୁଝିପାରିଲେ ନାହିଁ । ଅଚାନକ ଭୟଙ୍କର ବିସ୍ଫୋରଣ । ସବୁକିଛି ଛାରଖାର । ଚାଲିଗଲା ଅନେକ ଜୀବନ । ବଲିଭିଆର ପଶ୍ଚିମାଞ୍ଚଳ ସହର ଭିଆଚାରେ ଥିବା ଏକ ସାମରିକ ଘାଟିରେ ଭୟଙ୍କର ବିସ୍ଫୋରଣ ଘଟିଛି । ରିପୋର୍ଟ ଲେଖାଯିବା ସୁଦ୍ଧା ଏହି ବିସ୍ଫୋରଣରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ସଂଖ୍ୟା ବଢିବା ଆଶଙ୍କା କରାଯାଉଥିବାବେଳେ ପ୍ରାରମ୍ଭିକ ସୂଚନା ଅନୁସାରେ ଅତି କମରେ ୬୦ରୁ ଅଧିକ ଜଣ ଆହତ ହୋଇଛନ୍ତି। ଅଧିକାଂଶ ସାଧାରଣ ଲୋକ ଆହତ ହୋଇଛନ୍ତି । ବିସ୍ଫୋରଣର କାରଣ ଜଣାପଡିନାହିଁ । ଲୋକଙ୍କ ଜୀବନ ଯିବା ସହିତ ଆଖପାଖ ଘର ବି କ୍ଷତିଗ୍ରସ୍ତ ହୋଇଛି । ରାଜଧାନୀ ଲା ପାଜ୍‌ରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ଭିଆଚା ସହରର ଏହି ସାମରିକ କମ୍ପ୍ଲେକ୍ସରେ ଶୁକ୍ରବାର ସ୍ଥାନୀୟ ସମୟ ଅପରାହ୍ନ ପ୍ରାୟ ୨ଟା ୩୦ରେ ବିସ୍ଫୋରଣ ଘଟିଥିଲା । ପ୍ରତିରକ୍ଷା ମନ୍ତ୍ରଣାଳୟ ସହ ଜଡ଼ିତ ଆତସବାଜି ଓ ପାଇରୋଟେକ୍ନିକ୍ ସାମଗ୍ରୀ ରଖାଯାଇଥିବା ଏକ ସ୍ଥାନରୁ ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି। ତେବେ ବିସ୍ଫୋରଣର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ଏବଂ ତଦନ୍ତ ଜାରି ରହିଛି । ବଲିଭିଆର ପ୍ରତିରକ୍ଷା ମନ୍ତ୍ରୀ ଏର୍ନେଷ୍ଟୋ ଜଷ୍ଟିନିଆନୋଙ୍କ ସୂଚନା ଅନୁସାରେ, ଆହତଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ନାଗରିକ। ଅନେକ ଆହତଙ୍କୁ ଚିକିତ୍ସା ପାଇଁ ଲା ପାଜ୍ ବିଭିନ୍ନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ, ନିକଟବର୍ତ୍ତୀ ଅନେକ ଘରର ଝରକା କାଚ ଭାଙ୍ଗିଯାଇଥିବା ସହ ଅନ୍ୟାନ୍ୟ କ୍ଷୟକ୍ଷତି ମଧ୍ୟ ଘଟିଛି । ଘଟଣାସ୍ଥଳରେ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ, ଚିକିତ୍ସା ଦଳ ଓ ପୋଲିସ ପହଞ୍ଚି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଚଳାଇଛନ୍ତି। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ ସେହି ଅଞ୍ଚଳକୁ ଘେରାବନ୍ଦୀ କରି ସ୍ଥାନୀୟ ଲୋକଙ୍କୁ ଘଟଣାସ୍ଥଳଠାରୁ ଦୂରେଇ ରହିବାକୁ ସତର୍କ କରାଯାଇଛି । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରୀତା ନେବରାସ୍କା କହିଛନ୍ତି ଯେ, ଅଗ୍ନିଶମ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି ଘଟଣାସ୍ଥଳରେ ଏକ ଉତ୍ତାପ ଅଛି, ଯାହା ଆଉ ଏକ ବିସ୍ଫୋରଣର କାରଣ ହୋଇପାରେ । ଅତିକମରେ ୧୫୦ ମିଟର ଦୂରତା ବଜାୟ ରଖିବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି ।

ଝିରମ ଘାଟି ନରସଂହାର ମାମଲା

୧୦ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ରାୟପୁର,୫।୯ : ଛତିଶଗଡ଼ର ବହୁଚର୍ଚ୍ଚିତ ଝିରମ ଘାଟି ନକ୍ସଲ ଆକ୍ରମଣ ମାମଲାରେ ୧୩ ବର୍ଷ ପରେ ବଡ଼ ରାୟ ଆସିଛି। ଜଗଦଲପୁରର ବିଶେଷ ଘଉଡ କୋର୍ଟ ମାମଲାରେ ଥିବା ୧୦ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତକରିଛନ୍ତି। ତେବେ ଦୋଷୀମାନଙ୍କୁ କେତେ ବର୍ଷର ଦଣ୍ଡ ମିଳିବ, ସେନେଇ ରାୟ ପରବର୍ତ୍ତୀ ପର୍ଯ୍ୟାୟରେ ଆସିବ। ରିପୋର୍ଟ ଅନୁସାରେ, ସଜାର ପରିମାଣ ନେଇ ଆସନ୍ତା ୧୬ ସେପ୍ଟେମ୍ବରରେ ଶୁଣାଣି ହେବ। ଘଟଣାଟି ଘଟିଥିଲା ୨୫ ମେ ୨୦୧୩ରେ। ଛତିଶଗଡ଼ର ବସ୍ତର ଅଞ୍ଚଳର ଝିରମ ଘାଟି ଦେଇ କଂଗ୍ରେସର 'ପରିବର୍ତ୍ତନ ଯାତ୍ରା' ଯାଉଥିବା ବେଳେ ମାଓବାଦୀମାନେ ଆକ୍ରମଣ କରିଥିଲେ। ଜାତୀୟ ରାଜପଥରେ କଂଗ୍ରେସ ନେତାଙ୍କ କାଫିଲାକୁ ଟାର୍ଗେଟ୍ କରି ଗୁଳି ବର୍ଷା ଓ ବିସ୍ଫୋରଣ କରାଯାଇଥିଲା। ଏହି ଆକ୍ରମଣରେ ଛତିଶଗଡ଼ କଂଗ୍ରେସର ଅନେକ ବରିଷ୍ଠ ନେତାଙ୍କ ସମେତ ୨୯ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ୩୦ରୁ ଅଧିକ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ତତ୍କାଳୀନ ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ ନନ୍ଦ କୁମାର ପଟେଲ, ତାଙ୍କ ପୁଅ ଦିନେଶ ପଟେଲ, ମହେନ୍ଦ୍ର କର୍ମା ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଲଙ୍କ ଭଳି ବଡ଼ ନାମ ଥିଲେ। ଏହି ଘଟଣା ରାଜ୍ୟରେ କଂଗ୍ରେସର ଶୀର୍ଷ ନେତୃତ୍ୱକୁ ସମ୍ପୂର୍ଣ୍ଣ ରୂପେ ପୋଛି ଦେଇଥିଲା। ଝିରମ ଘାଟି ଆକ୍ରମଣକୁ ଛତିଶଗଡ଼ର ସବୁଠାରୁ ବଡ଼ ରାଜନୈତିକ-ନକ୍ସଲ ହିଂସା ଘଟଣା ମଧ୍ୟରୁ ଗୋଟିଏ ବୋଲି ଦେଖାଯାଏ। ଏହି ଆକ୍ରମଣରେ ରାଜ୍ୟ କଂଗ୍ରେସର ଏକ ବଡ଼ ଅଂଶର ଶୀର୍ଷ ନେତୃତ୍ୱକୁ ହତ୍ୟା କରାଯାଇଥିଲା। ଏହି କାରଣରୁ ଘଟଣାଟି ଛତିଶଗଡ଼ର ରାଜନୈତିକ ଇତିହାସରେ ଏକ ଗଭୀର ଛାପ ଛାଡ଼ିଥିଲା। ଆକ୍ରମଣ ପରେ ପ୍ରଥମେ ବସ୍ତର ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଥିଲା। ପରେ ମାମଲାର ତଦନ୍ତ ଜାତୀୟ ତଦନ୍ତ ଏଜେନ୍ସି ବା ଏନ୍‌ଆଇଏକୁ ଦିଆଯାଇଥିଲା। NIA ପକ୍ଷରୁ ଚାର୍ଜଶିଟ୍ ଏବଂ ପରବର୍ତ୍ତୀ ସପ୍ଲିମେଣ୍ଟାରୀ ଚାର୍ଜଶିଟ୍ ଦାଖଲ ହୋଇଥିଲା। ମାମଲାରେ ଅନେକ ଅଭିଯୁକ୍ତ ଫେରାର ଥିବା ବେଳେ, କୋର୍ଟରେ ଦୀର୍ଘ ସମୟ ଧରି ସାକ୍ଷ୍ୟ ଓ ଯୁକ୍ତି ଉପସ୍ଥାପନ ଚାଲିଥିଲା। ଦୀର୍ଘ ୧୩ ବର୍ଷ ଧରି ଚାଲିଥିବା ଏହି ମାମଲାରେ ବିଚାର ପ୍ରକ୍ରିୟା ସମୟରେ ୧୦୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। କୋର୍ଟ ପ୍ରମିଳା ମୋଡିୟମ୍, ଚୈତୁ ଲେକାମ୍ ଓରଫ ମୁନ୍ନା, ସୁମିତା, ମୁକ୍ତା ମାଣ୍ଡଭୀ, କୋସା କାଭାସୀ, ଆୟତା ମାର୍କାମ, ମାଡକାମୀ ଦେବା, ଜୋଗା ମାଡକାମୀ, ବଞ୍ଜାମୀ ସାନ୍ନା ଏବଂ ମହାଦେବ ନାଗଙ୍କ ସମେତ ସମସ୍ତ ୧୦ ଜଣଙ୍କୁ (ଯେଉଁଥିରେ ୨ ଜଣ ମହିଳା ଅଛନ୍ତି) ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ଓକିଲ ଅରବିନ୍ଦ ଚୌଧୁରୀ ସୂଚନା ଦେଇଛନ୍ତି ଯେ, ରାୟର କପି ମିଳିବା ପରେ ଏହା ବିରୋଧରେ ହାଇକୋର୍ଟରେ ଆବେଦନ କରିବେ।

ଚୁଟ୍‌କୀରେ...

ଟ୍ରକ୍ ପଛରେ ପିଟିହେଲା କାର୍; ୮ ଛାତ୍ର ମୃତ

ନୂଆଦିଲ୍ଲୀ,୫।୯: କେରଳର ତ୍ରିସୁର ଜିଲ୍ଲା ପନ୍ନିକୁନ୍ନୁରେ ଗତକାଲି ରାତି ପ୍ରାୟ ୧୧ଟା ୪୦ରେ ଏକ ସଡ଼କ ଦୁର୍ଘଟଣାରେ ୮ ଜଣ ଛାତ୍ରଙ୍କର ମୃତ୍ୟୁ ଘଟିଛି। ସମସ୍ତ ଛାତ୍ର ତାମିଲନାଡୁର। ଶନିବାର ତ୍ରିସୁର ପୁଲିସ ଏହି ସୂଚନା ଦେଇଛି। ପୁଲିସ କହିଛି ଯେ ରାଜପଥ କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ କାରଟିଏ ପିଟି ହୋଇଥିଲା। କାରରେ ବସିଥିବା ସମସ୍ତ ଛାତ୍ରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଓ ଅଗ୍ନିଶମ ବାହିନୀର ସଦସ୍ୟମାନେ ମୃତକମାନଙ୍କୁ କାର ଭିତରୁ ବାହାର କରିଥିଲେ। ପୁଲିସ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ତ୍ରିସୁର ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲା। ପାର୍ଟିରେ ତାମିଲନାଡୁର ନୟର ରହିଛି। କାରଟି ଗୁରୁବାୟୁର ପାର୍ଶ୍ୱରୁ କୋଡୁଙ୍ଗାଲୁର ଆଡ଼କୁ ଯାଉଥିବା ବେଳେ ଦୁର୍ଘଟଣା ଘଟାଇଥିଲା।

ଟପ୍ ଲସ୍କର କମାଣ୍ଡର ନିହତ

ନୂଆଦିଲ୍ଲୀ,୫।୯: ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା। ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତାଏବାର ବରିଷ୍ଠ କମାଣ୍ଡର ଯାସିର ଆଜି ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛି। ଜମ୍ମୁ-କଶ୍ମୀରର ବଡଗାମ ଜିଲ୍ଲା ୟୁସମାର୍ଗ ଅଞ୍ଚଳରେ ହୋଇଥିବା ସୁରକ୍ଷାକର୍ମୀଙ୍କ ମିଳିତ ଅପରେସନରେ ପାକିସ୍ତାନୀ ଆତଙ୍କୀ ଯାସିର ଖେଳ ଖତମ ହୋଇଛି। ଲସ୍କର-ଇ-ତାଏବାର ସୁଲୈମାନ ମୂଷା ଗ୍ରୁପର ଜଣେ ସକ୍ରିୟ ସଦସ୍ୟ ଥିଲା ଯାସିର। ତେବେ ପ୍ରାୟ ବର୍ଷକ ତଳେ ସେ ଗ୍ରୁପ ଠାରୁ ଅଲଗା ହୋଇ ଯାଇଥିଲା। ମୂଷା ଗ୍ରୁପ ଠାରୁ ଅଲଗା ହେବା ପରେ ସେ ପୃଥକ ଭାବେ ନିଜର ଆତଙ୍କୀ ଗତିବିଧିକୁ ଜାରି ରଖିଥିଲା ଓ ୟୁସମାର୍ଗ ଅଞ୍ଚଳରେ ଲସ୍କରର ଜଣେ ପ୍ରମୁଖ କମାଣ୍ଡର ଭାବେ ନିଜ ପାଇଁ ପରିଚୟ ସୃଷ୍ଟି କରିଥିଲା। ଦୀର୍ଘ ସମୟ ଧରି ସୁରକ୍ଷାକର୍ମୀମାନେ ଯାସିରର ଗତିବିଧିକୁ ଟ୍ରାକ କରୁଥିଲେ। ଶନିବାର ଯାସିର ପତ୍ତା ମିଳିଥିଲା। ଗୁଇନ୍ଦା ବିଭାଗ ମଧ୍ୟ ୟୁସମାର୍ଗ ଅଞ୍ଚଳରେ କିଛି ଆତଙ୍କବାଦୀ ଉପସ୍ଥିତ ସମ୍ପର୍କରେ ସୂଚନା ଦେଇଥିଲା। ଏହାପରେ ସୁରକ୍ଷାକର୍ମୀମାନେ ସେମାନଙ୍କୁ ଧରିବାକୁ ଆରମ୍ଭ କରିଥିଲେ ସ୍ୱତନ୍ତ୍ର ଅଭିଯାନ। ଏଥିରେ ସ୍ପେଶାଲ ଫୋର୍ସ ଓ ୫୩ ରାଷ୍ଟ୍ରୀୟ ରାଇଫଲ୍ସର ଯବାନମାନେ ସାମିଲ ହୋଇଥିଲେ। ସଦ୍ଭ ଅପରେସନ ଚାଲିଥିବା ବେଳେ ଦୁଇ ପକ୍ଷ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଦୀର୍ଘ ସମୟର ଗୁଳି ବିନିମୟ ପରେ ଯାସିର ମୁଣ୍ଡ ଗଡ଼ାଇବାକୁ ସୁରକ୍ଷାକର୍ମୀମାନେ ସକ୍ଷମ ହୋଇଛନ୍ତି। କିନ୍ତୁ ସେଠାରେ ଉପସ୍ଥିତ ଥିବା ତା'ର ସହଯୋଗୀମାନେ ପ୍ରାଣ ହରାଇଛି କି ନାହିଁ, ସେକଥା ସ୍ପଷ୍ଟ ହୋଇନି। ଏବେ ବି ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଥିବାରୁ ସେନା ପକ୍ଷରୁ ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ଦିଆଯାଇ ନାହିଁ। ଜମ୍ମୁ-କଶ୍ମୀରରେ ଚାଲିଥିବା ଆତଙ୍କବାଦ ନିରୋଧ ଅଭିଯାନର ଅଂଶବିଶେଷ ହେଉଛି ୟୁସମାର୍ଗ ଏନକାଉଣ୍ଟର।

ବିଶ୍ୱ ମାନଚିତ୍ର ବଦଳାଇଲା ୟୁଏନ୍

ନୂଆଦିଲ୍ଲୀ,୫।୯: ବିଶ୍ୱକୁ ଦେଖିବା ଏବଂ ବୁଝିବାର ଶୈଳୀରେ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି । ଜାତିସଂଘ ସାଧାରଣ ପରିଷଦ ଏକ ନୂଆ ବିଶ୍ୱ ମାନଚିତ୍ର ଗ୍ରହଣ କରିବା ସପକ୍ଷରେ ଭୋଟ୍ ଦେଇଛି । ଏହି ମାନଚିତ୍ରରେ ଆଫ୍ରିକାର ଆକାର ପୂର୍ବ ଅପେକ୍ଷା ବଡ଼ ଦେଖାଯିବ । ଉତ୍ତର ଆମେରିକା ଏବଂ ୟୁରୋପ ଛୋଟ ଦେଖାଯିବ । ଏହି ନୂଆ ମାନଚିତ୍ରକୁ ଇକ୍ୱାଲ୍ ଆର୍ଥ କାର୍ଟୋଗ୍ରାଫିକ୍ ପ୍ରୋଜେକ୍ସନ କୁହାଯାଇଛି । ସାଧାରଣ ସଭା 'ମାନଚିତ୍ର ସଂଶୋଧନ' ସଂକଳ

ନିଆରା ଢଙ୍ଗରେ ଗୁରୁପୂଜା

'ଗୁରୁ ଆମ ଆଦର୍ଶ, ଗୁରୁ ହିଁ ଈଶ୍ୱର' ଲେଖି ଭେଟିଦେଲେ ଛାତ୍ରୀଛାତ୍ର

କାକଟପୁର/ଅଷ୍ଟରଙ୍ଗ(ଅମୃତ ମିଡିଆ):ଗୁରୁର୍ ବ୍ରହ୍ମା ଗୁରୁର୍ ବିଷ୍ଣୁ ଗୁରୁର୍ ଦେବୋ ମହେଶ୍ୱରଃ । ଏ ମନ୍ତ୍ରକୁ ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ବକ୍ତିଲୋ ପିଏମ୍ ଶ୍ରୀ ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ ଆଜି ସତକୁ ସତ ଜାଇଁ ଦେଖାଇଛି । ଆଜି ଏଠି ଗୁରୁ ଦିବସ ନଥିଲା, ଥିଲା ଗୁରୁ ପୂଜା, ଗୁରୁଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଚାକିରି ସରିଲା ପରେ ବି ଗୁରୁଙ୍କୁ ଏମିତି ସମ୍ମାନ ମିଳିବା ପରେ ଅବସରପ୍ରାପ୍ତ ଗୁରୁମାନେ କହିଥିଲେ, ଜୀବନ ଧନ୍ୟ ହୋଇଗଲା । ଏ ଅବସରରେ ପ୍ରଧାନ ଶିକ୍ଷକ ନାରାୟଣ ପରିଡା କହିଛନ୍ତି, 'ଆମ ସ୍କୁଲର ଲକ୍ଷ୍ୟ ଆଦର୍ଶ ମାନି ପିଲାଙ୍କ ନିଷ୍ଠାର ପର୍ବ।

ପୁରୀ ଜିଲ୍ଲା ଅଷ୍ଟରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନାରାୟଣ ପରିଡାଙ୍କ ସଭାପତିତ୍ୱରେ ଏହି ନିଆରା ଉତ୍ସବ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ୟୁକୋ ବ୍ୟାଙ୍କର ପୂର୍ବତନ ଡିଜିଏମ ପ୍ରମୋଦ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ମଣ୍ଡଳ ଶିକ୍ଷାଅଧିକାରୀ ଶାନ୍ତନୁ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦ୍ୱିଜବର ବାଘ ଏବଂ ଗ୍ରାମ୍ୟ କମିଟି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପରିଡା ଯୋଗ ଦେଇ ପିଲାଙ୍କ ସଂସ୍କାରକୁ ପ୍ରଶଂସା କରିଥିଲେ। ସବୁଠୁ ଆକର୍ଷଣୀୟ ଥିଲା ଗୁରୁ ପୂଜା। ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଧଳା ଚାଦର ଉପରେ ସ୍ୱଚ୍ଛ ଚୌକି ପକାଇ ଅବସରପ୍ରାପ୍ତ ଓ ବର୍ତ୍ତମାନର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ବସାଯାଇଥିଲା। ପରେ କୁନି କୁନି ଛାତ୍ରଛାତ୍ରୀମାନେ ପିତଳ ଗଡୁରେ ପବିତ୍ର ପାଣି ଆଣି ଗୁରୁଙ୍କ ପାଦ ଧୋଇ, ଗାମୁଛାରେ ପୋଛି, ଚନ୍ଦନ ଲଗାଇ, ଫୁଲମାଳ ପିନ୍ଧାଇ ସାଷ୍ଟାଙ୍ଗ ପ୍ରଣାମ କଲେ। ଏହି ଦୃଶ୍ୟ ଦେଖି ଉପସ୍ଥିତ ସମସ୍ତଙ୍କ ଆଖି ଛଳଛଳ ହୋଇଗଲା। ପ୍ରତ୍ୟେକ ପିଲା ନିଜ ହାତରେ 'ଗୁରୁ ଆମ ଆଦର୍ଶ, ଗୁରୁ ହିଁ ଈଶ୍ୱର' ଲେଖି ଗୁରୁଙ୍କୁ ଭେଟି ଦେଇଥିଲେ। ଏହା ପରେ ଅନ୍ୟ ଏକ ହୃଦୟସ୍ପର୍ଶୀ ଦୃଶ୍ୟ ଦେଖିବାକୁ ମିଳିଲା। କୁନି ପିଲାଙ୍କ ଗହଣରେ ଅବସରପ୍ରାପ୍ତ ଗୁରୁମାନଙ୍କୁ ବସାଇ କେକ୍ କାଟି କେବଳ ସ୍ମାର୍ଟ କ୍ଲାସ ନୁହେଁ, ସଂସ୍କାର କ୍ଲାସ। ଆମେ ପିଲାଙ୍କୁ ମାର୍କ ନୁହେଁ, ମଣିଷ କରୁଛୁ। ଯେଉଁ ପିଲା ଗୁରୁଙ୍କୁ ଆଦର୍ଶ ମାନିବ, ସେ ଭବିଷ୍ୟତରେ ବାପା-ମାଆ ଓ ଦେଶକୁ ସମ୍ମାନ କରିବ। ଚାକିରି ସରେ, ହେଲେ ଗୁରୁତ୍ୱ କେବେ ସରେନି, ଏହା ହିଁ ପ୍ରକୃତ ପିଏମ୍ ଶ୍ରୀ।' କାର୍ଯ୍ୟକ୍ରମରେ ଶିକ୍ଷକ ସୂର୍ଯ୍ୟ ନାରାୟଣ ମହାରଣା, ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷୟିତ୍ରୀ ବନିତା ରାଉତ, ମଧୁସ୍ମିତା ପାଢୀ, ସାଧନ ସଂଯୋଜକ ଦୁର୍ଯ୍ୟୋଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଗୁରୁ ହୋଇ କେବଳ ପାଠ ପଢାନ୍ତିନି, ପେଟ ପୋଷିବା ବି ଶିଖାନ୍ତି

- ମାଗଣାରେ ଶିକ୍ଷାଦାନ ଦେଇ ୧୦୦ ପିଲାଙ୍କୁ କରିଛନ୍ତି ମଣିଷ
- ନିଆରା ଗୁରୁ ମଙ୍ଗରାଜ ଓଝା
- ବାପା ୩ଗୁଣ୍ଠ ଜମିବିକି ଗଢିଥିଲେ ପୁଅର ଭବିଷ୍ୟତ

କାକଟପୁର /ଅଷ୍ଟରଙ୍ଗ(ଅମୃତ ମିଡିଆ): ଗୁରୁ ମାନେ ସ୍କୁଲ କଲେଜରେ ପାଠ ପଢାନ୍ତି । ହେଲେ ଏ ଗୁରୁ ପାଠ ପଢାନ୍ତିନି, ପେଟ ପୋଷିବା ଶିଖାନ୍ତି । ସ୍କୁଲ ପିଲା ନୁହେଁ, ବେକାର ଯୁବକଙ୍କୁ ରୋଜଗାରକ୍ଷମ କରନ୍ତି । ଆଉ ସେ ବି ମାଗଣାରେ। ଏମିତି ଜଣେ ନିଆରା ଗୁରୁ ହେଉଛନ୍ତି ଅଷ୍ଟରଙ୍ଗର ମଙ୍ଗରାଜ ଓଝା । ଗୁରୁ ଦିବସରେ ଯେତେବେଳେ ସବୁ ସ୍କୁଲରେ ଫୁଲ ମାଳ, ସେତେବେଳେ ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବଜାରର ଏକ ଛୋଟ ମୋବାଇଲ ରିପାରିଙ୍ଗ ଦୋକାନ ଆଗରେ ଶହ ଶହ ଯୁବକର ଭିଡ। କାକଟପୁର, ନୟାହାଟ, ଜଗତସିଂହପୁର, କଟକ, ନିମାପଡା, ବାଲିଦୋକାନ ପର୍ଯ୍ୟନ୍ତ ଯେଉଁମାନେ ଆଜି ନିଜ ଦୋକାନ କରି ମାଲିକ ହେଲେଣି, ସେମାନେ ସମସ୍ତେ ଆଜି ନିଜ ଗୁରୁ ମଙ୍ଗରାଜଙ୍କ ପାଖକୁ ଦୌଡି ଆସିଥିଲେ ପାଦ ଧୋଇ ପୂଜା କରିବାକୁ। ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ରଘୁନାଥପୁର ଗାଁର ଅଲେଖ ଚରଣ ଓଝା ଏବଂ ସାରତି ଓଝାଙ୍କ ପୁଅ। ଜନ୍ମ ୫ ଫେବୃଆରୀ ୧୯୮୫। ମଧୁସୂଦନ ବିଦ୍ୟାପୀଠରେ ପଢୁଥିଲା ବେଳୁ ଇଲେକ୍ଟ୍ରୋନିକ ପ୍ରତି ନିଶା। ଘରେ ଥିବା ରେଡିଓ, ଟିଭି, ଫ୍ୟାନ, ଗ୍ରାଇଣ୍ଡର ଖୋଲି ଯୋଡୁଥିଲେ। ମାଟ୍ରିକ ପରେ ବଡ ସ୍ୱପ୍ନ ଦେଖି ୨୦୦୦ ମସିହାରେ ଘରୁ ପଳାଇ କଲିକତା ଚାଲିଗଲେ। ସେତେବେଳେ ନୂଆ ନୂଆ ମୋବାଇଲ ଆସିଛି । କଲିକତା ଖିଦିରପୁରରେ ରଜତ ଦାସ ଓରଫ ବଙ୍ଗାଳୀ ଦାଦା ପାଖରେ ୪ ବର୍ଷ ଧରି ବହୁ କଷ୍ଟରେ କାମ ଶିଖିଲେ। ପରେ ବାପା ଅଲେଖ ଗାଁରେ ଥିବା ଶେଷ ସମ୍ବଳ ୩ ଗୁଣ୍ଠ ଜମି ବିକି ପୁଅକୁ କଲିକତାରୁ ଆଣି କଟକ ପାଲା ମଣ୍ଡପ ପାଖରେ ମୋବାଇଲ ରିପାରିଙ୍ଗ ଦୋକାନ କରାଇଦେଲେ। ୫ ବର୍ଷ କଟକରେ ସୁନାମ ଅର୍ଜନ ପରେ ବାପା କହିଲେ, ପୁଅ ଗାଁକୁ ଫେରିଆ। ଗରିବ ଲୋକ କଟକ ଭୁବନେଶ୍ୱର ଯାଇ ମୋବାଇଲ ଠିକ୍ କରିପାରୁନାହାନ୍ତି। ବାପାଙ୍କ କଥା ରଖି ୨୦୦୯ରେ ଅଷ୍ଟରଙ୍ଗ ମୁଖ୍ୟ ବଜାର ପୁରୁଣା ଆହ୍ଲାବାଦ ବ୍ୟାଙ୍କ ସାମ୍ନାରେ ଦୋକାନ ଖୋଲିଲେ। ସେବେଠୁ ଆରମ୍ଭ ହେଲା ତାଙ୍କର ଦ୍ୱିତୀୟ ଇନିଂସ। ସେ କୁହନ୍ତି, 'ଯେଉଁ କଷ୍ଟରେ ମୁଁ କାମ ଶିଖିଲି, ମୋ ପିଲାମାନେ ସେ କଷ୍ଟ ଭୋଗିବେନି'। ଏହି ମନ୍ତ୍ର ନେଇ ଗତ ୧୫ ବର୍ଷରେ ସମଗ୍ର ଓଡିଶାରେ ୧୦୦ରୁ ଅଧିକ ଶିଷ୍ୟ ତିଆରି କଲେଣି, ସବୁ ମାଗଣାରେ। ଆଜି ତାଙ୍କ ଶିଷ୍ୟମାନେ କାକଟପୁରରୁ କଟକ ଯାଏଁ ଦୋକାନ କରି ମାସକୁ ୨୦-୩୦ ହଜାର ରୋଜଗାର କରୁଛନ୍ତି। ଗୁରୁ ଦିବସରେ ତାଙ୍କ ଶିଷ୍ୟମାନେ କହିଛନ୍ତି, ଆମେ ସାରଙ୍କ ପାଇଁ ଆଜି ମଣିଷ ହେଲୁ। ସରକାରୀ ଚାକିରି ଅପେକ୍ଷାରେ ନ ରହି ନିଜ ଗୋଡରେ ଠିଆ ହେଲୁ। ଏହା ହିଁ ପ୍ରକୃତ ଗୁରୁ ଦକ୍ଷିଣା ।

ଗୁରୁ ପୂଜନ ସମାରୋହ

ସମ୍ମାନିତ ହେଲେ ବହୁ ଶିକ୍ଷକ-ଶିକ୍ଷୟିତ୍ରୀ

ନିମାପଡ଼ା(ଅମୃତ ମିଡିଆ): ପବିତ୍ର ଗୁରୁ ଦିବସ ଅବସରରେ ନିମାପଡ଼ାରେ ଭାବାବେଗପୂର୍ଣ୍ଣ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି 'ପୂଜ୍ୟ ପୂଜା ସମାରୋହ-୨୦୨୬'। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସ୍ୱତନ୍ତ୍ର ସମାରୋହରେ ନିମାପଡ଼ା ବ୍ଲକ୍ ?ର ବହୁ ସଂଖ୍ୟକ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇ ଗୁରୁ ଦିବସ ପାଳନ କରିଥିଲେ।କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଉପସ୍ଥିତ ଗୁରୁମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଗୁରୁଙ୍କ ମହତ୍ତ୍ୱ ଓ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଗୁରୁ ହେଉଛନ୍ତି ସମାଜର ମାର୍ଗଦର୍ଶକ। ଛାତ୍ରଛାତ୍ରୀଙ୍କ ଜୀବନକୁ ଜ୍ଞାନର ଆଲୋକରେ ଆଲୋକିତ କରିବା ସହ ସେମାନଙ୍କ ଚରିତ୍ର ଗଠନ, ଶୃଙ୍ଖଳା ଓ ନୈତିକ ମୂଲ୍ୟବୋଧ

ବିକାଶରେ ଶିକ୍ଷକଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ।ଶିକ୍ଷକମାନେ କେବଳ ପାଠପଢ଼ାରେ ସୀମିତ ନରହି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ନିଜର ଦାୟିତ୍ୱକୁ ନିଷ୍ଠାର ସହ ତୁଲାଇବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଥିଲେ।ସେହିପରି ନିମାପଡ଼ା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକୁ ଖୁବ୍ ?ଶୀଘ୍ର ପୂରଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ ନିଯୁକ୍ତି ଦ୍ୱାରା ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବା ସହ ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷା ପାଇପାରିବେ ବୋଲି ଆଶା ପ୍ରକାଶ କରାଯାଇଥିଲା।ସମାରୋହରେ କାର୍ଯ୍ୟରତ ଶିକ୍ଷକଙ୍କ ସହ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ମାନ ଜଣାଇବା ସହ ସେମାନଙ୍କ ଦୀର୍ଘଦିନର ଶିକ୍ଷାଦାନ ଓ ସମାଜ ପ୍ରତି ଅବଦାନକୁ ସ୍ମରଣ କରାଯାଇଥିଲା। ଗୁରୁ-ଶିଷ୍ୟ ପରମ୍ପରାର ମହତ୍ତ୍ୱକୁ ଉଜାଗର କରିଥିବା ଏହି ସମାରୋହ ଉପସ୍ଥିତ ସମସ୍ତଙ୍କ ମନରେ ଗୁରୁଙ୍କ ପ୍ରତି ଆହୁରି ସମ୍ମାନ ଓ କୃତଜ୍ଞତା ସୃଷ୍ଟି କରିଥିଲା।ଗୁରୁମାନଙ୍କ ସମ୍ମାନ, ଶିକ୍ଷାର ଗୁଣବତ୍ତା ବୃଦ୍ଧି ଏବଂ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନର ବାର୍ତ୍ତା ଦେଇ 'ପୂଜ୍ୟ ପୂଜା ସମାରୋହ-୨୦୨୬' ଉତ୍ସାହ ଓ ଗୌରବର ସହ ଶେଷ ହୋଇଥିଲା।

ନଭେମ୍ବର ୨୭କୁ ଆନ୍ତର୍ଜାତିକ ବାଲ୍ୟ ବିବାହ ଉଚ୍ଛେଦ ଦିବସ ଘୋଷଣା ନିଷ୍ପତ୍ତି

ଜାତିସଂଘର ଐତିହାସିକ ନିଷ୍ପତ୍ତିକୁ ରୁଚିକା ସମାଜ ମଙ୍ଗଳ ସଂଗଠନର ସ୍ୱାଗତ

ପୁରୀ (ବ୍ୟୁରୋ): ବାଲ୍ୟ, ଅଳ୍ପ ବୟସ ଓ ବାଧ୍ୟତାମୂଳକ ବିବାହ ଉଚ୍ଛେଦ ଦିଗରେ ଜାତିସଂଘର ଐତିହାସିକ ପଦକ୍ଷେପ ନେଇଛନ୍ତି । ଆସନ୍ତା ନଭେମ୍ବର ୨୭ ତାରିଖକୁ ବାଲ୍ୟ, ଅଳ୍ପ ବୟସ ଓ ବାଧ୍ୟତାମୂଳକ ବିବାହ ଉଚ୍ଛେଦ ପାଇଁ ଆନ୍ତର୍ଜାତିକ ଦିବସ ଭାବେ ଘୋଷଣା କରିଛି ଜାତିସଂଘ। ଏହି ଐତିହାସିକ ନିଷ୍ପତ୍ତିକୁ ପୁରୀ ଜିଲ୍ଲାରେ ତୃଣମୂଳ ସ୍ତରରେ ଶିଶୁ ବିବାହ ବିରୋଧୀ ଅଭିଯାନର ନେତୃତ୍ୱ ନେଉଥିବା ରୁଚିକା ସମାଜ ମଙ୍ଗଳ ସଂଗଠନ ସ୍ୱାଗତ କରିଛି। ରୁଚିକାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି କହିଛନ୍ତି ଯେ, ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ (JRC) ନେତୃତ୍ୱାଧୀନ ଶିଶୁ ସୁରକ୍ଷା ନେଟୱର୍କର ବର୍ଷ ବର୍ଷର ପ୍ରୟାସକୁ ଏହି ଘୋଷଣା ବିଶ୍ୱସ୍ତରୀୟ ସ୍ୱୀକୃତି ପ୍ରଦାନ କରିଛି। ଦେଶବ୍ୟାପୀ ଭାବେ ବାଲ୍ୟ ବିବାହ ରୋକିବା ପାଇଁ ଜେଆରସି ବିଭିନ୍ନ ରାଜ୍ୟ ସରକାର ଓ ପ୍ରଶାସନ ସହ ମିଳିତ ଭାବେ କାର୍ଯ୍ୟ କରୁଛି। ରୁଚିକା ଏହି ନେଟୱର୍କର ଏକ ସହଯୋଗୀ ସଂଗଠନ ଭାବେ ଦୀର୍ଘବର୍ଷ ଧରି ଶିଶୁ ବିବାହ ବିରୋଧରେ ସଚେତନତା, ପ୍ରତିରୋଧ ଓ ସୁରକ୍ଷାମୂଳକ ପଦକ୍ଷେପ ନେଇଆସୁଛି। ବାଲ୍ୟ ବିବାହ ଉଚ୍ଛେଦ ପାଇଁ ଏକ ସ୍ୱତନ୍ତ୍ର ଆନ୍ତର୍ଜାତିକ ଦିବସ ଘୋଷଣା କରିବା ନେଇ ମଧ୍ୟ ସଂଗଠନ ପକ୍ଷରୁ ଦୀର୍ଘଦିନ ଧରି ଅଭିଯାନ ଜାରି ରହିଥିଲା। ଡ. ସେନାପତି କହିଛନ୍ତି, "ଭାରତରୁ ଉଠିଥିବା ଏହି ସ୍ୱର ଆଜି ସମଗ୍ର ବିଶ୍ୱର ସଂକଳ୍ପରେ ପରିଣତ ହୋଇଛି।" ନଭେମ୍ବର ୨୭ ତାରିଖକୁ ଜାତିସଂଘ ଏହି ଦିବସ ଭାବେ ବାଛିବା ଭାରତ ପାଇଁ ଗର୍ବର ବିଷୟ ବୋଲି ସେ ମତପ୍ରକାଶ କରିଛନ୍ତି। ୨୦୨୪ ମସିହା ନଭେମ୍ବର ୨୭ରେ ଭାରତ ସରକାରଜେଆର୍ସି ସହଯୋଗୀ ସଂଗଠନଗୁଡ଼ିକ ସହ ମିଶି 'ବାଲ୍ୟ ବିବାହ ମୁକ୍ତ ଭାରତ' ଅଭିଯାନ ଆରମ୍ଭ କରିଥିଲେ। ରୁଚିକାର ଜିଲ୍ଲା ସଂଯୋଜକ ହେମନ୍ତ କୁମାର ଦାସ କହିଛନ୍ତି ଯେ, ପୁରୀ ଜିଲ୍ଲା ପ୍ରଶାସନର ସହଯୋଗରେ ଓଜଉ ଆଲାଏନ୍ସର ସଦସ୍ୟ ସଂଗଠନ ଭାବେ ରୁଚିକା ଏପର୍ଯ୍ୟନ୍ତ ୧୯୫ଟି ବାଲ୍ୟ ବିବାହ ରୋକିବାରେ ସଫଳ ହୋଇଛି। ଏଥିସହ ପ୍ରାୟ ୭ ହଜାର ଗରିବ ପରିବାରଙ୍କୁ ବିଭିନ୍ନ ସରକାରୀ ଯୋଜନା ସହ ଯୋଡ଼ାଯାଇଥିବା ବେଳେ ୨ ଲକ୍ଷ ୪୮ ହଜାରରୁ ଅଧିକ ଲୋକଙ୍କୁ ବାଲ୍ୟ ବିବାହମୁକ୍ତ ଭାରତ ଗଠନ ପାଇଁ ଶପଥ ଗ୍ରହଣ କରାଯାଇଛି। ସଂଗଠନର ସମ୍ପାଦକ ଉମାଶଙ୍କର ଷଡ଼ଙ୍ଗୀ କହିଛନ୍ତି ଯେ, ଜେଆରସିର ବାଲ୍ୟ ବିବାହମୁକ୍ତ ଅଭିଯାନ ମାଧ୍ୟମରେ ଏହି ପ୍ରଥା ବିରୋଧରେ ଏକ ବିଶ୍ୱବ୍ୟାପୀ ଜନଆନ୍ଦୋଳନ ଗଢ଼ି ତୋଳିବାକୁ ପ୍ରୟାସ ଜାରି ରହିଛି। ଭାରତରେ ଓଜଉ ସହଯୋଗୀ ସଂଗଠନଗୁଡ଼ିକ ସମସ୍ତ ରାଜ୍ୟ ଏବଂ ୭୮୨ଟି ଜିଲ୍ଲାରେ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ସାମୂହିକ ପ୍ରୟାସ ଫଳରେ ଦେଶରେ ୫ ଲକ୍ଷ ୫୦ ହଜାରରୁ ଅଧିକ ବାଲ୍ୟ ବିବାହ ରୋକାଯାଇଥିବା ସେ ସୂଚନା ଦେଇଛନ୍ତି। ବାଲ୍ୟ ବିବାହ ଭଳି ସାମାଜିକ କୁପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଏହି ଆନ୍ତର୍ଜାତିକ ଦିବସ ବିଶ୍ୱସ୍ତରରେ ନୂଆ ସଚେତନତା ଓ ସଂକଳ୍ପ ସୃଷ୍ଟି କରିବ ବୋଲି ସଂଗଠନ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଗୁରୁପୂଜନ ଉତ୍ସବ

ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ): ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଦ୍ୟାର୍ଥୀ/ବିଦ୍ୟାର୍ଥିନୀଙ୍କ ତରଫରୁ ପୂର୍ବାହ୍ନରେ ଏକ ଭାକ୍ତିକ ବାତାବରଣ ମଧ୍ୟରେ ଗୁରୁଦିବସ ସମାରୋହ ଓ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ, ଆଞ୍ଚଳିକ-ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଗୁରୁଦିବସ ସମାରୋହରେ କୁଳପତି ପ୍ରଫେସର୍ ଡ. ଆଚାର୍ଯ୍ୟ ସମବେତ ବିଦ୍ୟାର୍ଥୀ/ ବିଦ୍ୟାର୍ଥିନୀଙ୍କୁ ଆଶୀର୍ବଚନ ପ୍ରଦାନ ପୂର୍ବକ ପ୍ରାଚୀନ ଭାରତର ମହନୀୟ ଗୁରୁ-ଶିଷ୍ୟ ପରମ୍ପରା ଏବଂ ଭାଗବତ ବର୍ଣ୍ଣିତ ଅବଧୂତଙ୍କ ଚବିଶ ଗୁରୁ ପ୍ରସଙ୍ଗ ସହିତ ଗୁରୁ ସର୍ବଦା ମଙ୍ଗଳମୟ ବୋଲି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ କୁଳପତି, ପଦାଧିକାରୀ ଓ ସମସ୍ତ ଗୁରୁଙ୍କୁ ପାଛୋଟି ଆଣିବା ସହ ପୁଷ୍ପ-ଚନ୍ଦନ, ମୟୂରପୁଚ୍ଛ, ଶ୍ରୀଜଗନ୍ନାଥଙ୍କ ଶ୍ରୀକର୍ପୂର ଫଟୁଆ, ରଖାବଳି କୁଡୁଆ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । କୁଳସଚିବ ରଶ୍ମିରେଖା ଦାସ, ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ଚାନ୍ଦ, ବିତ୍ତ ନିୟନ୍ତ୍ରକ ସଂଜୀବ କୁମାର ଜେନା, ପରିଦର୍ଶୀ ପ୍ରଫେସର୍ ବବୁବାହନ ମହାପାତ୍ର, ପରିଦର୍ଶୀ ପ୍ରଫେସର୍ ଅନନ୍ତ କିଶୋର ଜେନା, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ଲିପିକା ନାୟକ, ପରିଦର୍ଶୀ ସହଯୋଗୀ ପ୍ରଫେସର୍ ନିବେଦିତା ମହାନ୍ତି, ପରିଦର୍ଶୀ ସହଯୋଗୀ ପ୍ରଫେସର୍ ବାସନ୍ତୀ ମହାନ୍ତି, ଭାଷା-ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା, ଆଞ୍ଚଳିକ-ଜନଜାତି ଓ ଐତିହ୍ୟ ଅଧ୍ୟୟନ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠା ମହାପାତ୍ର, ପରିଦର୍ଶୀ ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା, ଡ. ସଂଗୀତା ଜେନା, ଡ. ଶୁଭସ୍ମିତା ନାୟକ, ଡ. ସସ୍ମିତା ଜେନା ଓ ଡ. ମୋନାଲି ଚ୍ୟାଙ୍ଗ୍ ପ୍ରମୁଖ ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରାର ପବିତ୍ରତା ପ୍ରସଙ୍ଗ ଉତ୍ଥାପନ କରିବା ସଂଗେ ସଂଗେ ଏକବିଂଶ ଶତକ ବିଦ୍ୟାର୍ଥୀ/ବିଦ୍ୟାର୍ଥିନୀଙ୍କ ସମ୍ମୁଖରେ ଥିବା ଆହ୍ୱାନ ଓ ଅର୍ଜିତ ଉପଲବ୍ଧି ବିଷୟରେ କହିଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ ଅନୁପୂର୍ଣ୍ଣା ରଥ ଓ ଛାତ୍ର ସାଇପ୍ରସାଦ ପଟ୍ଟନାୟକ ସମାରୋହର ସଂଯୋଜନା କରିଥିଲେ। ତପସ୍ୱିନୀ ପୋଥାଳ, ଆଶାରାଣୀ ବେହୁରା, ସ୍ଥିତିପ୍ରଜ୍ଞା ମାଝୀ ଓ ମାନସୀ ବେହେରା ମିଳିତ କଣ୍ଠରେ ଗୁରୁବନ୍ଦନା 'ହେ ଗୁରୁ ତୁମେ ମଙ୍ଗଳମୟ' ଗାନ କରିଥିଲେ। ଶେଷରେ ବିଶ୍ୱଜିତ୍ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ

ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ): ପୁରାଜିଲ୍ଲା ସାକ୍ଷୀଗୋପିନାଥ ମନ୍ଦିରରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାରମ୍ପରିକ ରୀତିନୀତି ଅନୁସାରେ ପାଳିତ ହୋଇଯାଇଛି। ମହାପ୍ରଭୁ ସାକ୍ଷୀଗୋପିନାଥ ଓ ମା' ରାଧାରାଣୀ ବିଭିନ୍ନ ସୁନା ଅଳଙ୍କାରେ ସୁସଜ୍ଜିତ ହୋଇଥିଲେ । ବିଳମ୍ବିତ ରାତିରେ (ରତ୍ନ ସିଂହାସନ)ତଳ ପୋଛା ଯିବା ପରେ ଭଦ୍ରମଣ୍ଡଳ ପଡିବା ପରେ ଶ୍ରୀକୃଷ୍ଣଙ୍କର ଜନ୍ମବିଧି ସେବାୟତ ମାନେ ସମ୍ପାଦନ କରିଥିଲେ। । ଠାକୁରଙ୍କ ନିକଟରେ ମନ୍ଦିର ପ୍ରଶାସନ ପକ୍ଷରୁ ୧୦୮ଟି ରାଶିକୋରା ଭୋଗ ଲାଗି କରାଯାଇ ଥିଲା। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟତ୍ୱରେ ଥିବା ସତ୍ୟବାଦୀ ତହସିଲଦାର ସନ୍ତୋଷ ପ୍ରାଣିଗ୍ରାହୀ ଙ୍କ ତତ

ନିରକ୍ଷର ବ୍ୟକ୍ତିଙ୍କୁ ସାକ୍ଷର: ଉଲ୍ଲାସ ଅଭିଯାନ ଶୁଭାରମ୍ଭ

ଆଜିଠୁ ବୁଲିଲା ସଚେତନତା ଯାନ

ଛତ୍ରପୁର (ଅମୃତ ମିଡିଆ): ସମାଜରେ ସାକ୍ଷରତା ଓ ଜୀବନବ୍ୟାପୀ ଶିକ୍ଷାର ଗୁରୁତ୍ୱ ନେଇ ବ୍ୟାପକ ସଚେତନତା ସୃଷ୍ଟି ସହ ନିରକ୍ଷର ବ୍ୟକ୍ତିମାନଙ୍କୁ ସାକ୍ଷର କରିବା ଲକ୍ଷ୍ୟରେ ଗଞ୍ଜାମ ଜିଲ୍ଲାରେ 'ଉଲ୍ଲାସ' ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି । ଶନିବାର ଛତ୍ରପୁରସ୍ଥିତ ପିଏମ୍ ?ଶ୍ରୀ ଅନସ୍ଥୋ ଉଚ୍ଚ ବିଦ୍ୟାଳୟ ପରିସରରୁ 'ଉଲ୍ଲାସ' ସଚେତନତା ଯାନକୁ ଗଞ୍ଜାମ ଜିଲ୍ଲାପାଳ ଭି. କାର୍ତ୍ତି ଭାସନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ମାଧ୍ୟମରେ ଶିକ୍ଷାରୁ ବଞ୍ଚିତ ଓ ନିରକ୍ଷର ବ୍ୟକ୍ତିମାନଙ୍କୁ 'ଉଲ୍ଲାସ' କାର୍ଯ୍ୟକ୍ରମରେ ସାମିଲ କରାଯାଇ ମୌଳିକ ସାକ୍ଷରତା

ପ୍ରଦାନ କରାଯିବ। ଏଥିସହ ଜୀବନବ୍ୟାପୀ ଶିକ୍ଷାର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ।

ସଚେତନତା ଯାନ ମାଧ୍ୟମରେ ବିଭିନ୍ନ ଗ୍ରାମ ପରିକ୍ରମା କରି ସାକ୍ଷରତା, ନିରନ୍ତର ଶିକ୍ଷା ଓ 'ଉଲ୍ଲାସ' କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ। ଆଜି ଠୁ ୫ରୁ ୯ ତାରିଖ ପର୍ଯ୍ୟନ୍ତ ବ୍ଲକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମକୁ ଏହି ସଚେତନତା ଯାନ ପରିକ୍ରମା କରିବ।

ଏହି ଅବସରରେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଭାତୀ କୁମାରୀ ମହାପାତ୍ର, ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ସୁଚିତ୍ରା କୁମାରୀ ପାଣିଗ୍ରାହୀଙ୍କ ସମେତ ବହୁ ଶିକ୍ଷକ-ଶିକ୍ଷୟିତ୍ରୀ, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ସୁଚିତ୍ରା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା।

ଗୁରୁଦିବସକୁ କଳାଦିବସ ଭାବେ ପାଳିଲେ ଅଧ୍ୟାପକ

ଆଳି (ଅମୃତ ମିଡିଆ): ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ (ଓସ୍ୱେଲିଆ) ସଙ୍ଘ ସଭାପତି ବିଶ୍ୱ ରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ରାଜ୍ୟର ସମସ୍ତ ମହା ବିଦ୍ୟାଳୟରେ ଗୁରୁଦିବସକୁ କଳାଦିବସ ଭାବେ ପାଳନ କରାଯାଇଛି । ଆଳି ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ୨୦୦୮ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ଅଧ୍ୟାପକ କର୍ମଚାରୀ ମାନଙ୍କୁ ଅନୁଦାନ ପ୍ରଦାନ ନିମନ୍ତେ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିବା ବେଳେ ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇ ତାହାକୁ ପାଳନ କରୁନାହାନ୍ତି । ଯାହାକୁ ନେଇ ସଙ୍ଘର ଆହ୍ୱାନ କ୍ରମେ ଆଜି ମହାବିଦ୍ୟାଳୟ ସମ୍ମୁଖରେ ଅଧ୍ୟାପକ କର୍ମଚାରୀ ମାନେ ବିକ୍ଷୋଭ ପ୍ରଦର୍ଶନ

କରିବା ସହ କଳାବ୍ୟାଚ ପିନ୍ଧି ଗୁରୁଦିବସକୁ କଳାଦିବସ ଭାବେ ପାଳନ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଯେତିକି ପ୍ରାପ୍ୟ ମିଳୁଛି ସେଥିରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇ ପଡୁଛି । ସରକାର ତୁରନ୍ତ ୨୦୦୮-୨୦୧୮ ପର୍ଯ୍ୟନ୍ତ ଅନୁଦାନ ଦେବାକୁ ଦାବି ହୋଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

ନନ୍ଦ ମହୋତ୍ସବ ୨୦୨୬ ପାଳିତ

ଆସିକା(ଅମୃତ ମିଡିଆ):ଗଞ୍ଜାମ ଜିଲ୍ଲା ଆସିକା ନିକଟ ରାମଚନ୍ଦ୍ରପୁର ଗ୍ରାମରେ ଧରାକୋଟ ତାଲୁକା ଷୋହଳଖଣ୍ଡ ଗୋପାଳ ସମାଜ ପକ୍ଷରୁ ଆଜି ନନ୍ଦ ମହୋତ୍ସବ ୨୦୨୬ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମ ରାମଚନ୍ଦ୍ରପୁର ଗ୍ରାମ ଶ୍ରୀ ଶ୍ରୀ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଉପଲକ୍ଷେ ରାମଚନ୍ଦ୍ରପୁର ଗ୍ରାମବାସୀ ବୃନ୍ଦ ତଥା ଧରାକୋଟ ତାଲୁକା ଗୋପାଳ ସମାଜ ପକ୍ଷରୁ ଆୟୋଜିତ ହୋଇଥିଲା । ଏହି ଅବସରରେ ଆଜି ପ୍ରାତଃ ସକାଳ ସମୟରେ ଶ୍ରୀ ଗୋପାଳ କୃଷ୍ଣଙ୍କ ନଗର ପରିକ୍ରମା କରିଥିଲେ । ଏହାପରେ ଘୃତଯଜ୍ଞ, ନାମଯଜ୍ଞ, ସାଧୁସନ୍ଥଙ୍କ ସଙ୍କିଳନୀ ସହ ଅନୁଚିନ୍ତା କାର୍ଯ୍ୟକ୍ରମ ଏବଂ ପରବର୍ତୀ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା । ଏହା ସହିତ ଗୋପାଳ ସମାଜର ଐତିହ୍ୟ ସଂସ୍କୃତି ବିଷୟରେ ଏକ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶା ଉଚ୍ଚ ଶିକ୍ଷା ବିଭାଗ ଯୁଗ୍ମଶାସନ ସଚିବ ଅଶୋକ କୁମାର ଗୌଡ ଉଦଘାଟକ ଭାବେ ଯୋଗ ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ କଟକ କ୍ରାଇମ ବ୍ରାଚ ଡି.ଏସ.ପି ସନ୍ତୋଷ କୁମାର ଗୌଡ, ବିଶାଖାପାଟଣା ଶିଶୁ ରୋଗ ବିଶେଷଜ୍ଞ ପ୍ରକାଶ ଚନ୍ଦ୍ର ଗୌଡ,ଭୁବନେଶ୍ୱର ଓଡିଆ ଚଳଚିତ୍ର ନିର୍ମାତା ସୂର୍ଯ୍ୟନାରାୟଣ ଗୌଡ, ନରେନ୍ଦ୍ରପୁର ଗ୍ରାମପଚାଂୟତ ସରପଚଂ ଗୁରୁନାଥ ପୋଲାଇ, ସମିତିସଭ୍ୟ ସରୋଜ ପାତ୍ର, ଗଞ୍ଜାମ ଜିଲ୍ଲା ୨୨ ତାଲୁକା ସଭାପତି ପ୍ରଫୁଲ ଚନ୍ଦ୍ର ପ୍ରଧାନ, ଜଳନ୍ଧର ତାଲୁକା ସଭାପତି ଖଗେଶ୍ୱର ଗୌଡ, ଆଠଗଡ ତାଲୁକା ସଭାପତି ମୋହିନୀ ଗୌଡ ପ୍ରମୁଖ ନନ୍ଦ ଉତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଧରାକୋଟ ତାଲୁକା ଷୋହଳଖଣ୍ଡ ଗୋପାଳ ସମାଜ ତାଲୁକା ସଭାପତି ଅଗାଡି ଗୌଡଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ତାଲୁକା ଉପସଭାପତି ଫକୀର ଗୌଡ, ତାଲୁକା ସମ୍ପାଦକ ଶ୍ରୀହର୍ଷ ଗୌଡ, ତାଲୁକା କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ଗୌଡ, ଉପଦେଷ୍ଟା ବିଜୟ କୁମାର ଗୌଡ, ତାଲୁକା କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ଗୌଡ ପ୍ରମୁଖ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ପରଂବ୍ରହ୍ମ ଶ୍ରୀକୃଷ୍ଣ ପୃଥିବୀରୁ ପାପର ବିନାଶ ଓ ଧର୍ମର ସ୍ଥାପନ ପାଇଁ ମାନବ ରୂପରେ ଧରାପୃଷ୍ଠକୁ ଆସିଥିଲେ । ତାଙ୍କର ଦିବ୍ୟ ଅବତାର ଓ ବାଲ୍ୟଲୀଳାକୁ ଭକ୍ତିପୂତ ଭାବେ ସ୍ୱାଗତ କରିବା ନନ୍ଦ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ପୁରାଣ ବର୍ଣ୍ଣିତ ସନାତନ ସଂସ୍କୃତି, କୃଷ୍ଣଲିଳା ଏବଂ ଓଡିଶାର ପାରମ୍ପରିକ ଗୋପାଳ ସଂସ୍କୃତିକୁ ଜୀବନ୍ତ ରଖିବା ଏବଂ ଏହାକୁ ଆଗାମୀ ପିଢି ନିକଟକୁ ପହଁଚାଇବା ଲକ୍ଷ୍ୟରେ ଓଡିଶାରେ ନନ୍ଦୋତ୍ସବ ପାଳନ କରାଯାଇଥାଏ । ଭଗବାନଙ୍କ ଆଗମନରେ ସମାଜରେ ଥିବା ସମସ୍ତ ଦୁଃଖ ଓ ଭୟ ଦୂର ହୋଇଥାଏ । ଏହି ନନ୍ଦୋତ୍ସବ ମାଧ୍ୟମରେ ସମସ୍ତେ ଏକାଠି ହୋଇ ଭେଦଭାବ ଭୁଲି ଆନନ୍ଦ ଉତ୍ସବ ମନାଇବା ସହିତ ସାମାଜିକ ସଂହତି ଓ ଭ୍ରାତୃଭାବ ବୃଦ୍ଧି କରିଥିବା ଅତିଥି ଗଣ ନିଜ ନିଜର ପ୍ରତିକ୍ରିୟା ରଖିଥିଲେ । ଏହା ଦ୍ୱାରା ପରମ୍ପରାର ସଂରକ୍ଷଣ, ଭକ୍ତିଭାବର ଜାଗରଣ, ଆନନ୍ଦ ଓ ସଂହତିର ଜାଗରଣ, ଈଶ୍ୱରଙ୍କ ମାନବ ଲୀଳାକୁ ସ୍ୱାଗତ କରିବାର ଏକ ପ୍ରୟାସ ଆରମ୍ଭ ହୋଇଥାଏ । ଏହି କାର୍ଯ୍ୟକ୍ରମର ସଂଧାରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସମାରୋହ ପାଳନ କରାଯିବା ସହିତ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରୁ ତାଲୁକା ସଭାପତି, ମୁଠା କର୍ମକର୍ତା ଏବଂ ବୁଦ୍ଧିଜୀବୀ, ସମାଜସେବୀ ଯୋଗ ଦେଇ ସାଫଲ୍ୟମଣ୍ଡିତ କରିଥିଲେ ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଂକୁଳସ୍ତରୀୟ ପରିଚାଳନା ପରିଷଦ ବୈଠକ

ଆଳି (ଅମୃତ ମିଡିଆ): ଆଳି ସରସ୍ୱତୀଶିଶୁ ବିଦ୍ୟା ମନ୍ଦିର ପରିସରରେ ସଂକୁଳସ୍ତରୀୟ ପରିଚାଳନା ପରିଷଦ ବୈଠକ ଶନିବାର ଗୁରୁଦିବସ ଅବସରରେ ଅନୁଷ୍ଠିତ ହୋଇଯାଇଛି । ଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ପରିଷଦର ଏକ ବୈଠକ ସଭାପତି ବିଶିଷ୍ଟ ଲେଖକ ବନମାଳୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥିଭାବେ ଶିଶୁମନ୍ଦିର ଜିଲ୍ଲା ପ୍ରମୁଖ କପିଳ ଚରଣ ମିଶ୍ର, ଯୋଗଦେଇ ଶିଶୁ ମନ୍ଦିରର ପୃଷ୍ଠଭୂମି, ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ କହିବା ସହ ଦୀର୍ଘ ୭୫ ବର୍ଷ ଧରି ସନାତନ ଧର୍ମକୁ ଯାହା ଖଣ୍ଡ ବିଖଣ୍ଡିତ କରିଥିଲା ତାହାକୁ ବଂଚେଇ ରଖିବାର ପ୍ରଚେଷ୍ଟା ହେଉଛି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର। ସେ ଭଲ ମଣିଷ ଓ ବଡ଼ ମଣିଷର ଅନେକ ଉଦାହରଣ ଦେଇ ସରସ୍ୱତୀ ଶିଶୁ ମନ୍ଦିରର

ଏ ସମୟରେ ଯାହା କର୍ତ୍ତବ୍ୟ ସେ ବିଷୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ସଂକୁଳ ପ୍ରମୁଖ ତ୍ରିଲୋଚନ ଦାସ, ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ଲୋକନାଥ ଘୋଷ ଓ ଜିଲ୍ଲା ନିରୀକ୍ଷକ ଡ଼ଃ ଲକ୍ଷ୍ମଣ ମହାନ୍ତ ପ୍ରମୁଖ ଯୋଗଦେଇ ଶିଶୁ ମନ୍ଦିରର ଆର୍ଥିକ ଉତ୍ତରଣ, ବିଦ୍ୟାଳୟ ଆର୍ଥିକ ପରିଚାଳନା ବିଷୟରେ ଆଲୋଚନା କରିଥିଲେ। ଆଳି ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ସୁଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ ଓ ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ପରିଷଦ ସଦସ୍ୟ ନିରାକାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ସନିଭା ମିଶ୍ର ଦାଶ, ସହ ସମ୍ପାଦକ ନିର୍ଭୟ କୁମାର ବେହେରା ଉପସ୍ଥିତ ଥିଲେ। ଆଚାର୍ଯ୍ୟା ସଞ୍ଜୁଲତା ସ୍ୱାଇଁ କାର୍ଯ୍ୟ ପରିଚାଳନା କରିଥିଲେ।

ଅଭିନବ ଉପାୟରେ ମୋବାଇଲ ଦୋକାନରୁ ୭,୫୦୦ ଟଙ୍କା ନେଇ ଛୁ' ମାରିଲେ ଦୁର୍ବୃତ୍ତ

ଘଟଗାଁ (ଅମୃତ ମିଡିଆ): ଅଭିନବ ଉପାୟରେ ମୋବାଇଲ ଦୋକାନରୁ ଟଙ୍କା ନେଇ ଦୁଇ ଦୁର୍ବୃତ୍ତ ଫେରାର ହୋଇଥିବା ଅଭିଯୋଗ ହୋଇଛି । କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟସ୍ଥିତ ଟିକିରା ଆରଏମସି କମ୍ପ୍ଲେକ୍ସରେ ଥିବା ସିପୁନ ମାଝିଙ୍କ ମୋବାଇଲ

ଆସେସରିଜ୍ ଦୋକାନରେ ଏହି ଘଟଣା ଘଟିଛି । ସୂଚନା ଅନୁଯାୟୀ, ଦୁଇ ଜଣ ଦୁର୍ବୃତ୍ତ ପଲସର ବାଇକ୍ ?ରେ ଆସି ଫୋନ୍ ?ପେ ମାଧ୍ୟମରେ ୭,୫୦୦ ଟଙ୍କା ଏକ ଆକାଉଣ୍ଟକୁ ପଠାଇବାକୁ ଦୋକାନୀଙ୍କୁ କହିଥିଲେ । ଦୋକାନୀ ସିପୁନ ମାଝି ଅମୀୟ ଲୋଚନ ବାରିକଙ୍କ ଆକାଉଣ୍ଟକୁ ୭,୫୦୦ ଟଙ୍କା ପଠାଇଥିଲେ । ପରେ ଟଙ୍କା ଦେଉଛୁ ବୋଲି କହି ଦୁଇ ଜଣ ଦୁର୍ବୃତ୍ତ ଦୋକାନ ସମ୍ମୁଖରେ କିଛି ସମୟ ବସିଥିଲେ। ଦୋକାନରେ ଲୋକଙ୍କ ଗହଳିର ସୁଯୋଗ ନେଇ ଉଭୟେ ପଲସର ବାଇକ୍ ?ରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣାଟି ସିସିଟିଭି କ୍ୟାମେରାରେ କଏଦ ହୋଇଛି ।ଏନେଇ ଦୋକାନୀ ସିପୁନ ମାଝି ଘଟଗାଁ ଥାନାରେ ଅଭିଯୋଗ କରିଛନ୍ତି ।

ଯୁବସମାଜସେବୀ ସୁବ୍ରତ ବେହୁରା ବନ୍ୟା ଯୋଦ୍ଧା ସମ୍ମାନରେ ସମ୍ମାନିତ

ଆଳି (ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳର ଯୁବ ସମାଜସେବୀ ସୁବ୍ରତ ବେହୁରାଙ୍କୁ ଆଶାର ଦିଶା ଅନୁଷ୍ଠାନ ପକ୍ଷରୁ ବନ୍ୟା ଯୋଦ୍ଧା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି । ସମାଜସେବୀ ସୁବ୍ରତ ବେହୁରା ପ୍ରତିବର୍ଷ ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତାର ହାତ ବଢ଼ାଇଥାନ୍ତି। ଚଳିତ ବର୍ଷ ବନ୍ୟା ଆସି ଆଳି ଅଞ୍ଚଳର ବିଭିନ୍ନ ପଞ୍ଚାୟତକୁ ଜଳବନ୍ଦୀ କରିଦେଇଛି । ଜଳବନ୍ଦୀ ଥିବା ଲୋକମାନଙ୍କ ନିକଟରେ ଠିକ ଭାବେ ପ୍ରଶାସନିକ ସହାୟତା ମିଳି ନଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି । ଏଭଳି ସ୍ଥଳେ ସମାଜସେବୀ ସୁବ୍ରତ ବେହୁରା ପତ୍ରପୁର ପଞ୍ଚାୟତର ଶତାଧିକ ପରିବାରକୁ ସହାୟତାର ହାତ ବଢ଼ାଇଥିଲେ । ବନ୍ୟା ସମୟରେ ସାଧାରଣ ଲୋକଙ୍କୁ ସେବା ଯୋଗାଇ ଦେଇ ମାନବିକତା ଦେଖାଇଛନ୍ତି । ଯାହା ଫଳରେ ଶନିବାର ଦିନ ପବିତ୍ର ଗୁରୁଦିବସ ଅବସରରେ ଜୟଦେବ ଭବନ ପରିସରରେ ରାଜ୍ୟ ସ୍ତରୀୟ ସାମାଜିକ ଅନୁଷ୍ଠାନ 'ଆଶାର ଦିଶା'ର ନବନ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠାନ ପକ୍ଷରୁ ସୁବ୍ରତଙ୍କୁ ବନ୍ୟା ଯୋଦ୍ଧା ଗୌରବ ସମ୍ମାନ -୨୦୨୬ ରେ ସମ୍ବର୍ଦ୍ଧିତ କରାଯାଇଛି । ସୁବ୍ରତଙ୍କ ଏହି କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

ଏଲିମେଣ୍ଟାରୀ ଶିକ୍ଷକ ସଂଘ ପକ୍ଷରୁ ଗୁରୁପୂଜନ ଉତ୍ସବ

ଘଟଗାଁ (ଅମୃତ ମିଡିଆ): ଘଟଗାଁ ମା' ତାରିଣୀ କଲ୍ୟାଣ ମଣ୍ଡପରେ ପବିତ୍ର ଗୁରୁଦିବସ ଅବସରରେ 'ଗୁରୁପୂଜନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଅକ୍ଷିଳ କୁମାର ପାତ୍ର ମୁଖ୍ୟ ଅତିଥି। ବିଶେଷ ଆମନ୍ତିତ ଅତିଥି ଭାବେ ଘଟଗାଁ ବ୍ଲକ ଅଧକ୍ଷା ଗାତାଞ୍ଜଳି ନାଏକ,ସମ୍ମାନନୀୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା,ଘଟଗାଁ ବିଡିଓ ଖଗେଶ୍ୱର ବରାଳ, ଘଟଗାଁ ବ୍ଲକ ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପଲେଇ, କନିଷ୍ଠ ଅନୁଭାଗ ଅଧିକାରୀ ଅମର କୁମାର ପାତ୍ର ପ୍ରମୁଖ ଯୋଗଦେଇ ସମାଜରେ ଶିକ୍ଷକ ମାନଙ୍କ ଭୂମିକା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଘଟଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟର ୮ ଜଣ ଅବସରପ୍ରାପ୍ତ ଶିକ୍ଷକ ଓ ୧୧ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁ, ଉତ୍ତରୀୟ ଓ ମାନପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଂଘର ସଭାପତି ରମେଶ ଚନ୍ଦ୍ର ମହାନ୍ତ ସ୍ୱାଗତ ଭାଷଣ ଦେଉଥିଲେବେଳେ ଶିକ୍ଷକ ରୋହିତ କୁମାର ବେହେରା,ଶ୍ରୀଯୁକ୍ତ କୁମାର ପଲେଇ ଏବଂ ଶ୍ରୀମତୀ ସିମନସ୍ମିତା ପୃଷ୍ଟି ,ଶୁଭଲକ୍ଷ୍ମୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଂଘର ସମ୍ପାଦକ ନବକୃଷ୍ଣ ରାଉତ ଧନ୍ୟବାଦ ଦେଉଥିବା ବେଳେ ଶିକ୍ଷକ ଅଶୋକ କୁମାର ଦେଓ , ସଦାଶିବ ବେହେରା, ଯଜାତି ବେଜ ,ସନ୍ତୋଷ ମହାକୁଡ଼,ପ୍ରଶାନ୍ତ ବେହେରା,ପ୍ରଶାନ୍ତ ବେହେରା, ପ୍ରଭାତ ଚନ୍ଦ୍ର ମହାନ୍ତ, ରମେଶ ଚନ୍ଦ୍ର ଓଝା , ଲକ୍ଷ୍ମଣ କୁମାର ପଲେଇ, ବାଣୀରଥା ସାହୁ, ଜିତେନ୍ଦ୍ର ଗିରି, କମଳାକାନ୍ତ ପଣ୍ଡା , ବିଶ୍ୱରଞ୍ଜନ ନାୟକ, ଶ୍ରୀକ୍ଷୟତ୍ରୀ ସୃତିରେଖା ପଣ୍ଡା , ପ୍ରିୟତପ୍ରଜ୍ଞା ପାଢ଼ୀ, ବାଣାପାଣି ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନା କରିଥିଲେ ।

ଛାତରୁ ଖସି ଅବସରପ୍ରାପ୍ତ କୋର୍ଟ କିରାଣୀଙ୍କ ମୃତ୍ୟୁ

ଭଞ୍ଜନଗର (ଅମୃତ ମିଡିଆ): ଛାତରୁ ଖସି ଭଞ୍ଜନଗର କୋର୍ଟ ର ଅବସରପ୍ରାପ୍ତ ବରିଷ୍ଠ କିରାଣି ଆନନ୍ଦ ରାଓ ସୁବୁଦ୍ଧି (୬୫) ଙ୍କ ଦୁଃଖଦ ମୃତ୍ୟୁ ଘଟିଛି । ନିଜ ଘରର ଉପର ମହଲା ନିର୍ମାଣ କାର୍ଯ୍ୟ ଚାଲିଥିଲାବେଳେ ସେ ଶୁକ୍ରବାର ସକାଳ ସାଢେ ୯ ଟା ରେ କାମ ଦେଖିବାକୁ ଛାତକୁ ଯାଇଥିଲେ। ଆଉ ଏକ କବାଟ କୁ ବାହାରକୁ କାଢୁଥିବା ବେଳେ ଅସାବଧାନତା ଯୋଗୁଁ ପ୍ରଥମ ମହଲାରୁ ତଳକୁ ଖସି ପଡ଼ିଥିଲେ। ତଳେ ସିମେଣ୍ଟ କଂକ୍ରିଟ ରାସ୍ତା ରେ ପଡିବା ସହ ମୁଣ୍ଡ ର ପଛଭାଗ ରେ ପ୍ରବଳ ଆଘାତ ପାଇଥିଲେ। ସଂଜ୍ଞାହୀନ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏଠାରୁ ବ୍ରହ୍ମପୁର ଓ ସେଠାରୁ କଟକ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଶବକୁ ବ୍ରହ୍ମପୁର ମେଡିକାଲରେ ବ୍ୟବଚ୍ଛେଦ କରାଯାଇଥିଲା। ଭଞ୍ଜନଗର ସହରକୁ ସନ୍ଧ୍ୟାରେ ମର ଶରୀର ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କର ଅନେକ ଶୁଭେଚ୍ଛୁ ଓ ବହୁ ଓକିଲ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।ଭଞ୍ଜନଗର ସହରର ସୁବୁଦ୍ଧି ସାହି ଛକ ରେ ଦୀର୍ଘ ବର୍ଷ ଧରି ଆନନ୍ଦ ଟାଇପ୍ ଇନଷ୍ଟିଚ୍ୟୁଟ୍ ଖୋଲି ଅଞ୍ଚଳର ଅନେକ ଯୁବକ ଯୁବତୀ ଙ୍କୁ ସେ ଉଭୟ ଇଂରାଜୀ ଓ ଓଡିଆ ଟାଇପ୍ ଶିକ୍ଷା ଦେଉଥିଲେ। ପର

ସ୍କୁଲ ବାରଣ୍ଡାରେ ବସି ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର. ଆୟର ସ୍କୁଲ ବାରଣ୍ଡାରେ ବସି ଆଜି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି ଦୃଶ୍ୟ ଏବେ ସମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। କାରଣ ଜଣେ ଆଇ.ଏ.ଏସ. ଅଧିକାରୀ ଆଜି ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାର କୌଣସି ସ୍ଥାନରେ ଥିବା ବିଦ୍ୟାଳୟ ବାରଣ୍ଡା ଚଟାଣରେ ବସି ଅଭିଯୋଗ ଶୁଣିବା ନଜିର ନାହିଁ। କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଗ୍ରାଉଣ୍ଡ ଜିରୋକୁ ଯାଇ ଲୋକଙ୍କ ସମସ୍ୟା ସମାଧାନ କରିବା ତରିକା ବେଶ ନିଆରା ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଜିଲ୍ଲା ପ୍ରଶାସନରୁ ମିଳିଥିବା ସୂଚନା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳେଇ ଗ୍ରାମ ପଞ୍ଚାୟତକୁ ଜିଲ୍ଲାପାଳ ଶ୍ରୀ ଆୟର ପରିଦର୍ଶନ କରି ବିଭିନ୍ନ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍ଥାନୀୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ସ୍ଥିତି ସମୀକ୍ଷା କରିଛନ୍ତି।ପ୍ରଥମେ ଜିଲ୍ଲାପାଳ ମାଟିଆସାହି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ପାଠପଢ଼ା, ଉପସ୍ଥାନ ଓ ବିଦ୍ୟାଳୟରେ ମିଳୁଥିବା ସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ଶ୍ରେଣୀଗୃହ, ପାନୀୟ ଜଳ ଓ ଶୌଚାଳୟ ଭଳି ମୌଳିକ ସୁବିଧାର ଅନୁଧ୍ୟାନ କରିଥିଲେ। ପରେ ମାଟିଆସାହି ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁମାନଙ୍କ ପୋଷଣ, ଉପସ୍ଥାନ ଓ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଅଙ୍ଗନବାଡ଼ି କର୍ମୀଙ୍କ ସହ ଆଲୋଚନା କରି କେନ୍ଦ୍ରରେ ଉପଲବ୍ଧ ସୁବିଧା ଓ ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ବିଷୟରେ ତଥ୍ୟ ନେଇଥିଲେ। ଜଗନ୍ନାଥପୁର ବିଦ୍ୟାଳୟ ପରିଦର୍ଶନ ସମୟରେ ଜିଲ୍ଲାପାଳ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହ ଶିକ୍ଷାଦାନ ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ଅଗ୍ରଗତି ଓ ବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ପିଲାମାନଙ୍କ ପାଇଁ ଏକ ଭଲ ଶିକ୍ଷଣ ପରିବେଶ ସୃଷ୍ଟି ସହ ଶିକ୍ଷାର ମାନ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଚାଲିଥିବା ମା' ଅନ୍ନେଶ୍ୱରୀ ଭୋଗ ମଣ୍ଡପ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ। ମଣ୍ଡପର ବ୍ୟବହାର, ଆବଶ୍ୟକତା ଓ ସ୍ଥାନୀୟ ଲୋକଙ୍କ ଠାରୁ ଏ ସମ୍ପର୍କରେ ଜାଣିବା ସହ ଆଲୋଚନା କରିଥିଲେ। ଗସ୍ତ ସମୟରେ ଜିଲ୍ଲାପାଳ ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ବିଭିନ୍ନ ସମସ୍ୟା ଓ ପ୍ରସ୍ତାବ ଶୁଣିଥିଲେ। ସ୍ଥାନୀୟ ସ୍ତରରେ ସମାଧାନ ହୋଇପାରୁଥିବା ସମସ୍ୟାଗୁଡ଼ିକୁ ଶୀଘ୍ର ସମାଧାନ କରିବା ସହ ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷାକରି ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ମାର୍ଶାଘାଇ ବିଡିଓ ତୃପ୍ତି ମହାନ୍ତିଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଗୁରୁଦିବସ ଉତ୍ସବ ପାଳିତ

ଜୟପୁର (ଅମୃତ ମିଡିଆ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଠାରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ବି. ସିମାଦ୍ରୀ ଆପନ୍ନା।। ସେହିପରି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି କିଶୋର ଚନ୍ଦ୍ର ପଣ୍ଡା, ସଂପାଦକ ବିଜୟ କୁମାର ଭଟ୍ଟ, ସଦସ୍ୟା ସୁସ୍ମିତା ଦାସ ମଧ୍ୟ ଯୋଗ ଦେଇ ଶିଶୁଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶିଶୁ ଭଉଣୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥିଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁ ଭଉଣୀ ସୁଶ୍ରୀ ଆରାଧନା ସାହୁ ଏବଂ ସୁଶ୍ରୀ ଅନନ୍ୟା ତ୍ରିପାଠୀଙ୍କ ଦ୍ୱାରା ଗୁରୁଦିବସର ମହତ୍ତ୍ୱ ବିଷୟରେ ଅଭିଭାଷଣ ଶୁଣିବାକୁ ମିଳିଥିଲା। ମୁଖ୍ୟ ଅତିଥି ନିଜର ବକ୍ତବ୍ୟ ମାଧ୍ୟମରେ ଗୁରୁ, ଗୁରୁଭକ୍ତି, ପିତାମାତା, ଶିକ୍ଷା ପ୍ରଦାନ ଓ ଶିକ୍ଷା ଗ୍ରହଣର ମହତ୍ତ୍ୱ ବିଷୟରେ ଶିଶୁଙ୍କୁ ଜଣାଇଥିଲେ। ସେ ଆବାହମାନ କାଳରୁ ଚଳିଆସିଥିବା ଗୁରୁ-ଶିଷ୍ୟ ସଂପର୍କ ଏବଂ ଗୁରୁଙ୍କ ଆଶୀର୍ବାଦ ଶିଷ୍ୟପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ଭାଷଣରେ ଶିଶୁଙ୍କୁ କହିବା ସହ ସମସ୍ତ ଶିଶୁଙ୍କୁ ଆଗକୁ ବଢିବା ପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ। ଶିଶୁମାନଙ୍କ ଦ୍ୱାରା ଗୁରୁପୂଜନ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ସମସ୍ତ ଗୁରୁଜୀ ଗୁରୁମାମାନଙ୍କୁ ବନ୍ଦନା କରାଯାଇ ଚନ୍ଦନ ଲଗାଯାଇ, ପୁଷ୍ପଗୁଚ୍ଛ ପ୍ରଦାନ କରି ଶିଶୁମାନେ ସେମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନା ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ମହାପାତ୍ର ସଂପାଦନ କରିଥିବା ବେଳେ, ଗୁରୁମା ଶ୍ରୀମତୀ ସରୋଜିନୀ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ମଧ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଫଳତାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ତଥା ସମସ୍ତ ସେବାବ୍ରତୀ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ।

ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତିମୂର୍ତ୍ତିରେ ମୁଣ୍ଡ ନାହିଁ, ଗୁରୁ ଦିବସରେ ହୋଇପାରୁ ନାହିଁ ପୁଷ୍ପ ମାଲ୍ୟାର୍ପଣ

ଫୁଲବାଣୀ(ଅମୃତ ମିଡିଆ): ସମାଜରେ ଶ୍ରେଷ୍ଠ ପୁରୁଷ ହେଉଛନ୍ତି ଗୁରୁ । ଗୁରୁଙ୍କ ସ୍ଥାନ ସର୍ବାଗ୍ରେ ।ଗୁରୁବିନା ଜ୍ଞାନ ଲାଭ କରିବା ଅସମ୍ଭବ । ଗୁରୁଙ୍କ ଆଶୀର୍ବାଦରେ ଶିଷ୍ୟ ଶୀର୍ଷ ସ୍ଥାନରେ ପହଞ୍ଚିଥାଏ ।ସମାଜରେ ଶିଷ୍ୟ ମନରୁ ଅଜ୍ଞାନ ଅନ୍ଧକାର ଦୂରକରି ଜ୍ଞାନର ଆଲୋକ ଭରି ଦେଉଥିବା ବ୍ୟକ୍ତି ହେଉଛନ୍ତି ଗୁରୁ ।ମନରୁ ଅହଂକାର ଦୂରକରି ମୋକ୍ଷ ପ୍ରାପ୍ତି ନିମନ୍ତେ ମାର୍ଗ ଦେଖାଉଥିବା ବ୍ୟକ୍ତିହିଁ ଗୁରୁ ଅତଏବ ଓଅଜ୍ଞାନତା ମଣିଷର ଏକ ବଡ ଶତ୍ରୁ ଅଟେ ଓମନରୁ ଅଜ୍ଞାନତା ଦୂରକରି ସତ୍ୟ ଅହିଂସା ପଥରେ ଅଗ୍ରସର ହେବାପାଇଁ ହିତୋପଦେଶ ଦେଉଥିବା ବ୍ୟକ୍ତି ହେଉଛନ୍ତି ଗୁରୁ। ସର୍ବ ଭାରତୀୟ ସ୍ତରରେ ସେପ୍ଟେମ୍ବର୍ ୫ ତାରିଖ କୁ ଗୁରୁଦିବସ ରୂପେ ପାଳନ କରାଯାଉଛି। ସେଥି ଯୋଗୁଁ ପ୍ରତ୍ୟେକ ସ୍କୁଲ୍ କଲେଜ,ଶିକ୍ଷା ପ୍ରତିଷ୍ଠାନ ମାନଙ୍କରେ ଗୁରୁ ଦିବସ ପାଳନ କରାଯାଇଥାଏ। ସେହି ଐତିହାସିକ ଦିବସ ରେ ଯେଉଁ ସ୍ଥାନ ମାନଙ୍କରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତିମୂର୍ତ୍ତି ଅଛି ତୋ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗୁରୁ ବନ୍ଦନା ଗାନ କରି ପାଳନ କରିଥାନ୍ତି। ଅତ୍ୟଧିକ ବିଦ୍ୟାଳୟ ରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଙ୍କ ଡେଳ ଫୋଟ ଚିତ୍ର ରେ ପୁଷ୍ପମାଲ୍ୟ ପ୍ରଦାନ କରି ପାଳନ କରିଥାନ୍ତି। ବିଡ଼ମ୍ବନା ର ବିଷୟ କନ୍ଧମାଳ ଜିଲ୍ଲା ସଦର ମହକୁମା ସ୍ଥିତ ଅତି ପୁରାତନ ବିଦ୍ୟାଳୟ ପରିସର ରେ ହଜାର ହଜାର ଟଙ୍କାରେ ତିଆରି କରାଯାଇ ସ୍ଥାପିତ କରାଯାଇଥିବା ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ର ପ୍ରତିମୂର୍ତ୍ତି ରେ ଆଜିର ପବିତ୍ର ଗୁରୁଦିବସ ରେ ମାଲ୍ୟାର୍ପଣ ହୋଇ ପାରିଲା ନାହିଁ। ସୂଚନା ଅନୁସାରେ ତା ୦୧/୪/୨୦୦୦ ମସିହାରେ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଫ୍ରାନ୍ସିସ୍ ରଞ୍ଜିତ୍ ଙ୍କ ସମୟରେ ଫୁଲବାଣୀ ସଦର ମହକୁମା ସ୍ଥିତ ହାଟପଦା ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତିମୂର୍ତ୍ତି ଶିକ୍ଷା ବିଭାଗ ଅର୍ଥରେ ସ୍ଥାପିତ ହୋଇଥିଲା କିନ୍ତୁ ପରବର୍ତ୍ତୀ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୁପ୍ରିୟା ମଲ୍ଲିକ ପ୍ରତିମୂର୍ତ୍ତି ଟିକୁ ଉନ୍ମୋଚନ କରିଥିଲେ। ଦିନେ ସେହି ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ତାଲିମ କେନ୍ଦ୍ର ଥିଲା। ଗୁରୁଦିବସ ସମୟରେ ଫୁଲବାଣୀ ସ୍ଥିତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ ଆସି ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଙ୍କ ଜନ୍ମ ଦିବସ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ଗୁରୁ ବନ୍ଦନା ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର। ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈଶ୍ରି ଗୁରୁବେ ନମଃ ଗାନ କରି ପାଳନ କରୁଥିଲେ। ହେଲେ ସେହି ସ୍ଥାନରେ ଥିବା ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଙ୍କର ମୂର୍ତ୍ତି ସେହି ବିଦ୍ୟାଳୟ ନିକଟସ୍ଥ ଅଞ୍ଚଳର କିଛି ଅସାମାଜିକ ଯୁବକ ମାନେ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ସେହି। ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଙ୍କ ଦେହ ଅଛି କିନ୍ତୁ ମୁଣ୍ଡ ନାହିଁ। ଭଗ୍ନ ଅବସ୍ଥାରେ ରହିଛି ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ ପ୍ରତିମୂର୍ତ୍ତି। ସେହି ଦିନ ଠାରୁ ଦୀର୍ଘ ୧୫/୧୭ ବର୍ଷ ହେବ ଗୁରୁଦିବସରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟାର୍ପଣ ହେଉ ନାହିଁ। ସେ ଦିନ ଠାରୁ ପ୍ରତିମୂର୍ତ୍ତି ମରାମତି ହୋଇ ପାରି ନାହିଁ। କାର୍ଯ୍ୟ ଦିବସ ରେ ସନ୍ଧ୍ୟା ହେଲେ ଏବଂ ଛୁଟି ଦିବସ ମାନଙ୍କରେ ଦିନ ସମୟରେ ମଧ୍ୟ ବିଦ୍ୟାଳୟ ରେ ଅସାମାଜିକ ଯୁବକ ଙ୍କର ଆଡା ସ୍ଥଳୀ ପାଲଟିଯାଉଛି। ଏହି ସମ୍ପର୍କରେ ଫୁଲବାଣୀ ଟାଉନ୍ ଥାନା ପୋଲିସ୍ ଏବଂ ଜିଲ୍ଲା ପ୍ରଶାସନ ଅଧିକାରୀ ଓ ଜିଲ୍ଲା ଶିକ୍ଷା ବିଭାଗ ଅଧିକାରୀ ଙ୍କୁ ଅଭିଯୋଗ କଲେ ସୁଫଳ ମିଳେ ନାହିଁ। ଆଜି ହାଟପଦା ମଧ୍ୟ ଇଂରାଜୀ ବିଦ୍ୟାଳୟ ଶ୍ରେଣୀ ଗୃହ ରେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦିଗାଲ ଙ୍କ ଅଧ୍ୟକ୍ଷତା ରେ ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫୋଟ ଚିତ୍ର ରେ ଶିକ୍ଷକ ଶିକ୍ଷୟତ୍ରୀ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଗୁରୁ ବନ୍ଦନା ଗାନ କରାଯାଇ ଗୁରୁଦିବସ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ଜିଲ୍ଲାପାଳ,ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ନିମନ୍ତେ ଓ ପୁନଃବାର ପ୍ରତିମୂର୍ତ୍ତି ମରାମତି କରିବା ନିମନ୍ତେ ଅଭିଭାବକ, ଅନ୍ୟାନ୍ୟ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ,ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଅନୁରୋଧ କରିଛନ୍ତି।

କୁମାଣ୍ଡଳ ଯୁବଜ୍ୟୋତି ହାଇସ୍କୁଲରେ ଗୁରୁଦିବସ ପାଳିତ

ଚିଲିକା (ଅମୃତ ମିଡିଆ) : ଚିଲିକା ବ୍ଲକ ଅନ୍ତର୍ଗତ କୁମାଣ୍ଡଳସ୍ଥ ଯୁବଜ୍ୟୋତି ହାଇସ୍କୁଲ ଠାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ଗୁରୁଦିବସ' ପାଳିତ ହୋଇଯାଇଅଛି । ପ୍ରାରମ୍ଭରେ ଅତିଥିମାନେ ବିଶିଷ୍ଟ ଦାର୍ଶନିକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ତୈଳଚିତ୍ରରେ ଧୂପ ପୁଷ୍ପ ଅର୍ପଣ କରିଥିଲେ। ଏହାପରେ ଗୁରୁଦିବସ ସଭାରେ ଯୋଗ ଦେଇଥିବା ଅତିଥିମାନେ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଛାତ୍ର ଛାତ୍ରୀମାନେ ଅକ୍ଷତ, ଚନ୍ଦନ, ପୁଷ୍ପ ଓ ଉତ୍ତରୀୟ ଦେଇ ପଦବନ୍ଦନା କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶିଷ କୁମାର ପଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରତୁଙ୍ଗସ୍ଥ ମର୍ଦ୍ଦରାଜ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଚିଲିକା ପୂଜ୍ୟପୂଜା ସଂସଦର ସଭାପତି ଦିଲ୍ଲୀପ କୁମାର ଶତପଥୀ, ସମାଜସେବୀ ତଥା ଅବସର ପ୍ରାପ୍ତ ଶିକ୍ଷକ ପ୍ରଭାତକୁମାର ସୁନ୍ଦରାୟ, ଶିକ୍ଷକ ଉମାକାନ୍ତ ବଡ଼ଜେନା, ଶିକ୍ଷୟତ୍ରୀ ସୋନାଲୀ ବାରିକ ଓ କିରାଣୀ ପ୍ରଭାତ କୁମାର ମାନଧାତା ପ୍ରମୁଖ ଯୋଗ ଦେଇ ଗୁରୁଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହ ଆର୍ଯ୍ୟାବର୍ତ୍ତର ସନାତନ ଧର୍ମରେ ଗୁରୁଙ୍କୁ କିପରି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହ ତୁଳନା କରାଯାଇ ଯଥାଚିତ ସମ୍ମାନ ପ୍ରଦର୍ଶନ ପୂର୍ବକ ଆସନ ପ୍ରଦାନ କରାଯାଏ ଓ ଗୁରୁ ବିନା ଶିଶ୍ୟର ଜୀବନ କିପରି ମୂଲ୍ୟହୀନ ସେ ଉପରେ କହିଥିଲେ। ଉକ୍ତ ସଭାରେ ଅଭିନାଶ ପାଇକରାୟ, ଗୋପାଳ ସାହୁ, ପ୍ରିତମ୍ ପ୍ରଧାନ, ରୀତେଶ ପାଇକରାୟ, ଯଶ୍ୱିନୀ ସ୍ୱାଇଁ। ଗାୟତ୍ରୀ ପ୍ରଧାନ, ଶୁଭଲକ୍ଷ୍ମୀ ସୁନ୍ଦରାୟ, ହରପ୍ରିୟା ଘଡେଇ, ଶୁଭଶ୍ରୀ ଘଡେଇ ଓ ଶ୍ରୀୟାରାଣୀ ଘଡେଇ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଗୁରୁ ଦିବସ ଉପରେ କହିଥିଲେ।

ଭେଙ୍କଟେଶ୍ୱର ବିଦ୍ୟାଳୟରେ ଗୁରୁଦିବସ ଓ ନବୋତ୍ସବ ପାଳିତ

ବାଲୁଗାଁ (ଅମୃତ ମିଡିଆ) : ବାଲୁଗାଁ ସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁଜୀ, ଗୁରୁମା ଏବଂ ଛାତ୍ରଛାତ୍ରୀ ଗହଣରେ ଗୁରୁଦିବସ ସହିତ ନବୋତ୍ସବ ବହୁ ଧୂମଧାମରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ରଂଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱ ଓ ସମ୍ପାଦିକା ସସ୍ମିତା ପଧାନଙ୍କ ସଂଯୋଜନାରେ ଅଧକ୍ଷ ରାମଚାନ୍ଦ୍ର ଶାସମଲ ଏବଂ ସମସ୍ତ ଗୁରୁକୁଳଙ୍କୁ ନେଇ ଗୁରୁ ଓ ଛାତ୍ରଛାତ୍ରୀ ମାନଙ୍କ ସ୍ନେହ, ପ୍ରେମ, ଭକ୍ତି ଭରା ପରମ୍ପରା ସୃଷ୍ଟି ହୋଇଥିଲା। ପ୍ରଥମେ ଛାତ୍ରଛାତ୍ରୀ ମାନେ ପୁଷ୍ପ,ଚନ୍ଦନ ଦେଇ ସମସ୍ତ ଗୁରୁଜୀ, ଗୁରୁମାନଙ୍କୁ ବନ୍ଦାପନା କରି ଆଶିଷ ଭିକ୍ଷା କରିଥିଲେ। ଏହି ଅବସରରେ ଗୁରୁଜନ ମାନେ ଛାତ୍ରଛାତ୍ରୀଙ୍କୁ ଛାତ୍ର ବତ୍ସଳ ଡଃ ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଶୈକ୍ଷିକ, ଦାର୍ଶନିକ ଚିନ୍ତନ ସମ୍ବନ୍ଧୀୟ ପ୍ରେରଣା ଦେଇଥିଲେ। ସମଗ୍ର ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସରେ ନବୋତ୍ସବ ପାଳିତ ହେଉଥିବା ବେଳେ ଏହି ପବିତ୍ର ସ୍ନେହ, ମମତା ଭରା ଉତ୍ସବରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ରାଧା, କୃଷ୍ଣ ବେଶ ହୋଇଥିବା ସହ ବସୁଦେବ, ନନ୍ଦ ଓ କଂସ ଭୂମିକାରେ ଆବର୍ତୀର୍ଣ୍ଣ ହୋଇ ନନ୍ଦ ଉତ୍ସବ ପାଳନ କରିଥିଲେ। ଏହିଅବସରରେ ପରିଚାଳନା କମିଟି ଦ୍ୱାରା ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଭିଭାବକ, ବୁଦ୍ଧିଜୀବୀ, ଜନସାଧାରଣ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନୁରୂପ ଭାବେ ବାଲୁଗାଁ ତଥା ଆଖପାଖ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ମାନଙ୍କରେ ଗୁରୁଦିବସ ସହ ନବୋତ୍ସବ ପାଳିତ ହେଉଥିବା ଦେଖିବାକୁ ମିଳିଛି।

ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଜନ୍ମାଷ୍ଟମୀ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡା ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ନୀତି ମହାଆଡମ୍ବରରେ ପାଳିତ ହୋଇଯାଇଛି। ରାତ୍ର ଧୂପ ସମ୍ପନ୍ନ ପରେ ରତ୍ନସିଂହାସନରୁ ପୂଜାପଣ୍ଡା ସେବାୟତଙ୍କ ଦ୍ୱାରା ଭୋଗ ମଣ୍ଡପକୁ ଆଣ୍ଟୁଆ ଗୋପାଳ ବିଜେ କରିଥିଲେ। ପୁରାଣ ପଣ୍ଡାଙ୍କ ଦ୍ୱାରା ପୁରାଣ ପାଠ ପରେ ରାଜପୁରୋହିତଙ୍କ ଦ୍ୱାରା ଋତୁଲି ଚତୁପାର୍ଶ୍ୱ ମୂର୍ଜ କରାଯାଇ ଜନ୍ମନୀତି ଆରମ୍ଭ ହୋଇଥିଲା। ବଡ ସାଇତି ସେବକଙ୍କ ଦ୍ୱାରା ପିଣ୍ଡକରୁ ନାଭି ପ୍ରସ୍ତୁତ ହୋଇ ଶ୍ରୀଗୋପାଳଙ୍କୁ ସ୍ନର୍ଶ କରାଇ ସ୍ନାନ, ମଙ୍ଗଳାର୍ପଣ, ଘିଅ ପାନ ସ୍ନର୍ଶ ହୋଇ ମାଖନ୍ କ୍

ଦୁଲୀପ ଟ୍ରଫି ଖେଳିବାର ୩ ଦିନ ମଧ୍ୟରେ ଟି୨୦ ଖେଳିବା ଚାଲେଞ୍ଜିଂ ହେବ: ଇଶାନ

ଚେନ୍ନାଇ : ଦୁଲୀପ ଟ୍ରଫି ଫାଇନାଲ ଶେଷ ହେବାର ୩ ଦିନ ମଧ୍ୟରେ ଭାରତୀୟ ଦଳ ପାଇଁ ଟି୨୦ ଖେଳିବା ଚାଲେଞ୍ଜିଂ ହେବ ବୋଲି ତିଲକ ବର୍ମା ଏବଂ ଇଶାନ କିଶନ ସ୍ୱୀକାର କରିଛନ୍ତି। ୫ ଦିନିଆ ଦୁଲୀପ ଟ୍ରଫି ଫାଇନାଲ ରବିବାରଠାରୁ ଚେନ୍ନାଇରେ ଆରମ୍ଭ ହେବ। ୧୦ ତାରିଖରେ ମ୍ୟାଚ୍ ଶେଷ ହେବାକୁ ଥିବା ବେଳେ ଭାରତ-ଆଫଗାନିସ୍ତାନ ମ୍ୟାଚ୍ ୧୩ ତାରିଖରେ ନୂଆଦିଲ୍ଲୀରେ ଖେଳାଯିବ। ମ୍ୟାଚ୍ ଖେଳିବା ପରେ ହଠାତ୍ ଟି୨୦ ଖେଳିବା କଷ୍ଟକର। କାରଣ ସେହି ଫର୍ମାଟରେ ପ୍ରଥମ ବଲରୁ ଆଟାକ କରିବାକୁ ହିଏ। ତା' ପରେ ଘରୋଇ ଦଳ ସହ ଯୋଡ଼ି ହୋଇ ସମ୍ପୂର୍ଣ୍ଣ ଭିନ୍ନ ଭୂମିକା ନିର୍ବାହ କରିବା କଷ୍ଟକର। ଏଣୁ ଏହା ଚାଲେଞ୍ଜିଂ ହେବ। ଏଠାରେ ୫ ଦିନ ଖେଳିବା ପରେ ଆମେ ସିଧାସଳଖ ଦଳରେ ଯୋଗଦେବୁ। ସେଠାରୁ ଆମେ ଦିଲ୍ଲୀ ଯିବୁ। ସେଠାରେ ଆମକୁ ଦୁଇ ଦିନ ବ୍ରେକ ମିଳିବ। ଆମେ ପ୍ରାକ୍ଟିସ ମଧ୍ୟ କରିପାରୁ। ଏହା ଚାଲେଞ୍ଜିଂ ହେବ। ଆମେ ଯଥେଷ୍ଟ ଘରୋଇ ମ୍ୟାଚ୍ ଓ ପ୍ରତ୍ୟେକ ପରିସ୍ଥିତି ଖେଳିଛୁ। ଏଣୁ ଆମେ ଆଡ୍‌ଜଷ୍ଟ କରିପାରିବୁ। ଆମକୁ ଜଣାଅଛି, ଆମ ମାଇଣ୍ଡସେଟ୍‌କୁ କେଉଁ ଭଳି ପରିବର୍ତ୍ତନ କରିବାର ଅଛି। ଆମେ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟରେ ଲଗାତର ମ୍ୟାଚ୍ ଖେଳିଛୁ। ଏହା ଆମ ପାଇଁ ନୂଆକଥା ନୁହେଁ ଏବଂ ପେସାଦାର କ୍ରିକେଟର ହୋଇଥିବାରୁ ଫର୍ମାଟ ଓ କଣ୍ଡିଶନ ସହ ଖାପ ଖୁଆଇବା ଆମ କାମ। ପୂର୍ବରୁ କାର୍ଯ୍ୟସୂଚୀ ଜଣାଥିବାରୁ ଆମେ କୌଣସି ବାହାନା କରିପାରିବୁ ନାହିଁ" ବୋଲି ଇଷ୍ଟ ଜୋନ ଅଧିନାୟକ ଇଶାନ କିଶନ ଫାଇନାଲ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ଅବସରରେ ସାଉଥ୍ ଜୋନ ଅଧିନାୟକ ତିଲକ ବର୍ମା, ଯିଏ କି ଭାରତୀୟ ଦଳର ଟି୨୦ ଉପ ଅଧିନାୟକ ମଧ୍ୟ ଉପସ୍ଥିତ ଥିଲେ।

ମହିଳା ଏସିଆ କପ୍ ୨୦୨୬

ପାକିସ୍ତାନକୁ ୭ ୱିକେଟ୍‌ରେ ପରାସ୍ତ କଲା ଭାରତ

ଦୁବାଇ: ମହିଳା ଏସିଆ କପ୍ ୨୦୨୬ରେ ପାକିସ୍ତାନକୁ ଭାରତୀୟ କ୍ରିକେଟ୍ ଟିମ୍ ଚିତ୍‌ପଟାଙ୍ଗ କରିଛି। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ପାକିସ୍ତାନକୁ ଭାରତ ୭ ୱିକେଟ୍‌ରେ ପରାସ୍ତ କରିଛି। ଭାରତ ୮.୪ ଓଭରରେ ୩ଟି ୱିକେଟ୍ ହରାଇ ୫୭ ରନ୍ ସଂଗ୍ରହ କରିଛି। ଭାରତ ପାଇଁ ସେଫାଳି ବର୍ମା ୧୨ ରନ୍, ସ୍ମୃତି ମନ୍ଧାନା ୯ ରନ୍ ଏବଂ ପ୍ରତିକା ରାଓ୍ୱଲ ୪ ରନ୍ କରି ଆଉଟ୍ ହୋଇଥିଲେ। ପାକିସ୍ତାନକୁ ଭାରତ ୫୫ ରନ୍‌ରେ ଅଟକାଇ ଥିଲା। ଟୁର୍ଣ୍ଣାମେଣ୍ଟର ଗ୍ରୁପ- ଏ ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୧୮.୧ ଓଭରରେ ସମସ୍ତ ୱିକେଟ୍ ହରାଇଥିଲା। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ପକ୍ଷରୁ ଶ୍ରୀ ଚରଣୀ ଏବଂ ପ୍ରେମା ରାଉତ ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଦୀପ୍ତି ଶର୍ମାଙ୍କୁ ୨ଟି ଏବଂ ସେଫାଳି ବର୍ମାଙ୍କୁ ଗୋଟିଏ ୱିକେଟ୍ ମିଳି ଥିଲା। ପାକିସ୍ତାନ ପାଇଁ ମୁନିବା ଅଲି ଏବଂ ଶାଓ୍ୱାଲ ଜୁଲଫିକର ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୨୬ ରନ୍ କରିଥିଲେ। ଭାରତର ପ୍ରଥମ ଶିକାର ହୋଇଥିଲେ ମୁନିବା ଅଲି। ସେ ବ୍ୟକ୍ତିଗତ ଭାବେ ୧୫ଟି ବଲ୍ ଖେଳି ୧୩ ରନ୍ ସଂଗ୍ରହ କରିଥିଲେ ଏବଂ ଶେଫାଳି ବର୍ମାଙ୍କର ଶିକାର ହୋଇଥିଲେ। ପାକିସ୍ତାନ ପାଇଁ ଶାଓ୍ୱାଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୧୪ଟି ବଲ୍ ଖେଳି ୩ଟି ଚୌକା ସହାୟତାରେ ୧୪ ରନ୍ ସଂଗ୍ରହ କରିଥିଲେ। ଶ୍ରୀଚରଣୀଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅନ୍ୟ ଖେଳାଳିମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ପ୍ରାରମ୍ଭିକ ବ୍ୟାଟର ଦ୍ୱୟଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଚାରିଜଣ ଖେଳାଳି (ଗୁଲ ଫିରୋଜା, ଫତିମା ସାନା, ନର୍ସା ସାନ୍ଧୁ ଏବଂ ସାଦିଆ ଇକବାଲ) ଖାତା ଖୋଲିପାରି ନଥିଲେ।

୫୨ ବଲ୍‌ରେ ଶତକ ମାରି ବିଶ୍ୱରେକର୍ଡ କଲେ ରାଜସ୍ଥାନର ପ୍ରେଟୋରିୟସ

ନୂଆଦିଲ୍ଲୀ : ହାଇସ୍କୋରିଂ ଥ୍ରିଲରରେ ନାମିବିୟାକୁ ୧୧ ରନରେ ଶୁକ୍ରବାର ହରାଇ ଦେଇଛି ଦକ୍ଷିଣ ଆଫ୍ରିକା। ଆଉ ଦକ୍ଷିଣ ଆଫ୍ରିକାର ଏହି ବିଜୟରେ ପ୍ରମୁଖ ସୂତ୍ରଧର ସାଜିଛନ୍ତି ଯୁବ ବ୍ୟାଟର ଲହୁଆନ ଡ୍ରେ ପ୍ରେଟୋରିୟସ। ସେ ନିଜ ଟି-୨୦ ଅନ୍ତର୍ଜାତୀୟ କ୍ୟାରିୟରରେ ପ୍ରଥମ ଶତକ ହାସଲ କରିଛନ୍ତି। ଏଥିପ୍ରସହ ନାମିବିୟା ଓ ଜିୟାଓ୍ୱେ ବିପକ୍ଷ ତ୍ରିପାକ୍ଷିକ ସିରିଜରେ ଦକ୍ଷିଣ ଆଫ୍ରିକାକୁ ମହତ୍ତ୍ୱପୂର୍ଣ୍ଣ ବିଜୟ ଭେଟି ଦେଇଛନ୍ତି। ପ୍ରେଟୋରିୟସ ମାତ୍ର ୫୩ ବଲରେ ୧୦୧ ରନର ଇନିଂସ ଖେଳିଛନ୍ତି। ୫୨ ବଲରେ ସେ ଶତକ ହାସଲ କରିବା ପରେ ୫୩ତମ ବଲରେ ଆଉଟ ହୋଇଥିଲେ। ଏହି ଇନିଂସରେ ସେ ୫ଟି ଚୌକା ଓ ୮ଟି ଛକା ମାରିଛନ୍ତି। ତାଙ୍କ ବିସ୍ଫୋରକ ଇନିଂସ ଯୋଗୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଦକ୍ଷିଣ ଆଫ୍ରିକା ୪ ୱିକେଟରେ କରିଥିଲା ୨୨୮ ରନ। ଏହି ଶତକ ପରେ ପ୍ରେଟୋରିୟସ ବିଶ୍ୱ ରେକର୍ଡ ବୁକରେ ନିଜକୁ ସାମିଲ କରିପାରିଛନ୍ତି। ମାତ୍ର ୨୦ ବର୍ଷ ଓ ୧୬୧ ଦିନ ବୟସରେ ସେ ଟି-୨୦ରେ ଶତକ ହାସଲ କରିଥିଲେ। ୨୦୧୯ ମସିହା ଆୟର୍ଲ୍ୟାଣ୍ଡ ବିପକ୍ଷ ମ୍ୟାଚ୍‌ରେ ତାଙ୍କୁ ଏହି ସଫଳତା ମିଳିଥିଲା। କିନ୍ତୁ ଏବେ ପ୍ରେଟୋରିୟସ ତାଙ୍କ ରେକର୍ଡକୁ ଅତିକ୍ରମ କରି ଯାଇଛନ୍ତି। ପ୍ରେଟୋରିୟସଙ୍କ ରେକର୍ଡ ବ୍ରେକିଂ ଇନିଂସ ପରେ ତାଙ୍କର ତୁଳନା ଭାରତର ବିସ୍ଫୋରକ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ଆରମ୍ଭ ହୋଇଛି। କାରଣ ସେ ମଧ୍ୟ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟର ସର୍ବକନିଷ୍ଠ ଖେଳାଳି ଭାବେ ଶତକ ହାସଲ କରିବା ଦୌଡ଼ରେ ରହିଛନ୍ତି। ୧୫ ବର୍ଷ ବୟସରେ ବୈଭବ ଏକାଧିକ ରେକର୍ଡ ଭାଙ୍ଗି ସାରିଛନ୍ତି। ସେ ଭାରତୀୟ ସିନିୟର ଟିମରେ ମଧ୍ୟ ଖେଳୁଛନ୍ତି। ତେଣୁ ତାଙ୍କ ପାଖରେ ପ୍ରେଟୋରିୟସଙ୍କ ରେକର୍ଡ ଭାଙ୍ଗିବାର ଅନେକ ସୁଯୋଗ ରହିଛି। ସବୁଠାରୁ କୌତୂହଳର ବିଷୟ ହେଲା, ଉଭୟ ବୈଭବ ଓ ପ୍ରେଟୋରିୟସ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳୁଛନ୍ତି। ୨ଟି ସଂସ୍କରଣ ହେଲେ ବୈଭବ କ୍ରମାଗତ ସୁଯୋଗ ପାଇଥିଲେ ହେଁ ପ୍ରେଟୋରିୟସ କିଛି ହାତ ଗଣତି ମ୍ୟାଚ୍‌ରେ ହିଁ ରାଜସ୍ଥାନକୁ ପ୍ରତିନିଧିତ୍ୱ କରିଛନ୍ତି। ଏବେ ସେ ନିଜର ପ୍ରତିଭା ଦେଖାଇଥିବାରୁ ଆଗାମୀ ଦିନରେ ରାଜସ୍ଥାନ ରୟାଲ୍ସରେ ମଧ୍ୟ ନିୟମିତ ସୁଯୋଗ ପାଇପାରନ୍ତି।

୩ ବର୍ଷ ଧରି ଟିମ୍ ଇଣ୍ଡିଆରୁ ବାଦ୍ ପଡ଼ିଛନ୍ତି ସ୍ପିନର ଚହଲ୍

ନୂଆଦିଲ୍ଲୀ ; ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ସ୍ପିନର ଯୁଝବେନ୍ଦ୍ର ଚହଲ ୨୦୨୬ କାଉଣ୍ଟି ଚାମ୍ପିଅନସିପ୍ ରେ ଇଂଲଣ୍ଡର ନର୍ଥାମ୍ପଟନଶାୟାର ପାଇଁ ଖେଳୁଛନ୍ତି। ସେ ଦଳ ପାଇଁ କ୍ରମାଗତ ଭାବରେ ଚମତ୍କାର ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି। ତହାଁ ବିପକ୍ଷ ଟୁର୍ଣ୍ଣାମେଣ୍ଟର ୪୩ତମ ମ୍ୟାଚରେ ଚହଲ ୪ ଜଣ ବ୍ୟାଟରଙ୍କୁ ତାଙ୍କ ସ୍ପିନରେ ଫସାଇ ଦେଇଛନ୍ତି। ସେ ଦଳର ଇନିଂସରେ ସର୍ବାଧିକ ୱିକେଟ୍ ନେଇଥିବା ବସ୍ମର ହୋଇଥିଲେ। ପ୍ରାୟ ୩ ବର୍ଷ ହେବ ଟିମ୍ ଇଣ୍ଡିଆରୁ ବାଦ୍ ଥିବା ଚହଲ ଇଂଲଣ୍ଡରେ ବୋଲିଂ ମ୍ୟାଜିକ୍ ଦେଖାଇଛନ୍ତି। ନର୍ଥାମ୍ପଟନର କାଉଣ୍ଟି ଗ୍ରାଉଣ୍ଡରେ ତହଁ୍ମ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଇନିଂସରେ ତହଁ୍ମ ମାତ୍ର ୨୦୫ ରନ୍ ରେ ଅଲଆଉଟ୍ ହୋଇଥିଲା। ଡେଭିଡ୍ ବେଡିଙ୍ଗହାମ୍ ଦଳ ପାଇଁ ୮୧ ରନ୍ ର ସବୁଠାରୁ ବଡ ଇନିଂସ ଖେଳିଥିଲେ। ଏହା ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ୍ ୫୦ ରନ୍ ଛୁଇଁ ପାରି ନଥିଲେ। ଏହି ସମୟରେ ନର୍ଥାମ୍ପଟନଶାୟାର ପକ୍ଷରୁ ଚହଲ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଭାରତୀୟ ସ୍ପିନର ୧୫.୨ ଓଭରରେ ମାତ୍ର ୩୬ ରନ୍ କରିଥିଲେ। ସେ ୩ଟି ମେଡେନ୍ ଓଭର ମଧ୍ୟ ବୋଲିଂ କରିଥିଲେ। ଭାରତୀୟ ଟେଷ୍ଟ ଟିମରେ ତାଙ୍କୁ ଚାନ୍ସ ମିଳି ନଥିଲେ ବି ସେ ଇଂଲଣ୍ଡରେ ବୋଲିଂ ଯାଦୁ ଦେଖାଇଛନ୍ତି। ଟିମ୍ ଇଣ୍ଡିଆରେ ସ୍ଥାନ ନାହିଁ- ଭାରତ ପାଇଁ ହ୍ୱାଇଟ୍ ବଲ୍ କ୍ରିକେଟ୍ ଖେଳୁଥିବା ଚହଳ ଟିମ୍ ଇଣ୍ଡିଆରୁ ବାଦ୍ ପଡ଼ିବାର ୩ ବର୍ଷରୁ ଅଧିକ ସମୟ ବିତିଗଲାଣି। ସେ ଟି-୨୦ ଫର୍ମାଟରେ ଅଗଷ୍ଟ ୨୦୨୩ ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟିମ୍ ଇଣ୍ଡିଆ ପାଇଁ ଶେଷ ମ୍ୟାଚ୍ ଖେଳିଥିଲେ। ଯୁଝବେନ୍ଦ୍ର ଚହଲଙ୍କ ଅନ୍ତର୍ଜାତୀୟ କ୍ୟାରିୟର- ଚହଲଙ୍କ ଅନ୍ତର୍ଜାତୀୟ କ୍ୟାରିୟରକୁ ଦେଖିଲେ ସେ ଏପର୍ଯ୍ୟନ୍ତ ୭୨ଟି ଦିନିକିଆ ଓ ୮୦ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଦିନିକିଆରେ ୬୯ଟି ଇନିଂସରେ ଚହଲ ୨୬.୧୩ ହାରରେ ୧୨୧ ୱିକେଟ୍ ନେଇଥିଲେ। ଏହି ସମୟରେ ସେ ୨ ଥର 'ଫାଇଭ୍ ୱିକେଟ୍ ହଲ୍' ଜିତିଥିଲେ। ବାକି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚରେ ସେ ୨୫.୦୯ ହାରରେ ୯୬ଟି ୱିକେଟ୍ ନେଇଥିଲେ। ଏହି ସମୟରେ ତାଙ୍କର ଇକୋନୋମି ୮.୧୯ ଥିଲା।

ଇଂଲଣ୍ଡ ବିପକ୍ଷ ଟି୨୦ରୁ କୁଶଲ ମେଣ୍ଡିସ୍ ବାଦ୍

କଲମ୍ବୋ: ଶ୍ରୀଲଙ୍କା ସୀମିତ ଓଭର କ୍ରିକେଟ ଦଳର ଅଧିନାୟକ କୁଶଲ ମେଣ୍ଡିସ ଇଂଲଣ୍ଡ ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳାରୁ ବାଦ ପଡ଼ିଛନ୍ତି। ଆହତ ଥିବାରୁ ମେଣ୍ଡିସ ବାଦ୍ ପଡ଼ିଥିବାନେଇ ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ତାଙ୍କ ସ୍ଥାନରେ ଚାରିଥି ଆଶାଲାଙ୍କାଙ୍କୁ ଟ୍ୱେଣ୍ଟି୨୦ ଶୃଙ୍ଖଳା ଲାଗି ଅଧିନାୟକ ନିଯୁକ୍ତ କରାଯାଇଛି। ମେଣ୍ଡିସ ଆହତ ଥିବାରୁ ଇଂଲଣ୍ଡ ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳା ଖେଳିବେ ନାହିଁ। ତାଙ୍କ ଡାହାଣ ଗୋଡରେ ଆଘାତ ଲାଗିଛି। ସେହିପରି ଦ୍ରୁତ ବୋଲର ବିନୁରା ଫର୍ଣ୍ଣାଣ୍ଡୋ ମଧ୍ୟ ଆହତ ଥିବାରୁ ଟ୍ୱେଣ୍ଟି୨୦ ଶୃଙ୍ଖଳା ଖେଳିବେ ନାହିଁ। ପିଠି ଆଘାତ ପାଇଁ ବିନୁରା ଦଳରୁ ବାଦ୍ ପଡ଼ିଛନ୍ତି। ଦିନିକିଆ ଶୃଙ୍ଖଳା ବେଳକୁ ମେଣ୍ଡିସ ଓ ବିନୁରା ସୁସ୍ଥ ହୋଇଯାଇଥିବା ନେଇ ଶ୍ରୀଲଙ୍କା କ୍ରିକେଟ ଆଶା ରଖିଛି। ଶ୍ରୀଲଙ୍କା ଓ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟ୍ୱେଣ୍ଟି୨୦ ଶୃଙ୍ଖଳା ଚଳିତ ସେପ୍ଟେମ୍ବର ୧୫, ୧୭ ଓ ୧୯ରେ ଖେଳାଯିବ।

ବ୍ରାୟନ୍ ଲାରା ବି ଇମରାନ୍ ଖାନଙ୍କ ପାଇଁ ଉଠାଇଲେ ସ୍ୱର

ମୁମ୍ବାଇ : ୱେଷ୍ଟଇଣ୍ଡିଜର ପୂର୍ବତନ ବ୍ୟାଟର ବ୍ରାୟନ୍ ଲାରା ମଧ୍ୟ ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଏବଂ ପୂର୍ବତନ କ୍ରିକେଟ ଟିମର ଅଧିନାୟକ ଇମରାନ୍ ଖାନଙ୍କ ପାଇଁ ଉଠାଇଲେ ସ୍ୱର । ଅନ୍ୟମାନଙ୍କ ପରି ଲାରା ଇମରାନ୍ ଖାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ଏବଂ ସମ୍ମାନର କଥା କହିଛନ୍ତି । ଏହା ବ୍ୟତିତ ଆହୁରି ଅନେକ କଥା ମଧ୍ୟ ଲେଖିଛନ୍ତି। କିଛି ଦିନ ପୂର୍ବରୁ କ୍ରିକେଟ ଜଗତର ୨୧ ପୂର୍ବତନ ଖେଳାଳୀ ଇମରାନ ଖାନଙ୍କ ଲାଗି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶହବାଜ ଶରୀଫଙ୍କୁ ଚିଠି ଲେଖିଥିଲେ । ଏହି ଚିଠିରେ ଦାବି କରାଯାଇଥିଲା କି ପାକିସ୍ତାନର ପୂର୍ବତନ ଅଧିନାୟକଙ୍କ ମାନବୀୟ ବ୍ୟବହାର ଏବଂ ଉଚିତ ଚିକିତ୍ସା ହେଉ । ଏହି ଭେଟରାନଙ୍କ ମଧ୍ୟରେ ଭାରତର କପିଲ୍ ଦେବ, ସୁନୀଲ ଗାଭାସ୍କର ଏବଂ ଦିଲୀପ ଭେଙ୍ଗସରକାର ସାମିଲ ଥିଲେ। ଲାରା ଇନଷ୍ଟାଗ୍ରାମରେ ଇମରାନ୍ ଖାନଙ୍କ ବିଷୟରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, 'ଇମରାନ୍ ଖାନ ଏବଂ ମୁଁ କିଛି ଥର ପଡ଼ିଆରେ ପରସ୍ପରର ସାମ୍ନା କରିଛୁ, କିନ୍ତୁ ମୋର ତାଙ୍କ ପ୍ରତି ସ୍ଥାୟୀ ସମ୍ମାନ ଅଛି।' ସେ ଆହୁରି ଲେଖିଛନ୍ତି, 'ମୋତେ ଏହା ବୁଝିବାକୁ ଅସୁବିଧା ହେଉଛି କି ଯେଉଁ ବ୍ୟକ୍ତି କେବେ ନିଜ ଦେଶ ଲାଗି ଆଶା, ଗର୍ବ ଏବଂ ପ୍ରେରଣାର ଉତ୍ସ ଥିଲେ ଏବଂ ନିଜ ଖେଳ କ୍ୟାରିୟରର ଶିଖରରେ ଥିଲେ । ସେ ଆଜି ଏଭଳି ପରିସ୍ଥିତିରେ କିଭଳି ପହଞ୍ଚିଗଲେ ଯେଉଁଠାରେ ତାଙ୍କର ଦେଖାରଖା ହେଉନାହିଁ ଏବଂ ନା ତାଙ୍କୁ ସେହି ସମ୍ମାନ ଏବଂ ସହାନୁଭୂତି ମିଳୁଛି, ଯାହାର ସେ ହକଦାର ଥିଲେ । ଲାରା ଆହୁରି ସମର୍ଥନ ପ୍ରକାଶ କରି ଲେଖିଛନ୍ତି କି, 'ମୁଁ ମୋର ପୂର୍ବତନ ଅଧିନାୟକଙ୍କ ସହ ମିଶି ଦାବି କରୁଛି ଯେ ତାଙ୍କୁ ଉପଯୁକ୍ତ ଏବଂ ସ୍ୱତନ୍ତ୍ର ଚିକିତ୍ସା ସେବା ମିଳୁ ଏବଂ ପ୍ରତ୍ୟେକ ମଣିଷ ଭଳି ଉପଯୁକ୍ତ ସମ୍ମାନ ଦିଆଯାଉ।' ସେ ଆହୁରି ଲେଖିଛନ୍ତି, 'ଏହା ରାଜନୀତି ନୁହେଁ। ଏହା ଆମ କ୍ରୀଡାର ଜଣେ କିମ୍ବଦନ୍ତୀଙ୍କ ପାଇଁ ଆବଶ୍ୟକ ମାନବିକତା।' ଅଗଷ୍ଟ ୧୮ ତାରିଖରେ, ତିନି ଜଣିଆ ସୁପ୍ରିମକୋର୍ଟ ଖଣ୍ଡପୀଠ ଆଦିୟାଲା ଜେଲ କର୍ତ୍ତୃପକ୍ଷଙ୍କୁ ଇମରାନ ଖାନଙ୍କୁ ଡାକ୍ତରୀ ପରୀକ୍ଷା ଏବଂ ଚିକିତ୍ସା ପାଇଁ ଦୁଇ ଦିନ ମଧ୍ୟରେ ଶିଫା ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନେକ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ସେ ଅଗଷ୍ଟ ୨୦୨୩ରୁ ଜେଲରେ ଅଛନ୍ତି।

ସିଏବି ପକ୍ଷରୁ ମହମ୍ମଦ ଶାମିଙ୍କୁ ମିଳିଲା ବିଶେଷ ସମ୍ମାନ

ନୂଆଦିଲ୍ଲୀ : ମହମ୍ମଦ ଶାମି ରବିବାର ଏକ ବିଶେଷ ମାଇଲଖୁଣ୍ଟ ହାସଲ କରିବେ, ଯେତେବେଳେ ତାଙ୍କ ଦଳ ଦୁଲୀପ ଟ୍ରଫି ୨୦୨୬ର ଫାଇନାଲ ଖେଳିବ। ଏହି ମ୍ୟାଚ୍ ୬ ସେପ୍ଟେମ୍ବରରୁ ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବାକୁ ଅଛି । ଯାହା ଇଷ୍ଟ ଜୋନ୍ ଏବଂ ସାଉଥ ଜୋନ ମଧ୍ୟରେ ହେବ । ଶାମି ଇଷ୍ଟ ଜୋନ୍ ଲାଗି ଖେଳୁଛନ୍ତି । ଯାହାର କମାଣ୍ଡ ଇଶାନ କିଶନଙ୍କ ହାତରେ ଅଛି ଏବଂ ଏହି ଟିମରେ ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଅଛନ୍ତି। ୩୬ବର୍ଷୀୟ ମହମ୍ମଦ ଶାମି ୯୯ ଫାଷ୍ଟ କ୍ଲାସ ମ୍ୟାଚ୍ ଖେଳିଛନ୍ତି । ଦୁଲୀପ ଟ୍ରଫି ୨୦୨୬ର ଫାଇନାଲ୍ ତାଙ୍କର ୧୦୦ତମ ଫାଷ୍ଟ କ୍ଲାସ ମ୍ୟାଚ୍ ହେବ। ଶାମି ସେଣ୍ଟ୍ରାଲ ଜୋନ ବିପକ୍ଷରେ ହୋଇଥିବା ସେମିଫାଇନାଲ ମ୍ୟାଚରେ ମୋଟ ୫ ୱିକେଟ୍ ନେଇ ଇଷ୍ଟ ଜୋନର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ପ୍ରଥମ ଇନିଂସରେ ୨ ଏବଂ ଦ୍ୱିତୀୟରେ ୩ ୱିକେଟ୍ ନେଇଥିଲେ। କ୍ରିକେଟ ଆସୋସିଏସନ୍ ଅଫ୍ ବେଙ୍ଗଲ ଶନିବାର ମହମ୍ମଦ ଶାମିଙ୍କୁ ୧୦୦ନମ୍ବର ଜର୍ସି ଉପହାର ଦେଇଛି । ଏହି କାର୍ଯ୍ୟକ୍ରମରେ ଇଷ୍ଟ ଜୋନ୍ ଅଧିନାୟକ ଇଶାନ୍ କିଶନ୍, ଉପ-ଅଧିନାୟକ ବୈଭବ ସୂର୍ଯ୍ୟବଂଶୀ ଏବଂ ଦଳର ଖେଳାଳିମାନେ ଉପସ୍ଥିତ ଥିଲେ। ଇଷ୍ଟ ଜୋନ୍ ବନାମ ସାଉଥ ଜୋନ୍ ଦୁଲୀପ୍ ଟ୍ରଫି ୨୦୨୬ଫାଇନାଲ୍ ପୂର୍ବରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଇଶାନ୍ କିଶନ୍ ମହମ୍ମଦ ଶାମିଙ୍କ ପ୍ରଶଂସା କରି କହିଥିଲେ ଯେ, ତାଙ୍କର ଅଭିଜ୍ଞତା ଦଳକୁ ସାହାଯ୍ୟ କରୁଛି। ସେ କହିଥିଲେ, 'ସେ ଏହି ଖେଳର ଜଣେ ଭେଟରାନ ' । ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବ ମ୍ୟାଚ୍‌ରେ ସେ ଯେପରି ନିଜ ଓଭର ବୋଲିଂ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ଏବଂ କଠିନ ପରିଶ୍ରମ କରିଥିଲେ ତାହା ତାଙ୍କର ଆତ୍ମବିଶ୍ୱାସକୁ ବୃଦ୍ଧି କରିଥାଏ।

ଦୁଲୀପ ଟ୍ରଫି ଫାଇନାଲ୍ ମ୍ୟାଚ୍ ମାଗଣାରେ ଦେଖିବେ ଦର୍ଶକ

ନୂଆଦିଲ୍ଲୀ : ଆସନ୍ତା ରବିବାର ଠାରୁ ଆରମ୍ଭ ହେବାକୁ ଯାଉଥିବା ଦୁଲୀପ ଟ୍ରଫିର ଫାଇନାଲ ମ୍ୟାଚ ଦେଖିବା ପାଇଁ ଦର୍ଶକଙ୍କୁ ମାଗଣାରେ ସୁଯୋଗ ମିଳିବ । ତାମିଲନାଡୁ କ୍ରିକେଟ୍ ଆସୋସିଏସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ସକାଳ ୯ଟାରୁ ଦର୍ଶକଙ୍କ ପାଇଁ ୪ନଂ ଗେଟ୍ ଖୋଲା ରହିବ । ଷ୍ଟାଡ଼ିୟମ୍‌ରେ ସି, ଡି ଓ ଇ ଷ୍ଟାଣ୍ଡରେ ଦର୍ଶକମାନେ ବସି ମ୍ୟାଚ ଦେଖି ପାରିବେ । ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଫାଇନାଲ୍ ମ୍ୟାଚ ଖେଳାଯିବ । ବହୁ ତାରକା ଖେଳାଳି ଏହି ମ୍ୟାଚରେ ଖେଳିବାକୁ ଯାଉଥିବାରୁ ଦର୍ଶକଙ୍କ ଉତ୍ସାହ ବେଶ୍ ବୃଦ୍ଧି ପାଇଛି । ପୂର୍ବାଞ୍ଚଳ ପକ୍ଷରୁ ଇଶାନ କିଷନ, ବୈଭବ ସୂର୍ଯ୍ୟବଂଶୀ, ମହମ

ମୋ ମାଟି ଭାପୁରରେ 'ଗୁରୁ ସାକ୍ଷାତ ପରମବ୍ରହ୍ମ' କାର୍ଯ୍ୟକ୍ରମ

ଖଣ୍ଡପଡା (ଅମୃତ ମିଡ଼ିଆ) : ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ବନମାଳୀପୁର ସ୍ଥିତ ସୋମନାଥଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଗୁରୁସାକ୍ଷାତ ପରଂମବ୍ରହ୍ମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୫ତାରିଖ ଶନିବାର ଦିନ ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଖଣ୍ଡପଡ଼ାର ବିଧାୟକ ରାଜ୍ୟସଭା ସାଂସଦ ତଥା ଦୈନିକ ସମ୍ବାଦପତ୍ରର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହିତ ସ୍ୱବକ୍ତବ୍ୟ ପ୍ରସଙ୍ଗେ ଶିକ୍ଷକମାନେ ଯୁବ ସମାଜର ଆଦର୍ଶ ଅଟନ୍ତି । ସେମାନଙ୍କୁ ପରଂମବ୍ରହ୍ମ କାର୍ଯ୍ୟକ୍ରମର ସଭାପତି ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ନାଥ ପଟ୍ଟନାୟକଙ୍କର ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତାଭାବେ କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ଼ଃ. ଇତି ସାମନ୍ତ, ଅଧ୍ୟାପିତା ପ୍ରତିଭା ମହାରଥୀ, ବିଶିଷ୍ଟ ସଲ୍ୟ ଚିକିତ୍ସକ ଡ଼ାକ୍ତର ଦାସ ବିରେନ୍ଦ୍ର ମନୋହର, ଶିକ୍ଷାବିତ୍ ପ୍ରଫୁଲ୍ଲ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଡ଼ଃ. ପବିତ୍ର ସୁବୁଦ୍ଧି, ବରିଷ୍ଠ ଜିଲ୍ଲାପରିଷଦ ସଭ୍ୟ ରାମେଶ୍ୱର ଶତପଥି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସ୍ୱବକ୍ତବ୍ୟ ପ୍ରସଙ୍ଗେ ଗୁରୁଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ । ମୋ ମାଟି ଭାପୁରର ଅଧ୍ୟକ୍ଷ ବେଣୁଧର ପ୍ରଧାନ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଂଶୁମାନ୍ ଜେନା ମଂଚ ପରିଚାଳନା କରିଥିଲେ । ଘୋଷକଭାବେ କାର୍ଯ୍ୟକ୍ରମରେ ଅଙ୍କୁର ମହାପାତ୍ର କାର୍ଯ୍ୟ ନିର୍ବାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ, ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟତ୍ରୀମାନେ ଯୋଗଦେଇଥିଲେ । ସେମାନଙ୍କୁ ପ୍ରାରମ୍ଭରେ ଗୁରୁ ପୂଜନ କାର୍ଯ୍ୟକ୍ରମ ମଧ୍ୟରେ ପଦଧୌତ ପୂର୍ବକ ଫୁଲଚନ୍ଦନ, ଉପଢୌକନ ଇତ୍ୟାଦି ଅର୍ପଣ କରାଯାଇ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ହଜାର ହଜାର ଗୁରୁ ଓ ଗୁରୁମାଆଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅତିବ ସୁନ୍ଦର ଓ ହୃଦୟ ସ୍ପର୍ଶି ହୋଇପାରିଥିଲା । ପରେ ପରେ ବାଣୀକଣ୍ଠ ଯୁଦ୍ଧିଷ୍ଠିର ଖୁଂଟିଆ, ପ୍ରାଣକୃଷ୍ଣ ମହାରଣା ଓ ସାଥୀମାନଙ୍କ ଦ୍ୱାରା ଗୁରୁ ପୂଜନ, ଗୁରୁବନ୍ଦନା ସମ୍ପର୍କୀତ ସଂଗୀତ ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ସମାନ ଭାବେ ଅଂଳଚରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ମୁଖ୍ୟ ଅତିଥି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଅସହ୍ୟ ଗୁଳୁଗୁଳି ଓ ପ୍ରତିକୂଳ ପାଗ ସତ୍ତେ ପ୍ରାୟତଃ ବହୁ ଲୋକଙ୍କର ସମାଗମ ହୋଇପାରିଥିବାର ଦେଖା ଯାଇଥିଲା । ଏଠାରେ ସୂଚନା ଥାଉକି ଗୁରୁପୂଜନ ମଧ୍ୟେ ଗୁରୁମାନଙ୍କୁ ଉପଯୁକ୍ତ ସମ୍ମାନ, ସମ୍ବର୍ଦ୍ଧନା ପ୍ରଦାନ କ୍ଷେତ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଗତ ୨ ବର୍ଷ ଧରି ସମଗ୍ର ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ଏକ ଉଦାହରଣ ସୃଷ୍ଟି କରିପାରିଛି । ବହୁ ବଡ଼ ବଡ଼ ନେତା ଗୁରୁ ପୂଜନ, ଗୁରୁବନ୍ଦନା ଓ ଗୁରୁ ସମ୍ବର୍ଦ୍ଧନାକୁ ନେଇ ବିରାଟ ବିରାଟ ଭାଷଣ ମାରୁଥିବା ବେଳେ ମୋ ମାଟି ଭାପୁର ଭଳି ଏକ ସାମାଜିକ ଅନୁଷ୍ଠାନର ଅଧକ୍ଷ ବେଣୁଧର ପ୍ରଧାନ ଏହାକୁ କାର୍ଯ୍ୟରେ ପରିଣତ କରି ଦେଖାଇ ପାରିଛନ୍ତି ଓ ସ୍ଥାନୀୟ ବାହାପିଆ ନେତାଙ୍କର ଆଖି ଖୋଲିବାରେ ସମର୍ଥ ହୋଇପାରିଥିବା ନେଇ ଗୁରୁ ମାନଙ୍କ ମଧ୍ୟରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଥିବା ଲକ୍ଷ୍ୟ କରାଯାଇଛି ।

ସରକାରୀ ନିୟମରେ ପାତରଅନ୍ତର ଅଭିଯୋଗ

ଉଚ୍ଚଅଧିକାରୀଙ୍କ ଛତ୍ରଛାୟାରେ ଗାଦିମାଡି ବସିଛନ୍ତି ୨ ଅଧିକାରୀ !

ନୀଳଗିରି (ଅମୃତ ମିଡିଆ) : ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ ଗାଦିମାଡ଼ି ବସିଥିବା ଅଧିକାରୀ ହୁଅନ୍ତୁ କିମ୍ବା କର୍ମଚାରୀ,ଶାସନର ସ୍ୱଚ୍ଛତା ପାଇଁ ୩ବର୍ଷପରେ ଅନ୍ୟତ୍ର ବଦଳି କରିବାର ସରକାର ନିୟମ କରିଛନ୍ତି । ଏହି ନିୟମକୁ କଡାକଡି କରାନଯିବା ଫଳରେ କିଛି ଅସାଧୁ କର୍ମଚାରୀ ଉଚ୍ଚଅଧିକାରୀ ଏବଂ ରାଜନୈତିକ ପୃଷ୍ଠପୋଷକତାର ଫାଇଦାନେଇ ଗୋଟିଏ ସ୍ଥାନରେ ୫/୭ବର୍ଷ ଧରି ଗାଦିମାଡ଼ି ରହିବାଫଳରେ ସେମାନଙ୍କର ଦୌରାତ୍ମ୍ୟ ବଢିବାସହ ସରକାରୀ କାର୍ଯ୍ୟରେ ବ୍ୟାଘାତ ଘଟୁଥିବାର ଅଭିଯୋଗ ଉଠିଛି । ତେବେ ଏଭଳି ସଙ୍ଗୀନ ଅଭିଯୋଗ ନୀଳଗିରି ବ୍ଲକ୍ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି । କିଛିଦିନ ପୂର୍ବରୁ ୩ବର୍ଷ ପୂରଣକରିଥିବା ଅଧିକାରୀ ମାନଙ୍କୁ ବଦଳି କରାଯାଇଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହୃଷୀକେଶ ଜେନା, ସିପି ତାପସ ରଂଜନ ଭୂୟାଁ ନାମକ ଦୁଇ ଅଧିକାରୀଙ୍କ ସମେତ ଅନ୍ୟକିଛି କାଦପୋତା କର୍ମଚାରୀ ବିଡ଼ିଓଙ୍କୁ ହାତବାରିସି କରି ବ୍ଲକରେ ଆଧିପତ୍ୟ ବିସ୍ତାରକରିବା କରିବାସହିତ ପିସି ନେଶଦେଶ କାରବାରରେ ସାମିଲ ରହିଥିବାର ଅଭିଯୋଗ ଉଠିଛି । ଯାହାଫଳରେ ସଂପୃକ୍ତ କର୍ମଚାରୀଙ୍କ ପାଇଁ ସ୍ଥାନୀୟ ବିଡ଼ିଓ ଜିଲ୍ଲାପାଳ ଏବଂ ରାଜନେତାଙ୍କ ପାଖରେ ଓକିଲାତି କରୁଥିବାରୁ ସେମାନଙ୍କର ବଦଳି ହେଉନଥିବାର ସଙ୍ଗୀନ ଅଭିଯୋଗ ଉଠିଛି । ତେଣୁ ସଂପୃକ୍ତ ବାହୁବଳୀ ଅଧିକାରୀ ଜଣକ ବ୍ଲକର ବିଭିନ୍ନବିଭାଗରେ ଆଧିପତ୍ୟ ବିସ୍ତାର କରିଥିବା ଦେଖିବାକୁ ମିଳିଛି । ବଦଳୀରେ ପ୍ରିୟକ୍ଷପ୍ରୀତି ତୋଷଣ ହୋଇଥିବାର ବହୁ ଅଧିକାରୀ ଅସନ୍ତୋଷ ପ୍ରକାଶ କରି ନାମ ଗୋପନ ରଖି ଗୁରୁତର ଅଭିଯୋଗ ହେଉଛି । ଏହାପଛରେ ରାଜନୈତିକ ହସ୍ତକ୍ଷେପ ରହିଥିବାରୁ ସଂପୃକ୍ତ ଦୁଇ ଗାଦିମଡା ଅଧିକାରୀ ଏବଂ କାଦପୋତା ଅଧିକାରୀ ଜଣକ ବ୍ଲକରେ ବିଛଣା ପକାଇ ବସିଛନ୍ତି,ସତେ ଯେମିତି ଲାଗୁଛି ସରକାରଙ୍କ ନିୟମ ଏମାନଙ୍କ ଅଧୀନରେ କାର୍ଯ୍ୟ କରୁଛି, ନହେଲେ ଏମାନଙ୍କ ପାଇଁ ନିୟମ କୁଆଡେ ଗଲାବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଠି ପ୍ରଶ୍ନ ଉଠେ ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ସଂପୃକ୍ତ ଅଧିକାରୀଙ୍କୁ ଘରୋଇ ବ୍ଲକରେ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି କିପରି ? ଏହା ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ ତ ? ବାଲେଶ୍ୱର ଜିଲ୍ଲାପାଳ ଏହି ଦୁଇ ଅଧିକାରିଙ୍କ ସମେତ ଅନ୍ୟଜଣେ କାଦପୋତା ଅଧିକାରୀଙ୍କ ବଦଳି ଜାଣିପାରିଲେନି କିପରି ? ନୀଳଗିରି ବିଡ଼ିଓ ଏହି ଦୁଇ ଅଧିକାରୀଙ୍କ ସମେତ ଅନ୍ୟଜଣେ ବରିଷ୍ଠ ଅଧିକାରୀଙ୍କୁ ଘଣ୍ଟଘୋଡାଇ ଜିଲ୍ଲାପାଳଙ୍କୁ ଅନ୍ଧାରରେ ରଖିନାହାନ୍ତି ତ ? ତେବେ ଆଇନଅନୁଯାୟୀ ଉପରିସ୍ଥ ଅଧିକାରୀ ମାନଙ୍କୁ କେବେ ବଦଳି କରାଯିବ, ନା ଛତ୍ରଛାୟାରେ ରହି ସବୁ କାନୁନକୁ ଫୁକରି ପୂର୍ବଭଳି ଗାଦିମାଡି ସର୍ବେସର୍ବା ବୋଲାଇବେ ତାହା ଦେଖିବାକୁ ବାକି ରହିଲା । ଏତଭିନ୍ନ ସରକାର ଅଧିକାରୀ ଓ କର୍ମଚାରୀଙ୍କ ରହିବାପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚକରି ବାସଗୃହ ନିର୍ମାଣ କରିଥିବା ବେଳେ କ୍ୱାଟରଗୁଡିକରେ ସରୀସୃପ ଏବଂ ଗଛଲତା ମାଡ଼ିଯାଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ବିଶେଷକରି ବିଡ଼ିଓ କ୍ୱାଟର ଏବଂ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ୱାଟର ଭୂତକୋଠା ପାଲଟି ଗଲାଣି । ଫଳରେ ସାଧାରଣଜନତାଙ୍କ ଅର୍ଥ ପାଣିରେ ପଡିଥିବାର ଗୁଞ୍ଜରଣ ହେଉଥିବା ଶୁଣିବାକୁ ମିଳିଛି ।

ପିଏମ୍‌ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚବିଦ୍ୟାଳୟରେ 'ଗୁରୁ ଦିବସ'

ବେତନଟୀ (ଅମୃତ ମିଡିଆ) : ଶନିବାର ଦିନ ପିଏମ୍‌ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଅଛି ।କାର୍ଯ୍ୟକ୍ରମର ଆରମ୍ଭରେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମହାନ ଶିକ୍ଷାବିତ୍ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ପବିତ୍ର ଦିବସରେ ବିଦ୍ୟାଳୟର ଦୁଇଜଣ ସମ୍ମାନନୀୟ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ମହେଶ୍ୱର ପଣ୍ଡା ଓ ଗଦାଧର ପରିଡ଼ାଙ୍କୁ ସେମାନଙ୍କର ଦୀର୍ଘଦିନର ଶିକ୍ଷା ସେବା, ଛାତ୍ରଛାତ୍ରୀଙ୍କ ପ୍ରତି ନିଷ୍ଠା ଓ ବିଦ୍ୟାଳୟର ବିକାଶ ପାଇଁ ଅବଦାନକୁ ସମ୍ମାନ ଜଣାଇ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିଥି ଶିକ୍ଷକଦ୍ୱୟଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟ ପରିବାର ପକ୍ଷରୁ ସେମାନଙ୍କର ଅତୀତର ନିଷ୍ପାପର ସେବା ଓ ଶିକ୍ଷାଦାନ କ୍ଷେତ୍ରରେ ଅମୂଲ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା । ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଅର୍ଜୁନ ସିଂ ନିଜ ବକ୍ତବ୍ୟରେ ଉଭୟ ଅବସରପ୍ରାପ୍ତ ଶିକ୍ଷକଙ୍କର ଆଦର୍ଶ, କର୍ତ୍ତବ୍ୟନିଷ୍ଠା ଓ ଛାତ୍ରଛାତ୍ରୀଙ୍କ ପ୍ରତି ସ୍ନେହକୁ ଉଚ୍ଚ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ଜଣେ ଶିକ୍ଷକ କେବଳ ଜ୍ଞାନ ପ୍ରଦାନ କରନ୍ତି ନାହିଁ ବରଂ ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ଜଣେ ସତ୍ୟ ପଥପ୍ରଦର୍ଶକ ଓ ମାର୍ଗଦର୍ଶକ ଅଟନ୍ତି ।ଅବସରପ୍ରାପ୍ତ ଶିକ୍ଷକଦ୍ୱୟ ଛାତ୍ରଛାତ୍ରୀଙ୍କୁ ନିଷ୍ଠା, ଶୃଙ୍ଖଳା ଓ ପରିଶ୍ରମର ସହିତ ଶିକ୍ଷା ଗ୍ରହଣ କରି ଜୀବନରେ ସଫଳ ହେବା ପାଇଁ ଆହ୍ୱାନ ଦେଇଥିଲେ । ଛାତ୍ରଛାତ୍ରୀମାନେ ଗୁରୁ ପୂଜନ ସହିତ ଗୁରୁମାନଙ୍କ ପ୍ରତି ନିଜର ଶ୍ରଦ୍ଧା ଓ କୃତଜ୍ଞତା ଜ୍ଞାପନ କରିଥିଲେ । ଶେଷରେ ସମସ୍ତଙ୍କ ସହଯୋଗରେ ଗୁରୁ ଦିବସ ପାଳନ ଓ ଅବସରପ୍ରାପ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମଟି ଅତ୍ୟନ୍ତ ସଫଳ ଓ ସ୍ମରଣୀୟ ହୋଇଥିଲା ।

ପୋଲତଳକୁ ଖସି ବାଇକ୍‌ଆରୋହୀ ମୃତ

ନୀଳଗିରି (ଅମୃତ ମିଡିଆ) : ନୀଳଗିରି ବ୍ଲକ ବରହମପୁର ଥାନା ସେରଗଡ଼ ଝରଣାଘାଟି ୧୯ନୟର ରାଜ୍ୟରାଜପଥ ଗୋହିରା ନିକଟରେ ଥିବା ପୋଲଠାରେ ଘଟିଛି ମର୍ମନ୍ତୁକ ସଡ଼କ ଦୁର୍ଘଟଣା । ମୃତକ ଯୁବକ ଜଣକ ନୀଳଗିରି ଏନଏସି ତାହାଣୀମରା ଗ୍ରାମର ସୁନୀଲ ସିଂ । ସେ ଖନ୍ତାପଡା ଅଞ୍ଚଳରେ ରହୁଥିବା ଜଣାପଡିଛି । ସଂପୃକ୍ତ ଯୁବକଜଣକ ଦୀପକ କୁମାର ପାତ୍ର ନାମକ ଯୁବକଙ୍କ ପଲସର ଗାଡି ମାଗି କୌଣସି କାମରେ ଶନିବାର ବରହମପୁର ଅଞ୍ଚଳକୁ କାମରେ ଯାଇଥିଲା ବେଳେ ପୋଲକୁ ଧକ୍କାଦେବା ଫଳରେ ପୋଲତଳକୁ ଖସି ପଡ଼ିବାରୁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି । ସ୍ଥାନୀୟ ଲୋକେ ତୁରନ୍ତ ବରହମପୁର ପୋଲିସକୁ ଖବର ଦେଇଥିଲେ । ବରହମପୁର ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତକରିବା ସହ ଶବଜବତ କରି ପୋଷ୍ଟମୋଟମ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ବରହମପୁର ଥାନାକୁ ନେଇଥିଲେ ।

ଗୁରୁ ଗୌରବ ସମାରୋହ-୨୦୨୬

ଗୁରୁଜୀ ଗୁରୁମା ଚାହିଁଲେ ଛାତ୍ରଛାତ୍ରୀ ସୁନାମ ଆଣିପାରିବେ : ବିଧାୟକ

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମହାନ୍ ଶିକ୍ଷାବିତ୍ ଡ଼ଃ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପବିତ୍ର ଜନ୍ମଦିନ ତଥା ସେପ୍ଟେମ୍ବର ୫ ପବିତ୍ର ଗୁରୁଦିବସ ଅବସରରେ ଗୁରୁପୂଜନ ସମିତି ମାହାଙ୍ଗା-ନିଶ୍ଚିନ୍ତକୋଇଲି ଆନୁକୂଲ୍ୟରେ ମହାସମାରୋହରେ ଗୁରୁ ଗୌରବ ସମାରୋହ-୨୦୨୬ କେନ୍ଦୁପାଟଣା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗାଧାନ କରି ସମଗ୍ର ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକ ଅଞ୍ଚଳର ୯୨ଜଣ ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ପ୍ରଦାନ ପୂର୍ବକ ଗୁରୁ ଗୌରବ ସମାରୋହ-୨୦୨୬ରେ ସମ୍ବର୍ଦ୍ଧିତ କରିବା ସହିତ ଆଜିର ଏହି ଗୁରୁଦିବସ ଅବସରରେ ସମସ୍ତ ଗୁରୁଜୀ ଗୁରୁମା ମାନେ ଆଗାମୀ ଭବିଷ୍ୟତ ପିଢୀଙ୍କ ପାଇଁ ଈଶ୍ୱର ତୁଲ୍ୟ, ସମସ୍ତ ଗୁରୁଜୀ ଗୁରୁମା ମାନଙ୍କର ମୁଖ୍ୟ କର୍ତ୍ତବ୍ୟ ଏବଂ ମୁଖ୍ୟ ଦାୟିତ୍ୱ ହେଉଛି ନିସ୍ୱାର୍ଥପର ଭାବେ ଶିକ୍ଷାଦାନ କରିବା ଯାହାଦ୍ୱାରା ଆମ ପିଲାମାନେ ସମଗ୍ର ଦେଶ ତଥା ରାଜ୍ୟରେ ସୁନାମ ଆଣି ଆମ ଏ ମାହାଙ୍ଗା ଅଞ୍ଚଳକୁ ଗୌରବାନ୍ୱିତ କରିପାରିବେ ଏହାହିଁ ଜଣେ ଉ□ମ ଗୁରୁଜୀ ଗୁରୁମାଙ୍କ ବ୍ରତ ହେବା ଆବଶ୍ୟକ ବୋଲି ବିଧାୟକ ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ବାରିକ ଯୋଗଦାନ କରି ବିଧାୟକ ଶ୍ରୀଯୁକ୍ତ ପ୍ରଧାନଙ୍କ ଏ ଯେଉଁ ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଏବଂ ଏହା ହେଉଛି ଏକ ସତ୍ୟ ସନାତନ ଯୁଗର ପରମ୍ପରା ଯେଉଁ ଯୁଗରୁ ଗୁରୁମାନଙ୍କୁ ପୂଜା କରାଯାଇଆସୁଅଛି ବୋଲି ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ କଟକ ଜିଲ୍ଲା ଶିକ୍ଷାଧିକାରୀ ମନୋରଂଜନ ବାରିକ, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ମାହାଙ୍ଗା ମଣ୍ଡଳ ଶିକ୍ଷାଧିକାରିଣୀ ମୋନାଲିସା ସରକାର ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ଶେଷରେ କେନ୍ଦୁପାଟଣା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ରଂଜନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୀପକ କୁମାର ବେହେରାଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ର ଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଯଜ୍ଞିନାଥ ଜେନା, ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା, ସୋମନାଥ ବେହେରା, ସନ୍ତୋଷ କୁମାର ମହାନ୍ତି, ଅଶୋକ କୁମାର ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧୀଜୀବୀ ଉପସ୍ଥିତ ଥିଲେ ।

କଳକଳା ସରକାରୀ ଉଚ୍ଚବିଦ୍ୟାଳୟରେ ଗୁରୁଦିବସ

ବଡ଼ଚଣା (ଅମୃତ ମିଡ଼ିଆ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ କଳକଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ପାଳନ ଅବସରରେ ଗୁରୁ ଦିବସ ପାଳନ ଓ ସମ୍ବର୍ଦ୍ଧନା ସମାରୋହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କାମିନୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ବେହେରା ପ୍ରଥମେ ରାଧାକ୍ରିଷ୍ଣନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଧୂପ ଦୀପ ପ୍ରଜ୍ୱଳନ କରି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗୁରୁ ବନ୍ଦନା ଗାନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଗୋକୁଳାନନ୍ଦ ଶତପଥୀଙ୍କୁ ଧୂପ ଦୀପ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ଶିକ୍ଷକ ଶ୍ରୀ ଶତପଥୀ ଗୁରୁ ଦିବସର ତାତ୍ପର୍ଯ୍ୟ ଓ ଡଃ ରାଧା କ୍ରିଷ୍ଣନ ଙ୍କ ଜିବନାଦର୍ଶ ଉପରେ ଆଲୋକ ପାତ କରିଥିଲେ । ଶିକ୍ଷକ ରବିନ୍ ଜେନା ମଞ୍ଚ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟତ୍ରୀ ରୀନାରାଣୀ ସ୍ୱାଇଁ, ଶିକ୍ଷକ ଶ୍ୟାମ ସୁନ୍ଦର ଭୋଇ, ଜୟ ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, ଚନ୍ଦ୍ର କାନ୍ତ ମଲ୍ଲିକ, ଅସିତ୍ ରାଉତ, ରଞ୍ଜନ ନାଥ, ନରେଶ କୁମାର ସାହୁ, ମାନସ ରଞ୍ଜନ ସାହୁ, ବିରଞ୍ଚି ନାରାୟଣ ବ୍ରହ୍ମ, ପ୍ରକାଶ କୁମାର ଖୁଣ୍ଟିଆ, ଶିକ୍ଷୟତ୍ରୀ ନିବେଦିତା ସେଠୀ, କଳ୍ପନା ଦଳାଇ, ସସ୍ମିତା ସାହୁ, ପ୍ରତିଭାମୟୀ ପରିଡା, ସ୍ମୃତି ଶର୍ମିଷ୍ଠା ସାହୁ, ସଂଘମିତ୍ରା ପଣ୍ଡା ପ୍ରମୁଖ

କୋରାପୁଟରେ ୧୨ ହଜାର ଗଞ୍ଜେଇଗଛ ନଷ୍ଟ, ୩ ଅଭିଯୁକ୍ତ ଗିରଫ

ଜୟପୁର (ଅମୃତ ମିଡିଆ) : କୋରାପୁଟ ଜିଲ୍ଲା ପାଡୁଆ ଥାନା ଅନ୍ତର୍ଗତ ଦିଶାରିଗୁଡ଼ା ଓ ଲେଙ୍ଗିଗୁଡ଼ା ଜଙ୍ଗଲରେ ପୁଲିସ ଚଢ଼ାଉ କରି ୧୦ ଏକର ଜମିରେ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିବା ସହ ଘଟଣାରେ ତିନିଜଣଙ୍କୁ ଗିରଫ କରିଛି। ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି ।ଉପରୋକ୍ତ ସ୍ଥାନରେ ବେଆଇନ ଗଞ୍ଜେଇ ଚାଷ କରା ଯାଇଥିବା ବିଶ୍ୱସ୍ତ ସୂଚନା ମିଳିବା ପରେ ପାଡୁଆ ଥାନା ସବ ଇନ୍ସପେକ୍ଟର ଉମେଶ ଧାରୁଆଙ୍କ ନେତୃତ୍ୱରେ ପୁଲିସ ଚଢ଼ାଉ କରିଥିଲା। ଚଢଉରେ ୧୦ ଏକର ଜମିରେ ଚାଷ କରା ଯାଇଥିବା ୧୨୦୦୦ ଗଞ୍ଜେଇ ଗଛ ନଷ୍ଟ କରିବା ସହ ଦିଶାରିଗୁଦା ଗ୍ରାମର ଜୟରାମ ଗେମେଲ, ଲେଙ୍ଗିଗୁଦା ଗ୍ରାମର ହାସ୍ୟ ଖରା ଓ ଘାସି ଗେମେଲ୍ କୁ ଗିରଫ କରିଥିବା ଏସପି ସୂଚନା ଦେଇଛନ୍ତି। ବେଆଇନ ଗଞ୍ଜେଇ ଚାଷ ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କୋରାପୁଟ ପୋଲିସ ଗୁରୁବାର ଦିନ ଜିଲ୍ଲାର ପଡୁଆ ପୋଲିସ ସୀମା ଅନ୍ତର୍ଗତ ଦିସାରିଗୁଡ଼ା ଏବଂ ଲେଙ୍ଗିଗୁଡ଼ା ଗ୍ରାମ ନିକଟସ୍ଥ ପାହାଡିଆ ଏବଂ ଜଙ୍ଗଲିଆ ଅଞ୍ଚଳରେ ପ୍ରାୟ ୧୦ ଏକର ଜମିରେ ବିସ୍ତାରିତ ପ୍ରାୟ ୧୨ ହଜାର ଗଞ୍ଜେଇ ଗଛ ନଷ୍ଟ କରିଛି। ଏନେଇ ଆଜି କୋରାପୁଟ ଏସପି ରୋହିତ ବର୍ମା ଏକ ସାମ୍ବାଦିକ ସମ୍ମିଳନୀ ରେ ଉପସ୍ଥିତ ରହି ସୂଚନା ଦେଇଛନ୍ତି । ସେପଟ୍ଟେମ୍ବର ୩ ତାରିଖରେ ପାଡୁଆ ପୋଲିସ ଷ୍ଟେସନର ଏକ ଦଳ ଦ୍ୱାରା କରାଯାଇଥିବା ଚଢାଉ ସମୟରେ ବେଆଇନ ଗଞ୍ଜେଇ ଫସଲ ଲଗାଇବା ଏବଂ ରକ୍ଷଣାବେକ୍ଷଣ କରିବାରେ ନିୟୋଜିତ ଥିବା ଅଭିଯୋଗରେ ତିନି ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ଦିସାରିଗୁଡ଼ାର ଜୟରାମ ଗେମେଲ (୩୦) ଏବଂ ଲେଙ୍ଗିଗୁଡ଼ାର ହାସ୍ୟା ଖରା (୪୫) ଏବଂ ଘାସି ଗେମେଲ (୪୨)। ସମସ୍ତେ କୋରାପୁଟ ଜିଲ୍ଲାର ପାଡୁଆ ପୋଲିସ ସୀମା ଅନ୍ତର୍ଗତ। ପୋଲିସ ସୂଚନା ଅନୁସାରେ, ବିଶ୍ୱସ୍ତ ସୂଚନା ଆଧାରରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସବ-ଇନ୍ସପେକ୍ଟର ଉମେଶ ଧାରୁଆଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ପୋଲିସ ଟିମ ପ୍ରାୟ ୧୦ ଏକର ଜମିରେ ବ୍ୟାପକ ଅବୈଧ ଗଞ୍ଜେଇ ଚାଷ ଚିହ୍ନଟ କରିଥିଲେ। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଏବଂ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ଘଟଣାସ୍ଥଳରୁ ଗଛଗୁଡ଼ିକୁ ଉପାଡ଼ି ନଷ୍ଟ କରାଯାଇଥିଲା। ପୋଲିସ ଚାଷ ସ୍ଥାନରୁ ଦୁଇଟି ପ୍ଲାଷ୍ଟିକ୍ ବାଲଟି, ଦୁଇଟି କୋଦାଳ ଏବଂ ୟୁରିଆ ସାର ଥିବା ଏକ ଅଧା ବ୍ୟବହୃତ ଜରି ବସ୍ତା ମଧ୍ୟ ଜବତ କରିଥିଲା। ଏନଡିପିଏସ ଆଇନର ଧାରା ୧୯(ବ)(ସ) ଅନୁଯାୟୀ ୩ ସେପ୍ଟେମ୍ବର, ୨୦୨୬ ତାରିଖର କେସ୍ ନମ୍ବର ୮୮ ଅନୁଯାୟୀ ପଡୁଆ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଜିଲ୍ଲାରେ ବେଆଇନ ଗଂଜେଇ ଚାଷ ଏବଂ ଚାଲାଣ ବିରୋଧରେ ଅଭିଯାନ ଜୋରଦାର କରାଯାଇଛି। ପୋଲିସ ଗ୍ରାମ ସମ୍ପ୍ରଦାୟ, ଯୁବପିଢ଼ି, ଶିକ୍ଷାନୁଷ୍ଠାନ, ଅଭିଭାବକ ଏବଂ ଜନପ୍ରତିନିଧିମାନଙ୍କୁ ବେଆଇନ ନିଶା ଦ୍ରବ୍ୟ ଚାଷ, ପରିବହନ, ସଂରକ୍ଷଣ ଏବଂ ବିକ୍ରୟ ଚିହ୍ନଟ ଏବଂ ରିପୋର୍ଟ କରିବାରେ ସହଯୋଗ କରିବାକୁ ନିବେଦନ କରିଛି। ପୋଲିସ ନାଗରିକମାନଙ୍କୁ ଏପରି କାର୍ଯ୍ୟକଳାପ ବିଷୟରେ ସୂଚନା ନିକଟସ୍ଥ ପୋଲିସ ଷ୍ଟେସନରେ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ଏବଂ ନିଶ୍ଚିତ କରିଛି ଯେ ପ୍ରକୃତ ସୂଚନାଦାତାଙ୍କ ପରିଚୟ ଆଇନ ଏବଂ ପ୍ରକ୍ରିୟା ଅନୁଯାୟୀ ଗୋପନୀୟ ରଖାଯିବ। ପୋଲିସ କୋରାପୁଟକୁ ବେଆଇନ ନିଶା କାର୍ଯ୍ୟକଳାପରୁ ମୁକ୍ତ କରିବା ପାଇଁ ତାର ପ୍ରତିବଦ୍ଧତାକୁ ଦୋହରାଇଛି ଏବଂ କହିଛି ଯେ ନିଶା ସମ୍ବନ୍ଧୀୟ ଅପରାଧରେ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ।

ବନ୍ୟାରେ ଫାଟିଗଲା କୁଳେଇପଦା-ପାରଡିଆ ରାସ୍ତା

ଦେଢ଼କିମି ରାସ୍ତାରେ ବଡ଼ ବଡ଼ ଫାଟ; ଅସ୍ଥାୟୀ ମରାମତିକୁ ଗୁରୁତ୍ୱ ଦାବି

ଧୂଷୁରୀ (ଅମୃତ ମିଡିଆ) : ବୈତରଣୀ ଓ ସାଳନ୍ଦୀ ନଦୀରେ ଚଳିତବର୍ଷ ବାରମ୍ବାର ବନ୍ୟା ଆସିବାରୁ ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଞ୍ଚାୟତ ଅଞ୍ଚଳର କୁଳେଇପଦା-ପାରଡିଆ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବନ୍ୟାଜଳର ପ୍ରଭାବରେ ପ୍ରାୟ ଦେଢ଼ କିମି ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାବେଳେ କେତେକ ସ୍ଥାନରେ ରାସ୍ତା ଦବିଯାଇଛି। ଏହା ଫଳରେ ରାସ୍ତାରେ ଯାତାୟାତ କରିବା ଲୋକଙ୍କ ପାଇଁ ବିପଦସଙ୍କୁଳ ହୋଇପଡ଼ିଛି। ବନ୍ୟା ସମୟରେ ଦୀର୍ଘଦିନ ଧରି ରାସ୍ତା ଉପରେ ପାଣି ଚାଲିବା ଯୋଗୁଁ ରାସ୍ତାର ମାଟି ଧୋଇଯିବା ସହ ବିଭିନ୍ନ ସ୍ଥାନରେ ରାସ୍ତାର ମୂଳ ଗଠନ ଦୁର୍ବଳ ହୋଇଛି। ଏବେ ରାସ୍ତାରେ ଥିବା ଫାଟଗୁଡ଼ିକ ଦିନକୁ ଦିନ ବଢୁଥିବାରୁ ଯାନବାହନ ଚଳାଚଳରେ ସମସ୍ୟା ଉପୁଜିଛି। ଅନେକ ସ୍ଥାନରେ ଫାଟ ଓ ଦବିଯାଇଥିବା ଅଂଶ ସ୍ପଷ୍ଟ ଦେଖାଯାଉଥିବାରୁ ରାତିରେ ଯାତାୟାତ ଅଧିକ ବିପଜ୍ଜନକ ହୋଇପଡ଼ିଛି। ନିକଟରେ ବନ୍ୟା ପରିସ୍ଥିତି ପରଖିବାକୁ ଅଞ୍ଚଳ ଗସ୍ତ କରିଥିବା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ନଜର ମଧ୍ୟ ଏହି ରାସ୍ତାର ଦୁରବସ୍ଥା ଉପରେ ପଡ଼ିଥିଲା। ରାସ୍ତାର ଶୀଘ୍ର ମରାମତି ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ସ୍ଥାନୀୟ ଲୋକଙ୍କୁ ଆଶ୍ୱାସନ ଦେଇଥିଲେ। ତେବେ ରାସ୍ତାର ସ୍ଥାୟୀ ମରାମତି ପାଇଁ ବନ୍ୟାଜଳ ସମ୍ପୂର୍ଣ୍ଣ ହଟିବାକୁ ଅପେକ୍ଷା କରିବାକୁ ପଡ଼ିପାରେ। ଏହି ସମୟ ମଧ୍ୟରେ ରାସ୍ତାର ଅବସ୍ଥା ଆହୁରି ଖରାପ ହେବା ଆଶଙ୍କା ରହିଥିବାରୁ ତୁରନ୍ତ ଅସ୍ଥାୟୀ ଭାବେ ରାସ୍ତାକୁ ଚଳନକ୍ଷମ କରିବାକୁ କୁଳେଇପଦା, ପାରଡିଆ ଓ ଚମ୍ପାସାହି ଅଞ୍ଚଳର ଲୋକେ ଦାବି କରିଛନ୍ତି। ଏହି ରାସ୍ତା କେବଳ ସ୍ଥାନୀୟ ଗମନାଗମନ ପାଇଁ ନୁହେଁ, ଆଖପାଖ ଅଞ୍ଚଳର ଲୋକଙ୍କ ଦୈନନ୍ଦିନ ଯାତାୟାତର ଏକ ପ୍ରମୁଖ ମାଧ୍ୟମ। ଏହା ଦେଇ ଲୋକେ ତିହିଡ଼ି ପର୍ଯ୍ୟନ୍ତ ବିଭିନ୍ନ ଯାନରେ ଯାତାୟାତ କରୁଛନ୍ତି। ରାସ୍ତାର ସ୍ଥାୟୀ ମରାମତି ହେଲେ ଚାନ୍ଦବାଲି ବ୍ଲକର ନାନ୍ଦପୁର ଓ ଆରଡ଼ି ଅଞ୍ଚଳ ସମେତ ତିହିଡ଼ି ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତବାସୀ ଉପକୃତ ହେବେ। ତେଣୁ ଲୋକଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ତୁରନ୍ତ ଅସ୍ଥାୟୀ ଓ ପରେ ସ୍ଥାୟୀ ମରାମତି କରିବାକୁ ଦାବି ଜୋର ଧରିଛି।

ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ

ରାଇଘର (ଅମୃତ ମିଡିଆ) : ନବରଂଗପୁର ଜିଲ୍ଲା ରାଇଘର ସଦମହକୁମା ସ୍ଥିତ ବିଜୁ ଯିପଙ୍ଗନାୟକ ମର୍ଡେନ୍ ସ୍କୁଲ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତୀୟ ସଂସ୍କୃତି ଆଧାରରେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଜନ୍ମାଷ୍ଟମୀ ଉତ୍ସବ ବହୁ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସଂଶୃତିକ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଥିଲା। ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠାନରର ଗୁରୁଜୀ ଗୁରୁମା ପରିଚାଳନା କରିଥିବା ସହିତ ପ୍ରଧାନ ଆଚାର୍ଯ୍ୟ ମାନସିଂ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ ଛାତ୍ରଛାତ୍ରୀ, ଶିଶୁ ବିଦ୍ୟାମନ୍ଦିରର ସଭାପତି କୈଳାଶ ଚନ୍ଦ୍ର ମହାରଣା, ସମ୍ପାଦକ ଜ୍ୟୋତି ରଞ୍ଜନ ମହାନ୍ତି ଙ୍କ ସମେତ ବିଦ୍ୟାଳୟର କମିଟିର ସମସ୍ତ ସଦସ୍ୟ ତଥା ବିଦ୍ୟାଳୟର ଗୁରୁଜୀ, ଗୁରୁମା ଓ ଅଭିଭାବକମାନେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସେହିଭଳି ବିଜୁ ପଟ୍ଟନାୟକ ମଡେନ୍ ସ୍କୁଲ ମଧ୍ୟ ଜନ୍ମାଷ୍ଟମୀ ଉତ୍ସବ ପାଳନ ହୋଇଯାଇଛି । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ବିଭିନ୍ନ ପ୍ରକାର ସଂଶୃତିକ କାର୍ଯ୍ୟକର୍ମ ସହ ଦହି ହାଣ୍ଡି ଭାଙ୍ଗି କାର୍ଯ୍ୟକର୍ମକୁ ସମାପ୍ତ କରିଥିଲେ।

ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଜଗତସିଂହପୁର (ଅମୃତ ମିଡ଼ିଆ) : ପ୍ରଜ୍ଞାନ ମିଶନ ପକ୍ଷରୁ ଅଷ୍ଟମ ଓଡ଼ିଶା ରାଜ୍ୟ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ବର୍ଷ ଗୀତାର 'ଷଷ୍ଠ ଅଧ୍ୟାୟ, ଆତ୍ମ ଶୟମଯୋଗ'' ରଖାଯାଇଛି। ଜଗତସିଂହପୁର ଜିଲ୍ଲାରେ ବ୍ଲକ ସ୍ତରୀୟ ପ୍ରତିଯୋଗିତା ୮ଟି ବ୍ଲକ୍ ଓ ୨ଟି ପୌରାଞ୍ଚଳରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ତୃତୀୟରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ୪ଟି ବିଭାଗରେ ପ୍ରତିଯୋଗିତା କରାଯିବ। ଅଗଷ୍ଟ ୩୦ ତାରିଖ ଦିନ ପାରାଦୀପ ପୌରପାଳିକା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରତିଯୋଗିତା ସମାପନ ହୋଇଯାଇଛି ଷ ସେହିପରି ସେପଟ୍ଟେମ୍ବର ୬ ତାରିଖରେ ଜଗତସିଂହପୁର ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କୋଟ ଛକ, ଅକ୍ଟୋବର ୪ ତାରିଖ ଦିନ ଏରସମା ବ୍ଲକ୍ ଚମ୍ପେଶ୍ୱର୍ ରାମକୃଷ୍ଣ ବିଦ୍ୟାଳୟ, ସେପଟ୍ଟେମ୍ବର ୨୭ ତାରିଖରେ ତିର୍ତ୍ତୋଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରାହାମା, ଜଗତସିଂହପୁର ବ୍ଲକ କନ୍ତାର ଅନନ୍ତ ସଂସ୍କୃତ ମହାବିଦ୍ୟାଳୟ, ନାଉଗାଁ ବ୍ଲକ୍ରେ ହରିହରାନନ୍ଦ ମାତୃ ଆଶ୍ରମ ଅବଦଲପୁର ଠାରେ ପ୍ରତିଯୋଗିତା କରାଯିବ। ସେହିପରି ଅକ୍ଟୋବର ୧୧ରେ କୁଜଙ୍ଗ ବ୍ଲକ୍ ସେଣ୍ଟ ଜାଭିୟର ସ୍କୁଲ କୁଜଙ୍ଗ, ୨୦ ସେପ୍ଟେମ୍ବରରେ ରଘୁନାଥପୁର ଜଗନ୍ନାଥପୁର ଶିଶୁ ବିଦ୍ୟା ମନ୍ଦିର, ବାଲିକୁଦାର ଦୁଇଟି ସ୍ଥାନ ଓଷକଣା ଉଚ୍ଚବିଦ୍ୟାଳୟ ଓ କଣିଆ ଉଚ୍ଚ ପ୍ରଥମିକ ବିଦ୍ୟାଳୟ ଏବଂ ଅକ୍ଟୋବର ୧୮ ତାରିଖ ଦିନ ବିରିଡ଼ି ଜେଏନ୍ସି ଆଇଟିଆଇ ହାଇପୁରଠାରେ ପ୍ରତିଯୋଗିତା କରାଯିବ। ପ୍ରତିଯୋଗୀମାନେ ଉକ୍ତ କେନ୍ଦ୍ରମାନଙ୍କରେ ସକାଳ ୮.୩୦ ମିନିଟ୍ରେ ପହଞ୍ଚିବେ। କୃତୀ ପ୍ରତିଯୋଗୀମାନେ ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭାଗନେଇପାରିବେ। ରାଜ୍ୟସ୍ତରୀୟ ବିଜେତା ମାନେ ଏକ ବର୍ଷ ପାଇଁ ବୃତ୍ତି ପାଇବାର ବ୍ୟବସ୍ଥା ରହିଛି ବୋଲି ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ, ପଣ୍ଡିତ ବାସବ ନନ୍ଦ ଓ ଚୈତନ୍ୟ ଚରଣ ରାଉତ ସୂଚନା ଦେଇଛନ୍ତି।

ଏଟିଏମ୍ ଲୁଟ୍ ଉଦ୍ୟମ ମାମଲାରେ ଅଭିଯୁକ୍ତ ଗିରଫ

ଜୟପୁର (ଅମୃତ ମିଡିଆ) : ଲୁଟ ଉଦ୍ୟମ ମାମଲାର ପ୍ରଦାଫାସ କରିଛି ଜୟପୁର ସଦର ପୋଲିସ। ଏହି ମାମଲାରରେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ବୋରିଗୁମ୍ମା ଥାନା ଡାଙ୍ଗରା ଗ୍ରାମର ମନୋଜ ଦିସାରି (୨୦)। ପୋଲିସ ସୂଚନା ଅନୁଯାଇ ଆୟାଗୁଡୁ ଫାଣ୍ଡିର ଏଏସଆଇ ସୁଶାନ୍ତ କୁମାର ଜେନା ଗତ ୨ ତାରିଖ ରାତ୍ର ରେ ପେଟ୍ରୋଲିଂ କରୁଥିବା ବେଳେ ଡିସିସି କୋରାପୁଟର ଫୋନ କଲ ଆସିଥିଲା। ଆୟାଗୁଡା ଏସବିଆଇ ଏଟିଏମ ଲୁଟ ଉଦ୍ୟମ ହେଉଥିବା ସୂଚନା ପହଞ୍ଚି ଥିଲା। ଏହା ଚୋରି ଉଦ୍ୟମର

ଫୁଟେଜ ମଧ ଆସିଥିଲା । ସୂଚନା ଆଧାରରେ ପୋଲିସ ଏଟଏମ ପାଖରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସେଠାରୁ ଦୁବଉଉ ଚମ୍ପଟ ମାରିଥିଲା। ମୁହଁରେ କଳା କାନା ବାନ୍ଧି ଲୁଟ ଉଦ୍ୟମ କରୁଥିବା ଭିଡିଓରେ ଫୁଟେଜ ଥିଲା। ଭିଡିଓ ଆଧାରରେ ପୋଲିସ ମମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଠାରୁ ଗୋଟିଏ ଲୁହାରଡ, ସ୍କୁ ଡ୍ରାଇଭରକୁ ଜବତ କରିଛି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

ନୂତନ ପିସିସି କମିଟି ତାଲିକାରେ ଜିଲ୍ଲାର ୫ଜଣ

ରାଇଘର (ଅମୃତ ମିଡିଆ) : ନୂତନ କମିଟି ତାଲିକାରେ ନବରଙ୍ଗପୁର ଜିଲ୍ଲାର ପୂର୍ବତନ ମଂତ୍ରୀ ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀମତୀ ପରମା ପୂଜାରୀ ବର୍ତ୍ତମାନ ଉପଦେଷ୍ଟା କମିଟି ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ପୂର୍ବତନ ବିଧାୟକ, ତଥା ପୂର୍ବତନ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଓ ପ୍ରଦେଶ ଆଦିବାସୀ କଂଗ୍ରେସ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ। ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ ସଭାପତି, ପୂର୍ବତନ ପିସିସି ସଭ୍ୟା ଶ୍ରୀମତୀ ପି ନାଗରତନାମା ବର୍ତ୍ତମାନ ପିସିସି ସଂପାଦକ ଭାବେ ମନୋନୀତ ହୋଇଛନ୍ତି। ସେହି ପରି ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି, ପୂର୍ବତନ ପିସିସି ସଭ୍ୟ ଅଞ୍ଚଳ ଭତରା ବର୍ତ୍ତମାନ ପିସିସି ସଂପାଦକ ଭୁଜବଳ ମାଝୀ ବର୍ତ୍ତମାନ ପିସିସି ସାଧାରଣ ସମ୍ପାଦକ, ଭାବେ ମନୋନୀତ। ନବରଙ୍ଗପୁର ଜିଲ୍ଲାର ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି, ପୂର୍ବତନ ଜିଲ୍ଲା କଂଗ୍ରେସ ସଂପାଦକ ମୁନା ତ୍ରିପାଠୀ ବର୍ତ୍ତମାନ ପିସିସି ମନୋନୀତ ହୋଇଥିବା ଜଣାଯାଇଛି। ମୋନୋନିତ ହେବା ପରେ ପୁଣି। କଂଗ୍ରେସ ସଂଗଠନକୁ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ଓ କଂଗ୍ରେସକୁ ଆଗକୁ ନେବା ଆମର ଲକ୍ଷ୍ୟ ବୋଲି ନୂତନ ଭାବେ ମୋନୋନୀତ ହୋଇଥିବା ସଦସ୍ୟ ପ୍ରକାଶ କରିଛନ୍ତି

ପଞ୍ଚନ କଲ୍ୟାଣଙ୍କ ଜନ୍ମଦିନରେ 'ଚିରୁ ବୀମା' ବଣ୍ଟନ

ଜୟପୁର (ଅମୃତ ମିଡିଆ) : ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ତଥା ଚଳଚ୍ଚିତ୍ର ଅଭିନେତା ପଞ୍ଚନ କଲ୍ୟାଣଙ୍କ ଜନ୍ମଦିନ ଅବସରରେ ଅଖିଳ ଭାରତ ଚିରଞ୍ଜୀବୀ ଯୁବତା ଓଡ଼ିଶା ଶାଖା ପକ୍ଷରୁ ଜୟପୁର ଏମ୍ଜି ରୋଡ୍ସ୍ଥିତ ସିସିଏ ଭବନ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜନ୍ମଦିନ ପାଳନ ସହ ସମାଜସେବା ଓ ପ୍ରଶଂସକଙ୍କ କଲ୍ୟାଣକୁ ଗୁରୁତ୍ୱ ଦେଇ ବରିଷ୍ଠ ପ୍ରଶଂସକଙ୍କୁ ଚିରୁ ବୀମା ଯୋଜନାରେ ୫ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା କାର୍ଡ ପ୍ରଦାନ କରାଯାଇଥିଲା। ଏବିସିଖ୍ୱାଇ ଓଡ଼ିଶା ଶାଖା ସଭାପତି ଖ୍ୱାଇ.ଏସ୍. ଖାନ୍ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ପୌରପାଳିକା ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷା ବି. ସୁନୀତା ଓ ନିର୍ବାହୀ ଅଧିକାରୀ ପୂଜା ରାଉତ ଯୋଗ ଦେଇଥିଲେ। ସିସିଏ କାର୍ଯ୍ୟକାରୀ ସଭାପତି ଏମ୍.ଏମ୍. ନାଗେଶ, ସମ୍ପାଦକ ଗୋବିନ୍ଦ ନାୟକଙ୍କ ସମେତ ବହୁ ପ୍ରଶଂସକ ଉପସ୍ଥିତ ଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ମେଗାଷ୍ଟାର ଚିରଞ୍ଜୀବୀ ଓ ପଞ୍ଚନ କଲ୍ୟାଣଙ୍କ ଜନହିତକର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ରକ୍ତଦାନ ଶିବିର, ଚକ୍ଷୁ ଚିକିତ୍ସା ଶିବିର ଓ ବିଭିନ୍ନ ସାମାଜିକ ବିପର୍ଯ୍ୟୟ ସମୟରେ ସେମାନଙ୍କ ପକ୍ଷରୁ ଜନସେବାମୂଳକ କାର୍ଯ୍ୟ କରାଯାଉଥିବା ନେଇ ଅତିଥିମାନେ ମତ ରଖିଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ, ୧୯୮୩ ମସିହାରୁ ଏହି ପ୍ରଶଂସକ ସଂଗଠନ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିୟୋଜିତ ରହିଥିବା ବେଳେ ମେଗାଷ୍ଟାର ଚିରଞ୍ଜୀବୀଙ୍କ ପକ୍ଷରୁ ବରିଷ୍ଠ ପ୍ରଶଂସକଙ୍କ ସୁରକ୍ଷା ପାଇଁ ଚିରୁ ବୀମା ଯୋଜନାରେ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା କାର୍ଡ ପ୍ରଦାନ କରାଯାଉଛି। ଜୟପୁରର ପ୍ରାୟ ୫୦ଜଣ ବରିଷ୍ଠ ପ୍ରଶଂସକଙ୍କୁ ବୀମା ପତ୍ରିକା ପ୍ରଦାନ କରାଯାଇଥିବା ବେଳେ ବ୍ରହ୍ମପୁର, ପାରଳାଖେମୁଣ୍ଡି, ସୁନାବେଡ଼ା, ଦାମନଯୋଡ଼ି, କୋରାପୁଟ ଓ ରାୟଗଡ଼ାର ଶତାଧିକ ପ୍ରଶଂସକ ଏହି ଯୋଜନାରେ ଉପକୃତ ହୋଇଛନ୍ତି। ଶେଷରେ ସିସିଏ ଆବାହକ ତୁଳସୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ବୀରେନ୍ ରାଜ୍ୟ କଂଗ୍ରେସ ସମ୍ପାଦକ

କୁଜଙ୍ଗ (ଅମୃତ ମିଡିଆ) : ପାରାଦ୍ୱୀପ ନିର୍ବାଚନମଣ୍ଡଳୀ ତଥା କୁଜଙ୍ଗ ଅଞ୍ଚଳର ଯୁବ ନେତା ବିରେନ ଦଳାଇ ଛାତ୍ର ରାଜନୀତିରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ.. ରାଜ୍ୟ ଯୁବ କଂଗ୍ରେସର ସାଧାର

ବୁଲା ଗାଈଗୋରୁ ଓ କୁକୁରଙ୍କ ପାଇଁ ଜିଲ୍ଲା ପ୍ରଶାସନର ତତ୍ପରତା

ଗାଈ ମାଲିକଙ୍କୁ ତାଗିଦ୍, ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ

ଫୁଲବାଣୀ (ଅମୃତ ମିଡିଆ) : ବୁଲାପ୍ରାଣୀ ସୁପରିଚାଳନା ନିମନ୍ତେ ପ୍ରାଣୀ ସମ୍ପଦ ବିକାଶ ବିଭାଗ, କନ୍ଧମାଳ ଆନୁକୂଲ୍ୟରେ ସଭାବନା ସଭାଗୃହ, ଫୁଲବାଣୀ ଠାରେ ଏକ ବୈଠକ ତା ୦୩.୦୯.୨୦୨୬ ସକାଳ ୧୦ ଘଣ୍ଟିକାରେ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପ୍ରାଣୀସମ୍ପଦ ବିକାଶ ଅଧିକାରୀ ଡଃ ଅଶୋକ ଚନ୍ଦ୍ର ପଣ୍ଡା ବୈଠକ ଉଦ୍ଦେଶ୍ୟ ଉପସ୍ଥାପନ ସହ ପରିଚାଳନା କରିଥିଲେ ।ସହ- ପ୍ରାଣୀସମ୍ପଦ ବିକାଶ ଅଧିକାରୀ ଡଃ ଦିଗବିଜୟ ଗିରି ବିସ୍ତୃତ ଭାବରେ ଏକ ପି ପି ଟି ଉପସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ବୁଲାପ୍ରାଣୀ ପରିଚାଳନା ପାଇଁ ରହିଥିବା ଯୋଜନା ଓ ସମ୍ପତ୍ତି କନ୍ଧମାଳ ଜିଲ୍ଲାରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ, କନ୍ଧମାଳ ଦ୍ୱାରା କରାଯାଉଥିବା ଉନ୍ନୟନ ବ୍ୟବସ୍ଥା ଉପସ୍ଥାପନ କରିଥିଲେ। ପ୍ରାଣୀ ସମ୍ପଦ ତାଲିମ ଅଧିକାରୀ ଡଃ ଅଳକା ପଟ୍ଟନାୟକ ବୁଲାପ୍ରାଣୀ ଙ୍କ ସଠିକ୍ ଥଇଥାନ ପାଇଁ ଆବଶ୍ୟକୀୟ ତାଲିମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ ବୁଲା ଗାଈଗୋରୁଙ୍କ ମାଲିକଙ୍କୁ ସଚେତନ କରିବା ସହ ରେଡିଅମ୍ ବେଲ୍ଟ ବାନ୍ଧିବା ବାଧତାମୂଳକ ଭାବେ ପ୍ରୟୋଗ କରିବା ଓ କାଞ୍ଜିଆ ହୋଦାର ସଠିକ ପରିଚାଳନା ସହ ବୁଲା ଗୋରୁ କିପରି ଥଇଥାନ ହୋଇପାରିବେ ସେ ସମ୍ପର୍କରେ କହିଥିଲେ । ତତ୍ ସହିତ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଓ ଟିକାକରଣ ନିମିତ୍ତ ପଦକ୍ଷେପ ପାଇଁ ଉପସ୍ଥାପନା ଦେଇଥିଲେ। ପ୍ରତ୍ୟେକ ଦିନ ମ୍ୟୁନିସିପାଲଟି ଦ୍ୱାରା ସଚେତନ ବାର୍ତ୍ତାକୁ ସହର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶମ୍ଭୁନାଥ ନନ୍ଦୀ ପ୍ରାଣୀ ସମ୍ପଦ ରୁ ନିର୍ଗତ ଉପାଦାନ ଗୋବର କୁ ଉପଯୋଗ କରି କିପରି ଆର୍ଥିକ ସ୍ୱାବଲମ୍ବୀ ହେଇପାରିବ ସେ ସମ୍ବନ୍ଧରେ କହିଥିଲେ। ଫୁଲବାଣୀ ଉପ-ଜିଲ୍ଲାପାଳ ଶ୍ରୀ ଭିକାରୀ ସାହୁ ବୁଲାପ୍ରାଣୀଙ୍କ ସୁରକ୍ଷାର କଥା କହିଥିଲେ। ପଞ୍ଚଗବ୍ୟକୁ ପ୍ରକ୍ରିୟାକରଣକରି ଉପାଦ ସୃଷ୍ଟି କରିଥିବା ଶ୍ରୀ ନିରଞ୍ଜନ ପାଣ୍ଡେ ଉପଯୋଗୀ ମତ ଦେଇଥିଲେ। ଫୁଲବାଣୀ ପୌରପାଳିକାର ଶ୍ରୀ ରସନ୍ କୁମାର ପ୍ରଧାନ, ଜୟପାଲ ବଳିଆର ସିଂ, ସଞ୍ଜୟ କୁମାର ବେହେରା ଯୋଗଦେଇ ପୌରପାଳିକା ଅଧିନସ୍ତ ଯୋଜନା ବା ସୁବିଧା କହିଥିଲେ। କିଛିଦିନ ହେବ ଫିଡ୍-ଦ-ଭଏସଲେସ୍" ନାମକ ଏକ ଟିମ୍ ପ୍ରତ୍ୟେକଦିନ ରାତ୍ରିରେ ବୁଲାପ୍ରାଣୀଙ୍କୁ ଖାଦ୍ୟ ଦେବା ସହ ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହାୟତାରେ ରେଡିଅମ୍ ବେଲ୍ଟ, ଆବଶ୍ୟକୀୟ ଔଷଧ ଆଦି ସେବାକାର୍ଯ୍ୟ କରିଆସୁଛନ୍ତି । ସଂସ୍ଥାର ଆବାହକ ଶ୍ରୀ ଶିବ ସୁନ୍ଦର ସାହୁ ଓ ସଦସ୍ୟ ସୌରଭ ପଣ୍ଡା ଯୋଗଦେଇ ତାଙ୍କ ଯୁବ ସହଯୋଗୀଙ୍କ ସହ ମିଶି ଥଇଥାନ ତଥା ସୁରକ୍ଷାରେ ସମ୍ପୂର୍ଣ୍ଣ ସାହାଯ୍ୟ କରିବେ ବୋଲି ମତ ରଖିଥିଲେ। ଫୁଲବାଣୀ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅତିନିଲ ନାଇକା, ଆଞ୍ଚଳିକ ପରିବହନ ବିଭାଗ, ଫୁଲବାଣୀରୁ ପ୍ରଶାନ୍ତ କୁମାର ଦାସ, ସହ-ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାସ ବୈଠକରେ ଯୋଗ ଦେଇଥିଲେ। ସମସ୍ତଙ୍କୁ ଧନ୍ୟବାଦ ଦେଇ ବୈଠକ ସାଙ୍ଗ ହୋଇଥିଲା ।

ଜିଲ୍ଲାରେ ସିଏମ କିଷାନ ସହାୟତା ରାଶିର ରବିକିସ୍ତି ପ୍ରଦାନ

ଯାଜପୁର (ଅମୃତ ମିଡିଆ) : ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ 'ସି.ଏମ୍-କିଷାନ୍' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସି.ଏମ୍-କିଷାନ୍ ଯୋଜନାର ପଞ୍ଚମ କିସ୍ତି ସହାୟତା ରାଶି ସିଧାସଳଖ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟ ରେ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ସମବାୟ, ବୟନଶିଳ୍ପ, ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଏବଂ ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସରୋଜ କୁମାର ଗିରି ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ସି.ଏମ୍-କିଷାନ୍ ଯୋଜନାର ଆଭିମୁଖ୍ୟ ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ପ୍ୟାକେଜ, ଇନ ପୁଟ ସବସିଡି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଚାଷୀ ଭାଇ ମାନଙ୍କୁ ଚାଷ କାର୍ଯ୍ୟ ଆଗେଇ ନେବା ନିମନ୍ତେ ବର୍ଷକୁ ଦୁଇ ଥର ଯଥା: ଖରିଫ ଫସଲ ଓ ରବି ଫସଲ ନିମନ୍ତେ ବାର୍ଷିକ ଦୁଇଥର ୨୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଉଛି । ଚାଷୀ ଭାଇମାନେ ଏହି ସହାୟତା ରାଶିକୁ ପ୍ରକୃତ ଉଦ୍ଦେଶ୍ୟରେ ବିନିଯୋଗ କରି ଉପକୃତ ହୋଇପାରିଲେ ସରକାରଙ୍କର ଏହି ଯୁଗାନ୍ତକାରୀ ପଦକ୍ଷେପର ସଫଳ ରୂପାୟନ ହୋଇପାରିବ ବୋଲି ଯାଜପୁର ସାଂସଦ ଉପସ୍ଥିତ ସମସ୍ତ କୃଷକ ଭାଇ ଭଉଣୀ ମାନଙ୍କୁ ଉଦବୋଧନ ଦେଇଥିଲେ। ମନ୍ତ୍ରୀ ଶ୍ରୀ ବଳସାମନ୍ତ ସମସ୍ତ ଚାଷୀଭାଇ ଓ ଭଉଣୀଙ୍କୁ ଶୁଭେଚ୍ଛା ଜଣାଇ ବିସ୍ତୃତ ଭାବରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କୃଷକ କଲ୍ୟାଣକାରୀ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ , ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି,ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ଗୋପୀନାଥ ବେହେରା ଯୋଗଦାନ କରିଥିଲେ। ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ, ଜିଲ୍ଲା କୃଷି ଅଧିକାରୀ, ଯାଜପୁର ତଥା କୃଷି ବିଭାଗର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ଉପ ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା, ଯାଜପୁର ମନୋଜ କୁମାର ରାଉତ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

ସୌମ୍ୟରଞ୍ଜନଙ୍କୁ ଡାକ୍ତରୀ ପାଠ ପଢିବାକୁ ଆର୍ଥିକ ସହାୟତା

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ଆର୍ଥିକ ଭାବେ ସ୍ୱଚ୍ଛଳ ନଥିବା ଜଣେ ମେଧାବୀ ଛାତ୍ରଙ୍କୁ ଡାକ୍ତରୀ ପାଠ ପଢିବାକୁ ଅର୍ଥ ସହାୟତା ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ବିଜୟନଗର ଗ୍ରାମପଞ୍ଚାୟତର ସାହାବାଜପୁର ଗ୍ରାମର କୈଳାସ ସାହୁଙ୍କ ପୁଅ ସୌମ୍ୟରଞ୍ଜନ ସାହୁ ନିଟ ପରୀକ୍ଷାରେ ସଫଳ ହେବା ପରେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲରେ ଡାକ୍ତରୀ ପଢିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କୁ ଆସନ୍ତା ୬ତାରିଖ ମଧ୍ୟରେ ନାମ ଲେଖାଇବାକୁ ପଡିବ। କିନ୍ତୁ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ନାମ ଲେଖାଇବାରେ ସମସ୍ୟା ସୃଷ୍ଟି ହୋଇଥିଲା। ଏସମ୍ପର୍କରେ ସମ୍ବାଦପତ୍ରରୁ ଜାଣିବା ପରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ପୁରୁଷୋତ୍ତମପୁର ଗ୍ରାମର ସ୍ୱର୍ଗତ ଦୁଃଶାସନ ମହାରଣାଙ୍କ ପୁଅ ଅନନ୍ତ ଚରଣ ମହାରଣା ତାଙ୍କ ନାତୁଣୀ ଦେବାଂଶିକା ମହାରଣା (ଲିଲି)ଙ୍କ ଜନ୍ମଦିନରେ ସୌମ୍ୟରଞ୍ଜନଙ୍କୁ ୧୦ହଜାର ଟଙ୍କାର ଏକ ଚେକ ପ୍ରଦାନ କରିବା ସହ ତାଙ୍କର ଉତରୋତ୍ତର ସଫଳତା କାମନା କରିଛନ୍ତି। ସୌମ୍ୟରଞ୍ଜନ ଏବେ +୩ ପଦାର୍ଥ ବିଜ୍ଞାନର ଦ୍ୱିତୀୟ ବର୍ଷ ଛାତ୍ର ଭାବେ ଅଧ୍ୟୟନରତ ଅଛନ୍ତି।

ବାଲିଡିହି ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଗୁରୁଦିବସ ପାଳିତ

ଚିଲିକା (ଅମୃତ ମିଡିଆ) : ଗଣଶିକ୍ଷା ବିଭାଗର ପୂର୍ବ ନିର୍ଦ୍ଦେଶ କ୍ରମେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବାଲିଡିହି ପରିସର ମଧ୍ୟରେ ପ୍ରଧାନଶିକ୍ଷକ ସୁଦର୍ଶନ ସେଠୀଙ୍କ ସଭାପତିତ୍ୱରେ ଗୁରୁ ଦିବସ ମହା ସମାରୋହରେ ପାଳିତ ହୋଇଅଛି। ସର୍ବ ପ୍ରଥମେ ଅଥିତି ଗୁରୁଜୀମାନଙ୍କୁ ମଞ୍ଚାସୀନ କରାଇ ସମ୍ମୁଖ ଭାଗରେ ଥିବା ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱୋଳନ ସହିତ ଧୂପ ଓ ଚନ୍ଦନ ଅର୍ପଣ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଗାନ ପୂର୍ବକ ନିମନ୍ତିତ ହୋଇଥିବା ଏହି ଅଞ୍ଚଳର ଅବସର ପ୍ରାପ୍ତ ଆଦର୍ଶ ଶିକ୍ଷକମାନଙ୍କୁ ଅଦ୍ୟ ଏହି ପବିତ୍ର ଗୁରୁ ଦିବସ ଅବସରରେ ଗୁରୁପୂଜନ ଓ ଗୁରୁମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଆୟୋଜିତ ସଭାରେ ଗୁରୁ ସର୍ବଶ୍ରୀ ରାଜେନ୍ଦ୍ର ପ୍ରସାଦ ରଥ, ବ୍ରଜ ସୁନ୍ଦର ମିଶ୍ର ଏବଂ ସନ୍ତୋଷ କୁମାର ଷଡଙ୍ଗୀ ଗୁରୁ ଦିବସର ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସମ୍ପର୍କରେ ପୃଥକ୍ ପୃଥକ୍ ଭାବେ ଆଲୋକପାତ କରି ଉପସ୍ଥିତ ଥିବା ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଗୁରୁ ଶିଷ୍ୟ ପରମ୍ପରାର ଆଦର୍ଶରେ ନିଜ ନିଜକୁ ସାଧକ ଭଳି ଜୀବନ ବ୍ୟାପି ଗଢିବାରେ ପ୍ରୟାସର ଧାରାକୁ ଅନୁସରଣ କରିବା ନିମନ୍ତେ ସଙ୍କଳ୍ପିତ ରହିବା ପାଇଁ ଉପଦେଶ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କର ଗୁରୁ ଦିବସର ବକ୍ତୃତା ସହ ଉପସ୍ଥିତ ସମସ୍ତ ଗୁରୁଜୀ ସର୍ବଶ୍ରୀ ପ୍ରଦୀପ କୁମାର ସାହୁ, ରବି ନାରାୟଣ ସାହୁ, ମାନସ ପଲାଇ ଓ ଗୁରୁମା ସୁଶ୍ରୀ ତନୁଜା ଘଡାଇ, ସୁମତି ଘଡାଇ ସଭା ପରି ଚାଳନାରେ ସହଯୋଗ କରି ପିଲାମାନଙ୍କ ନିମନ୍ତେ ନିଜ ନିଜର ଆଶିଷ ବାର୍ତ୍ତା ରଖିଥିଲେ। ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ ପୂର୍ବକ ସଭାପତି ମହୋଦୟ ସଭା ସାଙ୍ଗ ଘୋଷଣା କରିଥିଲେ।

ରେସ୍କଲାର ସଂସ୍ଥା ପକ୍ଷରୁ ମାଗଣା ରାସନ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ

ଫୁଲବାଣୀ (ଅମୃତ ମିଡିଆ) : ରେସ୍କଲାର ଓ୍ୱେଲଫର ଫାଉଣ୍ଡେସନ ନାମକ ସଂସ୍ଥାର ଅନୁପୂର୍ଣ୍ଣା ଯୋଜନାରେ ସାମିଲ ହୋଇଥିବା କନ୍ଧମାଳ ଜିଲ୍ଲାର ଆଠଟି ବ୍ଲକର ବିଭିନ୍ନ ଲୋକଙ୍କୁ ବ୍ଲକ ସଂଯୋଜକଙ୍କ ମାଧ୍ୟମରେ ୪୦ ଜଣଙ୍କୁ ପାଞ୍ଚ ସହ ଟଙ୍କାର ମାଗଣା ରାସନ ବଣ୍ଟନ କରାଯାଇଛି। ଏହି ମାଗଣା ରାସନ ବଣ୍ଟନ କାର୍ଯ୍ୟକ୍ରମ କ. ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗଗଡ଼ ପଂଚାୟତ ସ୍ଥିତ କୁଇ ସେବା ସମିତି ସଭାଗୃହ ଠାରେ ଆଠଟି ବ୍ଲକରୁ ପ୍ରାୟ ତିରିଶ ଜଣ ସଂଯୋଜକ ଉପସ୍ଥିତ ରେ ହୋଇଥିଲେ ରେସ୍କଲାର ଓ୍ୱେଲଫର ଫାଉଣ୍ଡେସନ ଝାଡ଼ଖଣ୍ଡ ରାଜ୍ୟର ଧାନବାଦ ଜିଲ୍ଲାର ଏକ ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ସଂସ୍ଥା ଦ୍ୱାରା ଝାଡ଼ଖଣ୍ଡ, ଓଡିଶା ସମେତ ବହୁ ରାଜ୍ୟରେ ଏହି ଅନୁପୂର୍ଣ୍ଣା ଯୋଜନା ଓ ସ୍ୱ-ରୋଜଗାର ଯୋଜନା କାର୍ଯ୍ୟକ୍ରମ ଦ୍ରୁତଗତିରେ କାର୍ଯ୍ୟକାରୀ ହେଉଛି। ଏହି ଦୁଇ ଯୋଜନାରେ ହଜାର ହଜାର ଲୋକ ଉପକୃତ ହୋଇସାରିଲେଣି। ପ୍ରଥମ ଥର ପାଇଁ ଆମ ଜିଲ୍ଲାରେ ଲୋକେ ଅନୁପୂର୍ଣ୍ଣା ଯୋଜନା ମାଧ୍ୟମରେ ମାଗଣା ରାସନ ପାଇବାରେ ଆରମ୍ଭ କରାଯାଇଛି। ସଂସ୍ଥା ସହ ଜଣେ ଥରେ ଯୋଡ଼ି ହୋଇଗଲେ ବାର ମାସ ପର୍ଯ୍ୟନ୍ତ ମାଗଣାରେ ରାସନ ପାଇପାରିବେ। ଏହାସହ ସ୍ୱ-ରୋଜଗାର ଯୋଜନା ମାଧ୍ୟମରେ ଲୋକଙ୍କୁ ସଂସ୍ଥାର ନିୟମ ଅନୁସାରେ କିଛି ନା କିଛି ଟଙ୍କା ପ୍ରତ୍ୟେକ ଦିନ ତାଙ୍କରି ୱାଲେଟକୁ ଆସିଯାଉଛି। ଯାହାକି ପ୍ରତ୍ୟେକ ମାସ ତିନି ତାରିଖରେ ଲୋକେ ନିଜ ବ୍ୟାଙ୍କ ଖାତାକୁ ନେଇ ଖର୍ଚ୍ଚ କରିପାରିବେ। ତାହାର ଲାଭ ବି ଆମ ଜିଲ୍ଲା ଲୋକେ ଉଠାଇ ସାରିଲେଣି। ଏହି ଜନହିତକାରୀ ସମସ୍ତ ଯୋଜନା ଗୁଡିକୁ ନେଇ ଲୋକେ ବହୁ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଏହା ସହ ଲୋକେ ନିଜ ନିଜ ମୁଖରୁ ରେସ୍କଲାର ସଂସ୍ଥା ସହ ସଂସ୍ଥାର ପ୍ରତିଷ୍ଠାତାକୁ ଧନ୍ୟବାଦ ଜଣାଇଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଏବଂ ଏହି ଯୋଜନା ଙ୍କୁ ଜିଲ୍ଲାର କୋଣ ଅନୁକୋଣ ରେ ଥିବା ପ୍ରତ୍ୟେକ ପରିବାର ପାଖରେ ପହଂଚାଇବା ପାଇଁ ନୂତନ ଭାବେ ଠିଆ ହୋଇଥିବା ଅଣ ପଞ୍ଜିକୃତ ସଂଗଠନ ତଥା ଡଃ ବାବା ସାହେବ ଆମ୍ବେଦକର ସ୍ମୃତି ସଂଗଠନ ନିଜ ହାତକୁ ନେଇଥିବା ଦେଖିବାକୁ ମିଳିଛି । ଆଗାମୀ କିଛି ମାସରେ ମଧ୍ୟରେ ଜିଲ୍ଲାର ପ୍ରତି ଲୋକଙ୍କ ପାଖରେ ପହଂଚାଇବା ପାଇଁ ସମସ୍ତ ବ୍ଲକ ସଂଯୋଜକ ମାନେ ପ୍ରୟାସ କରିବା ନେଇ ଦୃଢସ୍ୱରରେ କହିଥିଲେ। ଜିଲ୍ଲାର ସମସ୍ତ ଅଞ୍ଚଳରେ ଏହି ଯୋଜନା ଗୁଡିକ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ସଂଯୋଜକ ତଥା ସମାଜସେବୀ ଅଚ୍ୟୁତା ନନ୍ଦ ସେଠୀ ଦୃଢଭକ୍ତିର ସହ ପ୍ରକାଶ କରିଥିଲେ।

ଦୁର୍ଗାପୂଜା କମିଟି ତରଫରୁ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଫୁଲନଖରା (ଅମୃତ ମିଡ଼ିଆ) : କଟକ ମହାନଗର ନିଗମ ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମର ଦୁର୍ଗାପୂଜା କମିଟି ତରଫରୁ ପବିତ୍ର ଜନ୍ମାଷ୍ଟମୀରେ ମା ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ନିମନ୍ତେ ମାଟି ଅନୁକୂଳ ହୋଇଯାଇଛି। ଏଥିପାଇଁ ସିଜୁଆ ନଦୀ ପଠାରେ ପଣ୍ଡିତ ସାତାକାନ୍ତ ହୋତା ଏବଂ ପଣ୍ଡିତ ପ୍ରମୋଦ କୁମାର ପଣ୍ଡାଙ୍କ ଦ୍ୱାରା ସ୍ୱତନ୍ତ୍ର ହୋମ ଏବଂ ପୂଜାପାଠର ବ୍ୟବସ୍ଥା ହୋଇଥିଲା। ଶରତ କୁମାର ନାୟକ କର୍ତ୍ତା ଭାବେ ପୂଜାରେ ବସିଥିଲେ। ପୂଜା ପରେ ସଂଗୃହିତ ପବିତ୍ର ମୃତ୍ତିକାକୁ ଏକ ପାଲିଙ୍କିରେ ବାଜାବାଣ ଫୁଟାଇ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମକୁ ଅଣାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦୁର୍ଗାପୂଜା କମିଟିର ସମସ୍ତ ଉପଦେଷ୍ଟା, ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ଯୋଗ ଦେଇଥିଲେ।

ପୋଖରୀରେ ବୁଡ଼ି ଟ୍ରେନିଂ ନେଉଥିବା ହୋମଗାର୍ଡଙ୍କ ମୃତ୍ୟୁ

କୋରେଇ (ଅମୃତ ମିଡିଆ) : ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ପୋଖରୀରେ ବୁଡ଼ି ଜଣେ ନବନିଯୁକ୍ତ ହୋମଗାର୍ଡଙ୍କ ପ୍ରାଣହାନି ଘଟିଛି। ମୃତକ ହେଲେ କଳିଙ୍ଗନଗର ଥାନା ରଣାଗୁଣ୍ଡି ଗ୍ରାମର ରାକେଶ ଢେନା। ମିଳିଥିବା ସୂଚନା ମୁତାବକ, ରାକେଶ ନିକଟରେ ଜିଲ୍ଲା ଗୃହରକ୍ଷୀ ବାହିନୀରେ ନିଯୁକ୍ତି ପାଇଥିଲେ ଏବଂ ପ୍ରଶିକ୍ଷଣ ପାଇଁ ଏସପି ଅଫିସ୍ କ୍ୟାମ୍ପସରେ ରହୁଥିଲେ। ସକାଳ ସମୟରେ ସେ ଅନ୍ୟ ଜଣେ ସହକର୍ମୀଙ୍କ ସହ ପରିସରସ୍ଥ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ଗୋଡ଼ ଖସି ପାଣିରେ ବୁଡ଼ି ଯାଇଥିଲେ। ଖବର ପାଇ ଯାଜପୁର ରୋଡ୍ ଓ ରସୁଲପୁର ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବହୁ ସମୟ ଖୋଜାଖୋଜି ପରେ ରାକେଶଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ମୂର୍ଚ୍ଛନା ଓ ଓକା ପକ୍ଷରୁ ରାଜ୍ୟସ୍ତରୀୟ ଗୁରୁପୂଜନ ଉତ୍ସବ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରପଡ଼ା ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ରାଜ୍ୟ ସ୍ତରୀୟ ଗୁରୁ ପୂଜନ ଉତ୍ସବ ଓ ସ୍ୱର ମହୁାର କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ସଭାପତିତ୍ୱ କରି

ରାଜ୍ୟରେ ପର୍ଯ୍ୟଟନର ବିକାଶ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ପର୍ଯ୍ୟଟନ ଭିଜନ୍-୨୦୩୬/୪୭ ଆଭିମୁଖ୍ୟ ସଂପର୍କରେ ଆଲୋଚନା

ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶାରେ ପର୍ଯ୍ୟଟନର ବିକାଶକୁ ଅଧିକ ଗତିଶୀଳ ଓ ସ୍ଥାନୀୟ ଅର୍ଥନୀତିର ଉନ୍ନତି ସହ ଯୋଡ଼ିବା ଉଦ୍ଦେଶ୍ୟରେ ଆଜି ପର୍ଯ୍ୟଟନ ବିଭାଗ ପକ୍ଷରୁ 'ଓଡ଼ିଶା ପର୍ଯ୍ୟଟନ ଭିଜନ୍-୨୦୩୬/୪୭' ଆଧାରରେ ସ୍ଥାନୀୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ (ଏଲଟିପିସି)ର ଏକ ଓରିଏଣ୍ଟେସନ୍ (ଅବଗତିକରଣ) କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ଉପଜିଲ୍ଲାପାଳ ତଥା ସ୍ଥାନୀୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦର ଅଧ୍ୟକ୍ଷ ଏବଂ ପରିଷଦର ସଦସ୍ୟ ଥିବା ଥାନା ଅଧିକାରୀଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ 'ବିକଶିତ ଓଡ଼ିଶା-୨୦୩୬' ଏବଂ 'ବିକଶିତ ଭାରତ-୨୦୪୭' ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରି ରାଜ୍ୟରେ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ପର୍ଯ୍ୟଟନ କିପରି ସ୍ଥାନୀୟ ଅର୍ଥନୀତି ସମେତ ଜିଲ୍ଲା, ରାଜ୍ୟ ତଥା ଦେଶର ଅର୍ଥନୈତିକ ବିକାଶରେ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବ, ସେ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ

ମୁଖ୍ୟ ଶାସନ ସଚିବ "ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶା" ଆଭିମୁଖ୍ୟକୁ ଦୋହରାଇ ବିଭିନ୍ନ ଜିଲ୍ଲାର ଉପଜିଲ୍ଲାପାଳ ତଥା ଅଧିକାରୀମାନଙ୍କୁ ସ୍ଥାନୀୟସ୍ତରରେ ପର୍ଯ୍ୟଟନର ବିକାଶ ପାଇଁ ସକ୍ରିୟ ଭୂମିକା ନେବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ନୀତି, ସ୍ଥାନୀୟ ପର୍ଯ୍ୟଟନର ବିକାଶ ଓ ରୋଜଗାର ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ 'ଓଡ଼ିଶା ହୋମ୍‌ଷ୍ଟେ ଏଷ୍ଟାବ୍ଲିସମେଣ୍ଟ ସ୍କିମ୍-୨୦୨୫' ପ୍ରଚଳନ ସହ ଇକୋ-ଟୁରିଜିମ୍ ସମ୍ପର୍କିତ ନୀତି ଓ ପଦକ୍ଷେପମାନ ରହିଛି। ଏହି ନୀତି ଓ ଯୋଜନାଗୁଡ଼ିକୁ ସ୍ଥାନୀୟ ସ୍ତରରେ କାର୍ଯ୍ୟକାରୀ କରି ପର୍ଯ୍ୟଟନ କ୍ଷେତ୍ରରେ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀର ସ୍ୱଚ୍ଛତା ରକ୍ଷା ସହ ମୌଳିକ ସୁବିଧାର ଉପଲବ୍ଧି ଆତିଥେୟତା ଏବଂ ସ୍ଥାନୀୟ ଯୁବବର୍ଗଙ୍କ ସହଯୋଗ ଉପରେ ବିଶେଷ ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉପଜିଲ୍ଲାପାଳ ଏବଂ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦର ସଦସ୍ୟମାନଙ୍କୁ ନିଜର ପ୍ରଶାସନିକ ଦାୟିତ୍ୱ ମଧ୍ୟରେ ସ୍ଥାନୀୟ ପର୍ଯ୍ୟଟନର ବିକାଶ ପାଇଁ ମୁଖ୍ୟ ସୁବିଧା ପ୍ରଦାନକାରୀ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏଥିସହ ନିଜ ଅଞ୍ଚଳରେ ନୂତନ ପର୍ଯ୍ୟଟନସ୍ଥଳୀ, ହୋମ୍‌ଷ୍ଟେ, ଐତିହ୍ୟସ୍ଥଳୀ ଓ ପ୍ରାକୃତିକ ସମ୍ପଦକୁ ଚିହ୍ନଟ କରି ସେଗୁଡ଼ିକର ବିକାଶ ଓ ପ୍ରଚାର ପାଇଁ ପଦକ୍ଷେପ ନେବାକୁ ସେ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟନର ବିକାଶ ପାଇଁ ରାସ୍ତାଘାଟ, ସ୍ୱଚ୍ଛତା, ଆନୁଷଙ୍ଗିକ ଭିତ୍ତିଭୂମି, ସାଇନେଜ୍, ସ୍ଥାନୀୟ ଯୁବବର୍ଗଙ୍କ ପ୍ରଶିକ୍ଷଣ, ହୋମ୍‌ଷ୍ଟେ ଏବଂ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଆଦିର ବିକାଶ ପାଇଁ ସମସ୍ତ ସମ୍ପୃକ୍ତ ବିଭାଗମାନଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି, ଯାହା ସ୍ଥାନୀୟ ପର୍ଯ୍ୟଟନ ଓ ଐତିହ୍ୟସ୍ଥଳୀଗୁଡ଼ିକର ରକ୍ଷଣାବେକ୍ଷଣ ସହ ସେଗୁଡ଼ିକୁ ଅଧିକ ଆକର୍ଷଣୀୟ ଓ ଜୀବନ୍ତ କରିବାରେ ସହାୟକ ହେବ। ପ୍ରତ୍ୟେକ ଜିଲ୍ଲାରେ 'ଗୋଟିଏ ଜିଲ୍ଲା-ବହୁ ପର୍ଯ୍ୟଟନ ପଦକ୍ଷେପ' ଆଭିମୁଖ୍ୟ ଗ୍ରହଣ କରି ୫ରୁ ୧୦ଟି ଛୋଟ ଛୋଟ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତିକରଣ ପାଇଁ ପଦକ୍ଷେପ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ଗ୍ରାମୀଣ ଅର୍ଥନୀତି, ମହିଳା, ସ୍ଥାନୀୟ ଯୁବବର୍ଗ ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ବିଶେଷ ଭାବେ ଲାଭବାନ ହୋଇପାରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏଥିସହ ଜିଲ୍ଲାଗୁଡ଼ିକ ମଧ୍ୟରେ ପର୍ଯ୍ୟଟନ କ୍ଷେତ୍ରରେ ସୁସ୍ଥ ପ୍ରତିଯୋଗିତା ଓ ଉତ୍ସାହ ବୃଦ୍ଧି ପାଇଁ 'ପର୍ଯ୍ୟଟନ ରାଙ୍କିଂ' ବ୍ୟବସ୍ଥା ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରଶାସନକୁ ପର୍ଯ୍ୟଟନ ସମ୍ପର୍କିତ ପଦକ୍ଷେପକୁ ସର୍ବୋଚ୍ଚ ଅଗ୍ରାଧିକାର ଦେବାକୁ ସେ କହିଛନ୍ତି। ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଚୁରିଜିମ୍ ଭିଜନ୍ ୨୦୩୬-୨୦୪୭ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ସରକାର ପର୍ଯ୍ୟଟନର ବିକାଶ ଓ ନିବେଶ ପ୍ରୋତ୍ସାହନ ପାଇଁ ଭୂମି ବ୍ୟାଙ୍କ (ଲ୍ୟାଣ୍ଡ ବ୍ୟାଙ୍କ) ବ୍ୟବସ୍ଥା କରୁଥିବା ବେଳେ ଉପଜିଲ୍ଲାପାଳମାନେ ସ୍ଥାନୀୟ ସ୍ତରରେ ଉପଯୁକ୍ତ ଜମି ଚିହ୍ନଟ କରି ଏହି ପ୍ରକ୍ରିୟାରେ ସକ୍ରିୟ ଭାବେ ଯୋଗଦାନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ପର୍ଯ୍ୟଟନରେ ନିବେଶ ପାଇଁ ପ୍ରୋତ୍ସାହନ ସହ ପର୍ଯ୍ୟଟକମାନଙ୍କୁ ଉନ୍ନତ ସେବା ଯୋଗାଇବା ପାଇଁ ହୋଟେଲ୍, ହୋମ୍‌ଷ୍ଟେ, ଟୁର ଓ ଟ୍ରାଭେଲ୍ ସେବା, ଗାଇଡ୍ ସେବା, ପରିବହନ ଏବଂ ଟୁର ପ୍ୟାକେଜ୍ ଆଦିର ବିକାଶ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ବୈଠକରେ ପୁଞ୍ଜି ନିବେଶ ଓ ଭୂମି ବ୍ୟାଙ୍କ, ପର୍ଯ୍ୟଟନସ୍ଥଳୀ ଓ ଭିତ୍ତିଭୂମି, ସାହସିକ ପର୍ଯ୍ୟଟନ, ହୋମ୍‌ଷ୍ଟେ ଏବଂ 'ଜନଜାତି ସଂସ୍କୃତି ଓ ଜୀବନଶୈଳୀ ଆଧାରିତ ପର୍ଯ୍ୟଟନ' (ଏଥନିକ୍ ଟୁରିଜିମ୍) ସମ୍ପର୍କରେ ବିଭିନ୍ନ ଉପସ୍ଥାପନା କରାଯାଇଥିଲା । ବୈଠକରେ ଲୋକସେବା ଭବନରେ ପର୍ଯ୍ୟଟନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଆଇସିଏମ୍‌ଏଆଇ-ଭୁବନେଶ୍ୱର ଚାପ୍ଟର ପକ୍ଷରୁ 'ଏମ୍‌ଏସ୍‌ଏମ୍‌ଇର ବିକାଶରେ ସିଏମ୍‌ଏଙ୍କ ଭୂମିକା' ସମ୍ପର୍କିତ ସଦସ୍ୟ ସମ୍ମିଳନୀ

ଭୁବନେଶ୍ୱର (ବ୍ୟୁରୋ) : ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ ଇଣ୍ଡିଆ (ଆଇସିଏମ୍‌ଏଆଇ), ଭୁବନେଶ୍ୱର ଚାପ୍ଟର ପକ୍ଷରୁ "MSMEs-Role of CMAs as Catalysts for Viksit Bharat"(ଏମ୍‌ଏସ୍‌ଏମ୍‌ଇର ବିକାଶରେ ସିଏମ୍‌ଏ ମାନଙ୍କ ଭୂମିକା)ବିଷୟ ସମ୍ପର୍କୀତ ଏକ ସଦସ୍ୟ ସମ୍ମିଳନୀ ଭୁବନେଶ୍ୱରର ସିଏମ୍‌ଏ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଦସ୍ୟ, ବୃତ୍ତିଧାରୀ ଓ ହିତାଧିକାରୀଙ୍କ ସମେତ ୨୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଏଥିରେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ବିକଶିତ ଭାରତ ଗଠନରେ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡିକର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କଷ୍ଟ ମ୍ୟାନେଜମେଣ୍ଟ, ଆର୍ଥିକ ଯୋଜନା, ରଣନୀତିକ ନିଷ୍ପତ୍ତି, ନିୟମାକୀୟ ଅନୁପାଳନ ଏବଂ ସ୍ଥାୟୀ ବ୍ୟବସାୟ କ୍ଷେତ୍ରରେ ସିଏମ୍‌ଏ କିପରି ଏମ୍‌ଏସ୍‌ଏମ୍‌ଇର ବିକାଶରେ ଉତ୍ପ୍ରେରକ ଭାବେ କାର୍ଯ୍ୟକରିପାରିବ ସେ ସମ୍ପର୍କରେ ମତ ବିନିମୟ ହୋଇଥିଲା। ଉଦ୍‌ଘାଟନୀ ଅଧିବେସନରେ ମୁଖ୍ୟ ଅତିଥି ଭାବେ ନ୍ୟାଶନାଲ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂସୁ ଶେଖର ଆଚାର୍ଯ୍ୟ ଯୋଗଦେଇଥିଲେ। ମୁଖ୍ୟ ପୃଷ୍ଠପୋଷକ ଭାବେ ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ ଇଣ୍ଡିଆର ସଭାପତି ସିଏମ୍‌ଏ ଚିତ୍ତ ରଞ୍ଜନ ଚଟ୍ଟୋପାଧ୍ୟୟ ଉପସ୍ଥିତ ଥିଲେ। ସମ୍ମାନୀତ ଅତିଥି ଭାବେ ଆଇସିଏମ୍‌ଏଆଇ-ଇଆଇଆର୍‌ସିର ଅଧ୍ୟକ୍ଷ ସିଏମ୍‌ଏ ଦାମୋଦର ମିଶ୍ର ଯୋଗଦେଇଥିଲେ। ଟେକ୍ନିକାଲ ଅଧିବେସନରେ ଏନ୍‌ଏସ୍‌ଆଇସି ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ଅଞ୍ଚଳ ମହାପ୍ରବନ୍ଧକ ମନୋଜ ମୋହନ ସିହ୍ନା ଏବଂ ଏନ୍‌ଏସ୍‌ଆଇସି ଭୁବନେଶ୍ୱରର ଉପ-ମହାପ୍ରବନ୍ଧକ ସିଏମ୍‌ଏ କମଳଲୋଚନ ନାୟକ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ସୁଯୋଗ, ଆହ୍ୱାନ ଓ ବୃତ୍ତିଗତଙ୍କ ଭୂମିକା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ଭୁବନେଶ୍ୱର ଚାପ୍ଟରର ପୂର୍ବତନ ଅଧ୍ୟକ୍ଷ ସିଏମ୍‌ଏ ଶରତ କୁମାର ବେହେରା ଟେକ୍ନିକାଲ ଅଧିବେସନରେ ଉପସ୍ଥିତ ସମାବେଶକୁ ସମ୍ବୋଧିତ କରିଥିଲେ।

ଓଡିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଗଢି ତୋଳିବା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ : ଡ.ଯତୀନ ମହାନ୍ତି

ଭୁବନେଶ୍ୱର (ବ୍ୟୁରୋ) : ରାଜ୍ୟର ସାଂପ୍ରତିକ ରାଜନୈତିକ ଓ ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ଆସନ୍ତା ୫ ଓ ୬ତାରିଖରେ ବିଜେପିର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କଟକସ୍ଥିତ ଇନଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ । ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ସଭାପତିତ୍ୱରେ ୫ ତାରିଖ ଦିନ ଆରମ୍ଭ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକକୁ ଶ୍ରୀ ସୁନୀଲ ବଂସଲ ଉଦଘାଟନ କରିବେ । ଏହି କାର୍ଯ୍ୟକାରିଣୀ ବୈଠକରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସମସ୍ତ ସାଂସଦ ଓ ବିଧାୟକ, ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଏସଡିସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଯୋଗ ଦେବେ । ଏହି ବୈଠକରେ କେନ୍ଦ୍ରୀୟ ନେତୃବୃନ୍ଦ ଭାବେ ରାଷ୍ଟ୍ରୀୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ବି.ଏଲ.ସନ୍ତୋଷ, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି ସୂଚନା ଦେଇଛନ୍ତି । ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସଂପର୍କରେ ସୂଚନା ଦେଇ ଡ.ମହାନ୍ତି କହିଛନ୍ତି ଯେ, ଏହି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

ବୈଠକ ଭାରତୀୟ ଜନତା ପାର୍ଟିର ସାଂଗଠନିକ ପଦ୍ଧତିର ଗୋଟିଏ ପ୍ରମୁଖ ଗତିବିଧି । ଏହି କାର୍ଯ୍ୟକାରିଣୀ ବୈଠକରେ ସାଂପ୍ରତିକ ରାଜନୈତିକ ପରିସ୍ଥିତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ । ଉଦଘାଟନ ଓ ସମାରୋପ ସତ୍ର ସମେତ ଅନ୍ୟାନ୍ୟ ୩ଟି ପ୍ରସ୍ତାବ ଆଗତ କରାଯାଇ ପାରିତ କରାଯିବ । ଏହି କାର୍ଯ୍ୟକାରିଣୀ ବୈଠକରେ ପାଖାପାଖି ୪୦୦ ଜଣ ସଦସ୍ୟ ଉପସ୍ଥିତ ରହିବେ ବୋଲି ଡ.ମହାନ୍ତି ସୂଚନା ଦେଇଛନ୍ତି । ଓଡିଶାବାସୀଙ୍କ ଆର୍ଶୀବାଦରୁ ବିଜେପି ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିବାର ସୁଯୋଗ ପାଇଛି । ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରି ଓଡିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଗଢି ତୋଳିବା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ଭାଇଚାରା, ସଂସ୍କୃତି ଓ ଐତିହ୍ୟର ସହର ହେଉଛି କଟକ ନଗରୀ । କଟକରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେଉଥିବା କାରଣରୁ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ ଅତ୍ୟନ୍ତ ଉତ୍ସାହିତ ଅଛନ୍ତି ଏବଂ କାର୍ଯ୍ୟକାରିଣୀ ବୈଠକକୁ ସଫଳ କରିବା ପାଇଁ ଦିନ ରାତି ପରିଶ୍ରମ କରି ପ୍ରସ୍ତୁତି କାର୍ଯ୍ୟରେ ଲାଗି ପଡିଛନ୍ତି ବୋଲି ଡ.ମହାନ୍ତି କହିଛନ୍ତି ।

୨୪ରେ ଲଞ୍ଚହେବ ମିଭିର ପ୍ରଥମ ସ୍ମାର୍ଟଫୋନ ମିଭି ୱାନ

ଭୁବନେଶ୍ୱର (ବ୍ୟୁରୋ) : ଭାରତର ଅନ୍ୟତମ ବିଶ୍ୱସ୍ତ ଓ ଅଗ୍ରଣୀ ଘରୋଇ କଞ୍ଜ୍ୟୁମର ଟେକ୍ନୋଲୋଜି ବ୍ରାଣ୍ଡ ମିଭି ଆଜି କ୍ୱାଲକମ୍, ଫ୍ଲିପକାର୍ଟ ଓ ଗୁଗୁଲ୍ ସହିତ ରଣନୈତିକ ସହଭାଗିତା ମାଧ୍ୟମରେ ସ୍ମାର୍ଟଫୋନ୍ ବଜାରରେ ପ୍ରବେଶ କରିବା ସମ୍ପର୍କରେ ଘୋଷଣା କରିଛି । ଆସନ୍ତା ସେପ୍ଟେମ୍ବର ୨୪ ତାରିଖ ୨୦୨୬ରେ ମିଭି ୱାନ୍‌କୁ ସ୍ୱତନ୍ତ୍ର ଭାବେ ଫ୍ଲିପକାର୍ଟରେ ଲଂଚ କରାଯିବ। ଏଥିସହିତ ଏହା ଏକ ସ୍ନାପଡ୍ରାଗନ ୫ଜି ଚିପ୍‌ସେଟ ସହିତ ନିଜ ଶ୍ରେଣୀରେ ଭାରତର ଏକମାତ୍ର ସ୍ମାର୍ଟଫୋନ ହେବ ଯାହାକୁ ଭାରତୀୟ ଉପଭୋକ୍ତାଙ୍କ ବ୍ୟବହାରକୁ ଦଅଷ୍ଟିରେ ରଖି ଚିନ୍ତାଶୀଳ ଭାବେ ବିକଶିତ କରାଯାଇଛି । ମିଭି ପୂର୍ବରୁ ଭାରତୀୟ ବଜାରରେ ଏକ ବିଶ୍ୱସନୀୟ କମ୍ପାନୀ ରହିଆସିଛି ଏବଂ ପର୍ସନାଲ ଓ ହୋମ୍ ଅଡିଓ କ୍ଷେତ୍ରରେ ଏହାର ଏକ ଦୃଢ ଉପସ୍ଥିତି ରହିଛି । ଭାରତରେ ଏଣ୍ଡ-ଟୁ-ଏଣ୍ଡ ପ୍ରଡକ୍ଟ ଡେଭଲପମେଂଟ, ଡିଜାଇନ, ଆରଆଣ୍ଡଡି ଓ ମାନୁଫ୍ୟାକ୍ଚରିଂ କ୍ଷେତ୍ରରେ ଏକ ଦଶନ୍ଧିର ଅଭିଜ୍ଞତା ଆଧାରରେ ମିଭି ଏହାର ହାଇଦ୍ରାବାଦ ପ୍ଲାଂଟରେ ମିଭି ୱାନ ସ୍ମାର୍ଟଫୋନର ଉତ୍ପାଦନ କରିବ। ଏହି ଘୋଷଣା ସମ୍ପର୍କରେ ମିଭିର ସହ-ପ୍ରତିଷ୍ଠାତା ବିଶ୍ୱନାଥ କାନ୍ଦୁଲା କହିଛନ୍ତି, ମିଭିର ପ୍ରଥମ ଦଶନ୍ଧିର ଲକ୍ଷ୍ୟ ଥିଲା ଏକ ଭାରତୀୟ କମ୍ପାନୀ ଭାରତର ଚତୁର ଗ୍ରାହକଙ୍କ ପାଇଁ କଞ୍ଜ୍ୟୁମର ଟେକ୍ନୋଲୋଜିର ନିର୍ମାଣ, ଡିଜାଇନ ଓ ଉତ୍ପାଦନ କରିପାରିବ ବୋଲି ପ୍ରମାଣ କରିବା। ସ୍ମାର୍ଟଫୋନ୍ ହେଉଛି ସେହି ଯାତ୍ରାର ପରବର୍ତୀ ସ୍ୱାଭାବିକ ପଦକ୍ଷେପ। ଆମର ଲକ୍ଷ୍ୟ ହେଉଛି ସ୍ମାର୍ଟଫୋନ୍ ପାଇଁ ମଧ୍ୟ ସମାନ ଧରଣର ନିଜସ୍ୱ କ୍ଷମତା କମ୍ପାନୀ ମଧ୍ୟରେ ବିକାଶ କରିବା। ଦେଶରେ ତୃଣମୂଳସ୍ତରରୁ କ୍ଷମତା ବିକାଶ କରିବାର ଏହି ଯାତ୍ରା ଆରମ୍ଭ କରି ଆମେ ଖୁବ୍ ଉତ୍ସାହିତ ଅଛୁ। 'ମିଭି ୱାନ୍' କେବଳ ଆମର ପ୍ରଥମ ସ୍ମାର୍ଟଫୋନ୍ ନୁହେଁ; ବରଂ ଭାରତରୁ ଏକ ବିଶ୍ୱସ୍ତରୀୟ କଞ୍ଜ୍ୟୁମର ଟେକ୍ନୋଲୋଜି କମ୍ପାନୀ ନିର୍ମାଣ କରିବା ପାଇଁ ଆମ ଲକ୍ଷ୍ୟର ଏହା ପ୍ରଥମ ଅଭିବ୍ୟକ୍ତି ଅଟେ।" ସେହିପରି ମିଭିର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ହିମାଂଶୁ ଟଣ୍ଡନ କହିଛନ୍ତି, "ଆଜିର ସ୍ମାର୍ଟଫୋନ ଉପଭୋକ୍ତାମାନେ ଖୁବ୍ ଚତୁର ଅଟନ୍ତି। କାର୍ଯ୍ୟଦକ୍ଷତା, ଡିଜାଇନ୍, ନିର୍ଭରଯୋଗ୍ୟତା ଓ ମୂଲ୍ୟ ଅ ବିଶେଷ କରି ଯୁବ, ଆକାଂକ୍ଷୀ ଭାରତୀୟ ଗ୍ରାହକଙ୍କ ପାଇଁ ଆଉ ଗୁରୁତ୍ୱପୂର୍ଣ୍ଣ ହୋଇରହିନାହିଁ। ଏହା ହେଉଛି ମିଭି ୱାନ୍ ସହିତ ଆମେ ଦେଖୁଥିବା ସୁଯୋଗ। ଆମେ ମିଭି ଯାହା କରିଥାଏ, ତାହାକୁ ନେଇ ଏକ ଭିନ୍ନ ସ୍ମାର୍ଟଫୋନ୍ ବ୍ୟବସାୟ ଗଠନ କରିବାକୁ ଚାହୁଁଛୁ ଯାହା ହେଉଛି ଭାରତୀୟ ଗ୍ରାହକମାନଙ୍କୁ ବୁଝିବା, ସ୍ଥାନୀୟ ଭାବରେ ଉତ୍ପାଦ ନିର୍ମାଣ କରିବା ଏବଂ ଏକ ଚ୍ୟାଲେଞ୍ଜର ବ୍ରାଣ୍ଡର ବେଗ ଓ ମହତ୍ୱାକାଂକ୍ଷା ସହ ଆଗକୁ ବଢିବା ସହିତ ଆଗକୁ ବଢିବା। ଫ୍ଲିପକାର୍ଟର ବରିଷ୍ଠ ନିର୍ଦ୍ଦେଶକ ମୁକୁନ୍ଦ କେଡିଆ କହିଛନ୍ତି, ଭାରତର ଡିଜିଟାଲ୍ ଗ୍ରାହକ ବହୁମାତ୍ରାରେ ଘରୋଇ ବ୍ରାଣ୍ଡଗୁଡ଼ିକୁ ଅନ୍ୱେଷଣ ଓ ଗ୍ରହଣ କରୁଛନ୍ତି ଯାହା ବଜାରକୁ ଭିନ୍ନ ଉତ୍ପାଦ ଓ ଦୃଢ ମୂଲ୍ୟ ପ୍ରସ୍ତାବ ଆଣିଥାଏ। ମିଭି ଏହାର ଅଡିଓ ପୋର୍ଟଫୋଲିଓ ମାଧ୍ୟମରେ ମୂଲ୍ୟବାନ ଗ୍ରାହକ ଆଧାର ନିର୍ମାଣ କରିଛି ଏବଂ ସ୍ମାର୍ଟଫୋନରେ ଏହାର ପ୍ରବେଶ ସେହି ଯାତ୍ରାର ଏକ ସ୍ୱାଭାବିକ ବିସ୍ତାର ଅଟେ। ଏହି ପରବର୍ତୀ ଅଧ

ପୁରୀ ବଚ୍‌ପନ ସ୍କୁଲ ପରିସରରେ ଗୁରୁଦିବସ ପାଳିତ

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.138, Sunday, 6 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୮, ରବିବାର, ୬ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା